# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୨୯/୨୦୨୨ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 29/2022 | Page 18 | ₹ 7.00 | ★★★★★★

୪୮ଶ ଭାଗ ୧୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ସ୍ୱିଟେକ୍ ଚତୁର୍ଥ ରାଉଣ୍ଡରେ

ବିଶ୍ୱର ନମ୍ବର ୱାନ ଇଗା ସ୍ୱିଟେକ୍ ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୮

୧୭

## ରାଗିଲେ କରୀନା

ସୋସିଆଲ ମିଡିଆରେ ଜଣେ ୟୁଜର୍ କରୀନା କପୁର ଖାନ୍‌ଙ୍କ ଫଟୋରେ ‘ବୁଢ଼ୀ’ ଲେଖି କମେଣ୍ଟ କରିଥିବାବେଳେ ସେ ତାକୁ ମୂଲ୍ୟହୀନ ବୋଲି କହିଛନ୍ତି।



## ରାଜଧାନୀରେ ବିଧାୟକଙ୍କ କ୍ୱାର୍ଟର୍ସ ପାଇଁ କଟାଯିବ ୮୦୦ ଗଛ!




# ଅବହେଳାରୁ ସିଂହୀ ମୃତ

## ନନ୍ଦନକାନନ ପିଛା ଛାଡୁନି ବିବାଦ

■ ସାପ କାମୁଡ଼ି ଦେଲା, ଆବଶ୍ୟକ ଆଣ୍ଟିଭେନମ୍ ଇଞ୍ଜେକ୍ସନ ନ ଥିଲା

ଭୁବନେଶ୍ୱର, (ବ୍ୟୁରୋ)/ ବାରଙ୍ଗ, ୨୮।୫ (ଡି.ଏନ୍.ଏ.)

ଦେଶର ଅନ୍ୟତମ ପ୍ରମୁଖ ଚିଡ଼ିଆଖାନା ନନ୍ଦନକାନନ ଏବେ ଅସୁରକ୍ଷିତ ପ୍ରାଣୀ ଉଦ୍ୟାନରେ ପରିଣତ ହୋଇଛି। ପ୍ରତିଦିନ ଜୀବଜନ୍ତୁଙ୍କ ମୃତ୍ୟୁ ଖବର ମିଳୁଛି। ଦୁର୍ନୀତି, ପର୍ଯ୍ୟଟକଙ୍କୁ ଆକ୍ରମଣ, ଦୁର୍ବ୍ୟବହାର ଘଟଣାରେ ନନ୍ଦନକାନନ ବିବାଦ ଘେରକୁ ଚାଲି ଆସିଥିବାବେଳେ ଏବେ ଆଉଏକ ଘଟଣା କର୍ତ୍ତୃପକ୍ଷଙ୍କ ଅବହେଳାକୁ ପଦାରେ ପକାଇଛି। ଶନିବାର ଚିତି ସାପ କାମୁଡ଼ାରେ ଏକ ଆଫ୍ରିକୀୟ ସିଂହୀ ‘ଗଙ୍ଗା’ର ମୃତ୍ୟୁ ହୋଇଛି। ଆବଶ୍ୟକ ଆଣ୍ଟିଭେନମ୍ ଇଞ୍ଜେକ୍ସନ ନ ଥିବାରୁ ସିଂହୀଟିର ଜୀବନ ଯାଇଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଅଭିଯୋଗ ଆଣିଛନ୍ତି।

୧୫ ବର୍ଷ ବୟସର ସିଂହୀ ‘ଗଙ୍ଗା’ ଏନ୍‌କ୍ଲୋଜର (ନଂ. ୨୯ବି)ରେ ଅନ୍ୟ ଏକ ସିଂହୀ ସହ ରହୁଥିଲା। ଶନିବାର ସକାଳେ ତା’ର ଅସ୍ୱାଭାବିକ ଆଚରଣ ଦେଖି ଦାୟିତ୍ୱରେ ଥିବା ଜଣେ ପ୍ରାଣୀ ରକ୍ଷକ ନନ୍ଦନକାନନ ଜନ୍ତୁ ବିଭାଗକୁ ସୂଚନା ଦେଇଥିଲେ। ଜନ୍ତୁ ବିଭାଗଠାରୁ ଖବରପାଇ ଡାକ୍ତରୀ ଦଳ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପରଖିଥିଲେ। ସେହି ସମୟରେ ଏକ ବିଷଧର ଚିତି ସାପ ଖୁଆଡ଼ରେ ଥିବା ପାଣିକୁଣ୍ଡ ନିକଟରେ ଯାଉଥିବା ଦେଖିବାକୁ ମିଳିଥିଲା। ସାପ କାମୁଡ଼ିଥିବା ଅନୁମାନ କରି ଡାକ୍ତରମାନେ ସିଂହୀ ଶରୀରରେ ଆଣ୍ଟିଭେନମ ଇଞ୍ଜେକ୍ସନ ଦେଇଥିଲେ। ହେଲେ କିଛି ଘଣ୍ଟା ପରେ ଗଙ୍ଗା ଛଟପଟ ହୋଇ ଆଖି ବୁଜିଥିଲା। ତେବେ ମୃତ୍ୟୁ ସମୟରେ ସିଂହୀଟି ☞ପୃଷ୍ଠା-୪



ନନ୍ଦନକାନନରେ ମୃତ ଆଫ୍ରିକୀୟ ସିଂହୀ ‘ଗଙ୍ଗା’ ଓ ନିକଟରେ ଦେଖିବାକୁ ମିଳିଥିବା ସାପ।

### ସିଂହ ସଂଖ୍ୟା ୧୬କୁ ହ୍ରାସ

୨୦୧୫ ସେପ୍ଟେମ୍ବର ୧୩ରେ ଗଙ୍ଗା ସହ ୪ ଆଫ୍ରିକୀୟ ସିଂହ ଇସ୍ରାଏଲରୁ ନନ୍ଦନକାନନକୁ ଅଣାଯାଇଥିଲା। ୨୦୧୮ ଅଗଷ୍ଟ ୧୦ରେ ଗୋଟିଏ ଅଣ୍ଡିରା ଓ ୨୯ ତାରିଖରେ ଅନ୍ୟଏକ ଅଣ୍ଡିରା ସିଂହର ମୃତ୍ୟୁ ଘଟିଥିଲା। କେବଳ ଦୁଇଟି ସିଂହୀ ରହିଥିଲେ। ସେଥିମଧ୍ୟରୁ ଗୋଟିକର ମୃତ୍ୟୁ ଘଟିଥିବାବେଳେ ଆଉ ଗୋଟିଏ ମାଈ ସିଂହୀ ‘ଜିନି’ରହିଛି। ଗଙ୍ଗାର ମୃତ୍ୟୁ ପରେ ନନ୍ଦନକାନନରେ ମୋଟ ସିଂହ ସଂଖ୍ୟା ୧୬କୁ ଖସିଛି। ସେଥିମଧ୍ୟରେ ୭ ହାଇବ୍ରିଡ୍, ୧ ଆଫ୍ରିକାନ୍, ୮ ଏସିଆଟିକ୍ ସିଂହ ଥିବା ଜଣାପଡ଼ିଛି।

# ୨ରୁ ଯୁକ୍ତ୨ ଖାତା ମୂଲ୍ୟାୟନ

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଖାତା ମୂଲ୍ୟାୟନ ଜୁନ୍ ୨ରୁ ଆରମ୍ଭ ହେବ। ୬୪ଟି କେନ୍ଦ୍ରରେ ଅଫଲାଇନ୍ ମୂଲ୍ୟାୟନ ହେବ। ତେବେ ପ୍ରତିବର୍ଷ ପରି ଏଥର ମଧ୍ୟ ବିଜ୍ଞାନ ଓ ବାଣିଜ୍ୟର ସମସ୍ତ ଉତ୍ତର ଖାତାର ଇ-ମୂଲ୍ୟାୟନ କରାଯିବ। ସେଥିପାଇଁ ସିଏଚ୍ଏସ୍ଇର ୪ଟି ଜୋନ୍ ଯଥା ବ୍ରହ୍ମପୁର, ସମ୍ବଲପୁର, ବାରିପଦା ଓ ସେଣ୍ଟ୍ରାଲ ଜୋନ୍‌ରେ ୩୭ ଅନ୍‌ଲାଇନ୍ ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ଦୁଇଟି ପର୍ଯ୍ୟାୟରେ ଖାତାଦେଖା ସରିବ। ଜୁନ୍ ୨ରୁ ଜୁନ୍ ୧୨ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷାର ଖାତାଦେଖା ହେବ। ଏଥିମଧ୍ୟରେ ରାଜନୀତି ବିଜ୍ଞାନ, ଇତିହାସ, ଓଡ଼ିଆ, ଏଜୁକେଶନ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଅର୍ଥନୀତି, ଇଂଲିଶ ଆଦି ବିଷୟ ଅନ୍ତର୍ଭୁକ୍ତ ରହିଛି। ଏହାପରେ ଜୁନ୍ ୧୩ରୁ ୨୨ ତାରିଖ ଯାଏ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ହେବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସୂଚନାନୁସାରେ, ଖାତା ଦେଖା ନିମନ୍ତେ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ମୂଲ୍ୟାୟନକାରୀଙ୍କ ତାଲିକା ପ୍ରସ୍ତୁତ ସରିଥିବାବେଳେ ଏନେଇ ☞ପୃଷ୍ଠା-୪

■ ଜୁଲାଇ ପ୍ରଥମ ସପ୍ତାହରେ ଫଳ

# ବିଳମ୍ବ ହୋଇପାରେ ମୌସୁମୀ

## ୨ ଦିନ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ଚଳିତ ବର୍ଷ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଟିକେ ସଅଳ ଆସିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଥିଲା। ମେ’ ୨୭ ସୁଦ୍ଧା ମୌସୁମୀ କେରଳ ଛୁଇଁବ ବୋଲି ଆକଳନ କରାଯାଇଥିଲା। ହେଲେ



ଏ ପର୍ଯ୍ୟନ୍ତ କେରଳରେ ପହଞ୍ଚି ନାହିଁ। ପାଗ ଅନୁକୂଳ ହେଲେ ଆସନ୍ତା ୩୦ କିମ୍ବା ଜୁନ୍ ୧ ତାରିଖ ବେଳକୁ ମୌସୁମୀ କେରଳ ଛୁଇଁବା ସମ୍ଭାବନା ରହିଛି। ଏବେ ସୁଦ୍ଧା ମୌସୁମୀକୁ ସକ୍ରିୟ କରିବା ନେଇ ପାଗ ଅନୁକୂଳ ହୋଇନାହିଁ। ରାଜ୍ୟକୁ ସାଧାରଣତଃ ଜୁନ୍ ୧୦ ତାରିଖ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରେ। କିନ୍ତୁ ଏଥର ଓଡ଼ିଶାରେ ପହଞ୍ଚିବା ବେଳକୁ ଜୁନ୍ ୧୩ରୁ ୧୫ ହୋଇଯିବ ବୋଲି ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ କରୁଛନ୍ତି। ରାଜ୍ୟରେ ଗରମ ଓ ଗୁଳୁଗୁଳି ବଢୁଥିବାରୁ ମୌସୁମୀ ଆଗମନ ପାଇଁ ପାଗ ଅନୁକୂଳ ହେଉଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି। ଆସନ୍ତା ୬ ଓ ୭ ତାରିଖ ବେଳକୁ ତାମିଲନାଡୁ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶର କେତେକ ସ୍ଥାନରେ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୧୩ ତାରିଖ ପୂର୍ବରୁ ଓଡ଼ିଶାକୁ ମୌସୁମୀ ପ୍ରବେଶ ଆଶା କ୍ଷୀଣ। ଜୁନ୍ ମାସରେ ମଧ୍ୟ ରାଜ୍ୟରେ ଭଲ ବର୍ଷା ହେବାର ସମ୍ଭାବନା କମ୍ ରହିଛି।

ଅନ୍ୟପକ୍ଷରେ ଗତ କିଛିଦିନ ହେବ ରାଜ୍ୟରେ ପ୍ରବଳ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି । ଆଗକୁ ଆହୁରି ତାତି ବଢ଼ିବା ସମ୍ଭାବନା ରହିଛି। ପଶ୍ଚିମ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସକୁ ଟପିଯିବା ବେଳେ ଉପକୂଳ ଓଡ଼ିଶାରେ ପାରଦ ୪୦ ଡିଗ୍ରୀ ଉପରେ ରହିବ। ଉପକୂଳରେ ଗରମ ସାଙ୍ଗକୁ ଗୁଳୁଗୁଳି ପରିବେଶକୁ ଉତ୍ତପ୍ତ କରି ଦେଇଛି। ଆସନ୍ତା ଜୁନ୍ ୧ ତାରିଖରୁ ତାତି ଆହୁରି ବଢ଼ିପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୦, ସମ୍ବଲପୁର ୪୦.୬, ସୁନ୍ଦରଗଡ଼ ୪୦, ଭବାନୀପାଟଣା ୪୧, ବଲାଙ୍ଗୀର ୪୨.୨, ଟିଟିଲାଗଡ଼ ୪୧.୮, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ନୈତିକତାର ଅଭାବ

# ‘ମନ୍ଦିର ଭାଙ୍ଗି ମସ୍‌ଜିଦ ନିର୍ମାଣ ଦାସତ୍ୱର ପ୍ରତୀକ’

## ୧୯୩୭ରେ ପ୍ରକାଶିତ ମହାତ୍ମା ଗାନ୍ଧୀଙ୍କ ଲେଖା ଭାଇରାଲ

ନୂଆଦିଲ୍ଲୀ,୨୮।୫

ମନ୍ଦିର ଭାଙ୍ଗିବା ପରେ ସେଠାରେ ମସ୍‌ଜିଦ ନିର୍ମାଣ କରିବା ଦାସତ୍ୱର ପ୍ରତୀକ ବୋଲି ମହାତ୍ମା ଗାନ୍ଧୀ ୧୯୩୭ରେ ଏକ ଖବରକାଗଜରେ ଲେଖିଥିଲେ। ଦେଶରେ ମନ୍ଦିର-ମସ୍‌ଜିଦ ବିବାଦ ଜୋର୍ ଧରିଥିବାବେଳେ ୧୯୩୭ ଜୁଲାଇ ୨୭ରେ ଦିଲ୍ଲୀର ମାସିକ ପତ୍ରିକା ‘ସେବା ସମର୍ପଣ’ରେ ପ୍ରକାଶିତ ଗାନ୍ଧିଜୀଙ୍କର ଏହି ଆଲେଖ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଶ୍ରୀ ରାମଗୋପାଳ ‘ଶରଦ’ଙ୍କ ଏକ ପତ୍ରର ଜବାବରେ ମହାତ୍ମା ଗାନ୍ଧୀ ଏହା ଲେଖିଥିଲେ। ସେଥିରେ ଉଲ୍ଲେଖ ଅଛି, କୌଣସି ସ୍ଥାନର ଉପାସନା ସ୍ଥଳୀକୁ ଭଙ୍ଗାଯିବା ଜଘନ୍ୟ ପାପ। ମୋଗଲ ଶାସନ ସମୟରେ ଧର୍ମାନ୍ଧତା କାରଣରୁ ସେତେବେଳର ଶାସକ ହିନ୍ଦୁମାନଙ୍କର ଅନେକ ଧର୍ମୀୟ ସ୍ଥଳକୁ ଅକ୍ତିଆର କରିଥିଲେ। ସେଥିରୁ ଅନେକ ଧର୍ମସ୍ଥଳକୁ ଲୁଣ୍ଠନ କରାଯାଇଥିବାବେଳେ କେତେକକୁ ଧ୍ୱଂସ କରିଦିଆଯାଇଥିଲା। ଅନ୍ୟ କେତେକ ଧର୍ମସ୍ଥଳକୁ ମସ୍‌ଜିଦରେ ପରିଣତ କରାଯାଇଥିଲା। ଯଦିଓ ମନ୍ଦିର ଓ ମସ୍‌ଜିଦ ଈଶ୍ୱର ଉପାସନା ଲାଗି ପବିତ୍ର ସ୍ଥାନ, ତେବେ ହିନ୍ଦୁ ଓ ମୁସଲମାନଙ୍କ ଉପାସନା ପରମ୍ପରାରେ ପ୍ରାର୍ଥକ୍ୟ ରହିଛି। ଧର୍ମୀୟ ଦୃଷ୍ଟିରୁ ଦେଖିଲେ ଜଣେ ହିନ୍ଦୁ ଏକ ମସ୍‌ଜିଦ ଲୁଟ୍ କରୁ ଏହା ଜଣେ ମୁସଲମାନ କଦାପି ସହ୍ୟ କରିପାରିବେ ନାହିଁ। ସେହିପରି ଭଗବାନ ରାମ, କୃଷ୍ଣ, ବିଷ୍ଣୁ ଓ ଅନ୍ୟ ଦେବଦେବୀ ପୂଜା ପାଉଥିବା ମନ୍ଦିର ଭଙ୍ଗାଯିବାକୁ ଜଣେ ହିନ୍ଦୁ କଦାପି ବରଦାସ୍ତ କରିବେ ନାହିଁ। ଯେଉଁଠି ଏଭଳି ଘଟଣା ଘଟୁଛି, ତାହା ଦାସତ୍ୱର ଲକ୍ଷଣ। ତେଣୁ ବିବାଦ ରହିଥିବା ଏହି ସ୍ଥାନଗୁଡ଼ିକ ସମ୍ପର୍କରେ ଉଭୟ ହିନ୍ଦୁ ଓ ମାସଲମାନ ଏକାଠି ନିଷ୍ପତ୍ତି ନେବା ଉଚିତ। ହିନ୍ଦୁମାନଙ୍କ ଅକ୍ତିଆରରେ ଥିବା ଇସ୍‌ଲାମୀୟ ଉପାସନା ସ୍ଥଳକୁ ସେମାନେ ଉଦାରତାର ସହ ମୁସଲମାନମାନଙ୍କୁ ହସ୍ତାନ୍ତର କରିଦେବା ଉଚିତ। ସେହିପରି ମୁସଲମାନଙ୍କ ଦଖଲରେ ଥିବା ହିନ୍ଦୁ ଉପାସନା ସ୍ଥଳଗୁଡ଼ିକୁ ସେମାନେ ଖୁସିରେ ହିନ୍ଦୁଙ୍କୁ ହସ୍ତାନ୍ତର କରିବା ଆବଶ୍ୟକ। ଏହା ଦ୍ୱାରା ପାରସ୍ପରିକ ଭେଦଭାବ ଦୂର ହେବା ସହ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଏକତା ବୃଦ୍ଧି ପାଇବ। ଏହା ଭାରତ ଭଳି ଦେଶ ପାଇଁ ଆଶୀର୍ବାଦ ପ୍ରମାଣିତ ହେବ ବୋଲି ମହାତ୍ମା ଗାନ୍ଧୀ ହିନ୍ଦୀରେ ଲେଖିଥିଲେ।

**ଦେଶରେ ମନ୍ଦିର-ମସ୍‌ଜିଦକୁ ନେଇ ବିବାଦ ଚାଲିଥିବାବେଳେ ମହାତ୍ମା ଗାନ୍ଧୀଙ୍କ ଲିଖିତ ୮୫ ବର୍ଷ ପୁରୁଣା ଏକ ଖବରକାଗଜର କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।**


सेवा समर्पण

वयं राष्ट्रे जागृयाम । (यजुर्वेद)--हम राष्ट्र के प्रति सजग रहें ।

“मंदिरों को तोड़कर बनाई गई मस्जिदें गुलामी के चिन्ह हैं ।”

--महात्मा गांधी

'किसी भी धार्मिक उपासना गृह के ऊपर बलात्कार पूर्वक अधिकार करना बड़ा जघन्य पाप है। मुगलकाल में धार्मिक धर्मान्धता के कारण मुगल शासकों ने हिन्दुओं के बहुत से धार्मिक स्थानों पर कब्जा कर लिया था जो हिन्दुओं के पवित्र आराधना स्थल थे। इनमें से बहुत से [illegible] कर नष्ट-भ्रष्ट कर दिए गए और बहुत को मस्जिद का रूप दे दिया। यद्यपि मन्दिर और मस्जिद यह दोनों ही भगवान की उपासना के पवित्र स्थान हैं और दोनों में कोई भेद नहीं है तथापि हिन्दू और मुसलमान दोनों की उपासना परम्परा अलग-अलग है।

धार्मिक दृष्टिकोण से एक मुसलमान यह कभी बरदाश्त नहीं कर सकता कि उसकी मस्जिद में, जिसमें वह बराबर इबादत करता चला आ रहा है, कोई हिन्दू उसमें कुछ ले जाकर धर दे। इसी तरह एक हिन्दू भी कभी यह सहन नहीं करेगा कि उसके उस मन्दिर में, जहां वह बराबर राम, कृष्ण, शंकर, विष्णु और देवों की उपासना करता चला आ रहा है कोई उसे तोड़कर मस्जिद बना दे। जहां पर ऐसे कांड हुए हैं वास्तव में ये चिन्ह गुलामी के हैं। हिन्दू-मुसलमान दोनों को चाहिए कि [illegible] इस तरह के झगड़े आपस में तय कर लें।

मुसलमानों के वे पूजन-स्थल जो हिन्दुओं के अधिकार में हैं, हिन्दू उन्हें उदारता पूर्वक मुसलमानों को लौटा दें, इसी तरह हिन्दुओं के जो धार्मिक स्थल मुसलमानों के कब्जे में हैं उन्हें खुशी-खुशी हिन्दुओं को सौंप दें। इससे आपसी भेदभाव नष्ट होगा, हिन्दू-मुसलमानों में आपस में एकता की वृद्धि होगी, जो भारत जैसे धर्म प्रधान देश के लिए वरदान सिद्ध होगी।

(27-7-1937 के "नवजीवन" के अंक में श्रीराम गोपाल "शरद" के पत्र के उत्तर में)




**ଚର୍ମରୋଗ ଚିହ୍ନିବ ଆପ୍**

ଦିଲ୍ଲୀ ଏମ୍ସ ଏବଂ ନୁରିଥମ ଲାବ୍ସ ନାମକ ଏକ ଷ୍ଟାର୍ଟଅପ୍ ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଳିତ ସ୍ମାର୍ଟଫୋନ୍ ଆପ୍ ଲଞ୍ଚ କରାଯାଇଛି। ଏହା ଚର୍ମ ଓ ମୁଖ କର୍କଟ ସମେତ ବିଭିନ୍ନ ଚର୍ମରୋଗ ଚିହ୍ନଟ ଓ ନିଦାନ କରିପାରିବ। ଡର୍ମାଏଡ୍ ନାମରେ ଏହି ଚର୍ମରୋଗ ନିଦାନ ଆପ୍ ଶରୀରରେ ହୋଇଥିବା ଘା ବା ଚର୍ମରୋଗ ଫଟୋର ମେଡିକାଲ ଅନୁଧାନ କରି ୧୫ରୁ ୩୦ ସେକେଣ୍ଡ ମଧ୍ୟରେ ରୋଗର ସ୍ଥିତି ସମ୍ପର୍କରେ ଜଣାଇଦେବ। ଫଳରେ ରୋଗର ଚିକିତ୍ସା ସହଜ ହୋଇପାରିବ।

## ସଂକ୍ଷେପରେ

### ଚର୍ଚ୍ଚରେ ଦଳାଚକଟା: ୩୧ ମୃତ

**ଆବୁଜା, ୨୮।୫:** ନାଇଜେରିଆର ରିଭର୍ସ ପ୍ରଦେଶରେ ଏକ ଚର୍ଚ୍ଚରେ ଶନିବାର ଦଳାଚକଟା ଯୋଗୁ ୩୧ ଜଣଙ୍କ ମୃତ୍ୟୁ ଘଟିଛି। ଚର୍ଚ୍ଚରେ ଏକ କାର୍ଯ୍ୟକ୍ରମ ଚାଲିଥିବାବେଳେ ସେଠାରେ ଖାଦ୍ୟ ବଣ୍ଟାଯାଉଥିଲା। ଖାଇବାକୁ ସେଠାରେ ଶତାଧିକ ଲୋକ ରୁଣ୍ଡ ହୋଇଯାଇଥିଲେ। ଏପରିକି ଲୋକେ ଚର୍ଚ୍ଚ ଗେଟ୍‌କୁ ମଧ୍ୟ ଭାଙ୍ଗି ଦେଇଥିଲେ। ଫଳରେ ଦଳଚକଟା ଯୋଗୁ ୩୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଜଣ ଗୁରୁତର ଅଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ରହିଥିବା ସ୍ଥାନୀୟ ପୋଲିସ କହିଛି।

### ବିଶ୍ୱର ପ୍ରଥମ ନାନୋ ୟୁରିଆ କାରଖାନା ଉଦ୍‌ଘାଟିତ

**ଅହମଦାବାଦ,୨୮।୫:** ଗୁଜରାଟର କାଲୋଲଠାରେ ଇଫ୍‌କୋ ଦ୍ୱାରା ନିର୍ମିତ ବିଶ୍ୱର ପ୍ରଥମ ନାନୋ ୟୁରିଆ ତରଳ ପ୍ଲାଣ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉଦ୍‌ଘାଟନ କରିଛନ୍ତି। ଗାନ୍ଧୀନଗରରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଭର୍ଚୁଆଲି ଉକ୍ତ ପ୍ଲାଣ୍ଟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ ଯୋଗ ଦେଇଥିଲେ। ୧୭୫ କୋଟି ବ୍ୟୟରେ ନିର୍ମିତ ପ୍ରଥମ ଇଫ୍‌କୋ ନାନୋ ୟୁରିଆ (ଲିକୁଇଡ୍) ଉତ୍ପାଦନ ୟୁନିଟ୍‌ର ଦୈନିକ ଉତ୍ପାଦନ କ୍ଷମତା ୧.୫ ଲକ୍ଷ ବୋତଲ ରହିଛି। ପ୍ରତି ବୋତଲରେ ୫୦୦ ମିଲିଗ୍ରାମ୍ ତରଳ ୟୁରିଆ ରହିବ। ପୌଷ୍ଟିକତା ମାନ ବଢ଼ାଇବା ଓ ଉତ୍ପାଦନ କ୍ଷମତା ବଢ଼ାଇବାରେ ନାନୋ ୟୁରିଆ ଲିକୁଇଡ୍ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଥିବା ଇଫ୍‌କୋ ଏମ୍‌ଡି ଡ. ୟୁ.ଏସ. ଅୱସ୍ଥି କହିଛନ୍ତି। ଅଓଁଲା, ଫୁଲପୁର, କାଲୋଲ, ବେଙ୍ଗାଲୁରୁ, ପାରାଦୀପ, କାଣ୍ଡଲା, ଦେଓଘର ଓ ଗୁଆହାଟୀରେ ଇଫ୍‌କୋର ନାନୋ ୟୁରିଆ, ନାନୋ ଡିଏପି ଏବଂ ନାନୋ ମାଇକ୍ରୋନ୍ୟୁଟ୍ରିଏଣ୍ଟସ୍ ପ୍ଲାଣ୍ଟ ରହିଛି।

### ସ୍ତ୍ରୀ, ୨ ସନ୍ତାନଙ୍କୁ ହତ୍ୟା କରି ଇଞ୍ଜିନିୟରଙ୍କ ଆତ୍ମହତ୍ୟା

**ଚେନ୍ନାଇ,୨୮।୫ :** ଚେନ୍ନାଇର ପଲ୍ଲାଭରମ ଅଞ୍ଚଳରେ ଜଣେ ସଫ୍ଟୱେର ଇଞ୍ଜିନିୟର ଏକ ମେଶିନ କରତରେ ତାଙ୍କ ସ୍ତ୍ରୀ ଓ ପୁଅ ଝିଅଙ୍କ ବେକ କାଟି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ୪୨ ବର୍ଷୀୟ ପ୍ରକାଶ ଏକ ଘରୋଇ ସଫ୍ଟୱେର କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ସ୍ତ୍ରୀ ଗାୟତ୍ରୀ(୩୯), ଝିଅ ନିତ୍ୟଶ୍ରୀ(୧୧) ଏବଂ ପୁଅ ହରିକ୍ରିଷ୍ଣନ(୯) ସହ ଭେଙ୍କଟେଶ୍ୱର ନଗରରେ ରହୁଥିଲେ। ଋଣ ବୋଝରୁ ପ୍ରକାଶ ଏଭଳି ଚରମ ପଦକ୍ଷେପ ନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତାଙ୍କ ଘର କାନ୍ଥରୁ ଏକ ସୁଇସାଇଡ୍ ନୋଟ ଜବତ ହୋଇଛି, ଯେଉଁଥିରେ ମୃତ୍ୟୁ ପାଇଁ କାହାକୁ ଦାୟୀ କରାଯାଇ ନାହିଁ।

### ବନ୍ଧୁକ ସଂସ୍କୃତି ସପକ୍ଷରେ ଟ୍ରମ୍ପ୍

**ୱାଶିଂଟନ୍, ୨୮।୫:** ଆମେରିକାର ଟେକ୍ସାସ୍ ଗୁଳିକାଣ୍ଡ ପରେ ଦେଶରେ ବନ୍ଧୁକ ସଂସ୍କୃତି ଉପରେ ରୋକ ଲଗାଇବାକୁ ଦାବି ଉଠିଛି। ହେଲେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ଗନ୍ କଲଚର୍' ସମର୍ଥନରେ ବାହାରିଛନ୍ତି। ବନ୍ଧୁକ ରଖି ଆଇନ ପାଳନ କରୁଥିବା ବ୍ୟକ୍ତିଙ୍କ ଲାଇସେନ୍ସ ରଦ୍ଦ କରା ନ ଯାଉ ବୋଲି ଟ୍ରମ୍ପ୍ ନ୍ୟାଶନାଲ ରାଇଫଲ ଆସୋସିଏଶନକୁ କହିଛନ୍ତି। ଯଦି ଆମେ ୟୁକ୍ରେନ୍‌ର ପୁନଃଗଠନ ପାଇଁ ୪୦ ବିଲିୟନ ଡଲାର ଦେବାକୁ ରାଜି ଅଛୁ, ତେବେ ସ୍କୁଲରେ ଆମ ପିଲାଙ୍କ ସୁରକ୍ଷା ପାଇଁ ଯଥେଷ୍ଟ ପଦକ୍ଷେପ ନେଇପାରିବୁ ବୋଲି ଜୋ ବାଇଡେନ୍ ସରକାରଙ୍କ ଉଦ୍ଦେଶ୍ୟରେ ଟ୍ରମ୍ପ୍ କହିଛନ୍ତି।

# ଛୋଟ ସହର ଦଖଲ କରୁଛି ରୁଷିଆ




ସର୍ବିଆର ବେଲ୍‌ଗ୍ରେଡ୍‌ଠାରେ ଜଣେ ମହିଳା ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବିରୋଧରେ ବିକ୍ଷୋଭ କରୁଛନ୍ତି।

**କିଭ୍, ୨୮।୫**

### ଲିମ୍ୟାନ୍ ପରେ ସିଭିଏରୋଡୋନେସ୍କ, ଲିସିଚାନ୍‌ସ୍କ ହାତେଇବାକୁ ଉଦ୍ୟମ

ପୂର୍ବ ୟୁକ୍ରେନ୍‌ରେ ଆକ୍ରମଣ ତୀବ୍ର କରିଥିବା ରୁଷିଆ ଏବେ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିବା ଛୋଟ ଛୋଟ ସହର ଦଖଲ ଉଦ୍ୟମ ଜାରି ରଖିଛି। ଶନିବାର ରୁଷିଆ ଲିମ୍ୟାନ ସହରକୁ କବ୍‌ଜା କରିଥିବା ଦାବି କରିଛି। ଡୋନ୍‌ବାସ ଅଞ୍ଚଳରେ ଡୋନେସ୍କ ପିପୁଲ୍ସ ରିପବ୍ଲିକ୍ ବିଦ୍ରୋହୀ ଏବଂ ରୁଷୀୟ ସୈନ୍ୟ ମିଳିତ ଭାବେ କ୍ରାସନି ଲିମ୍ୟାନ୍‌କୁ ନିୟନ୍ତ୍ରଣକୁ ନେଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଆଇଗୋର କୋନାଶେନ୍‌କୋଭ୍ କହିଛନ୍ତି। ଏଥିସହ ପୂର୍ବ ୟୁକ୍ରେନ୍‌ର ଏକ ପ୍ରମୁଖ ରେଲୱେ ଜଙ୍କସନ୍ ମଧ୍ୟ ରୁଷିଆ ସୈନ୍ୟଙ୍କ ନିୟନ୍ତ୍ରଣକୁ ଯାଇଛି। ଡୋନ୍‌ବାସରେ ରୁଷୀୟ ସୈନ୍ୟଙ୍କୁ ୟୁକ୍ରେନ୍ ସୁରକ୍ଷାବାହିନୀ ପ୍ରତିରୋଧ ଜାରି ରଖିଥିବାରୁ ଏବେ ମସ୍କୋ ଛୋଟ ଛୋଟ ସହରକୁ କବ୍‌ଜା କରି ସେଠାରୁ ଅନ୍ୟ ଅଞ୍ଚଳରେ ସହଜରେ ଆକ୍ରମଣ କରିବାର ରଣନୀତି ପ୍ରସ୍ତୁତ କରିଥିବା କୁହାଯାଉଛି।

ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣ କରିବା ପୂର୍ବରୁ ଲିମ୍ୟାନ୍‌ରେ ପ୍ରାୟ ୨୦ ହଜାର ଲୋକ ବାସ କରୁଥିଲେ। ଲିମ୍ୟାନରେ ଥିବା ଆଞ୍ଚଳିକ ରେଳ ହବ୍ ଯୋଗେ ୟୁକ୍ରେନ୍‌ର ମୁଖ୍ୟ ଭାଗରୁ ବିଚ୍ଛିନ୍ନତାବାଦୀ ଅଞ୍ଚଳ ଡୋନ୍‌ବାସ୍‌କୁ ଅସ୍ତ୍ରଶସ୍ତ୍ର ପଠାଯାଇଥାଏ। ଏଥିସହ ରୁଷିଆ ଆକ୍ରମଣବେଳେ ଏହି ରେଳଷ୍ଟେଶନ ଦେଇ ବହୁ ସଂଖ୍ୟାରେ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଲିମ୍ୟାନ୍ ଦଖଲ ଦ୍ୱାରା ରୁଷିଆକୁ ଏହାର ଫାଇଦା ମିଳିବ। ବିଚ୍ଛିନ୍ନତାବାଦୀଙ୍କ ଅକ୍ତିଆରରେ ଥିବା ଡୋନେସ୍କ ଓ ଲୁହାନ୍‌ସ୍କ ସହ ୟୁକ୍ରେନ୍ ସରକାରଙ୍କ ନିୟନ୍ତ୍ରଣରେ ରହିଥିବା ଡୋନ୍‌ବାସର ଅନ୍ୟ ବଡ଼ ସହରକୁ ମଧ୍ୟ ଦଖଲ କରିବ ପାଇଁ ଲିମ୍ୟାନ୍ ଭଳି ଅଞ୍ଚଳ ରୁଷିଆ ପାଇଁ ସହାୟକ ହେବ। ରାଜଧାନୀ କିଭ୍‌କୁ ଦଖଲରେ ବିଫଳ ହେବା ପରେ ମସ୍କୋ ଏବେ ପୂର୍ବ ୟୁକ୍ରେନ୍ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି। ୟୁକ୍ରେନ୍ ସରକାରଙ୍କ ନିୟନ୍ତ୍ରଣରେ ଥିବା ଲୁହାନ୍‌ସ୍କର ପ୍ରମୁଖ ଟ୍ୱିନ ସିଟି ସିଭିଏରୋଡୋନେସ୍କ ଓ ଲିସିଚାନ୍‌ସ୍କକୁ ଦଖଲ ପାଇଁ ରୁଷିଆ ଶନିବାର ଜୋର୍‌ଦାର ଆକ୍ରମଣ କରିଛି। ଡୋନ୍‌ବାସରେ ସ୍ଥିତି ଗମ୍ଭୀର ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ତେବେ ସବୁପ୍ରକାର ପରିସ୍ଥିତିରେ ଡୋନ୍‌ବାସ ୟୁକ୍ରେନ୍‌ର ହୋଇ ରହିବ ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି। ମଙ୍ଗଳବାର ରୁଷୀୟ ସୈନ୍ୟ ସିଭିଏରୋଡୋନେସ୍କର ଦକ୍ଷିଣରେ ଥିବା ଏକ ଛୋଟ ମ୍ୟୁନିସିପାଲିଟି ଭିତ୍‌ଲୋଡାର୍ସ୍କକୁ ଅକ୍ତିଆର କରିଛି। ରୁଷିଆ ଆକ୍ରମଣ ସହ ଚିକିତ୍ସା ସୁବିଧା ନ ପାଇ ସେଠାରେ ପ୍ରାୟ ୧୫ ଶହ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ସିଭିଏରୋଡୋନେସ୍କର ମେୟର ଆଲେକଜାଣ୍ଡର ଷ୍ଟ୍ରିଉକ୍ କହିଛନ୍ତି।

### ପୂର୍ବତନ ରାଷ୍ଟ୍ରପତିଙ୍କୁ ୟୁକ୍ରେନ୍ ଛାଡ଼ିବା ଉପରେ ରୋକ



ପେଟ୍ରୋ ପୋରୋଶେନ୍‌କୋ

ୟୁକ୍ରେନ୍‌ର ପୂର୍ବତନ ରାଷ୍ଟ୍ରପତି ପେଟ୍ରୋ ପୋରୋଶେନ୍‌କୋଙ୍କୁ ଦେଶ ଛାଡ଼ିବା ଉପରେ ରୋକ ଲଗାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏପରି କରି ୟୁକ୍ରେନ୍ ସରକାର ତଥାକଥିତ ରାଜନୈତିକ ଯୁଦ୍ଧବିରତି ଉଲ୍ଲଂଘନ କରିଥିବା ସେ କହିଛନ୍ତି। ଏହି ପୂର୍ବ ୟୁରୋପୀୟ ଦେଶ ଉପରେ ରୁଷିଆ ଆକ୍ରମଣ କରିବା ପରେ ୟୁକ୍ରେନ୍ ପାର୍ଲାମେଣ୍ଟ କେତେକ ରୁଷିଆ ସମର୍ଥିତ ପାର୍ଟି ଏବଂ ରାଜନେତାଙ୍କୁ ପଲିଟିକାଲ ସିଜ୍‌ଫାୟାର ଅଧୀନରେ (ଘରୋଇ ମତଭେଦ ଭୁଲି ଦେଶପାଇଁ ଏକଜୁଟ୍ ହେବା ପାଇଁ ଏକ ବୁଝାମଣା) ବ୍ୟାନ୍ କରିଥିଲା। ଏବେ ୟୁକ୍ରେନ୍ ସରକାର ତାଙ୍କୁ ସୀମା ବାହାରକୁ ଯିବା ଉପରେ କଟକଣା ଲଗାଇ ଏହି ବୁଝାମଣା ଉଲ୍ଲଂଘନ କରିଥିବା ପୋରୋଶେନ୍‌କୋ କହିଛନ୍ତି।

### ମାରିଉପୋଲରୁ ମେଟାଲ ଲୁଟ୍



ରୁଷିଆ ଦଖଲରେ ଥିବା ବନ୍ଦର ସହର ମାରିଉପୋଲରୁ ମସ୍କୋ ମେଟାଲ ଏବଂ ଜାହାଜ ବୋହିନେଉଛି। ବନ୍ଦରର ଜଣେ ମୁଖପାତ୍ରଙ୍କ ସୂଚନା ଅନୁସାରେ, ଏକ ଭେସେଲରେ ପ୍ରାୟ ୨୭ ଶହ ଟନ୍ ମେଟାଲ ଭର୍ତ୍ତି କରାଯାଇ ତାହାକୁ ରୁଷୀୟ ସହର ରୋଷ୍ଟୋଭ-ଅନ୍-ଡନ୍‌କୁ ନିଆଯାଇଛି। ଏହା ସିଧାସଳଖ ଲୁଟ୍ ବୋଲି ୟୁକ୍ରେନ୍ ମାନବାଧିକାର କର୍ମୀ ଲିୟୁଡ୍‌ମିଲା ଡେନିସୋଭା କହିଛନ୍ତି। ଏଥିସହ ରୁଷିଆ ୟୁକ୍ରେନ୍‌ର ଖାଦ୍ୟଶସ୍ୟ ମଧ୍ୟ ଲୁଟୁଥିବା ସେ ଅଭିଯୋଗ ଆଣିଛନ୍ତି। ୩ ମାସ ଧରି ଲଢ଼େଇ ପରେ ଗତ ସପ୍ତାହରେ ୟୁକ୍ରେନ୍‌ର ପ୍ରମୁଖ ବନ୍ଦର ସହର ମାରିଉପୋଲକୁ ରୁଷିଆ ଦଖଲ କରିଥିବା ଦାବି କରିଥିଲା।

### ୟୁକ୍ରେନ୍‌ରୁ ଶସ୍ୟ ପରିବହନ ଉପରେ ଆଲୋଚନା ପାଇଁ ରୁଷିଆ ରାଜି



ଓଲାଫ୍ ସ୍କୋଲ୍‌ଜ | ଭ୍ଲାଡିମିର ପୁଟିନ୍ | ଇମାନୁଏଲ ମାକ୍ରଁ

**ପୁଟିନ୍‌ଙ୍କ ସହ କଥା ହେଲେ ସ୍କୋଲ୍‌ଜ, ମାକ୍ରଁ**

**ମସ୍କୋ, ୨୮।୫:** ୟୁକ୍ରେନ୍ ଯୁଦ୍ଧ ଯୋଗୁ ସାରା ବିଶ୍ୱରେ ଖାଦ୍ୟସଙ୍କଟ ଦେଖାଦେଇଛି। କୃଷ୍ଣ ସାଗର ଓ ଆଜୋଭ ସାଗରକୁ ରୁଷିଆ ବ୍ଲକ୍ କରିଥିବାରୁ ୟୁକ୍ରେନ୍‌ରୁ ଖାଦ୍ୟଶସ୍ୟ ପରିବହନ ବାଧାପ୍ରାପ୍ତ ହୋଇଛି। ଏ ନେଇ ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଶନିବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ୟୁକ୍ରେନ୍‌ରୁ ଖାଦ୍ୟଶସ୍ୟ ପରିବହନ ଉପରେ ଆଲୋଚନା ପାଇଁ ପୁଟିନ୍ ରାଜି ଥିବା କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି। ଏଥିସହ ରୁଷିଆରୁ ସାର ଏବଂ କୃଷିଜାତ ସାମଗ୍ରୀ ରପ୍ତାନି ମଧ୍ୟ ବିଶ୍ୱ ଖାଦ୍ୟସଙ୍କଟକୁ ଦୂର କରିବାରେ ସହାୟକ ହେବ ବୋଲି ମସ୍କୋ କହିଛି। ତେବେ ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ଯୋଗାଣକୁ ନେଇ ରୁଷିଆ ଏହି ଦୁଇ ୟୁରୋପୀୟ ଦେଶକୁ ଚେତାବନୀ ଦେଇଛି। ଏହା ଆଗକୁ ଆହୁରି ଅସ୍ଥିରତାକୁ ଡାକିଆଣିପାରେ ବୋଲି କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି। ରୁଷିଆ ବନ୍ଦୀ ରଖିଥିବା ଆଜଭଷ୍ଟିଲ୍‌ର ପ୍ରାୟ ୨,୫୦୦ ସୈନ୍ୟଙ୍କୁ ମୁକୁଳାଇବା ପାଇଁ ସ୍କୋଲଜ୍ ଏବଂ ମାକ୍ରଁ ପୁଟିନଙ୍କୁ ନିବେଦନ କରିବା ସହ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ସିଧାସଳଖ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି।

### ୪୨୪ ଜଣଙ୍କ ସୁରକ୍ଷା ବ୍ୟବସ୍ଥା ହଟାଇଲା ପଞ୍ଜାବ

**ଚଣ୍ଡିଗଡ଼,୨୮।୫**

ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ନେତୃତ୍ୱାଧୀନ ସରକାର ଏକ ବଡ଼ ନିଷ୍ପତ୍ତି କ୍ରମେ ରାଜ୍ୟର ୪୨୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମିଳୁଥିବା ସୁରକ୍ଷା ସୁବିଧାକୁ ହଟାଇଦେଇଛନ୍ତି। ସୁରକ୍ଷା ହଟିଥିବା ଲୋକଙ୍କ ମଧ୍ୟରେ ରାଜନେତା, ଧର୍ମୀୟ ନେତା ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀ ରହିଛନ୍ତି। ଗତ ମାସରେ ରାଜ୍ୟ ସରକାର ୧୮୪ ଜଣ ପୂର୍ବତନ ମନ୍ତ୍ରୀ, ବିଧାୟକ ଓ ଅନ୍ୟ ନେତାଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କ ପରିବାର, କ୍ୟାପଟେନ୍ ଅମରିନ୍ଦର ସିଂଙ୍କ ପୁଅ ରଣିନ୍ଦର ସିଂ ଏବଂ କଂଗ୍ରେସ ବିଧାୟକ ପରତାପ ସିଂ ବାଜୱାଙ୍କ ସ୍ତ୍ରୀଙ୍କୁ ମିଳୁଥିବା ସୁରକ୍ଷା ବ୍ୟବସ୍ଥା ଏପ୍ରିଲରେ ହଟାଇ ଦିଆଯାଇଥିଲା।

### ଉପାସନା ସ୍ଥଳ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୨୮।୫(ପି.ଟି.)**

ଉପାସନା ସ୍ଥଳ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ, ୧୯୯୧ର କେତେକ ଧାରାର ବୈଧତାକୁ ଚ୍ୟାଲେଞ୍ଜ କରାଯାଇ ସୁପ୍ରିମକୋର୍ଟରେ ଶନିବାର ସାନି ପିଟିଶନ ଦାଏର ହୋଇଛି। ସମ୍ବିଧାନରେ ପ୍ରଦତ୍ତ ଆଇନଗତ ସମାନତା ଓ ଭେଦଭାବ ନିରୋଧୀ ବ୍ୟବସ୍ଥାକୁ ଏହା ଉଲ୍ଲଂଘନ କରୁଥିବା ଆବେଦନକାରୀ ଦର୍ଶାଇଛନ୍ତି। ମଥୁରା ବାସିନ୍ଦା ଦେବକୀନନ୍ଦନ ଠାକୁର ଉପାସନା ସ୍ଥଳ ଆଇନର ଧାରା ୨, ୩ ଏବଂ ୪କୁ ଚ୍ୟାଲେଞ୍ଜ କରିଛନ୍ତି। ଏହା ହିନ୍ଦୁ, ଜୈନ, ବୌଦ୍ଧ ଏବଂ ଶିଖମାନଙ୍କ ଉପାସନା ସ୍ଥଳ, ତୀର୍ଥକ୍ଷେତ୍ର ଓ ଦେବଦେବୀଙ୍କ ସମ୍ପତ୍ତି ଫେରାଇ ନିଆଯାଇ ସେମାନଙ୍କ ନ୍ୟାୟିକ ଉପଚାର ଅଧିକାର ଛିନ୍ନ କରାଥିବା ସେ ଅଭିଯୋଗ କରିଛନ୍ତି।

### ଚାଇନାରେ ଝଡ଼ବର୍ଷା: ୧୫ ମୃତ

**ବେଜିଂ,୨୮।୫**

ଦକ୍ଷିଣ ଚାଇନାରେ ପ୍ରବଳ ଝଡ଼ବର୍ଷା ଓ ଭୂସ୍ଖଳନ ଯୋଗୁ ୧୫ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୩ ଜଣ ନିଖୋଜ ହୋଇଯାଇଛନ୍ତି। ଫୁଜିଆନ୍ ପ୍ରଦେଶରେ ଭୂସ୍ଖଳନ ଯୋଗୁ ଏକ କୋଠା ଭୁଶୁଡ଼ି ପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ୟୁନ୍ନାନ ପ୍ରଦେଶରେ ବର୍ଷା ଯୋଗୁ ୫ ଜଣଙ୍କ ମୃତ୍ୟୁ ହେବା ସହ ୩ ଜଣ ନିଖୋଜ ଥିବା ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଶୁକ୍ରବାର ଜିନ୍‌ଚେଙ୍ଗରେ ବନ୍ୟା ପାଣିରେ ଭାସିଯାଇଥିବା ୩ ଜଣ ପିଲାଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ହୋଇଛି।

## କର୍ନାଟକରେ ସାମ୍ପ୍ରଦାୟିକ ଉତ୍ତେଜନା

**ବେଙ୍ଗାଲୁରୁ,୨୮।୫ (ଆଇଏଏନ୍‌ଏସ୍)**




ହିଜାବ ବିବାଦ ପୁଣିଥରେ ଉପକୂଳ କର୍ନାଟକରେ ମୁଣ୍ଡ ଟେକିଛି। ଏଥିସହିତ ମଲାଲି ମନ୍ଦିର-ମସ୍‌ଜିଦ ବିବାଦକୁ ନେଇ ଉତ୍ତର କନ୍ନଡ, ଦକ୍ଷିଣ କନ୍ନଡ ଏବଂ ଉଡୁପିରେ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଛି। ଭାଜପାର ଗଡ଼ କୁହାଯାଉଥିବା କର୍ନାଟକର ଉପକୂଳ ଅଞ୍ଚଳ ସାମ୍ପ୍ରଦାୟିକତା ଦୃଷ୍ଟିରୁ ସମ୍ବେଦନଶୀଳ। ପୂର୍ବରୁ ଏଠାରେ ଅନେକ ଥର ସାମ୍ପ୍ରଦାୟିକ ଉତ୍ତେଜନା ଓ ସଂଘର୍ଷ ସୃଷ୍ଟି ହୋଇଛି। ଉକ୍ତ ଅଞ୍ଚଳରୁ ଆରମ୍ଭ ହୋଇଥିବା ହିଜାବ ବିବାଦ ଏବେ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଛି। ହିଜାବ ବିବାଦ ଏକପ୍ରକାର ସମାଧାନ ହୋଇଯାଇଥିବା ଭଳି ଜଣାପଡୁଥିଲେ ମଧ୍ୟ ପୁଣିଥରେ ଉପକୂଳ ଅଞ୍ଚଳରେ ଏହାକୁ ନେଇ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହୋଇଛି। କର୍ନାଟକରେ ଗ୍ରୀଷ୍ମ ଛୁଟି ପରେ ସ୍କୁଲ୍ କଲେଜରେ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ଶ୍ରେଣୀଗୃହରେ ହିଜାବ ପିନ୍ଧିବାକୁ ବିରୋଧ କରି ହିନ୍ଦୁ ଛାତ୍ରୀଛାତ୍ରମାନେ ପୁଣିଥରେ ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି। ମାଙ୍ଗାଲୁରୁର ୟୁନିଭର୍ସିଟି କଲେଜରେ ଆନ୍ଦୋଳନ ପରେ ଭାଜପା ବିଧାୟକ ବେଦବ୍ୟାସ କାମାତ୍ କଲେଜ ଉନ୍ନୟନ ଓ ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ରଙ୍କ ସହ ବୈଠକ କରିଛନ୍ତି।

ସେପଟେ ମଲାଲି ମସ୍‌ଜିଦ ବିବାଦ ଜୋର୍ ଧରିଥିବାବେଳେ ସେଠାରୁ ହିନ୍ଦୁ କର୍ମୀମାନଙ୍କୁ ମୁଠାଏ ମାଟି ନେବାକୁ ଦିଆଯିବ ନାହିଁ ବୋଲି ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ମସ୍‌ଜିଦ ଦଖଲ କରିବା ସ୍ୱପ୍ନ ନ ଦେଖିବାକୁ ଏସ୍‌ଡିପିଆଇ ରାଜ୍ୟ ସଭାପତି ଅବଦୁଲ ମାଜିଦ ମିସୁରୁ ଶନିବାର କହିଛନ୍ତି। ବଲାରିରେ ୨୦୦ ବର୍ଷର ପୁରୁଣା ସୁଗାଲମ୍ମା ମନ୍ଦିର ଭଙ୍ଗାଯାଇଥିବା ସମ୍ପର୍କରେ ସୁନିଶ୍ଚିତ କରାଇବା ଲାଗି ହିନ୍ଦୁ କର୍ମୀ ଓ ସଂଘ ପରିବାର ସଦସ୍ୟ ପାରମ୍ପରିକ 'ତମ୍ଭୁଲା ପ୍ରଶ୍ନ' ଉପାୟ ଅବଲମ୍ବନ କରିବେ ବୋଲି କହିଥିଲାବେଳେ ମାଜିଦ ସେମାନଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ମଲାଲି ମସ୍‌ଜିଦ ପରିସରର ସ୍ଥିତାବସ୍ଥା ବଜାୟ ରଖିଛନ୍ତି। ନିକଟରେ ହୋଇଥିବା ଖନନରୁ ମସ୍‌ଜିଦ ପରିସରରେ ମନ୍ଦିର ଢାଞ୍ଚା ମିଳିଥିଲା।

### ମହାରାଷ୍ଟ୍ରରେ ଓମିକ୍ରନ୍ ସବ୍‌ଭାରିଆଣ୍ଟ ଚିହ୍ନଟ

**ମୁମ୍ବାଇ,୨୮।୫**

ମହାରାଷ୍ଟ୍ରରେ ପ୍ରଥମ ଥର ପାଇଁ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ବି.ଏ.୪ ଏବଂ ବି.ଏ.୫ରେ ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି। ୪ ଜଣଙ୍କଠାରେ ବି.ଏ.୪ ଏବଂ ୩ ଜଣଙ୍କଠାରେ ବି.ଏ.୫ ଥିବା ପରୀକ୍ଷାରୁ ଜଣାପଡ଼ିଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ପୁଣେର ଏହି ରୋଗୀଙ୍କଠାରେ ସାମାନ୍ୟ ଲକ୍ଷଣ ଦେଖାଦେଇଥିବାରୁ ଘରେ ରହି ଚିକିତ୍ସିତ ହେଉଛନ୍ତି। ଗତ ମାସରେ ଦକ୍ଷିଣ ଆଫ୍ରିକା ଓ ଅନ୍ୟ କେତେକ ଦେଶରେ ଓମିକ୍ରନ୍‌ର ଉପରୋକ୍ତ ସବ୍‌ଭାରିଆଣ୍ଟ ଦେଖାଦେଇଥିଲା। ତେବେ ମହାରାଷ୍ଟ୍ରରେ ଏପର୍ଯ୍ୟନ୍ତ ଏଭଳି



ରୋଗୀ ଚିହ୍ନଟ ହୋଇ ନ ଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚରେ ଜିନୋମ୍ ସିକ୍ୱେନ୍ସିଂରୁ ନୂଆ ଭାରିଆଣ୍ଟ ଜଣାପଡ଼ିବା ପରେ ଫରିଦାବାଦର ଇଣ୍ଡିଆନ ବାୟୋଲୋଜିକାଲ ଡାଟା ସେଣ୍ଟର ଏହାକୁ ସ୍ପଷ୍ଟ କରିଛି।

## ୫୦ ଦିନରେ ଗୋଟାବାୟା ବିରୋଧୀ ଆନ୍ଦୋଳନ

**କଲମ୍ବୋ,୨୮।୫(ପି.ଟି.)**




ଶ୍ରୀଲଙ୍କାରେ ଗମ୍ଭୀର ଆର୍ଥିକ ସଙ୍କଟକୁ ନେଇ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ଇସ୍ତଫା ଦାବିରେ ସରକାର ବିରୋଧୀ ଆନ୍ଦୋଳନ ଶନିବାର ୫୦ ଦିନରେ ପହଞ୍ଚିଛି। ଏପ୍ରିଲ ୯ରୁ 'ଗୋ ଗୋଟା ଗାମା' (ଗୋଟାବାୟା ଗାଁକୁ ଯାଅ) ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆନ୍ଦୋଳନର ୫୦ତମ ଦିନକୁ ସ୍ମରଣୀୟ କରିବା ପାଇଁ ଆୟୋଜକମାନେ ଶନିବାର ବିକ୍ଷୋଭ ଶୋଭାଯାତ୍ରା ବଢ଼ାଇବା ସହ ବହୁସଂଖ୍ୟାରେ ଲୋକଙ୍କୁ ଏଥିରେ ସାମିଲ କରାଇଥିଲେ। ଶ୍ରୀଲଙ୍କାରେ ଦେବାଳିଆ ସ୍ଥିତି ଦେଖାଦେଇଥିବାବେଳେ ଖାଦ୍ୟସାମଗ୍ରୀଠାରୁ ଆରମ୍ଭ କରି ଔଷଧ, ଇନ୍ଧନ, ରନ୍ଧନ ଗ୍ୟାସ୍, ଟଏଲେଟ ପେପେର, ଦିଆସିଲି ଆଦି ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖାଦେଇଛି। ଏହିସବୁ ସାମଗ୍ରୀ କିଣିବା ପାଇଁ କିଛି ମାସ ହେଲା ଲୋକଙ୍କୁ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଦେଶରେ ଅର୍ଥନୈତିକ ସଙ୍କଟ ଯୋଗୁ ରାଜନୈତିକ ଅସ୍ଥିରତା ଦେଖାଦେଇଛି। ରାଷ୍ଟ୍ରପତି ଗୋଟାବାୟାଙ୍କ ଇସ୍ତଫା ଦାବିରେ ବିକ୍ଷୋଭକାରୀମାନେ ୪୯ ଦିନ ହେଲା ରାଷ୍ଟ୍ରପତି ଭବନ ପ୍ରବେଶ ପଥକୁ ଅକ୍ତିଆର କରି ରଖିଛନ୍ତି। ବିକ୍ଷୋଭ ସ୍ଥଳରେ ଦିନକୁ ଦିନ ଆନ୍ଦୋଳନକାରୀଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ ସ୍ୱେଚ୍ଛାସେବୀ ସଂଗଠନ ସେମାନଙ୍କୁ ଖାଦ୍ୟ ପାନୀୟ ଯୋଗାଇ ଦେଉଛନ୍ତି। ଆନ୍ଦୋଳନ ତୀବ୍ରତର ହେବାରୁ ଗତ ୯ ତାରିଖରେ ପ୍ରଧାନମନ୍ତ୍ରୀ ପଦରୁ ଗୋଟାବାୟାଙ୍କ ବଡ଼ଭାଇ ମହିନ୍ଦା ରାଜପାକ୍‌ସେ ଇସ୍ତଫା ଦେଇଥିଲେ। ଗୋଟାବାୟାଙ୍କ ଇସ୍ତଫା ଲାଗି ଜୋରଦାର ଦାବି ସତ୍ତ୍ୱେ ସେ ପଦ ଛାଡ଼ିବାକୁ ଚାହୁଁନାହାନ୍ତି।

## ସବୁଦିନେ ମରିବାଠୁ ଏକାଥରେ ମରିଯିବା ଭଲ

**ଜୟପୁର, ୨୮।୫**



**ଯୌତୁକ ନେଲା ୫ ଜୀବନ**

- ଆତ୍ମହତ୍ୟା ପୂର୍ବରୁ ୩ ଭଉଣୀଙ୍କ ଶେଷକଥା
- ପରିବାରର ୩ ଭାଇଙ୍କୁ ବାଲ୍ୟବିବାହ କରିଥିଲେ

ରାଜସ୍ଥାନର ଜୟପୁରରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ଦୀର୍ଘଦିନ ହେଲା ଯୌତୁକ ନିର୍ଯାତନା ଓ ଘରୋଇ ହିଂସାର ଶିକାର ହୋଇଆସୁଥିବା ୩ ଭଉଣୀ ଏକାସଙ୍ଗେ ୨ ପିଲାଙ୍କୁ ଧରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେମାନେ ହେଲେ କଲୁ ଦେବୀ (୨୭), ମମତା (୨୩) ଓ କମଳେଶ (୨୦)। ମୃତ ଦୁଇ ଶିଶୁଙ୍କ ମଧ୍ୟରୁ ଜଣକ ବୟସ ୪ ବର୍ଷ ଓ ଅନ୍ୟଜଣେ ମାତ୍ର ୨୭ ଦିନର ହୋଇଥିଲେ। ମମତା ଏବଂ କମଳେଶ ଗର୍ଭବତୀ ଥିଲେ। ୩ ଭଉଣୀ ଡୁଡୁ ସହରର ଚପିୟା ଗ୍ରାମରେ ଗୋଟିଏ ପରିବାରର ୩ ଭାଇଙ୍କୁ ବାଲ୍ୟବିବାହ କରିଥିଲେ। ନିଖୋଜ ହେବାର ୪ ଦିନ ପରେ ପୋଲିସ ଶନିବାର ଏକ କୂଅରୁ ସେମାନଙ୍କ ମୃତଦେହ ଜବତ କରିଛି। ମୃତ୍ୟୁ ପୂର୍ବରୁ ସାନ ଭଉଣୀ ତାଙ୍କ ହ୍ୱାଟସ୍‌ଆପ୍‌ରେ ରଖିଥିବା ଷ୍ଟାଟସ୍‌ର ସ୍କ୍ରିନ୍‌ଶଟ୍ ପୋଲିସକୁ ମିଳିଛି। ସବୁଦିନ ମରିବା ଅପେକ୍ଷା ଏକାଥରେ ମରିଯିବା ଭଲ ବୋଲି ଏଥିରେ ଲେଖାଯାଇଛି।

ମୃତାଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ମୁତାବକ, ଅଧିକ ଯୌତୁକ ଦାବି କରି ୩ ଭଉଣୀଙ୍କୁ ଶାଶୁଘରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ସେମାନଙ୍କ ସ୍ୱାମୀ ମଧ୍ୟ ନିଶାସକ୍ତ ଅବସ୍ଥାରେ ମାରପିଟ୍ କରୁଥିଲେ। ମେ ୨୫ରେ ୩ ଭଉଣୀ ଓ ଦୁଇ ପିଲା ନିଖୋଜ ହେବା ପୂର୍ବରୁ ଜଣେ ତାଙ୍କ ହ୍ୱାଟ୍ସଆପ୍ ଷ୍ଟାଟସ୍ ଅପଡେଟ୍ କରିଥିଲେ। ଏଥିରେ ସେ ଲେଖିଥିଲେ, 'ଏବେ ଆମେ ଚାଲିଯାଉଛୁ। ଏଣିକି ଖୁସିରେ ରୁହ। ଆମ ଶାଶୁଘର ଲୋକ ହିଁ ଆମ ମୃତ୍ୟୁର କାରଣ। ସବୁଦିନେ ମରିବା ଅପେକ୍ଷା ଦିନେ ମରିଯିବା ଭଲ। ତେଣୁ ଆମେ ଏକାଠି ମରିବାକୁ ଯାଉଛୁ। ଏକାଠି ପୁଣି ଜନ୍ମନେବୁ। ମରିବାକୁ ଇଚ୍ଛା ନ ଥିଲେ ବି ଶାଶୁଘର ଲୋକଙ୍କ ନିର୍ଯାତନା ଅସହ୍ୟ ହୋଇଛି। ଏଥିପାଇଁ ଆମ ମା'ବାପାଙ୍କୁ ଦାୟୀ କରା ନ ଯାଉ'। ୩ ଭଉଣୀ ୨୦୦୩ରେ ବାଲ୍ୟ ବିବାହ କରିଥିଲେ। ସେତେବେଳେ ସାନ ଭଉଣୀ କମଳେଶଙ୍କୁ ମାତ୍ର ୧ ବର୍ଷ ହୋଇଥିଲା। ଏହା ସତ୍ତ୍ୱେ ସେମାନେ କଠିନ ପରିଶ୍ରମ କରି ଉଚ୍ଚଶିକ୍ଷିତ ହୋଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୧୧,୧୨,୭୯୮ | ୬୩,୧୦,୦୯୫ | ୫୦,୧୭,୩୩,୦୧୯ |
| ଭାରତ | ୪,୩୧,୫୦,୨୧୫ | ୫,୨୪,୫୭୨ | ୪,୨୬,୦୯,୩୩୫ |
| ଓଡ଼ିଶା | ୧୨,୮୮,୪୨୨ | ୯୧୨୬(+୫୩) | ୧୨,୭୯,୧୬୩ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୮୦ ପେଟି ଅପମିଶ୍ରିତ ସସ୍ ଜବତ, ୪ ଅଟକ

**କଟକ ଅଫିସ/ବାରଙ୍ଗ, ୨୮।୫(ଡି.ଏନ୍.ଏ.)**

ନକଲି ଓ ଅପମିଶ୍ରିତ ସାମଗ୍ରୀ ତିଆରିର ପେଣ୍ଠସ୍ଥଳୀ ପାଲଟିଛି କଟକ ସହର। ଶୁକ୍ରବାର ଜଗତ୍‌ପୁର ଥାନା ଅଧୀନ ତରୋଳ ନିକଟ ଏକ ନକଲି ମୃଦୁପାନୀୟ କାରଖାନାରେ ଚଢ଼ାଉ କରାଯାଇ ପ୍ରାୟ ୪ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଥିବାବେଳେ ଶନିବାର ମାଲଗୋଦାମର ଏକ ଅପମିଶ୍ରିତ ସସ୍ ଗୋଦାମ ଓ ବାରଙ୍ଗର ଏକ ସସ୍ କାରଖାନାରେ ପୋଲିସ ଚଢ଼ାଉ କରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ମାଲଗୋଦାମ ଥାନା ଅଞ୍ଚଳର ଏକ ଗୋଦାମରେ ଅପମିଶ୍ରିତ ସସ୍ ବିକ୍ରି ହେଉଥିଲା। ବିଶେଷ ସୂତ୍ରରୁ ସ୍ଥାନୀୟ ପୋଲିସ ଖବରପାଇ ଶନିବାର ଉକ୍ତ ଗୋଦାମରେ ଚଢ଼ାଉ କରି ୨୦ ପେଟି ଅପମିଶ୍ରିତ ସସ୍ ଜବତ କରିଥିଲା। ଏଥିସହ ଗୋଦାମର ଦୁଇ ଜଣଙ୍କୁ ଅଟକ ରଖିଥିଲା। ସେମାନଙ୍କୁ ପଚରାଉଚରାବେଳେ ଉକ୍ତ ସସ୍ ବାରଙ୍ଗ ଥାନା ଅଧୀନ ସୀତାରାମ ବଜାରରେ ଥିବା ଏକ କାରଖାନାରେ ପ୍ରସ୍ତୁତ କରାଯାଉଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ବାରଙ୍ଗ ପୋଲିସର ସହଯୋଗରେ ମାଲଗୋଦାମ ପୋଲିସ ଓ କଟକ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ରାକେଶ ସାହୁ ଉକ୍ତ କାରଖାନାରେ ଚଢ଼ାଉ କରିଥିଲେ। ଏହି ସମୟରେ କାରଖାନା ମାଲିକ ଫେରାର ହୋଇଯାଇଥିବାବେଳେ ସେଠାରୁ ୬୦ ପେଟି ଟମାଟୋ ଓ ଚିଲି ସସ୍, କେମିକାଲ ଓ କଞ୍ଚାମାଲ ଆଦି ଜବତ କରାଯାଇଛି। ଏଥିସହ କାରଖାନାର ୨ ଜଣଙ୍କୁ ଅଟକ ରଖାଯାଇଛି। ପରେ କାରଖାନାକୁ ସିଲ୍ କରାଯାଇଛି। ଏ ସମ୍ପର୍କରେ ମାଲଗୋଦାମ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି, ବିଭିନ୍ନ ପ୍ରକାରର ପାଉଡର ଓ ରାସାୟନିକ ପଦାର୍ଥ ମିଶାଇ ଅପମିଶ୍ରିତ ସସ୍ ପ୍ରସ୍ତୁତ କରାଯାଉଥିଲା। ପରେ ଏହାକୁ ମାଲଗୋଦାମ ଓ ଏହାର ଆଖପାଖ ଅଞ୍ଚଳର ଦୋକାନରେ ବିକ୍ରି କରାଯାଉଥିଲା। ଅପରପକ୍ଷେ ଜୋନ୍-୧ ଏସିପି ଏସ୍.ଏନ୍. ମୁଦୁଲି କହିଛନ୍ତି, ଜବତ ସସ୍‌ର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ। ଏହାର ନମୁନା ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଯାଇଛି। ତେବେ ଏହି ସସ୍ କେଉଁଠାରୁ ତିଆରି ହେଉଥିଲା, ମାଲଗୋଦାମ ବ୍ୟତୀତ ଅନ୍ୟ କେଉଁସ୍ଥାନକୁ ପଠାଯାଉଥିଲା ଓ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ ତାହା ତଦନ୍ତ ପରେ ଜଣାପଡିବ ବୋଲି ସେ କହିଛନ୍ତି। ଏ ନେଇ ମାଲଗୋଦାମ ଥାନାରେ ଏକ ମାମଲା(ନଂ.୯୨/୨୨) ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ କଟକ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ନକଲି ସିମେଣ୍ଟ, ଜର୍ଦ୍ଦା, ଅପମିଶ୍ରିତ ସସ୍, ମସଲା, ଘିଅ ଓ ତେଲ କାରଖାନା ଠାବ କରାଯାଇଛି। ସେଠାରୁ ବିପୁଳ ପରିମାଣର ନକଲି ଓ ଅପମିଶ୍ରିତ ସାମଗ୍ରୀ ମଧ୍ୟ ଜବତ ହୋଇଛି।




ମାଲଗୋଦାମ ଅଞ୍ଚଳର ଏକ ଗୋଦାମରେ ପୋଲିସର ଚଢ଼ାଉ। ଜବତ ଅପମିଶ୍ରିତ ସସ୍।

## ସମୁଦ୍ରକୁ ଗଲେ ଅଲିଭ୍ ରିଡ୍‌ଲେ ଶାବକ



**ବାଲିଆପାଳ,୨୮।୫(ସ୍ୱ.ପ୍ର):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଚୌମୁଖଠାରେ ଲଙ୍ଗଳେଶ୍ୱର ବନବିଭାଗ ପକ୍ଷରୁ ପଞ୍ଚମ ପର୍ଯ୍ୟାୟରେ ୭୬ଟି ଅଲିଭ୍ ରିଡଲେ କଇଁଛ ଶାବକ ସମୁଦ୍ରରେ ଛଡ଼ା ଯାଇଛି। ଚୌମୁଖ ସମୁଦ୍ର ବେଳାଭୂମି ଅଲିଭ୍ ରିଡଲେ କଇଁଛଙ୍କ ଅଣ୍ଡା ଦାନ ପାଇଁ ଉପଯୁକ୍ତ ଜାଗା ହୋଇଥିବାରୁ କଇଁଛମାନେ ଉକ୍ତ ଅଞ୍ଚଳରେ ଅଣ୍ଡା ଦେଇ ସମୁଦ୍ରକୁ ପଳାଇଥାନ୍ତି। ବନବିଭାଗ ସମୁଦ୍ର କୂଳରୁ ଅଣ୍ଡା ସଂଗ୍ରହ କରି ସେଗୁଡ଼ିକୁ ଚୌମୁଖଠାରେ ଥିବା ଅସ୍ଥାୟୀ ହାଚେରୀରେ ୫୨ଦିନ ରଖିବା ପରେ ଚିଆଁ ସୃଷ୍ଟି କରି ସମୁଦ୍ରରେ ଛାଡ଼ିଥାଏ। ଶନିବାର ପୂର୍ବାହ୍ଣ ସମୟରେ ଚାନ୍ଦିପୁର ରେଞ୍ଜର ଗଣେଶ ପ୍ରସାଦ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲଙ୍ଗଳେଶ୍ୱର ବନବିଭାଗର ହୃଷିକେଶ ପ୍ରଧାନ, ସାମାଜିକ କର୍ମୀ ବେଣୁଧର ରଣଜିତ, ରାଜେଶ ଚୌଧୁରୀ, ବଂଶୀଧର ବାଗ, ପୂର୍ବତନ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ୨୪ନଂ. ଜୋନ ଜିଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀଙ୍କ ଉପସ୍ଥିତିରେ ଅଲିଭ୍ ରିଡଲେ କଇଁଛ ଶାବକମାନଙ୍କୁ ସମୁଦ୍ରରେ ଛଡ଼ା ଯାଇଥିଲା।




## ଅଟୋ ଉପରେ ଚଢ଼ିଗଲା ଟ୍ରକ୍: ଜଣେ ମୃତ, ୧୧ ଗୁରୁତର

**କୋରାପୁଟ,୨୮।୫(ସ୍ୱ.ପ୍ର.)**

କୋରାପୁଟ ସଦର ଥାନା ଅଧୀନ ଦୟାନିଧିଗୁଡାରେ ଶନିବାର ରାତି ପ୍ରାୟ ୮ଟା ୪୦ରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୧ ଗୁରୁତରଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ମୃତକ ହେଲେ ମୂଷାପୁଟର ପିଙ୍କି ପ୍ରଧାନୀ (୧୮)। କୋରାପୁଟରୁ ୧୨ ଶ୍ରମିକଙ୍କୁ ନେଇ ମୂଷାପୁଟ ଗ୍ରାମକୁ ଯାଉଥିବା ଅଟୋ ଉପରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ମାଡିଯାଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ଅଟୋରେ ଥିବା ଅନ୍ୟ ୧୧ ଜଣ ଗୁରୁତର ଅଛନ୍ତି। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତରଙ୍କୁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

# କାର୍ଯ୍ୟରେ ବାଧା ଦେଇପାରିବେନି ଏଜେନ୍ସି: ପିନାକୀ

**ପୁରୀ ଅଫିସ,୨୮।୫**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ରାଜନୈତିକ ବିବାଦ ବଢୁଥିବାବେଳେ ଶନିବାର ପୁରୀ ଲୋକ ସଭା ସଦସ୍ୟ ପିନାକୀ ମିଶ୍ର ପୁରୀ ଗସ୍ତରେ ଆସି ପୁଣି ପ୍ରତିକ୍ରିୟା ରଖିଛନ୍ତି। ସେ ପରିକ୍ରମା ପ୍ରକଳ୍ପ ସମ୍ପର୍କରେ କହିଛନ୍ତି, ମହାପ୍ରଭୁଙ୍କ ଇଚ୍ଛାରେ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ବିରୋଧୀଙ୍କ କାର୍ଯ୍ୟ ହେଉଛି ବିରୋଧ କରିବା। ମହାପ୍ରଭୁଙ୍କ ନାମରେ ସ୍ୱାର୍ଥପର ରାଜନୀତି ହେଉଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲା ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ମାନ୍ୟବର କୋର୍ଟଙ୍କ ନିଷ୍ପତ୍ତି ସର୍ବମାନ୍ୟ। ଆଇନ ଅନୁସାରେ ହେଉଛି କି ବେଆଇନ ହେଉଛି, ସେସମ୍ପର୍କରେ ଆମେ କିଛି କହିଲେ କୌଣସି ଫରକ ପଡ଼ିବ ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦିନରାତି ଚାଲିଛି। କାମ ଉପରେ କୌଣସି ରୋକ୍‌ଟୋକ୍ ନାହିଁ। ସେହିଭଳି ଭାଜପା ନେତା ବିଜୟ ମହାପାତ୍ରଙ୍କ ରାଜନୀତି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିବାକୁ ଚାହୁଁନାହିଁ। ମହାପ୍ରଭୁଙ୍କ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ କୌଣସି ସ୍ୱାର୍ଥପର ଏଜେନ୍ସି ରୋକିପାରିବେ ନାହିଁ ବୋଲି ଏମ୍‌ପି ମିଶ୍ର ମନ୍ତବ୍ୟ ରଖିଛନ୍ତି। ତେବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ଏମ୍‌ପି ମିଶ୍ରଙ୍କ ପ୍ରତିକ୍ରିୟା ପରେ ଅସନ୍ତୋଷ ବଢ଼ିଛି। ପିନାକୀ ନିଜ ମନ୍ତବ୍ୟରେ ସ୍ୱାର୍ଥପର ଏଜେନ୍ସି ବୋଲି ଶବ୍ଦ ବ୍ୟବହାର କରିବା ପରେ ଏହାକୁ ଏଏସ୍‌ଆଇକୁ ସିଧାସଳଖ ଟାର୍ଗେଟ୍ ଭାବେ ଦେଖାଯାଉଛି। ପିନାକୀ ପରିକ୍ରମା ପ୍ରକଳ୍ପ ସପକ୍ଷରେ ସରକାରଙ୍କ ପକ୍ଷ ନେଇ ଭାଜପା ନେତାଙ୍କ ସହ ଟୁଇଟର୍ ଯୁଦ୍ଧ କରିଆସୁଛନ୍ତି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଅତୀତରେ ପୁରୀ ଆସି ବିନା ଜିପିଆର୍‌ଏସ୍ ଖନନକୁ ବିରୋଧ କରିବା ସହ ପିନାକୀଙ୍କୁ ପୁରୀ ଆସି ପରିକ୍ରମା ପ୍ରକଳ୍ପର ବାସ୍ତବଚିତ୍ର ସାଧାରଣ ଲୋକଙ୍କ ସାମ୍ନାରେ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

ଅନ୍ୟପକ୍ଷେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ପରିକ୍ରମା ପ୍ରକଳ୍ପ ବିରୋଧରେ ପୁଣିଥରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ, ଭବିଷ୍ୟତ, ବର୍ତ୍ତମାନ ଓ ଅତୀତକୁ ଦେଖି ନିର୍ଭୀକ ଭାବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛି। ମୋର ପ୍ରତିକ୍ରିୟା କାହା ଦ୍ୱାରା ପ୍ରଭାବିତ ନୁହେଁ। ତୀର୍ଥ ଭୂମି ଭୋଗ ଭୂମିରେ ପରିଣତ କରିବା ମଧ୍ୟ ଗ୍ରହଣୀୟ ନୁହେଁ। ଆମେ ସମସ୍ତେ ବିକାଶର ସମର୍ଥକ, ମାତ୍ର ବିକାଶ ନାମରେ ତୀର୍ଥକ୍ଷେତ୍ରର ଲୋପ ହେବା ଆଦୌ ଗ୍ରହଣୀୟ ନୁହେଁ। ମୁଁ ପୁରୀରେ ନ ଥିବାବେଳେ ଏଭଳି କାର୍ଯ୍ୟକଳାପ ଅଧିକ କରାଯାଇଥାଏ। ଓଡ଼ିଶାରେ କୌଣସି ରାଜନୈତିକ ଦଳ ଅଛି କି ବୋଲି ପ୍ରଶ୍ନ କରି ସେ କହିଛନ୍ତି, ସରକାର ଭାଜପାର ସହଯୋଗିତାରେ ଚାଲିଛି। ଏଣୁ ସରକାରୀ କାର୍ଯ୍ୟକୁ ରାଜନୈତିକ ବିରୋଧ କରାଯାଉ ନାହିଁ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

**ତୀର୍ଥଭୂମି ଭୋଗ ଭୂମିରେ ପରିଣତ ନ ହେଉ: ଶଙ୍କରାଚାର୍ଯ୍ୟ**


ପିନାକୀ ମିଶ୍ର


ନିଶ୍ଚଳାନନ୍ଦ ସରସ୍ୱତୀ



**ଆଜିର ମନ୍ତବ୍ୟ**

"ଏନ୍‌ଡିଏ ସରକାରର ୮ ବର୍ଷ ଶାସନରେ ମୁଁ ଏପରି କୌଣସି କାର୍ଯ୍ୟ କରିନାହିଁ, ଯଦ୍ୱାରା ଦେଶର ନାଗରିକମାନେ ଲଜ୍ଜିତ ହେବେ।- **ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ମନିଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ଘରେ ମୁଁ ରହିବି ନାହିଁ
ତାଟିକିଲା ମାଡ଼ ସହିବି ନାହିଁ ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ, ସେ ଘର ପ୍ରତି ବ୍ୟକ୍ତିର ମୋହ ମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡ଼ିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକଆଖିଆ କଣା
ତା'ର ନାହିଁ ବୁଝାମଣା ।**

କଣାର ଗୋଟିଏ ଆଖି। ଯେଉଁ ପଟର ଆଖି ଥାଏ ସେ ସେଇ ପଟକୁ ଭଲ ଦେଖିପାରେ ଏବଂ ସେଇ ପଟର କଥା ଚିନ୍ତା କରିଥାଏ। ଅନ୍ୟ ପଟ ଦେଖିବାପାଇଁ ହେଲେ ମୁହଁ ବୁଲେଇବାକୁ ପଡେ। ପରୋକ୍ଷରେ ଭଲମନ୍ଦ ବିଚାର ନ କରି ଗୋଟିଏ ଦିଗକୁ ଦୃଷ୍ଟିରେ ରଖି ବା ଚିନ୍ତା କରି ଏକପାଖିଆ ନିଷ୍ପତ୍ତି ନେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଅବହେଳାରୁ ସିଂହୀ ...

**ପ୍ରଥମ ପୃଷ୍ଠାରୁ...**

ଝାଡ଼ା ପରିସ୍ରା କରିଦେଇଥିବା ଦେଖିବାକୁ ମିଳିଥିଲା। ଏହି ମୃତ୍ୟୁ ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରାଯାଉଛି। କାରଣ ଭାରତ ସରକାରଙ୍କ ସ୍ନେକ୍ ବାଇଟ୍ ମ୍ୟାନେଜମେଣ୍ଟ ପ୍ରୋଟୋକଲ ୨୦୦୭ ଅନୁସାରେ, ବିଷଧର ସାପ କାମୁଡ଼ିଲେ ପ୍ରଥମ ଡୋଜ୍‌ରେ ୧୦ ଭାଏଲ୍ ଆଣ୍ଟିଭେନମ୍ ଦେବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ମାତ୍ର ନନ୍ଦନକାନନରେ ଷ୍ଟକ୍ ନ ଥିବାରୁ ମାତ୍ର ୩ ଭାଏଲ ଆଣ୍ଟି ଭେନମ୍ ଦିଆଯାଇଥିଲା। ଫଳରେ ସିଂହୀଟିର ଅକାଳରେ ମୃତ୍ୟୁ ଘଟିଥିବା ଜଣାପଡିଛି। ପୁଣି ଚିତି ସାପ କାମୁଡ଼ିଲେ ଉତ୍କଟ ନ୍ୟୁରୋ ଟକ୍ସିକ୍ ବିଷ ରକ୍ତଦ୍ୱାରା ଶରୀରକୁ ବ୍ୟାପିଯାଇଥାଏ। ଠିକ୍ ସମୟରେ ଆଣ୍ଟିଭେନମ୍ ଦିଆ ନ ଗଲେ ମୃତ୍ୟୁ ନିଶ୍ଚିତ ହୋଇଥାଏ। ଇଞ୍ଜେକ୍ସନ ଦେବାରେ ବିଳମ୍ବ ହୋଇଥିବା ମଧ୍ୟ କୁହାଯାଉଛି। ନନ୍ଦନକାନନର ଉପନିର୍ଦ୍ଦେଶକ ସଞ୍ଜୀତ କୁମାର ସିଂହୀକୁ ମାତ୍ର ୩ ଭାଏଲ ଆଣ୍ଟିଭେନମ ଦିଆଯାଇଥିବା ସ୍ୱୀକାର କରିଛନ୍ତି। ତେବେ ଆବଶ୍ୟକ ଇଞ୍ଜେକ୍ସନ ମହଜୁଦ ନ ଥିବା ସମ୍ପର୍କରେ ସେ କହିଛନ୍ତି, ଆଣ୍ଟିଭେନମ ମେଡିସିନଗୁଡ଼ିକ ଖୁବ୍‌କମ୍ ଦିନରେ ଏକ୍ସପାୟରି ହୋଇଥାଏ। ତେବେ ଏହାକୁ ଦୃଢ଼ ଭାବରେ ଖଣ୍ଡନ କରିଛନ୍ତି, ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ତଥା ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ। ସେ କହିଛନ୍ତି, ଆଣ୍ଟିଭେନମଗୁଡ଼ିକ ଠିକ୍ ସଂରକ୍ଷଣରେ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ରହିଥାଏ। ମାତ୍ର ନନ୍ଦନକାନନ ଉପନିର୍ଦ୍ଦେଶକ ଜଣେ ପ୍ରାଣୀ ଚିକିତ୍ସକ ହୋଇ ମଧ୍ୟ ଏଭଳି ବିଭ୍ରାନ୍ତିକର କଥା କହି ଦୋଷ ଲୁଚାଇଛନ୍ତି। ପ୍ରକୃତ କଥା ହେଲା, ନନ୍ଦନକାନନରେ ଆଣ୍ଟିଭେନମ ଷ୍ଟକ ନ ଥିଲା, ଯାହାକୁ ଲୁଚାଇବା ପାଇଁ ସେ ବିଫଳ ପ୍ରୟାସ କରିଛନ୍ତି। ଆଗକୁ ଏପରି ଘଟଣାର ପୁନରାବୃତ୍ତି ଯେଭଳି ନ ହେବ ସେଥିପାଇଁ ଅତି କମ୍‌ରେ ୩୦ ଭାଏଲ୍ ଆଣ୍ଟିଭେନମ ଷ୍ଟକ୍ ମହଜୁଦ ରଖାଯାଉ। ନନ୍ଦନକାନନରେ ଅହିରାଜ ସାପ ଥିବାରୁ ଥାଇଲାଣ୍ଡରୁ ସ୍ୱତନ୍ତ୍ର କିଙ୍ଗ କୋବ୍ରା ଆଣ୍ଟିଭେନମ ମଧ୍ୟ ତୁରନ୍ତ ଅଣାଯାଇ ମହଜୁଦ ରଖାଯାଉ। ନ ହେଲେ ଯଦି କେବେ କେଉଁ ପ୍ରାଣୀ ରକ୍ଷକଙ୍କୁ ଅହିରାଜ କାମୁଡ଼ିଲା, ସେ ଆଉ ବଞ୍ଚିବେ ନାହିଁ। କାରଣ ଭାରତରେ ଅହିରାଜ ଆଣ୍ଟିଭେନମ୍ ମିଳେ ନାହିଁ। ସେପଟେ ଏହି ଘଟଣାକୁ ନେଇ ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ରର ମୁଖ୍ୟ ପୁରବୀ ପାତ୍ର ନନ୍ଦନକାନନ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଜନ୍ତୁ ବିଭାଗର ରେଞ୍ଜର ଓ ଦାୟିତ୍ୱରେ ଥିବା ଭେଟେରିନାରି ଡାକ୍ତରଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି, ଓୟୁଏଟି ଭେଟେରିନାରୀ ବିଶେଷଜ୍ଞଙ୍କ ଦ୍ୱାରା ମୃତ ସିଂହୀର ବ୍ୟବଚ୍ଛେଦ କରାଯାଇଛି। ହେଲେ ଓୟୁଏଟିରେ ଥିବା ସେଣ୍ଟର ଫର୍ ୱାଇଲ୍ଡ ଲାଇଫ୍ ହେଲ୍‌ଥକୁ ନନ୍ଦନକାନନ ପକ୍ଷରୁ ବର୍ଷକୁ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦିଆଯାଉଛି। ତେଣୁ ନନ୍ଦନକାନନର କୌଣସି ଭୁଲ୍ ଓୟୁଏଟି ପଦାକୁ ଆଣୁନାହିଁ। ସାପ କାମୁଡା ଏକ ମେଡିକୋ ଲିଗାଲ କେସ୍ ହୋଇଥିବାରୁ ପୋଲିସ ଏହି ଘଟଣାର ତଦନ୍ତ କରିବା ନିହାତି ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ତେଣୁ ଅବହେଳା ସହ ପରୋକ୍ଷରେ ସିଂହୀ ମୃତ୍ୟୁ ପାଇଁ ନନ୍ଦନକାନନରେ ଚାଲିଥିବା ବ୍ୟାପକ ଦୁର୍ନୀତିକୁ ମଧ୍ୟ ଦାୟୀ କରାଯାଉଛି। ପୂର୍ବରୁ ଠିକା କର୍ମଚାରୀଙ୍କ ପିଏଫ୍‌ଏ ଟଙ୍କା, ବିନା ଜିଏସ୍‌ଟି ବିଲ୍ ଦେଇ ବ୍ୟାପକ ସାମଗ୍ରୀ କ୍ରୟ, ଆଡ୍‌ମିନିଷ୍ଟ୍ରେଟିଭ୍ ବ୍ଲକ ଓ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ ଆଦିରେ ବ୍ୟାପକ ଦୁର୍ନୀତି ହୋଇଥିବା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ଭିତ୍ତି କରି ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ଭିଜିଲାନ୍ସ ବିଭାଗ ନନ୍ଦନକାନନରେ ଚାଲିଥିବା ବ୍ୟାପକ ଆର୍ଥିକ ଦୁର୍ନୀତିର ତଦନ୍ତ ଭାର ନେଇଥିଲା। ପରେ କରୋନା କଟକଣା ଯୋଗୁ ତଦନ୍ତ ପ୍ରକ୍ରିୟା ବ୍ୟାହତ ହୋଇଥିଲା।

## ନନ୍ଦନକାନନ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଥାନାରେ ଅଭିଯୋଗ

ସାପ କାମୁଡାରେ ଆଫ୍ରିକୀୟ ସିଂହୀ ଗଙ୍ଗାର ମୃତ୍ୟୁ ଘଟଣା ଓ ଜୀବଜନ୍ତୁଙ୍କ ସୁରକ୍ଷା ନେଇ ଆନିମଲ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ନନ୍ଦନକାନନ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଟ୍ରଷ୍ଟ ମୁଖ୍ୟ ପୁରବୀ ପାତ୍ର ଦେଇଥିବା ଏତଲାରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ଅଭିଯୋଗ ପାଇଛୁ। ଷ୍ଟେଶନ ଡାଏରି କରି ତଦନ୍ତ କରାଯିବ।

## ୨ରୁ ଯୁକ୍ତ୨ ଖାତା ...

ସେମାନଙ୍କୁ ସୂଚିତ କରାଯାଇଛି। ମୂଲ୍ୟାୟନ ଲାଗି ୧୨ହଜାରରୁ ଅଧିକ ଅଧ୍ୟାପକଙ୍କୁ ନିଯୁକ୍ତ କରାଯିବ। ଏଥିରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ପ୍ରତି କେନ୍ଦ୍ରରେ ସିସିଟିଭି ଲଗାଯାଇଛି। ତ୍ରୁଟି ବିଚ୍ୟୁତି ଯେପରି ନ ହେବ ତାହାର ବ୍ୟବସ୍ଥା କରାଯାଇଛି। ଇ-ମୂଲ୍ୟାୟନ ହେବାକୁ ଥିବା କେନ୍ଦ୍ରରେ ଏସି ଲଗାଇବା ବାଧ୍ୟତାମୂଳକ ହୋଇଛି। ଏଥର ଯୁକ୍ତ୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବିଷୟରେ ରାଜ୍ୟରେ ମୋଟ ୩ ଲକ୍ଷ ୨୦ ହଜାର ପିଲା ବୋର୍ଡ ପରୀକ୍ଷା ଦେଇଥିବା ସୂଚନା ଦିଆଯାଇଛି। ଏପ୍ରିଲ ୨୮ରୁ ଆରମ୍ଭ ହୋଇଥିବା ଯୁକ୍ତ ୨ ପରୀକ୍ଷା ଜୁନ ୪ରେ ସରିବ। ପରୀକ୍ଷା ଶେଷ ହେବା ପୂର୍ବରୁ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ କରିବାକୁ ପରିଷଦ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଶେଷ ହୋଇଥିବା ବିଷୟଗୁଡ଼ିକର ମୂଲ୍ୟାୟନ ପ୍ରଥମ ପର୍ଯ୍ୟାୟରେ କରାଯିବ। ବାକି ଖାତାଗୁଡ଼ିକର ମୂଲ୍ୟାୟନ ଦ୍ୱିତୀୟ ପର୍ଯ୍ୟାୟରେ ସରିବ। ସମ୍ପୂର୍ଣ୍ଣ ବିଷୟଗୁଡ଼ିକର ମୂଲ୍ୟାୟନ ଲାଗି ୨୪ରୁ ୨୬ଦିନ ଲାଗିବ, ଅର୍ଥାତ୍ ଜୁନ୍ ୨୦ ଭିତରେ ଖାତାଦେଖା ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଫଳରେ ପରବର୍ତ୍ତୀ ସମୟରେ ମୂଲ୍ୟାୟନର ଅନ୍ୟାନ୍ୟ ପ୍ରକ୍ରିୟା ଶେଷକରି ଜୁଲାଇ ପ୍ରଥମ ସପ୍ତାହରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗର ପରୀକ୍ଷା ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଉଲ୍ଲେଖଯୋଗ୍ୟ, କରୋନା ଯୋଗୁ ଗତ ଦୁଇବର୍ଷ ହେବ ଯୁକ୍ତ୨ ପରୀକ୍ଷା କରାଯାଇ ପାରି ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ବିନା ପରୀକ୍ଷାରେ ଫଳ ପ୍ରକାଶ କରାଯାଇଥିଲା। ତେବେ ଏବର୍ଷ କରୋନାରେ ସୁଧାର ଆସିବା ପରେ ପରୀକ୍ଷା କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ।

## ବିଳମ୍ବ ହୋଇପାରେ...

ମାଲକାନଗିରି ୪୧, ସୋନପୁର ୪୦.୬, ବୌଦ୍ଧ ୪୨, ପାରଳାଖେମୁଣ୍ଡି ୪୧.୫, ବରଗଡ଼ରେ ୪୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଉତ୍ତର ଓଡ଼ିଶା ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨ ଦିନ ରାଜ୍ୟର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ରବିବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସେହିପରି ସୋମବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ଗଜପତି, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।


# classifieds Everyday
0674-2580101, 2549302



## BRIDE WANTED

ଚାକିରି କରିଥିବା ପୁଅ ଦ୍ୱିତୀୟ ବିବାହ ପାଇଁ ପାତ୍ରୀ ଆବଶ୍ୟକ। Mob: 7978037485. D-581

## GROOM WANTED

38 ବୟସ, (୫'୪'' ଉଚ୍ଚତା) ସରକାରୀ Teacher, ଦରମା 54ହଜାର ମହିଳା ହେତୁ ବର ଦରକାର। ଘରଜ୍ୱାଇଁଙ୍କୁ ପ୍ରାଥମିକତା। ସଭିଜାତି ସଭିମାନ୍ୟ ଅଟନ୍ତି। ଯୋଗାଯୋଗ- 7693046665. D-558



## SALE

Renault Kiger Rxz Amt. Brown Colour 1100km 35 days. Mob: 8480204021. D-586



## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Bhubaneswar Retanga Station ପାଖରେ 30ft. ରୋଡ୍ ଥାଇ 5000sqft. plot- 35,00,000/-ରେ ବିକ୍ରିହେବ। (registration/ boundary free). 9938016295. D-73252

Freehold land 1st corner plot 19906, 2nd plot 6534sqft. with boundary, landmark Malatipatapur Waterpark ମୌଜା- କଞ୍ଚିଶାସନ, RI- ମୋରଡ଼ପଡ଼ା, Tahasil-Puri. Contact: 9437184488. D-73806

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73804

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-574

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। **8658219495.** D-487

ଭୁବନେଶ୍ୱର-ପୁରୀ ବାଇପାସ୍ ରୋଡ୍‌ରେ ବାଙ୍କୁଆଲ ମୌଜାରେ ଘରବାରି ପ୍ଲଟ୍ ମିଳୁଅଛି। ଯୋଗାଯୋଗ- **8328992008, 9827339640 few plot available.** D-596

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ 1700/- per sqft., 1200/- per sqft. ଓ ଦାଶପୁରରେ 800/- per sqft. Contact: 9348549059, 06747964979. D-71997

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

3BHK duplex corehouse 20,00,000/- Hanspal (Bainchua) finance available- 8093465134, 9668194157. D-73321

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-525

7 Guntha Gharabari SC land near Salepur , Highway side . Clear title. SC customers only. Brokers Excuse . Owner contact: 9900677338 / 7829553888. D-593

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-524

**Luxurious 2/3BHK Apartment sale in Hanspal, Palasuni and duplex in Kalarahanga. 8763887357, 7992736330.** D-73246

Plot for sale near to Gopinathpur, Puri. 1. ଜଗନ୍ନାଥ ମନ୍ଦିର ଠାରୁ 4 କିଲୋମିଟର ଦୂରରେ 2. ଏୟାରପୋର୍ଟ ଠାରୁ 7 କିଲୋମିଟର ଦୂରରେ 3. ସମୁଦ୍ର ଠାରୁ 4 କିଲୋମିଟର ଦୂରରେ 4. ମେଡିକାଲ ଛକ ଠାରୁ 3 କିଲୋମିଟର ଦୂରରେ 5. ସେତୁ ରୋଡ୍ ଠାରୁ 200 ମିଟର ଦୂରରେ 6. ନୂଆ ବସ୍‌ଷ୍ଟାଣ୍ଡ ଠାରୁ 200 ମିଟର ଦୂରରେ 7. ରେଲୱେ ଷ୍ଟେସନ ଠାରୁ 4 କିଲୋମିଟର ଦୂରରେ 8. ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ 4 କିଲୋମିଟର ଦୂରରେ ରହିଛି। ଇଚ୍ଛୁକ ବ୍ୟକ୍ତିମାନେ ନିମ୍ନ ନମ୍ବରରେ ଯୋଗାଯୋଗ କରିପାରିବେ। Phone No.- 7991057729, 7873757833. D-585



**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

**Build your dream house at Bhubaneswar with or without materials by Narayan Construction with best quality. Contact: 9777005005.** D-335

## GENERAL

## SALE

ୱାର୍ଲ୍ଡ ଭିଜନ ଇଣ୍ଡିଆ, ଏଡିପି, ସମ୍ବଲପୁର ଅଫିସ ଦ୍ୱାରା ୬ଟି ପୁରୁଣା ଓ ବ୍ୟବହାର୍ଯ୍ୟ ସାମ୍‌ସଙ୍ଗ ସ୍ମାର୍ଟଫୋନ୍- **J6 & J7** ବିକ୍ରି କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୦୩।୦୬।୨୦୨୨ ତାରିଖ ସୁଦ୍ଧା ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। **World Vision, ADP Sambalpur, Plot No.-3087, Chaitanya Nagar, near St. John School Chowk, Sambalpur- 768001, 0663-2548530.** D-583



For Shop, 400sqft. with Wash room, Dumuduma H.B. Phase-II, Bhubaneswar. Contact: 9090780002, 9437000974. D-73322

5000sqft. Open space on rent at NH.316 near Sai Temple, Gudiapokhari, Contact: 9861067745/ 8093280650. D-590

2BHK for rent 118-Ratnakarbag-1 Tankapani road, BBSR, Mob: 8130423291. D-577

1 BHK for rent Santiapartment, near Laxmi Talkies, Puri 7022870378. D-592

3Bedrooms with 2Toilets, Dining and Drawing, Balcony and Kitchen for Tolet, IRC Village, Nayapalli, Bhubaneswar. Contact No.- 7381035667. D-73808

Three Bedroom Duplex with kitchen Garage, Drawing, Three Toilet for rent near Sum Hospital, Bhubaneswar. Contact: 8249595404. D-582

2BHK with garage near Tankapani Road, Siridisai Temple. Contact: 7008860369. D-71640



**Relax, Refresh your body, mind at Saikrupa Spa with best therapies. 8984068077.** D-488

Mesmerizing, energetic body, mind qualitative relaxing massage experienced therapists. 9668374480. D-73609

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73807

Refreshing your mind and body with the best therapy, 7873794731. D-317



**Institute of Astroguide**ର ନିଜସ୍ୱ ପ୍ରସ୍ତୁତ ଜାତକଗଣନା ଓ ପ୍ରତିକାର ବ୍ୟବହାର କରି ଘରେ ବସି ମାସକୁ **30,000** ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ସଂସ୍ଥା ଦ୍ୱାରା ସମସ୍ତ ପ୍ରଚାର ପ୍ରସାର ପରିଚାଳନା କରାଯିବ। ଜ୍ୟୋତିଷ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଯୋଗାଯୋଗ- ମହାମାହୋପାଧ୍ୟାୟ ପଣ୍ଡିତ ଗଣେଶ ଶାସ୍ତ୍ରୀ, ବରମୁଣ୍ଡା, ଭୁବନେଶ୍ୱର। **7008510005, 9437932751.** D-73805

## AFFIDAVIT



By virtue of an affidavit before Notary, Bhubaneswar I Swagatika Dalbehera, D/o- Purnachandra Dalbehera and Minakumari Choudhury residing at Markandeswara Sahi, Sagadia Lane, Puri affirm that my actual name is Swagatika Dalabehera, D/o- Purnachandra Dalabehera and Minakumari Choudhury and not Swagatika Dalbehera, D/o- Purnachandra Dalbehera and Minakumari Choudhury for all purposes. D-69064

I, Sukanya Tripathy D/o Shashikanta Tripathy born on 14.02.1999 residing at Balipokhari, Paramanandapur, Akhuapada, Bhadrak, Odisha, Pin-756122, have changed my name to Sukanya Shashikanta Tripathy vide affidavit dated 28.05.2022 at Cuttack. D-594

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣାଦି ଉନ୍ନତ ମାନର ରହିବ। ଆନୁଷ୍ଠାନିକ କାମରେ କଳା, ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସିତ ହେବେ। ପାରିବାରିକ ସ୍ତରରେ ପିଲାଙ୍କ କଥାକୁ ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ନୂତନ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ**



ଆପଣଙ୍କ ଭୁଲ୍ ନିଷ୍ପତ୍ତି କାମରେ ଦ୍ୱନ୍ଦ୍ୱ, ପରିବାରରେ ଅଶାନ୍ତି ଓ ଅର୍ଥପ୍ରାପ୍ତିରେ ସମସ୍ୟା ସୃଷ୍ଟି କରିବ। ଇଚ୍ଛା ନ ଥିଲେ ମଧ୍ୟ ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଅପ୍ରିୟ ସତ୍ୟ ଭାଷଣରୁ ବିରତ ରହିବା ଭଲ ହେବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ**



ଆର୍ଦ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ପାରିବାରିକ କଳହ କାରଣରୁ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତାରେ ମନ ଉଣା ରହିବ। ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବା ସାଙ୍ଗକୁ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ସାମାଜିକ ସ୍ତରରେ ପରିସ୍ଥିତିକୁ ଦେଖି ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ।

**କର୍କଟ**



ବିଭିନ୍ନ ପ୍ରକାରର ନକାରାତ୍ମକ ଭାବନା ମନକୁ ବିଷାକ୍ତ କରିବାର ସୂଚନା ରହିଛି। ବହୁ ପୂର୍ବରୁ ଚିନ୍ତା କରିଥିବା ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ସିଂହ**



ପରିସ୍ଥିତିର ଭାରସାମ୍ୟ ରକ୍ଷା କରିବାକୁ ମିଥ୍ୟାଳାପ କରିବାକୁ ପଡିପାରେ। ଖଳ ଲୋକଙ୍କ କଥାରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିବ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ଏଜେନ୍‌ସିପ୍, ସାମ୍ବାଦିକତାରୁ ଖୁସି ରହିବେ। ବାଣିଜ୍ୟ ଓ ପରିବହନରେ କ୍ଷେତ୍ରରେ ସମସ୍ୟା ବଢ଼ିଯାଇପାରେ।

**କନ୍ୟା**



ସକାଳୁ ବନ୍ଧୁଙ୍କ ନିକଟରୁ ଶୁଭଖବର ପାଇ ମନ ଖୁସି ହୋଇଯିବ। ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ହୋଇଯିବାର ଆଶା ରହିଛି। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ସାମୟିକ ମାନସିକ ଅସ୍ଥିରତା ଦେଖାଦେବ। ସମ୍ପର୍କୀୟମାନେ ସମ୍ମୁଖରେ ଭଲ ଭଲ କଥା କହି ପରୋକ୍ଷ ଶତ୍ରୁତା କରିବା ଯୋଗୁଁ ବିଚଳିତବୋଧ କରିବେ।

**ତୁଳା**



ଆଜି ଆପଣଙ୍କ ସକାଶେ ଏକ ସ୍ମରଣୀୟ ଦିବସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି କିଛି ଅସୁବିଧା ପରିଲକ୍ଷିତ ହୁଏ, ତାହା ନିଜ ଦୋଷରୁହିଁ ହେବାର ଆଶଙ୍କା ରହିଛି। ଘର ପାଇଁ ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା**



ଆଜି ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ବାଧ ହେବେ। କିନ୍ତୁ ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟପାଲଟ ହୋଇଯାଇପାରେ। କର୍ମକ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖିବା ଫଳରେ ବିଳମ୍ବରେ ସଫଳତା ପାଇବେ। ସେବା ଓ ପରୋପକାର ହେତୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ସନ୍ତାନହେତୁକ ଚିନ୍ତା ଦୂର ହେବ।

**ଧନୁ**



ଦିନଭରି ମନ ପ୍ରଫୁଲ୍ଲ ରହିବ ଓ ଯେମିତି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ହେବ ନାହିଁ। ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହୋଇପାରନ୍ତି। ମତାନ୍ତର ଜନିତ ପାରିବାରିକ ସ୍ତରରେ ଟେନ୍‌ସନ୍ କିଛି ମାତ୍ରାରେ ବଢ଼ିଯିବାର ସୂଚନା ରହିଛି। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**ମକର**



ଆଜିର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପ୍ରାୟତଃ ସ୍ୱାଭାବିକ ରହିବ। କୌଣସି ପରିସ୍ଥିତିରେ ମଧ୍ୟ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଅସୁବିଧାରେ ପଡ଼ିପାରନ୍ତି। ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିପାରେ। ନୂତନ ନିଯୁକ୍ତିର ସୂଚନା ବନ୍ଧୁଙ୍କ ନିକଟରୁ ପାଇବାର ଆଶା ରହିଛି।

**କୁମ୍ଭ**



ବନ୍ଧୁଙ୍କୁ ସାହାଯ୍ୟ କରି ଆତ୍ମତୃପ୍ତି ଲାଭ କରିପାରନ୍ତି। ସଭା ସମିତି, ବନ୍ଧୁ ଗହଣରେ ଗାମ୍ଭୀର୍ଯ୍ୟ ରକ୍ଷାକଲେ ତାହା ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇପାରିବ। ନିଜେ କଷ୍ଟ ଅନୁଭବ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ନିଜର ଫାଇଦା ହାସଲ ସକାଶେ ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ**



ଆଜି କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ବନ୍ଧୁମାନଙ୍କୁ ଆପ୍ୟାୟିତ କରି ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ଭଲ ରହିବ ନ ପାରେ ଏବଂ ମାନସିକ ସ୍ତରରେ ଦୁର୍ଭାବନା ବଢ଼ିଚାଲିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ପରିଜନଙ୍କ ସହ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଅଭିନେତା ସୋନୁ ସୁଦ୍‌ଙ୍କୁ ଭାରତୀୟ ହକି ଟିମ୍‌ର ଜର୍ସି ଉପହାର ଦେଉଛନ୍ତି।

# ବିକାଶ ନାଁରେ ରାଜଧାନୀ ହେବ ବୃକ୍ଷଶୂନ୍ୟ

## ବିଧାୟକଙ୍କ ଅଟ୍ଟାଳିକା ପାଇଁ କଟା ଚାଲିଛି ୭୮୦ ଗଛ

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ଉନ୍ନୟନମୂଳକ କାର୍ଯ୍ୟ ପାଇଁ ରାଜଧାନୀ ଭୁବନେଶ୍ୱରରେ ଗଛକଟା ଚାଲିଛି। ପଚାଶ ବର୍ଷରୁ ଊର୍ଦ୍ଧ୍ୱ ବିଶାଳକାୟ ଗଛକୁ ମଧ୍ୟ କାଟି ପଦା କରି ଦିଆଯାଉଛି। ବିକାଶ ବାହାନାରେ ଜଙ୍ଗଲ ବିଭାଗ ମଧ୍ୟ ଅନୁମତି ଦେଉଛି। ଏଭଳିଧାରା ଜାରିରହିଲେ ଅଳ୍ପ ବର୍ଷ ଭିତରେ ଭୁବନେଶ୍ୱର ବୃକ୍ଷଶୂନ୍ୟ ହୋଇପଡ଼ିବ। ସବୁଜିମା ଭରା ଭୁବନେଶ୍ୱର କଂକ୍ରିଟ ସହରରେ ପରିଣତ ହେବ। ଏବେ ଅସହ୍ୟ ତାପମାତ୍ରାରେ ସହରବାସୀ ଛଟପଟ ହେଉଥିବାବେଳେ ଆଗକୁ ମୁଣ୍ଡ ଗୁଞ୍ଜିବା ପାଇଁ ସହରରେ ଗଛଟିଏ ନ ଥିବ। ଏବେ ବିଧାୟକଙ୍କ ଅଟ୍ଟାଳିକା ନିର୍ମାଣ ପାଇଁ ବହୁ ବର୍ଷର ପୁରୁଣା ଗଛକୁ କଟାଚାଲିଛି। ଏହାକୁ ନେଇ ପରିବେଶବିତ୍ ଓ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ବିଧାୟକ ଓ ସରକାରୀ କର୍ମଚାରୀଙ୍କୁ ୩ଶହ ସୌଖୀନ ଫ୍ଲାଟ୍ ଯୋଗାଇଦେବା ପାଇଁ ୟୁନିଟ-୪ସ୍ଥିତ ଏମ୍‌ଏଲ୍‌ଏ କଲୋନୀରେ ୭୮୦ ବୃହତ୍‌କାୟ ଗଛକୁ କାଟିବା ଲାଗି ଜଙ୍ଗଲ ବିଭାଗ ଅନୁମତି ଦେଇଛି। ଇତିମଧ୍ୟରେ ଓସ୍ତ, ଚମ୍ପା, ପଣସ, କରଞ୍ଜ, ବେଲ, କଦମ୍ବ, ଦେବଦାରୁ, ରାଧାଚୂଡ଼ା, କୃଷ୍ଣଚୂଡ଼ା ଆଦି ପ୍ରାୟ ୪ଶହ ଗଛ କଟାଯାଇ ସରିଲାଣି। ଏହା ବଦଳରେ ଗୋଟିଏ ବି ଗଛ ଲଗାଯାଇ ନାହିଁ। ଜଙ୍ଗଲ ବିଭାଗର ସୂଚନା ଅନୁଯାୟୀ, ଗତ ୫ବର୍ଷ ମଧ୍ୟରେ ଏଭଳି ୧ଲକ୍ଷରୁ ଊର୍ଦ୍ଧ୍ୱ ଗଛ ନଷ୍ଟ ହୋଇଛି। ସେଥି ମଧ୍ୟରୁ ରାସ୍ତାଘାଟ, ପୋଲ, ବିଭିନ୍ନ ସରକାରୀ କୋଠା ନିର୍ମାଣ ପାଇଁ ୮ହଜାର ଗଛ କଟାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ବେସରକାରୀ ସୂତ୍ର ଅନୁଯାୟୀ ଏହି ସମୟ ମଧ୍ୟରେ ସହରରୁ ପ୍ରାୟ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଗାଏବ ହୋଇଯାଇଛି। କିନ୍ତୁ ବିଡମ୍ବନା ଯେ, ଏତେ ସଂଖ୍ୟାରେ ଗଛ କଟାଯାଉଥିଲେ ମଧ୍ୟ ସେହି ଅନୁପାତରେ ବୃକ୍ଷରୋପଣ ହେଉନାହିଁ। ଏହାର ପରିଣାମ ସହରବାସୀଙ୍କୁ ଭୋଗିବାକୁ ପଡୁଛି ବୋଲି ପରିବେଶବିତ୍‌ମାନେ କହିଛନ୍ତି।

ବିଧାୟକଙ୍କ ଲାଗି ନିର୍ମାଣ ହେବାକୁ ଥିବା ବହୁତଳ ଅଟ୍ଟାଳିକା ପାଇଁ ଗଛକଟା ସମ୍ପର୍କରେ ସିଟି ଡିଏଫ୍‌ଓ ଯଶୋବନ୍ତ ବରିହା କହିଛନ୍ତି, ବିକାଶମୂଳକ କାର୍ଯ୍ୟ ପାଇଁ ଗଛକଟା ହେବ। ଏହାର କ୍ଷତିପୂରଣ ବାବଦରେ ପ୍ରକଳ୍ପ କାମ ହାତକୁ ନେଇଥିବା ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକ୍‌ଶନ କର୍ପୋରେଶନ (ଓବିସିସି) ୬୮ଲକ୍ଷ ଟଙ୍କା ଜମା କରିଛି। ବିକାଶ ସହିତ ପରିବେଶକୁ ମଧ୍ୟ ଧ୍ୟାନ ଦିଆଯିବ। ଏହାର କ୍ଷତିପୂରଣ ପାଇଁ ପାତ୍ରପଡ଼ାଠାରେ ୧୨ହଜାର ଗଛ ଲଗାଯିବ। କେବଳ ଗଛ ନୁହେଁ, ବିଭିନ୍ନ କାରଣରୁ ସହରରେ ତାତି ବଢୁଥିବା ସେ ସଫେଇ ଦେଇଛନ୍ତି।



## ବରମୁଡା ଟ୍ରାଏଙ୍ଗଲ: ଜାହାଜ ଉଭାନ ହେଲେ ଅର୍ଥ ଫେରସ୍ତ ପ୍ରତିଶ୍ରୁତି

ନ୍ୟୁୟର୍କ, ୨୮।୫



ଆମେରିକାରେ ଥିବା ଏକ ଟ୍ରାଭେଲ ଏଜେନ୍ସି 'ଦି ଆନ୍‌ସିଏଣ୍ଟ ମିଷ୍ଟେରିଅସ୍ କ୍ରୁଜ୍' ଅଜବ ଧରଣର ବିଜ୍ଞାପନ ଦେଇ ଚର୍ଚ୍ଚାକୁ ଆସିଛି। ଅନେକ ଜାହାଜ ସହ ହଜାର ହଜାର ସଂଖ୍ୟାରେ ଲୋକେ ଉଭାନ ହୋଇଥିବା ରହସ୍ୟମୟ ବରମୁଡା ଟ୍ରାଏଙ୍ଗଲକୁ ଏକ କ୍ରୁଜ୍ ୨୦୨୩ ମାର୍ଚ୍ଚରେ ଯାତ୍ରୀଙ୍କୁ ଧରି ଯିବ ବୋଲି ଏଥିରେ କୁହାଯାଇଛି। ଏହି ଜାହାଜ ନିଖୋଜ ହେବାର ଆଶଙ୍କା କ୍ଷୀଣ ବୋଲି ଏଜେନ୍ସି ଶତପ୍ରତିଶତ ଗ୍ୟାରେଣ୍ଟି ଦେଇଛି। ଏହାବାଦ ଦୁର୍ଘଟଣା ଘଟିଲେ ସମସ୍ତ ଅର୍ଥ ଫେରସ୍ତ କରାଯିବ ବୋଲି କମ୍ପାନୀ କହିଛି। ଜାହାଜରେ କେବିନ୍ ପିଛା ଯାତ୍ରୀଙ୍କୁ ପ୍ରାୟ ୧.୪୨ ଲକ୍ଷ ଟଙ୍କା ଦେବାକୁ ପଡ଼ିବ।

ଆଟଲାଣ୍ଟିକ୍ ମହାସାଗରରେ ପ୍ରାୟ ୪ ଲକ୍ଷ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିବା ଏକ ତ୍ରିକୋଣୀୟ ସ୍ଥାନ ହେଉଛି ବରମୁଡା ଟ୍ରାଏଙ୍ଗଲ। 'ଡେଭିଲ ଟ୍ରାଏଙ୍ଗଲ' ଭାବେ ପରିଚିତ ଏହି ରହସ୍ୟମୟ ସ୍ଥାନରେ ଗତ ୧୦୦ ବର୍ଷ ମଧ୍ୟରେ ପ୍ରାୟ ୭୫ ଉଡ଼ାଜାହାଜ ଏବଂ ଶତାଧିକ ଛୋଟବଡ଼ ଜାହାଜ ଗାଏବ ହୋଇଯାଇଛି। ୧୯୪୫ରେ ଆମେରିକା ନୌସେନାର ୫ ଜାହାଜ ନିଖୋଜ ହେବା ପରେ ଏହାର କାରଣ ଜାଣିବା ପାଇଁ ଆଉ ଏକ ଶିପ୍ ଯାଇଥିଲା। କିନ୍ତୁ ତାହା ମଧ୍ୟ ରହସ୍ୟମୟ ଭାବେ ଗାଏବ ହୋଇଯାଇଥିଲା। ୨୦୧୭ ମେ'ରେ ୨୪ ହଜାର ଫୁଟ୍ ଉଚ୍ଚତାରେ ଉଡୁଥିବାବେଳେ ଏକ ପ୍ରାଇଭେଟ ବିମାନ ରାଡାରରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ତାହା ଡେଭିଲ ଟ୍ରାଏଙ୍ଗଲରେ ନିଖୋଜ ହୋଇଯାଇଥିଲା। କୃତ୍ରିମ ତ୍ରୁଟି ଯୋଗୁ ଏଠାରେ ବିମାନ ଏବଂ ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଥିବାବେଳେ କେହି କେହି ସେଠାରେ କୌଣସି ସୁପରନ୍ୟାଚୁରାଲ ବା ଅଲୌକିକ ଶକ୍ତି ଥିବାରୁ ଏଭଳି ଘଟୁଥିବା ଦାବି କରିଥାନ୍ତି। ଏପରି କି ଏହା ଏଲିଅନଙ୍କ କାମ ହୋଇଥାଇପାରେ ବୋଲି ମଧ୍ୟ ଚର୍ଚ୍ଚା ହୋଇଥାଏ। ତେବେ ବୈଜ୍ଞାନିକମାନେ ଅଦ୍ୟାବଧି ବରମୁଡା ଟ୍ରାଏଙ୍ଗଲରେ ଜାହାଜ ଏବଂ ବିମାନ ନିଖୋଜ ହେବା ପଛର ପ୍ରକୃତ ରହସ୍ୟ ଭେଦ କରିପାରିନାହାନ୍ତି। ଏବେ ଉକ୍ତ କମ୍ପାନୀ ଜାହାଜକୁ ଶତପ୍ରତିଶତ ସୁରକ୍ଷାର ସହ ବରମୁଡା ଟ୍ରାଏଙ୍ଗଲରୁ ଫେରାଇ ଆଣିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି। କମ୍ପାନୀର ଏହି ଅଫରକୁ ସୋସିଆଲ ମିଡିଆରେ ସମାଲୋଚନା କରାଯାଇଛି। କ୍ରୁଜ୍ ଦୁର୍ଘଟଣାଗ୍ରସ୍ତ ହେଲେ ଏଥିରେ ଥିବା ଯାତ୍ରୀଙ୍କ ମୃତ୍ୟୁ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏପରି ସ୍ଥିତିରେ କମ୍ପାନୀ କାହାକୁ ଅର୍ଥ ଫେରସ୍ତ କରିବ ବୋଲି ଟ୍ୱିଟରରେ ୟୁଜର୍ସ ପ୍ରଶ୍ନ କରିଛନ୍ତି।

## ୨ ଶିକ୍ଷକ ନିଲମ୍ବିତ

### ନନ୍ଦିନୀଗୁଡ଼ା ବିଦ୍ୟାଳୟରେ ଛାତ୍ର ମୃତ୍ୟୁ ଘଟଣା

ମାଲକାନଗିରି,୨୮।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ନନ୍ଦିନୀଗୁଡ଼ା ଆଶ୍ରମ ବିଦ୍ୟାଳୟ ଛାତ୍ରାବାସରେ ଛାତ୍ର ମୃତ୍ୟୁ ଘଟଣାରେ ୨ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ନାୟକ ଏବଂ ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସଙ୍ଗୀତା ବିଶ୍ୱାସ। ଦୁଇ ଶିକ୍ଷକ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ସୂଚନାଯୋଗ୍ୟ, ଚିତ୍ରକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ନିଳାପାରି ଗ୍ରାମର ରାଜୁଖେମୁଡୁଙ୍କ ପୁଅ ଶ୍ରୀଧର ଏହି ବିଦ୍ୟାଳୟ ଛାତ୍ରାବାସରେ ରହି ୪ର୍ଥ ଶ୍ରେଣୀରେ ପଢୁଥିଲେ। ମେ' ୧୫ ରାତିରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ଏହି ସମୟରେ କେହି ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରାବାସରେ ଉପସ୍ଥିତ ନ ଥିଲେ। ବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀମାନେ ୧୦୮ ଆମ୍ବୁଲାନ୍ସ ଡକାଇ ଶ୍ରୀଧରଙ୍କୁ ଖଇରପୁଟ ଡାକ୍ତରଖାନା ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଶ୍ରୀଧରଙ୍କ ପରିବାର ଲୋକେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଅବହେଳାକୁ ଦାୟୀ କରିଥିଲେ। ଶୀଘ୍ର ଚିକିତ୍ସା ସୁବିଧା ନ ମିଳିବାରୁ ପୁଅର ମୃତ୍ୟୁ ଘଟିଥିବା ଅଭିଯୋଗ କରିଥିଲେ।

## ଜୁନ ୩୦ ସୁଦ୍ଧା ପୂର୍ଣ୍ଣାଙ୍ଗ ରିପୋର୍ଟ ଦିଅ: ସିଏସି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସିଏସି ସଦସ୍ୟମାନେ।

ସମ୍ବଲପୁର,୨୮।୫(ବ୍ୟୁରୋ)

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

- ଜୁଲାଇ ୮ ସଂକଳ୍ପ ଦିବସରୁ ପୁଣି ଆନ୍ଦୋଳନ
- ହାଇକୋର୍ଟ ବାର ପ୍ରସ୍ତାବକୁ ନିନ୍ଦା

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଦୀର୍ଘବର୍ଷରୁ ଆନ୍ଦୋଳନ ଜାରି ରହିଛି। ଏବେ ପୁଣି କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ ରାଜ୍ୟକୁ ହାଇକୋର୍ଟଙ୍କ ମତ ସହ ପୂର୍ଣ୍ଣାଙ୍ଗ ରିପୋର୍ଟ ମାଗିଛନ୍ତି। ତେଣୁ ଜୁନ ୩୦ ସୁଦ୍ଧା ରାଜ୍ୟ ସରକାର ହାଇକୋର୍ଟ ମତ ସହ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରନ୍ତୁ। ଯଦି ରିପୋର୍ଟ ଦିଆ ନ ଯାଏ ତା'ହେଲେ ଜୁଲାଇ ୮ରେ ପ୍ରତି ଜିଲାରେ ପ୍ରଶାସନିକ ଅଫିସ ଆଗରେ ସଂକଳ୍ପ ଦିବସ ପାଳନ କରାଯିବ। ସେହି ଦିନଠାରୁ ଆନ୍ଦୋଳନ ପୁଣି ଆରମ୍ଭ କରାଯିବ ବୋଲି ଶନିବାର ସମ୍ବଲପୁର ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) ସଦସ୍ୟମାନେ ଚେତାବନୀ ଦେଇଥିଲେ।

ସେମାନେ ଆହୁରି କହିଥିଲେ, ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କଲେ କେନ୍ଦ୍ର ସରକାର ଆଉ ବାହାନା କରିପାରିବେ ନାହିଁ। ତେଣୁ ନିଷ୍ପତ୍ତି ନିଆଯାଉ। ସେହିପରି ଦକ୍ଷିଣାଞ୍ଚଳରେ ଥିବା ବୌଦ୍ଧ ଜିଲ୍ଲାକୁ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନ ଅଧୀନରେ ସାମିଲ କରାଯାଉ। ଅନ୍ୟପଟେ ସମ୍ବଲପୁର ଲାଲା ଲଜପତ ରାୟ ଆଇନ କଲେଜକୁ ଆଇନ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇ ପଶ୍ଚିମ ଓଡ଼ିଶାର ଆଇନ କଲେଜଗୁଡ଼ିକୁ ଏହା ଅଧୀନକୁ ଅଣାଯାଉ। ହାଇକୋର୍ଟ ଓକିଲ ସଂଘ କିଛିଦିନ ପୂର୍ବରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ବେଞ୍ଚର ଆବଶ୍ୟକତା ନାହିଁ ବୋଲି ପ୍ରସ୍ତାବ ପାରିତ କରିଥିଲେ। ଏହାକୁ ସିଏସି ନିନ୍ଦା କରୁଛି। ହାଇକୋର୍ଟ ଓକିଲ ସଂଘ ବରିଷ୍ଠ ସଦସ୍ୟମାନେ ଓଡ଼ିଶାର ଏକତା ଓ ଅଖଣ୍ଡତା କ୍ଷୁଣ୍ଣ ହେଲା ଭଳି ନିଷ୍ପତ୍ତି ନେବାରୁ ନିବୃତ୍ତ ରହନ୍ତୁ। ରାଜ୍ୟ ସରକାର ଓଡ଼ିଶାବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଆଖିରେ ରଖି ବେଞ୍ଚ ପ୍ରତିଷ୍ଠା ନିଷ୍ପତ୍ତିକୁ ସ୍ୱାଗତ କରନ୍ତୁ ବୋଲି ସିଏସି ଅନୁରୋଧ କରିଛି। ସିଏସି ଆବାହକ ଆଶୋକ ଦାସ, ସହ ଆବାହକ ପ୍ରମୋଦ ଦାସ, ସମ୍ପାଦକ ବିଜିତେନ୍ଦ୍ରିୟ ପ୍ରଧାନ, ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ସାଧାରଣ ସମ୍ପାଦକ ସରୋଜ କୁମାର ସାହୁ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଣ୍ଡା, ପୂର୍ବତନ ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ ଉପସ୍ଥିତ ଥିଲେ। ପୂର୍ବରୁ ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ସିଏସି ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶାର ୨୬ ବାର ସଦସ୍ୟ ଯୋଗ ଦେଇଥିଲେ। ଆଲୋଚନା ପରେ ପ୍ରସ୍ତାବଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

## ଟିଫିନ୍ ବୋମା ଉଦ୍ଧାର

ଫୁଲବାଣୀ ଅଫିସ/ବାଲିଗୁଡ଼ା/ ତୁମୁଡ଼ିବନ୍ଧ(ଡି.ଏନ୍.ଏ.), ୨୮।୫

କନ୍ଧମାଳ ଜିଲାରେ ଗତ କିଛିଦିନ ହେବ ମାଓବାଦୀମାନେ ପୋଷ୍ଟର, ବ୍ୟାନର ଲଗାଇ ନିଜର ସ୍ଥିତି ଜାହିର କରିଥିଲେ। ଶନିବାର ଜିଲାର ବାଲିଗୁଡ଼ାରେ ମୁତୟନ ୧୨୭ ବାଟାଲିୟନ ସିଆର୍‌ପିଏଫ୍ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଟିଫିନ୍ ବୋମା ଉଦ୍ଧାର କରି ଏହାକୁ ନିଷ୍କ୍ରିୟ କରିଛି। ବେଲଘର ଥାନା ଲଙ୍କାଗଡ଼ ପଞ୍ଚାୟତର ଗାହାଲି ଗ୍ରାମଠାରୁ ୮୦୦ ମିଟର ଦୂରରେ ଏହି ବୋମା ମିଳିଛି।

ଜଣେ ବ୍ୟକ୍ତି ବ୍ୟାଗରେ କିଛି ଜିନିଷ ନେଇ ଯାଉଥିବା ସିଆର୍‌ପିଏଫ୍‌କୁ ଖବର ମିଳିଥିଲା। ପରେ କମାଣ୍ଡାଣ୍ଟ ଆନନ୍ଦ ଝା ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୁମାର ରାଘବେନ୍ଦ୍ରଙ୍କ ନେତୃତ୍ୱରେ ସିଆର୍‌ପିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ଅପରେଶନ ଆରମ୍ଭ କରିଥିଲା। ବିଶେଷଜ୍ଞ ଦଳକୁ ଅପରେଶନ ଟିମ୍ ସହ ପଠାଇ ଘଟଣାର ଅନୁସନ୍ଧାନ କରି ଟିଫିନ୍ ବୋମା ପାଇଥିଲେ। ଏହା ୫ରୁ ୬ କିଲୋଗ୍ରାମର ମେକାନିଜମ ଟିଫିନ୍ ବୋମା ଥିଲା। ଅପରେଶନରେ ଥିବା ସ୍ୱତନ୍ତ୍ର ଦଳ ଏହାକୁ ନଷ୍ଟ କରିଥିଲା। ବର୍ତ୍ତମାନ କନ୍ଧମାଳର ବିଭିନ୍ନ ଅଞ୍ଚଳରେ ଗଞ୍ଜେଇ ଚାଷ ନାମରେ ମାଓବାଦୀଙ୍କ କାର୍ଯ୍ୟକଳାପ ବଢୁଥିବା କୁହାଯାଉଛି। ଅନ୍ୟପଟେ ପୋଲିସ ପକ୍ଷରୁ ମଧ୍ୟ ଏ ନେଇ ରଣନୀତି ପ୍ରସ୍ତୁତ କରାଯାଉଛି।

## ଧର୍ମାନ୍ତରୀକରଣକୁ ନେଇ ଉତ୍ତେଜନା

ନୀଳଗିରି,୨୮।୫(ସ୍ୱ.ପ୍ର): ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଭଉଁରିଆବାଡ଼ ପଞ୍ଚାୟତର ତେରଲଡ଼ିହି ଗ୍ରାମରେ ଧର୍ମାନ୍ତରୀକରଣକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଶୁକ୍ରବାର ମୟୂରଭଞ୍ଜ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଧର୍ମର କେତେକ ଲୋକ ପହଞ୍ଚି ତେରଲଡ଼ିହି ଗ୍ରାମର ଏକ ଆଦିବାସୀ ପରିବାରକୁ ଧର୍ମ ପରିବର୍ତ୍ତନ କରିବା ଲାଗି ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ। ଏକଥା ଜଣାପଡ଼ିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ଏକାଠି ହୋଇ ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ଅସନ୍ତୋଷ ଦେଖି ଧର୍ମାନ୍ତରୀକରଣ ପାଇଁ ଆସିଥିବା ଲୋକଙ୍କ ମଧ୍ୟରୁ କେତେଜଣ ଘଟଣାସ୍ଥଳ ଛାଡ଼ି ପଳାଇ ଯାଇଥିବାବେଳେ ଗ୍ରାମବାସୀ ଜଣଙ୍କୁ ଅଟକ ରଖିଥିଲେ। ଏନେଇ ଗ୍ରାମବାସୀ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଜଣାଇଥିଲେ। ଏମ୍‌ପି ଷଡ଼ଙ୍ଗୀ ପୋଲିସ୍‌କୁ ସୂଚନା ଦେବା ସହ ତାଙ୍କ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ପରେ ନୀଳଗିରି ପୋଲିସ ପହଞ୍ଚି ତଦନ୍ତ କରିବା ସହ ଅଟକ ଥିବା ବ୍ୟକ୍ତିଙ୍କୁ ଥାନାକୁ ନେଇ ପଚରାଉଚରା କରୁଥିବା ସୂଚନା ମିଳିଛି।

## ନାବାଳକ ନିଖୋଜ ଅଭିଯୋଗରେ ୩ ଅଟକ

ସିମୁଳିଆ,୨୮।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ସିମୁଳିଆ ଥାନା ଛତ୍ରପୁର ଅଞ୍ଚଳରୁ ଜଣେ ନାବାଳକ ନିଖୋଜ ହେବା ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖିଛି। ଶୁକ୍ରବାର ଅପରାହ୍ନରୁ ନାବାଳକ ଜଣକ ନିଖୋଜ ଥିବା ବେଳେ ପରିବାର ଲୋକେ ବିଳମ୍ବିତ ରାତିରେ ତାଙ୍କୁ ରମ୍ଭିଳା କେନାଲ ନିକଟରୁ ଉଦ୍ଧାର କରିଥିଲେ। ହାତଗୋଡ଼ ବାନ୍ଧି ତାଙ୍କୁ ଅଖାରେ ପୂରାଇ ବିକ୍ରି କରିବା ଉଦ୍ୟମ କରାଯାଇଥିବା ନାବାଳକଙ୍କ ମାଆ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ରମ୍ଭିଳା ଅଞ୍ଚଳର ଗୋଟିଏ ପରିବାରର ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତଦନ୍ତ ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ନାଳ ନିକଟରେ ଗୁପ୍‌ଚୁପ୍ ଶୁଖୁଛି

- ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ
- ୫୦ କେ.ଜି. ସାମଗ୍ରୀ ଜବତ
- ଗୁପ୍‌ଚୁପ୍ ପ୍ରସ୍ତୁତି ପାଇଁ ପ୍ରଶିକ୍ଷଣ ଦିଆଯିବ

କଟକ ଅଫିସ, ୨୮।୫



ନକଲି ଓ ଅପମିଶ୍ରଣ ପରେ ଦୂଷିତ ଖାଦ୍ୟ ଏବେ କଟକବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ସହରର ଗଳିକନ୍ଦିରେ ଠେଲାଗାଡ଼ି ଧରି ଅନେକ ବ୍ୟବସାୟୀ ଗୁପ୍‌ଚୁପ୍ ବ୍ୟବସାୟ କରୁଛନ୍ତି। ପାଟିକୁ ସ୍ୱାଦ ଲାଗୁଥିବାରୁ ଲୋକମାନେ ଏହାକୁ ଆନନ୍ଦରେ ଖାଇଥାନ୍ତି। ହେଲେ ଏହା କେଉଁଭଳି ପରିବେଶରେ ପ୍ରସ୍ତୁତ ହେଉଛି ଓ ଏହା ଦେହ ପାଇଁ କେତେ ହିତକର ତାହାକୁ ସମସ୍ତେ ଜାଣିପାରି ନ ଥାନ୍ତି। ରୋଜଗାର ଆଳରେ ଅନେକ ଗୁପ୍‌ଚୁପ୍ ବ୍ୟବସାୟୀ ଗୁପ୍‌ଚୁପ୍ ସହ ପଚାଆଳୁ ଚକଟି ଲୋକମାନଙ୍କୁ ଖାଇବାକୁ ଦେଇଥାନ୍ତି। ଏଭଳି ଅଭିଯୋଗ ଆସିବା ପରେ ଶନିବାର କଟକ ମହାନଗର ନିଗମ (ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାଦାମବାଡି ଶଙ୍କରପୁର ଅଞ୍ଚଳର ନାକେଇ ପଡିଆରେ ଥିବା ୧୦୦ ଜଣ ଗୁପ୍‌ଚୁପ୍ ବ୍ୟବସାୟୀଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା। ଚଢାଉବେଳେ ନାଳ ନିକଟରେ ଗୁପ୍‌ଚୁପ୍ ଶୁଖା ଯାଇଥିବାବେଳେ ମାଛି ବସୁଥିବା ଦେଖିବାକୁ ମିଳିଥିଲା। ଏପରି କି ଗୁପ୍‌ଚୁପ୍‌ରେ ବ୍ୟବହାର ପାଇଁ ରଖାଯାଇଥିବା ଆଳୁ ପଚିଯାଇଥିଲା। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାଶ ମହାପାତ୍ରଙ୍କ ସହ ଏକ ଟିମ୍ ଚଢ଼ାଉ କରି ପ୍ରାୟ ୫୦ କେଜିର ଗୁପ୍‌ଚୁପ୍ ଓ ପଚାଆଳୁ ଜବତ କରି ନଷ୍ଟ କରିଥିଲେ। ଏ ସମ୍ପର୍କରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ର କହିଛନ୍ତି, ସହରର ଅନେକ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶରେ ଗୁପ୍‌ଚୁପ୍ ପ୍ରସ୍ତୁତ ହେଉଛି। ଏହାକୁ ପ୍ରସ୍ତୁତ କରୁଥିବା ବ୍ୟକ୍ତି ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହା ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ। ଏ ସମ୍ପର୍କରେ ଖବର ମିଳିବା ପରେ ଶନିବାର ନାକେଇ ପଡିଆରେ ଚଢ଼ାଉ କରାଯାଇଥିଲା। ଆଗାମୀ ଦିନରେ ରାଣୀହାଟ, ସମ୍ରାଟ ହଲ୍ ନିକଟରେ ଚଢ଼ାଉ କରାଯିବ। ଏଥିସହ ଗୁପ୍‌ଚୁପ୍ ବ୍ୟବସାୟୀଙ୍କୁ ନେଇ ଏକ ଟ୍ରେନିଂ ପ୍ରୋଗ୍ରାମ କରାଯିବ। ଏଥିରେ କିପରି ପରିଷ୍କାର ପରିଚ୍ଛନ୍ନତା ରହି ଗୁପ୍‌ଚୁପ୍ ପ୍ରସ୍ତୁତ କରାଯିବ, ଗ୍ଲୋଭ୍ସ, ମାସ୍କ ଆଦି ବ୍ୟବହାର କରିବା ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ)ର ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସେ କହିଛନ୍ତି।



ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡ଼ା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। –ଶ୍ରୀଅରବିନ୍ଦ

# ନୈତିକତାର ଅଭାବ



**ଆକାର ପଟେଲ**

ଗତମାସରେ ୧୦୦ ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କର ଏକ ଗୋଷ୍ଠୀ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଥିଲେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ(ର')ର ପୂର୍ବତନ ମୁଖ୍ୟ ଏବଂ ଜଣେ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା(ଏନ୍‌ଏସ୍‌ଏ)। ସେମାନେ ଉଲ୍ଲେଖ କରିଥିଲେ ଯେ, ଭାରତର ସାମ୍ପ୍ରଦାୟିକ ହିଂସା ଏବେ ଆଉ ଦୃଢ଼ ହିନ୍ଦୁତ୍ୱ ପରିଚୟର ରାଜନୀତି ହୋଇ ରହିନାହିଁ କି ଅନେକ ଦଶନ୍ଧି ଧରି ଘଟିଆସୁଥିବା ସାମ୍ପ୍ରଦାୟିକ ହିଂସା ଯାହା ଗତ କିଛି ବର୍ଷ ହେବ ପୂର୍ବାପେକ୍ଷା ଏକ ଭିନ୍ନ ସ୍ଥିତିର ଅଂଶ ହୋଇଯାଇଛି, ତାହାକୁ ଅଧିକ ଉଷ୍ମ କରାଯାଉନାହିଁ। କିନ୍ତୁ ବର୍ତ୍ତମାନ ଚିନ୍ତାଜନକ ବିଷୟ ହେଉଛି, ଆମ ସମ୍ବିଧାନର ମୌଳିକ ସିଦ୍ଧାନ୍ତକୁ ନ୍ୟୂନ କରାଯାଉଛି ଓ ବହୁସଂଖ୍ୟକବାଦ (ଯେଉଁଥିରେ ବହୁ ସଂଖ୍ୟକଙ୍କୁ ଗୁରୁତ୍ୱ ଦିଆଯାଏ) ଶକ୍ତି ପାଇଁ ଉଦ୍ଦିଷ୍ଟ ରୁଲ୍ସ ଅଫ୍ ଲ'କୁ କମ୍ ଗୁରୁତ୍ୱ ଦିଆଯାଉଛି। ଫଳରେ ଦେଶ ବେଆଇନ କାର୍ଯ୍ୟକଳାପରେ ଜଡ଼ିତ ରହିବା ସ୍ପଷ୍ଟ ହୋଇଛି। ଚିଠିରେ କ'ଣ କୁହାଗଲା ସେଥିରେ ଅସହମତ ହେବା କଷ୍ଟକର। ତେବେ ସେହି ଚିଠିର ଜବାବରେ ୧୦୦ ଜଣ ସରକାରୀ ଚାକିରିଆଙ୍କ ଆଉ ଏକ ଗୋଷ୍ଠୀ ହିନ୍ଦୁତ୍ୱ ରାଜନୀତି ସପକ୍ଷରେ ଲେଖିଥିଲେ। ଉଲ୍ଲେଖନୀୟ, ଏହି ଚିଠିରେ ର'ର ଜଣେ ପୂର୍ବତନ ମୁଖ୍ୟ ଓ ଏନ୍‌ଏସ୍‌ଏର ପୂର୍ବତନ ମୁଖ୍ୟ ବି ଥିଲେ। ସେମାନେ ପୂର୍ବ ଚିଠିର ସ୍ୱାକ୍ଷରକାରୀଙ୍କୁ ଦେଶଦ୍ରୋହୀ ବୋଲି କହିଥିଲେ। ମୋ ମତରେ ଏହା ଅତ୍ୟନ୍ତ କୌତୂହଳପ୍ରଦ ଏବଂ ଆମ ସିଭିଲ ସର୍ଭିସ ସ୍ଥିତିର ପରିପ୍ରକାଶ। ଏବେ ଭାରତରେ କ'ଣ ଘଟୁଛି ସିଭିଲ ସର୍ଭିସ ମଧ୍ୟରୁ ପ୍ରାୟତଃ କେହି ଜଣେ ବି ସେ ବିଷୟରେ ପ୍ରଶ୍ନ ଉଠାଉନାହାନ୍ତି। କିନ୍ତୁ ଏଠାରେ ଦୁଇ ଆଇଏଏସ୍ ଅଧିକାରୀଙ୍କ ସମ୍ପର୍କରେ କୁହାଯାଇପାରେ ଯେଉଁମାନେ ସରକାରଙ୍କ କାର୍ଯ୍ୟକୁ ବିରୋଧ କରି ଇସ୍ତଫା ଦେଇଥିଲେ। ଜଣେ ହେଉଛନ୍ତି କାନ୍ନନ ଗୋପୀନାଥନ। ସେ ୨୦୧୯ରେ କଶ୍ମୀରରେ ଲାଗୁ କଟକଣାକୁ ବିରୋଧକରି ଇସ୍ତଫା ଦେଇଥିଲେ। ଅନ୍ୟ ଜଣେ ହେଉଛନ୍ତି ହର୍ଷ ମନ୍ଦର। ସେ ୨୦୦୨ ଗୁଜରାଟ ଦଙ୍ଗାକୁ ବିରୋଧ କରି ଇସ୍ତଫା ପ୍ରଦାନ କରିଥିଲେ। ୨୦ ବର୍ଷ ମଧ୍ୟରେ ଏହି ଦୁଇ ଅଧିକାରୀଙ୍କ କଥା କେବଳ ଚିନ୍ତା କରାଯାଇପାରେ। ସମ୍ଭବତଃ ଏମାନଙ୍କ ଭଳି ଅନ୍ୟ କେତେଜଣ ଅଧିକାରୀ ଅଛନ୍ତି, କିନ୍ତୁ ଅଧିକ ନାହାନ୍ତି। ଏଥିରୁ ବୁଝାପଡୁଛି, ଏମାନଙ୍କୁ ଛାଡ଼ିଦେଲେ ସରକାରରେ କାର୍ଯ୍ୟରତ ଆଉ ସମସ୍ତେ ଯାହା ଘଟୁଛି ତାହାକୁ ସ୍ୱୀକାର କରୁଛନ୍ତି କିମ୍ବା ଅସ୍ୱୀକାର କଲେ ବି ଅନ୍ୟ କାରଣ ପାଇଁ କାର୍ଯ୍ୟ ଜାରି ରଖିଛନ୍ତି ଅଥବା ସେମାନେ କୌଣସିଥିରେ ପ୍ରଭାବିତ ହେଉନାହାନ୍ତି ଓ ସରକାର କ'ଣ କରୁଛନ୍ତି ତାହାକୁ ଖାତିର କରୁନାହାନ୍ତି।

ଏହା ଏକ ଛୋଟ ଘଟଣା ନୁହେଁ। ଭାରତୀୟଙ୍କ ନୈତିକତା କେଉଁ ସ୍ତରରେ ରହିଛି ଏହା ପ୍ରତିଫଳିତ କରୁଛି। ଅର୍ଥାତ୍, ସଂଖ୍ୟାଲଘୁଙ୍କ ବିରୋଧରେ ଦେଶ ଉସ୍‌କାଉଥିବା ହିଂସା ପ୍ରତି ସମ୍ପୂର୍ଣ୍ଣ ଅମଲାତନ୍ତ୍ରର ସମର୍ଥନ ରହିଛି ବା ଏଥିରେ ସେମାନେ ସନ୍ତୁଷ୍ଟ। ସେମାନେ ମଧ୍ୟ ଅବ୍ୟବସ୍ଥିତ ଆର୍ଥିକ ନୀତିଗୁଡ଼ିକରେ ସନ୍ତୁଷ୍ଟ ଅଛନ୍ତି, ଯାହା ଗରିବ ଏବଂ ଅସହାୟଙ୍କ ଜୀବନକୁ ଧ୍ୱଂସ କରିଦେଇଛି। ଅମଲାତନ୍ତ୍ରୀମାନେ ସାଧାରଣତଃ ସରକାରଙ୍କ ଆଦେଶ ପାଳନ କରନ୍ତି। ତେବେ ଆଇନର ବିନା ସମର୍ଥନରେ ଯେଉଁମାନେ ଗରିବଙ୍କ ଘର ଓ ଦୋକାନ ଉପରେ ବୁଲ୍‌ଡୋଜର ଚଳାଉଛନ୍ତି ଏବଂ ସୁପ୍ରିମକୋର୍ଟଙ୍କ ରହିତାଦେଶ ସତ୍ତ୍ୱେ ଘର ଭାଙ୍ଗୁଛନ୍ତି, ସେମାନେ ସରକାରଙ୍କ କାର୍ଯ୍ୟକଳାପରେ ଭାଗୀଦାରି ହେବାକୁ ଇଚ୍ଛା କରୁଛନ୍ତି ବୋଲି ବୁଝାପଡୁଛି। ଆର୍ଯ୍ୟନ ଖାନ୍‌ଙ୍କ ପ୍ରତି ଜଣେ ଅଧିକାରୀଙ୍କ କ୍ରୂର ବ୍ୟବହାର ସେହି ଅଧିକାରୀଙ୍କ ସାଥୀ ଏବଂ ଉଚ୍ଚପଦାଧିକାରୀଙ୍କ ପାଇଁ ଗ୍ରହଣୀୟ ହୋଇଥିଲା। କାରଣ ସେମାନେ ସ୍ଥିତିକୁ ଭଲ ଭାବେ ଆକଳନ କରିଥିଲେ ଏବଂ ଜାଣିବାକୁ ପାଇଥିଲେ ଯେ, ସରକାର ଏଭଳି ଉତ୍ପୀଡନ ଚାହୁଁଥିଲେ। ଏ ସଂକ୍ରାନ୍ତରେ ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ଏସ୍‌ଆଇଟିର ଇଣ୍ଟରନ୍ୟାଶନାଲ ରିପୋର୍ଟକୁ ଅବତାରଣ କରାଯାଇଥିଲା। କୁହାଯାଇଥିଲା– 'ଏହା ଆଶ୍ଚର୍ଯ୍ୟକର ଯେ, ଖାନ୍‌ଙ୍କ ସାଙ୍ଗ ଅର୍ବାଜ ମର୍ଚ୍ଚାଣ୍ଟଙ୍କ ପାଖରୁ କମ୍ ପରିମାଣର ଚରସ ଜବତ କରାଯାଇଥିଲା ଓ ଆର୍ଯ୍ୟନ ଡ୍ରଗ୍ସ କିଣିବା କିମ୍ବା ରଖିବାରେ ସଂଶ୍ଳିଷ୍ଟ ନ ଥିବା ସେ ମନା କରିଥିବା ସତ୍ତ୍ୱେ ବି ତଦନ୍ତକାରୀ ଅଧିକାରୀ ଆର୍ଯ୍ୟନଙ୍କ ହ୍ୱାଟ୍ସଆପ୍ ଚାଟିଂକୁ ଯାଞ୍ଚ କରିବା ଆରମ୍ଭ କରିଦେଇଥିଲେ। ତାହା ପୁଣି ଔପଚାରିକ ଭାବେ ତାଙ୍କ ମୋବାଇଲ ଜବତ ନ କରି। ଏଥିରୁ ଜଣାପଡୁଛି, ଆର୍ଯ୍ୟନଙ୍କୁ କୌଣସି ପ୍ରକାରେ ଡ୍ରଗ୍ସ କେସ୍‌ରେ ଫସାଇବା ଲାଗି ତଦନ୍ତକାରୀ ଅଧିକାରୀଙ୍କୁ ପ୍ରେରିତ କରାଯାଇଥିଲା।' ସମ୍ପୃକ୍ତ ବିଭାଗ ଏବଂ ତାଙ୍କ ସାଥୀମାନେ କାହିଁକି ଜଣେ ନିରୀହ ଲୋକକୁ ଫସାଇବା ଭଳି କ୍ଷତିକାରକ ଆଚରଣରୁ କ୍ଷାନ୍ତ କରିପାରିଲେ ନାହିଁ। ଜୀବନକୁ ନଷ୍ଟ କରିଦେବା ପର୍ଯ୍ୟନ୍ତ କ୍ଷମତା ଥିବା ଏକ ସଂସ୍ଥାର ନୈତିକତାର ସମ୍ପୂର୍ଣ୍ଣ ଅଭାବ ବାସ୍ତବରେ ଚିନ୍ତାର କାରଣ ଓ ଅତି ଭୟାବହ। ଏହାର ଯାଞ୍ଚ ହେବା ଦରକାର।

ଗତ କିଛି ବର୍ଷ ମଧ୍ୟରେ ଆମର ଅନେକ ଖରାପ ତଥା ଭୟଙ୍କର ରୂପ ବାହାରକୁ ପ୍ରକାଶ ପାଇଛି। କିନ୍ତୁ ଗଣତନ୍ତ୍ରରେ ଆଭ୍ୟନ୍ତରୀଣ ବିରୋଧ ଯେତିକି ହେବା କଥା ତାହା ଆମ ପାଖରେ ନାହିଁ ବୋଲି ଜଣାପଡ଼ିଛି। ଯେତେବେଳେ ଗଣତନ୍ତ୍ରର ଗୋଟିଏ ଶାଖା ଭ୍ରଷ୍ଟ ହେବା ଆରମ୍ଭ କରେ ସେତେବେଳେ ଅନ୍ୟମାନେ ସେଥିରେ ହସ୍ତକ୍ଷେପ କରିବା ଦରକାର। ଆମେରିକୀୟମାନେ ଏହାକୁ ଚେକ୍ସ ଆଣ୍ଡ ବାଲାନ୍ସ କହନ୍ତି। ଏହା ହେଉଛି ନ୍ୟାୟପାଳିକା, ବ୍ୟବସ୍ଥାପକ ଏବଂ କାର୍ଯ୍ୟପାଳିକାର କ୍ଷମତା ଯାହା ଏହି ତିନୋଟି ମଧ୍ୟରେ ଯେମିତି କେହି କାହାକୁ ଅତିକ୍ରମଣ ନ କରନ୍ତି, ତାହା ନିଶ୍ଚିତ କରିଥାଏ। ଏହି ସିଷ୍ଟମରେ ଥିବା ବ୍ୟକ୍ତିମାନେ ସିଏ ହୁଅନ୍ତୁ ବିଚାରପତି, ସିଭିଲ ସର୍ଭ୍ୟାଣ୍ଟ, ପ୍ରଶାସକ କିମ୍ବା ନିର୍ବାଚିତ ପ୍ରତିନିଧି; ସେମାନେ ଯେତେବେଳେ ସମସ୍ୟା ଦେଖିବେ ସେତେବେଳେ କିଏ ଆଗକୁ ଆସିବ, ତାହା ଉପରେ ଏହା ଧ୍ୟାନ ଦିଏ। ହେଲେ ସେମାନେ ସେମାନଙ୍କ ପାଇଁ କାମ କରୁଛନ୍ତି, ଆମ ପାଇଁ ନୁହେଁ। ଆମେ ନିଜକୁ ପଚାରିବା ଦରକାର ଯେ, ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ କାହିଁକି ଏଭଳି ନୈତିକତା ଏବଂ ବ୍ୟକ୍ତିଗତ ଦାୟିତ୍ୱବୋଧର ଅଭାବ ରହିଛି।

Email:aakar.patel@gmail.com

# ତ୍ୱରିତ ନ୍ୟାୟ ନାଁରେ ଏନ୍‌କାଉଣ୍ଟର



**ଭାଲଚନ୍ଦ୍ର ଷଡ଼ଙ୍ଗୀ**

ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଅବସରପ୍ରାପ୍ତ ବିଚାରପତି ଭି.ଏସ୍. ଶ୍ରୀପୁରକରଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ କମିଶନ ୨୦୧୯ରେ ହାଇଦ୍ରାବାଦରେ ଘଟିଥିବା ଏକ ବହୁଚର୍ଚ୍ଚିତ ପୋଲିସ ଏନ୍‌କାଉଣ୍ଟର ଘଟଣାର ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ସେଥିରେ ହାଇଦ୍ରାବାଦ ପୋଲିସ ଦ୍ୱାରା ସଙ୍ଗଠିତ ଉପରୋକ୍ତ ଏନ୍‌କାଉଣ୍ଟରକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କୁହାଯାଇଛି। ରିପୋର୍ଟ ପାଇବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ସମ୍ପୃକ୍ତ ସମସ୍ତ ୧୦ ଜଣ ପୋଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମକଦ୍ଦମା ଦାଏର କରି ଧାରା ୩୦୨ ମୁତାବକ ସେମାନଙ୍କ ବିଚାର କରିବାକୁ ତେଲଙ୍ଗାନା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୯ରେ ହାଇଦ୍ରାବାଦ ଉପକଣ୍ଠରେ ଜଣେ ପ୍ରାଣୀ ଚିକିତ୍ସିକା ଦିଶାଙ୍କୁ ଗଣବଳାତ୍କାର ଓ ନିଆଁରେ ପୋଡ଼ି ହତ୍ୟା ପରିପ୍ରେକ୍ଷୀରେ ଉପରୋକ୍ତ ମିଥ୍ୟା ଏନ୍‌କାଉଣ୍ଟର ସଙ୍ଗଠିତ ହୋଇଥିଲା। ସେହି ବୀଭତ୍ସ ଘଟଣାକୁ ନେଇ ସେତେବେଳେ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ସେଭଳି ପରିସ୍ଥିତିରେ ତ୍ୱରିତ ନ୍ୟାୟ ଦେବା ନାଁରେ ହାଇଦ୍ରାବାଦ ପୋଲିସ କମିଶନର ଜନମତକୁ ଶାନ୍ତ କରିବାକୁ ତଥା ଅପାରଗତାକୁ ଲୁଚେଇବାକୁ ତରବରିଆ ଭାବେ ୩ ଜଣ ନାବାଳକଙ୍କ ସମେତ ୪ଜଣଙ୍କୁ ଏହି ମାମଲାରେ ଗିରଫ କରି କୋର୍ଟଚାଲାଣ କରିଥିଲା। ତା'ପର ଦିନ ଅପରାଧ ଦୃଶ୍ୟର ପୁନଃସୃଜନ ନାଁରେ ପୋଲିସ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ହାତକଡ଼ା ପକାଇ ଘଟଣାସ୍ଥଳକୁ ନେଇ ସେମାନେ ପୋଲିସର ଅସ୍ତ୍ର ଛଡ଼ାଇ ହତ୍ୟା ଉଦ୍ୟମ କରିବାରୁ ଆତ୍ମରକ୍ଷା ପାଇଁ ଏନ୍‌କାଉଣ୍ଟର ସହ ହତ୍ୟା କରିଥିବା କଥା କହିଥିଲା। ଅବଶ୍ୟ ସେତେବେଳେ ଅନେକ ଲୋକ ଏହି ହତ୍ୟାକୁ ତ୍ୱରିତ ନ୍ୟାୟ ବୋଲି କହି ଏକଦମ୍ ସ୍ୱାଗତ କରିବା ସହ ଏନ୍‌କାଉଣ୍ଟରରେ ସାମିଲ ପୋଲିସ ଅଧିକାରୀମାନଙ୍କ ଉପରେ ପୁଷ୍ପବୃଷ୍ଟି କରିଥିଲେ।

ତେବେ ଉପରୋକ୍ତ ଏନ୍‌କାଉଣ୍ଟର ନେଇ ପୋଲିସର କାହାଣୀ ଉପରେ ସନ୍ଦେହ କରି ବିଭିନ୍ନ ମାନବିକ ଅଧିକାର ସଙ୍ଗଠନ, ଆଇନଜୀବୀ ଏବଂ ମୃତ ବ୍ୟକ୍ତିମାନଙ୍କ ପରିବାର ଲୋକେ ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ। ପରେ ଘଟଣାର ଗମ୍ଭୀରତାକୁ ଦେଖି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସ୍ୱତଃ ସଜ୍ଞାନ ନେବା ସହ ଏହାର ନିରପେକ୍ଷ ତଦନ୍ତ ପାଇଁ ନିଜର ଜଣେ ପୂର୍ବତନ ବିଚାରପତି ଭି.ଏସ୍. ଶ୍ରୀପୁରକରଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଶନ ଗଠନ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ କମିଶନଙ୍କ ସଦ୍ୟ ପ୍ରକାଶିତ ତଦନ୍ତ ରିପୋର୍ଟ ଏହି ଘଟଣାରେ ହାଇଦ୍ରାବାଦ ପୋଲିସର ଆପରାଧିକ ଭୂମିକାକୁ ଉଜାଗର କରିବା ସହିତ ପୋଲିସ ଦ୍ୱାରା ଦେଶରେ ବାରମ୍ବାର ସଙ୍ଗଠିତ ଏନ୍‌କାଉଣ୍ଟର ନାଁରେ ହତ୍ୟାକୁ ନେଇ ରହିଥିବା ବିତର୍କକୁ ପୁଣିଥରେ ଉଜ୍ଜୀବିତ କରିଛି।



ହାଇଦ୍ରାବାଦ୍ ଏନ୍‌କାଉଣ୍ଟର ଘଟଣାର ଦୁଇଟି ଦିଗ ସାମ୍ନାକୁ ଆସୁଛି। ପ୍ରଥମଟି ହେଲା, ତ୍ୱରିତ ନ୍ୟାୟ ପ୍ରଦାନ ନାଁରେ ବିଚାର ପ୍ରକ୍ରିୟାକୁ ନ ଆପଣେଇ ପୋଲିସ ଅଭିଯୁକ୍ତଙ୍କୁ ନିଜେ ଦଣ୍ଡବିଧାନ କରିବା। ଦ୍ୱିତୀୟଟି ହେଲା, ଏନ୍‌କାଉଣ୍ଟର ନାଁରେ ହତ୍ୟା କରିବା। ନିରପେକ୍ଷ ଭାବେ ଦେଖିଲେ, ଉପରୋକ୍ତ ଦୁଇଟିଯାକ କ୍ଷେତ୍ରରେ ପୋଲିସ ବିଫଳ ହୋଇଛି। କାରଣ ଦିଶା ଗଣବଳାତ୍କାର ଓ ହତ୍ୟା ମାମଲାରେ ପୋଲିସ ଦ୍ୱାରା ଗିରଫ ହୋଇ ଶେଷରେ ହତ୍ୟାର ଶିକାର ହୋଇଥିବା ଉପରୋକ୍ତ ୪ ଜଣ କେବଳ ଅଭିଯୁକ୍ତ ମାତ୍ର ଥିଲେ। ଅପରାଧରେ ସେମାନଙ୍କର ସମ୍ପୃକ୍ତି ପ୍ରମାଣିତ ହୋଇ ନ ଥିଲା। ଏଠାରେ ପ୍ରଶ୍ନ ଉଠେ, ଯଦି ପୋଲିସ ପାଖରେ ସେମାନଙ୍କ ସମ୍ପୃକ୍ତିର ପ୍ରମାଣ ଥିଲା, ତା'ହେଲେ ସେମାନେ ତାକୁ କୋର୍ଟ ସମ୍ମୁଖରେ ରଖି ଆବଶ୍ୟକ ସ୍ଥଳେ ଫାଷ୍ଟଟ୍ରାକ୍ କୋର୍ଟ ଜରିଆରେ ଅଭିଯୁକ୍ତମାନଙ୍କ ବିଚାର କରାଇ ଦଣ୍ଡବିଧାନର ବ୍ୟବସ୍ଥା ବି କରିପାରିଥା'ନ୍ତେ। କିନ୍ତୁ ସେପରି ନ କରି ତ୍ୱରିତ ନ୍ୟାୟ ଦେବା ନାଁରେ ପୋଲିସ ନିଜେ ବିଚାରକ ଭୂମିକାରେ ଠିଆ ହୋଇ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ବିନା ସାକ୍ଷ୍ୟ, ପ୍ରମାଣ ଓ ବିଚାରରେ ଯେଉଁଭଳି ଭାବେ ହତ୍ୟା କଲା, ତାହା ଆଇନର ଭାଷାରେ ଏକ ଜଘନ୍ୟ ଆପରାଧିକ କୃତ୍ୟ, ଯାହାକୁ କୌଣସି ବି ସଭ୍ୟ ସମାଜ ଗ୍ରହଣ କରିପାରିବନି। ଯଦି କୌଣସି ସାକ୍ଷ୍ୟ, ପ୍ରମାଣ ଓ ବିଚାର ପ୍ରକ୍ରିୟା ବିନା ପୋଲିସ ହିଁ ଦଣ୍ଡଦେବ, ତା'ହେଲେ ଏ ଦେଶରେ କୋର୍ଟ କଚେରିର ଆବଶ୍ୟକତା ଆଉ କାହିଁକି? ଏଭଳି ପରିସ୍ଥିତି ଦେଶର ନ୍ୟାୟ ବ୍ୟବସ୍ଥାକୁ ଧୂଳିସାତ୍ କରିବା ସହିତ ନାଗରିକମାନଙ୍କ ସାମ୍ବିଧାନିକ ଅଧିକାରକୁ ସମାପ୍ତ କରିଦେବ।

ହାଇଦ୍ରାବାଦ ଘଟଣାର ଦ୍ୱିତୀୟ ଦିଗଟି ହେଉଛି, ପୋଲିସ ଦ୍ୱାରା ଏନ୍‌କାଉଣ୍ଟର ନାଁରେ ୪ ଅଭିଯୁକ୍ତଙ୍କୁ ହତ୍ୟା। ପୋଲିସର ଏହି ଏନ୍‌କାଉଣ୍ଟରଟି ସମ୍ପୂର୍ଣ୍ଣ ମିଥ୍ୟା ଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ପୋଲିସ ଦ୍ୱାରା ଏଭଳି ବିଚାର ବହିର୍ଭୂତ ହତ୍ୟା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ଏହା ସମ୍ବିଧାନ ପ୍ରଦତ୍ତ ନାଗରିକର ଜୀବନର ଅଧିକାର ଓ ଦେଶର ଆଇନ ବ୍ୟବସ୍ଥା ପ୍ରତି ସିଧାସଳଖ ଚ୍ୟାଲେଞ୍ଜ ବୋଲି କୁହାଯାଇପାରେ। ଦେଶରେ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀଙ୍କ ଦ୍ୱାରା ସଙ୍ଗଠିତ ଏନ୍‌କାଉଣ୍ଟରଗୁଡ଼ିକ ସାଧାରଣତଃ ବିବାଦ ଓ ସନ୍ଦେହ ଘେରରେ ରହିଆସିଛି। ଏନ୍‌କାଉଣ୍ଟରଗୁଡ଼ିକରେ ସମ୍ପୃକ୍ତ ପୋଲିସ ବା ସୁରକ୍ଷା ବାହିନୀର ସ୍ପଷ୍ଟୀକରଣଟି ପ୍ରାୟତଃ ଏକାଭଳି ହୋଇଥାଏ। ଏନ୍‌କାଉଣ୍ଟରର ଶିକାର ବ୍ୟକ୍ତି ପୋଲିସ ଉପରେ ଆକ୍ରମଣ କଲାବେଳେ ପୋଲିସ ନିଜ ପ୍ରାଣ ବଞ୍ଚାଇବା ପାଇଁ ଗୁଳିଚାଳନା କରିଛି ବୋଲି ଆନୁଷ୍ଠାନିକ ଭାବେ କୁହାଯାଉଥିଲେ ମଧ୍ୟ ଅଧିକାଂଶ ସମୟରେ ପୋଲିସର କୌଣସି କ୍ଷୟକ୍ଷତି ନ ହେବା ଏବଂ ଅଥଚ କେବଳ ଅପର ପଟ ବ୍ୟକ୍ତି ହିଁ ମୃତାହତ ହେବା ଏହାର ସତ୍ୟତାକୁ ଉଜାଗର କରିବା ଦେଖିବାକୁ ମିଳେ। ହାଇଦ୍ରାବାଦ ଘଟଣାରେ ମଧ୍ୟ ସେହି ଏକା କଥା ଦେଖିବାକୁ ମିଳିଛି।

ଆମ ଦେଶରେ ଏନ୍‌କାଉଣ୍ଟର ଆଦୌ ଆଇନ ଦ୍ୱାରା ସ୍ୱୀକୃତ ନୁହେଁ। ଦେଶରେ ପ୍ରଚଳିତ ଭାରତୀୟ ଦଣ୍ଡ ସଂହିତା ଓ ଦଣ୍ଡ ପ୍ରକ୍ରିୟା ସଂହିତା, ଉଭୟରେ ଏନ୍‌କାଉଣ୍ଟର ଶବ୍ଦର କୌଣସି ଉଲ୍ଲେଖ ହିଁ ନାହିଁ। ଏନ୍‌କାଉଣ୍ଟରରେ ଯଦି ବ୍ୟକ୍ତିର ମୃତ୍ୟୁ ହୋଇଯାଏ, ତା'ହେଲେ ପୋଲିସ ତାକୁ ନିଜ ଜୀବନ ରକ୍ଷା ପାଇଁ ବା ଆତ୍ମରକ୍ଷାରେ ହତ୍ୟା କଲା କହି ତାକୁ ଆଇନସମ୍ମତ କରିବାକୁ ଚେଷ୍ଟା କରିଥାଏ। ବେଳେବେଳେ ହତ୍ୟାର ଶିକାର ବ୍ୟକ୍ତି ପରିବାରର ଲୋକେ ଅଥବା ମାନବିକ ଅଧିକାର ସଙ୍ଗଠନଗୁଡ଼ିକ ଏଭଳି ଏନ୍‌କାଉଣ୍ଟରର ସତ୍ୟତାକୁ ନେଇ ପ୍ରଶ୍ନ ଉଠାଉଥିଲେ ମଧ୍ୟ ତାହା ସମାଜର ବ୍ୟାପକ ସମର୍ଥନ ନ ପାଇ ଶେଷରେ ଲୁଚି ଯାଇଥାଏ। ପୋଲିସ ନିଜ ଅପରାଧ ପାଇଁ ଆଇନ ଆଗରେ ଉତ୍ତରଦାୟୀ ହେବାରୁ ବର୍ତ୍ତିଯାଇ ପୁଣି ଏକ ଏନ୍‌କାଉଣ୍ଟର ପାଇଁ ପ୍ରସ୍ତୁତ ହୋଇଥାଏ।

ତେବେ ଦେଶରେ ଏନ୍‌କାଉଣ୍ଟର ନାଁରେ ପୋଲିସ ଦ୍ୱାରା ହତ୍ୟା ଘଟଣା ସବୁ ବଢ଼ିବା ପଛର ପ୍ରମୁଖ କାରଣ ହେଉଛି ଏନେଇ ସରକାର ଏବଂ ସର୍ବୋଚ୍ଚ ନ୍ୟାୟାଳୟର ସ୍ପଷ୍ଟ ନୀତିର ଅଭାବ। ପ୍ରକାଶ କଦମ୍ ବନାମ ରାମପ୍ରସାଦ ବିଶ୍ୱନାଥ ଗୁପ୍ତା ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ କହିଥିଲେ ଯେ, ପୋଲିସ ଦ୍ୱାରା ସଂଗଠିତ ମିଥ୍ୟା ଏନ୍‌କାଉଣ୍ଟର ହେଉଛି ସୁନିୟୋଜିତ ହତ୍ୟା। ଯେଉଁମାନେ ଏହାକୁ କରୁଛନ୍ତି, ସେମାନଙ୍କ ଅପରାଧକୁ ବିରଳରୁ ବିରଳତମ ବୋଲି ଚିହ୍ନିତ କରି ମୃତ୍ୟୁଦଣ୍ଡ ଦେବା ଦରକାର। ଅତଏବ ଏକ ସଭ୍ୟ ତଥା ଗଣତାନ୍ତ୍ରିକ ସମାଜରେ ଏନ୍‌କାଉଣ୍ଟର ନାଁରେ ପୋଲିସ ଦ୍ୱାରା ଅମାନୁଷିକ ହତ୍ୟା ଆଦୌ ଗ୍ରହଣୀୟ ନୁହେଁ। ହାଇଦ୍ରାବାଦ ଘଟଣା ପରିପ୍ରେକ୍ଷୀରେ ଏଭଳି ଅପରାଧକୁ ସମାପ୍ତ କରିବା ଦିଗରେ ଚିନ୍ତା କରିବାର ସମୟ ଆସିଛି।

ମୋ: ୯୪୩୭୧୬୬୩୯୧

# ଅନ୍ତର୍ଜାତୀୟ ବୁକର ବିଜୟିନୀ

**ବ୍ୟକ୍ତିତ୍ୱ**



ଗୀତାଞ୍ଜଳି ଶ୍ରୀ

'ମୋ ଭାଷାକୁ ସୀମିତ ରଖିଦେବାର ମାନେ ମୋ ଜୀବନ ପରିସରକୁ ସଙ୍କୁଚିତ କରିଦେବା'। ଅଷ୍ଟ୍ରେଲିଆ ଜନ୍ମିତ ବ୍ରିଟିଶ ଦାର୍ଶନିକ ଲୁଡ୍‌ୱିଗ୍ ଉଇଟ୍‌ଜେନ୍‌ଷ୍ଟେନ୍‌ଙ୍କ ଉପରଲିଖିତ ଏହି ଉକ୍ତିକୁ ତର୍ଜମା କଲେ ଭାଷାର ଦିଗ୍‌ବଳୟ ଯେତେ ବ୍ୟାପ୍ତ ହୋଇଥାଏ ବ୍ୟକ୍ତିଙ୍କ ଜୀବନ ପରିଧି ସେତେ ପୃଥିବୀବ୍ୟାପୀ ପ୍ରସାରିତ ହେବାର ସଙ୍କେତ ଦେଇଥାଏ ବୋଲି ବୁଝିବାକୁ ହେବ। ତେଣୁ କୌଣସି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ପ୍ରଚଳିତ ଭାଷାରେ ଲିଖିତ କୃତି ଓ ଯଶକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସକାଶେ ଅନୁବାଦର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରମାଣିତ ହୋଇଆସିଛି। ସମ୍ଭବତଃ ଇଂଲିଶ ଭାଷା ଜଣେ ବ୍ୟକ୍ତି ବା ଅନୁଷ୍ଠାନର କାର୍ଯ୍ୟକୁ ଦିଗବିଦିଗ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି ବୋଲି ଭାରତୀୟଙ୍କୁ ଏବେ ଅନୁଭବ କରିବାର ଏକ ଅବକାଶ ସୃଷ୍ଟି ହୋଇଛି। ହିନ୍ଦୀ ଭାଷାର ଔପନ୍ୟାସିକା ତଥା କ୍ଷୁଦ୍ରଗଳ୍ପ ଲେଖିକା ଗୀତାଞ୍ଜଳି ଶ୍ରୀଙ୍କୁ ୨୦୨୨ ମସିହା ଲାଗି ତାଙ୍କ ବହୁଚର୍ଚ୍ଚିତ ହିନ୍ଦୀ ଉପନ୍ୟାସ 'ରେତ୍ ସମାଧି' ବା ବାଲିର ସମାଧି (ଟମ୍ବ ଅଫ୍ ସ୍ୟାଣ୍ଡ)କୁ ଇଣ୍ଟରନ୍ୟାଶନାଲ ବୁକର ପୁରସ୍କାର ମିଳିଛି। ଲଣ୍ଡନଠାରେ ଏକ ସ୍ୱତନ୍ତ୍ର ସମାରୋହରେ ଗୀତାଞ୍ଜଳି ଓ ଏହି ହିନ୍ଦୀ ଉପନ୍ୟାସକୁ ଇଂଲିଶରେ ଅନୁବାଦ କରିଥିବା ଡେଜି ରକ୍‌ୱେଲଙ୍କୁ ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ ବୁକର ପୁରସ୍କାର ଲାଭ କରିବାରେ 'ଟମ୍ବ ଅଫ୍ ସ୍ୟାଣ୍ଡ୍' ହେଉଛି ପ୍ରଥମ ହିନ୍ଦୀ ପୁସ୍ତକ। ଏହି ପୁରସ୍କାର ରାଶିକୁ ଉଭୟଙ୍କୁ ସମାନ ଭାଗରେ ବଣ୍ଟାଯାଇଛି। ଇଂଲିଶରେ ଅନୁବାଦ କରାଯାଉଥିବା ଏବଂ ବ୍ରିଟେନ କିମ୍ବା ଆୟର୍ଲାଣ୍ଡରେ ପ୍ରକାଶିତ ହେଉଥିବା ପୁସ୍ତକକୁ ପ୍ରତିବର୍ଷ ଅନ୍ତର୍ଜାତୀୟ ବୁକର ପୁରସ୍କାର ପ୍ରଦାନ କରାଯାଉଛି। ମ୍ୟାନ୍ ବୁକର ପୁରସ୍କାର ଯାହା କେବଳ ଇଂଲିଶ ଭାଷାରେ ରଚିତ ପୁସ୍ତକକୁ ଦିଆଯାଇଥାଏ, ତାହାଠାରୁ ଏହା ଭିନ୍ନ। ଉଲ୍ଲେଖଯୋଗ୍ୟ ଯେ, ୧୯୯୭ ମସିହାରେ ଅରୁନ୍ଧତି ରାୟ ପ୍ରଥମ ଭାରତୀୟ ଲେଖିକା ଭାବେ 'ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ' ଉପନ୍ୟାସ ପାଇଁ ବୁକର ପୁରସ୍କାର ପାଇଥିଲେ। ତେବେ ବୁକର ପ୍ରାଇଜ୍ ଫାଉଣ୍ଡେଶନ ଦ୍ୱାରା ୨୦୦୪ ମସିହାରେ ଅନ୍ତର୍ଜାତୀୟ ବୁକର ପୁରସ୍କାର ଘୋଷଣା କରାଯାଇଥିଲା ବେଳେ ୨୦୦୫ରୁ ୨୦୧୫ ଯାଏ ଏହା ଦୁଇ ବର୍ଷରେ ଥରେ ଜଣେ ଜୀବିତ ବ୍ୟକ୍ତିଙ୍କୁ ତାଙ୍କ ଇଂଲିଶ ଲେଖା ବା ଅନୁବାଦ କୃତିକୁ ପ୍ରଦାନ କରାଯାଉଥିଲା। ୨୦୧୬ରୁ ଏହାକୁ ପ୍ରତିବର୍ଷ ପ୍ରଦାନ କରାଯାଇଆସୁଛି।

ଉତ୍ତରପ୍ରଦେଶର ମୈନପୁରିରେ ୧୯୫୭ରେ ଗୀତାଞ୍ଜଳି ପାଣ୍ଡେ ଜନ୍ମଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ମାତାଙ୍କ ପ୍ରଥମ ନାମକୁ ତାଙ୍କ ନାମର ଶେଷରେ ବ୍ୟବହାର କରିବା ପରେ ସେ ଗୀତାଞ୍ଜଳି ଶ୍ରୀ ଭାବେ ପରିଚିତି ହାସଲ କରିଥିଲେ। ନୂଆଦିଲ୍ଲୀରେ ବାସ କରୁଥିବା ଗୀତାଞ୍ଜଳି ହିନ୍ଦୀ ଭାଷାରେ ଅନେକ କ୍ଷୁଦ୍ରଗଳ୍ପ ଓ ୫ଟି ଉପନ୍ୟାସ ଲେଖିଛନ୍ତି। ତେବେ ୨୦୧୮ରେ ତାଙ୍କ ଉପନ୍ୟାସ 'ରେତ୍ ସମାଧି' ପ୍ରକାଶ ପାଇବା ପରେ ତାହା ଦେଶରେ ଚହଳ ପକାଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ଜଣେ ୮୦ ବର୍ଷୀୟା ମହିଳା କିଭଳି ଅବସାଦଗ୍ରସ୍ତ ହୋଇପଡ଼ିଛନ୍ତି ଓ ପରବର୍ତ୍ତୀ ସମୟରେ ନୂଆ ଜୀବନ ଆରମ୍ଭ କରିଛନ୍ତି, ତାହା ଏଥିରେ ବର୍ଣ୍ଣନା କରାଯାଇଛି। ଦେଶ ବିଭାଜନ ପୃଷ୍ଠଭୂମିରେ ପାରିବାରିକ ସମ୍ପର୍କ ବିଷୟରେ ଏଥିରେ ଚରିତ୍ରଗୁଡ଼ିକ ଯେଭଳି ଗତିଶୀଳ ହୋଇଛନ୍ତି ତାହା ଭାରତୀୟ ସମାଜର ନିଚ୍ଛକ ଚିତ୍ରକୁ ପ୍ରଦର୍ଶନ କରିଛି।

ପୁରସ୍କାର ଗ୍ରହଣ କରିବା ବେଳେ ଗୀତାଞ୍ଜଳି ଶ୍ରୀ କହିଛନ୍ତି, ବୁକର ପୁରସ୍କାର ପାଇବେ ବୋଲି ସେ କଦାପି ସ୍ୱପ୍ନରେ ବି ଭାବି ନ ଥିଲେ। ଏଭଳି ବଡ଼ ସ୍ୱୀକୃତି ପାଇ ସେ ଉଲ୍ଲସିତ ଓ ସମ୍ମାନିତ। ତାଙ୍କ ସାହିତ୍ୟ ରଚନା ଆଜି ସମଗ୍ର ବିଶ୍ୱ ଦରବାରରେ ସମ୍ମାନିତ ହୋଇଥିବାରୁ ତାହା ତାଙ୍କ ପାଇଁ ଗର୍ବର ମୁହୂର୍ତ୍ତ ଆଣିଦେଇଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ପୁରସ୍କାର ଦୌଡ଼ରେ ଆଉ ୫ଟି ଉପନ୍ୟାସ ଥିଲା। ସେଗୁଡ଼ିକ ହେଲା ବୋରା ଚୁଙ୍ଗଙ୍କ କ୍ରୁସେଡ୍ ବୁନି, ଜନ୍ ଫୋସେଙ୍କ ଏ ନ୍ୟୁ ନେମ୍: ସେପ୍ଟୋଲୋଜି ୬ଷ୍ଠ–୭ମ, ମିଏକୋ କାୱାକାମିଙ୍କ ହେଭେନ୍, କ୍ଲାଉଡିଆ ପିନେରିଓଙ୍କ ଏଲେନା ନୋଜ୍ ଏବଂ ଓଲ୍‌ଗା ଟୋକାର୍ଜୁକ୍‌ଙ୍କ ପୁସ୍ତକ ଦି ବୁକ୍ ଅଫ୍ ଜାକୋବ୍। ବିଶ୍ୱର ପ୍ରସିଦ୍ଧ ଲେଖକଙ୍କୁ ପଛରେ ପକାଇ 'ଟମ୍ବ ଅଫ୍ ସ୍ୟାଣ୍ଡ' ପୁରସ୍କାର ପାଇବା ଗୀତାଞ୍ଜଳିଙ୍କୁ ଆଜି ବିଶ୍ୱବିଦିତ କରିଦେଇଛି। କିନ୍ତୁ ସେ ସେଭଳି ସ୍ତରକୁ ଉନ୍ନୀତ ହୋଇଥିବା ବିଷୟକୁ ଭାବିପାରୁ ନ ଥିଲେ ମଧ୍ୟ ତାଙ୍କ ଲେଖା କେତେ ଉଚ୍ଚକୋଟୀର ହୋଇପାରିଛି ତାହା ଅନ୍ତର୍ଜାତୀୟ ବୁକର ପୁରସ୍କାର ବିଚାରକମଣ୍ଡଳୀ ଉପଯୁକ୍ତ ଚୟନ କରି ଜଣାଇ ଦେଇଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଉପନ୍ୟାସର ଇଂଲିଶ କପି ପ୍ରକାଶ କରିଥିବା ପେଙ୍ଗୁଇନ୍ ପକ୍ଷରୁ କୁହାଯାଇଛି ଯେ, ଏହି ପୁରସ୍କାର ପ୍ରଦାନ ହେବା ପରଦିନ ସକାଳେ ସବୁ ବହି ବିକ୍ରି ହୋଇଯାଇଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦିବ୍ୟାଙ୍ଗ ହେଲେ ବି ସେ ପାରଙ୍ଗମ। କଳାକୃତିକୁ ନେଇ ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିବା ଏହି ଦିବ୍ୟାଙ୍ଗ ଜଣକ ହେଉଛନ୍ତି କେରଳର ସ୍ୱପ୍ନା ଅଗଷ୍ଟାଇନ। ତାଙ୍କର ଦୁଇ ହାତ ନାହିଁ। ଜୀବନର ସବୁ ଆହ୍ୱାନକୁ ମୁକାବିଲା କରି ଗୋଡ଼ରେ ଚିତ୍ର ଆଙ୍କି ସେ ବିଶ୍ୱରେ ନିଜକୁ ଜଣେ ସଫଳ ଦିବ୍ୟାଙ୍ଗ ଆର୍ଟିଷ୍ଟ ଭାବେ ପ୍ରତିପାଦିତ କରିପାରିଛନ୍ତି। ଏର୍ନାକୁଲମ୍‌ର ପେଙ୍ଗୋଟୋରର ଏକ କୃଷକ ପରିବାରରେ ସ୍ୱପ୍ନା ଜନ୍ମ ହୋଇଥିଲେ। ତାଙ୍କର ଧାରଣା ଥିଲା ଯେ ବୟସ ବଢ଼ିଲେ ହାତ ବଢ଼ିବ, କିନ୍ତୁ ତାହା ନ ହେବାରୁ ସେ ଗୋଡ଼ରେ ଚିତ୍ର ଆଙ୍କିବା ଆରମ୍ଭ କରିଦେଲେ। ତାଙ୍କୁ ୬ ବର୍ଷ ବୟସରେ ସ୍କୁଲରେ ନାମ ଲେଖାଇବା ପରେ ସେ ପ୍ରଥମେ ଗୋଡ଼ରେ ଚିତ୍ର ଆଙ୍କିବା ଆରମ୍ଭ କରିଦେଇଥିଲେ। ସେବେଠାରୁ ଆଉ ସେ ଅଟକି ନାହାନ୍ତି। ପରେ ସ୍ୱପ୍ନା ମାଉଥ୍ ଆଣ୍ଡ ଫୁଟ୍ ପେଣ୍ଟିଂ ଆର୍ଟିଷ୍ଟରେ ଯୋଗ ଦେଇ ବିଶ୍ୱ ସ୍ତରରେ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି। ଏଥିପାଇଁ ସେ ଢେର ପୁରସ୍କାର ଓ ପ୍ରଶଂସା ପାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ମେ ୧୯୯୭

- ଆମେରିକାର କେନ୍ଦ୍ରୀୟ ଟେକ୍ସାସ୍‌ରେ ବଡ଼ଧରଣର ଘୂର୍ଣ୍ଣିବାତ୍ୟା ହେବା ଫଳରେ ୩୦ ଜଣଙ୍କ ପ୍ରାଣହାନୀ।
- ୬୫ କୋଟି ଟଙ୍କାର ଜୈନ ହାୱାଲା ମାମଲାରୁ କଂଗ୍ରେସର ବରିଷ୍ଠ ନେତା ମାଧବ ରାଓ ସିନ୍ଧିଆ, ଅର୍ଜୁନ ସିଂ, ଏନ୍.ଡି. ତିୱାରୀ ଓ ଆର୍. କେ. ଧାୱନ ଦୋଷମୁକ୍ତ।
- ବରିଷ୍ଠ ହାସ୍ୟ ଅଭିନେତା ବୃନ୍ଦାବନ ପାତ୍ର (ବୁଲ୍‌ବୁଲ୍) କାନ୍ତକବି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 7 | | 4 | | 9 | |
| | 9 | | | | | | | |
| 3 | | 5 | 9 | | | | | |
| | 8 | | | | | | | 6 |
| 2 | | | | 9 | | 5 | | |
| | | | | | 3 | | 1 | |
| 5 | | | | | | 4 | | |
| 4 | | 3 | | | | | 6 | 5 |
| | | 6 | | 1 | | 7 | | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 9 | 2 | 6 | 1 | 8 | 4 | 7 |
| 1 | 8 | 6 | 3 | 7 | 4 | 2 | 9 | 5 |
| 2 | 7 | 4 | 9 | 5 | 8 | 6 | 3 | 1 |
| 4 | 2 | 1 | 8 | 3 | 5 | 7 | 6 | 9 |
| 6 | 5 | 8 | 4 | 9 | 7 | 3 | 1 | 2 |
| 7 | 9 | 3 | 1 | 2 | 6 | 5 | 8 | 4 |
| 9 | 1 | 5 | 6 | 8 | 2 | 4 | 7 | 3 |
| 3 | 6 | 7 | 5 | 4 | 9 | 1 | 2 | 8 |
| 8 | 4 | 2 | 7 | 1 | 3 | 9 | 5 | 6 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସୁରକ୍ଷାବଳୟ ନାମକୁ ମାତ୍ର

ମହାଶୟ,
ରାଜ୍ୟରେ ଚୋରି ଡକାୟତି, ଲୁଟତରାଜ, ହଣାକଟା, ରାହାଜାନି ଓ ଯୌନ ବ୍ୟଭିଚାର ଭଳି ଅଘଟଣମାନ ଦୈନିକ ଘଟୁଥିବାର ଖବର ପ୍ରକାଶ ପାଉଛି। ଲୋକମାନଙ୍କର ଧନଜୀବନ ବିପନ୍ନ ହେଉଛି। ସରକାର ଲୋକମାନଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ପୋଲିସ ମୁତୟନ କରିଛନ୍ତି। ମାତ୍ର ପୋଲିସ ସୁରକ୍ଷା ପ୍ରଦାନ କରିବାରେ ସକ୍ଷମ ହୋଇପାରୁନାହିଁ। ନିକଟରେ ଘଟିଯାଇଥିବା କିଛି ଘଟଣାରୁ ଜଣାପଡ଼େ ଶ୍ରୀମନ୍ଦିର ଓ ରାଜଧାନୀ ଆଦୌ ସୁରକ୍ଷିତ ନୁହେଁ। ଜନୈକ ବ୍ୟକ୍ତି ରାତି ଅଧରେ ଶ୍ରୀମନ୍ଦିରରେ ରହି ଗୋଟିଗୋଟି କରି ୪୦ଟି ଚୁଲି ଭାଙ୍ଗିଦେଲା। ଯେଉଁ ସ୍ଥାନକୁ ସର୍ବସାଧାରଣଙ୍କ ପ୍ରବେଶ ନିଷେଧ, ଏପରି ଦୁଃସାହସ ସେ ବ୍ୟକ୍ତି କରିପାରିଲେ କିପରି ? ସବୁଠାରୁ ଆଶ୍ଚର୍ଯ୍ୟର କଥା ନିଜ କାମସାରି ଶେଷର ସିଂହଦ୍ୱାର ଦେଇ ପ୍ରସ୍ଥାନ କଲେ। ସେଠାରେ ଜେଟିପି କିମ୍ବା ପୋଲିସ ତାଙ୍କୁ ଗିରଫ ନ କରି ଖାଲି ଛାଡ଼ିଦେବା ଉଚିତ କି ? ସହଜେ ଶ୍ରୀମନ୍ଦିର ପ୍ରତି ଆତଙ୍କବାଦୀଙ୍କ ଭୟ ଥିବାରୁ ଜେଟିପି ଓ ପୋଲିସକୁ ମୁତୟନ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କର ଏପରି କାର୍ଯ୍ୟ ମନ୍ଦିର ସୁରକ୍ଷା ପ୍ରତି ବିପଦ ନୁହେଁ କି ? ଏହାବାଦ୍ ଓଡ଼ିଶାର ଡ୍ରାଇଭରମାନେ ରାଜଧାନୀକୁ କବ୍‌ଜା କରିବାବେଳେ ପୋଲିସ ହାତ ଟେକି ଦେଲା। ସକାଳ ୫ରୁ ସନ୍ଧ୍ୟା ୫ଟାଯାଏ ଡ୍ରାଇଭରମାନେ ସେମାନଙ୍କର କାରନାମା ପ୍ରଦର୍ଶନ କଲେ। ସୁରକ୍ଷା ଦୃଷ୍ଟିରୁ ବିଚାର କଲେ ଆମ ରାଜ୍ୟରେ ସୁରକ୍ଷାବଳୟ ନାମକୁ ମାତ୍ର ପ୍ରଚାର ମଧ୍ୟରେ ସୀମିତ କରିଥିବାର ଅନୁମାନ କରାଯାଏ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

ସେ ଚାହାଣି ଲାଗି
ଧରାର ଯୌବନ ରହେ ଯୁଗେ ଯୁଗେ
କେତେ ନିଶି ଜାଗି
ସେ ଚାହାଣି ଲାଗି
ବ୍ରହ୍ମଚାରୀ ଯୋଗେଶ୍ୱର ଯୋଗନିଦ୍ରା ଯାଏ
କେତେ ଭାଙ୍ଗି
ସେ ଚାହାଣି ଯଉବନେ ଜଗାଏ ପ୍ରଳୟ
ମରୁପଥେ ବୁହାଏ ମଳୟ।
(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଉଡ଼ାଣ ବାତିଲ କରିବ ଇଜି ଜେଟ୍**

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ଦେଖାଦେଇଥିବା ପ୍ରତିବନ୍ଧକ କାରଣରୁ ସ୍ୱଳ୍ପ ମୂଲ୍ୟଯୁକ୍ତ ଇଜିଜେଟ୍ ଏୟାରଲାଇନ୍ ପକ୍ଷରୁ ଆସନ୍ତା ୧୦ ଦିନ ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ବିମାନ ବାତିଲ୍ କରିବ ବୋଲି ସୂଚନା ମିଳିଛି। ଅନେକ ବ୍ରିଟିଶ୍ ବିମାନ ବନ୍ଦରରେ ପର୍ଯ୍ୟାପ୍ତ ପରିମାଣରେ ଗ୍ରାଉଣ୍ଡ ଷ୍ଟାଫ୍ ନିଯୁକ୍ତି ପାଇଁ ସଂଘର୍ଷ ଚାଲିଥିବା ବେଳେ ଇଜି ଜେଟ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି(ଆଇଟି) ସମ୍ପର୍କିତ ସମସ୍ୟା ସହିତ ଲଢୁଛି। ଇଜିଜେଟ୍ ପକ୍ଷରୁ ବର୍ତ୍ତମାନ କିଛି ଏ୩୧୯ ବିମାନରୁ ୬ଟି ସିଟ୍ ହଟାଇ ଦିଆଯାଇଛି। ଯାହାଦ୍ୱାରା ଜଣେ ଚାଳକଙ୍କ ଆବଶ୍ୟକତା କମିଯିବ। ଏୟାରଲାଇନ୍‌ର ସୂଚନା ଅନୁସାରେ ଆଇଟି ସମ୍ପର୍କିତ ଅସୁବିଧା କାରଣରୁ ଏହା ମେ' ୨୮ରୁ ଜୁନ୍ ୬ ମଧ୍ୟରେ ୨୪ଟି ଫ୍ଲାଇଟ୍ ଉଡ଼ାଣ ବାତିଲ୍ କରିବ।

# ଭୁବନେଶ୍ୱରରେ ମାଲାବାରର ୨ୟ ଷ୍ଟୋର

**ଭୁବନେଶ୍ୱର,୨୮।୫**



ଦେଶର ପ୍ରମୁଖ ଅଳଙ୍କାର ବ୍ରାଣ୍ଡ 'ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ'ର ୨ୟ ଷ୍ଟୋର ଶନିବାର ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଏମ୍‌ସି କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ରାଜକିଶୋର ଦାସ, ମାଲାବାରର ରିଟେଲ ହେଡ୍ (ଇଣ୍ଡିଆ), ସିରାଜ ପିକେ. ଓ ବ୍ରାଣ୍ଡର ଭାଇଜାଗ ଷ୍ଟୋର ହେଡ୍ ଅହସିଲ ଅହମ୍ମଦଙ୍କ ସମେତ ବ୍ରାଣ୍ଡର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଉକ୍ତ ଷ୍ଟୋରର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଥିଲା।

୬୫୦୦ ବର୍ଗଫୁଟ୍ ଜମିରେ ଏହି ନୂତନ ଷ୍ଟୋରର ପରିକଳ୍ପନା କରାଯାଇଛି। ଏଠାରେ ସର୍ବାଧିକ ଡିଜାଇନର ଭେରାଇଟି ଉପରେ ୪.୯% ରୁ ଆରମ୍ଭକରି ଯଥୋଚିତ ଗଢ଼ା ମଜୁରି ସହ ଉଚିତ ମୂଲ୍ୟରେ ଗହଣା ଉପଲବ୍ଧ ହେଉଛି। ସେହିଭଳି ବ୍ରାଣ୍ଡ ପକ୍ଷରୁ ସୁନା କ୍ରୟ ଯୋଜନା 'ଗୋଲ୍ଡେନ୍ ବ୍ଲୁମ୍ ଏବଂ ଗୋଲ୍ଡେନ୍ ଗ୍ଲୋ'ର ମଧ୍ୟ ଆରମ୍ଭ କରାଯାଇଛି। ଯେଉଁଥିରେ ଗ୍ରାହକଙ୍କୁ ଗଢ଼ା ମଜୁରି ନ ଦେଇ ଏବଂ ସୁନା ମୂଲ୍ୟ ବୃଦ୍ଧିରୁ ସୁରକ୍ଷିତ କରି ଗ୍ରାହକଙ୍କ ମନପସନ୍ଦର ଡିଜାଇନ୍ କ୍ରୟ କରିବାର ସୁଯୋଗ ପ୍ରଦାନ କରୁଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଆମର ନୂତନ ଷ୍ଟୋର୍ ଶୁଭାରମ୍ଭକରି ଆମେ ଅତ୍ୟନ୍ତ ଉଲ୍ଲସିତ। ଆମେ ଗ୍ରାହକମାନଙ୍କ ଆବଶ୍ୟକତା ପୂରଣକୁ ଗୁରୁତ୍ୱର ସହ ଗ୍ରହଣ କରିଛୁ। ଏହି ଷ୍ଟୋର୍ ଗ୍ରାହକମାନଙ୍କୁ ଏକ ବିଶ୍ୱସ୍ତରୀୟ କିଣାକିଣିର ଅନୁଭବ ସାଙ୍ଗକୁ ଉନ୍ନତତର କାରିଗରୀ ଏବଂ ପ୍ରତି ଅବସର ପାଇଁ ଗ୍ରହଣୀୟ ଡିଜାଇନ୍‌ର ବିସ୍ତୃତ ଭେରାଇଟି ପ୍ରଦାନ କରିବ ବୋଲି ଅହମ୍ମଦ ମତବ୍ୟକ୍ତ କରିଛନ୍ତି।

ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ଟଙ୍କାର ଶ୍ରେଷ୍ଠ ମୂଲ୍ୟ ଏବଂ ସ୍ୱଚ୍ଛତା ପ୍ରଦାନ କରିବା ନିମନ୍ତେ ସ୍ତର ନିର୍ଦ୍ଧାରଣ ପାଇଁ ନିଜର ପ୍ରତିବଦ୍ଧତା ସ୍ୱରୂପ ଗ୍ରାହକମାନଙ୍କୁ ୧୦ଟି ପ୍ରତିଶ୍ରୁତି ପ୍ରଦାନ କରୁଛି। ୧୦ଟି ଦେଶରେ ୨୮୦ରୁ ଊର୍ଦ୍ଧ୍ୱ ଷ୍ଟୋରର ରିଟେଲ୍ ନେଟ୍‌ୱର୍କ ଥିବା ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ବଜାରରେ ଦ୍ରୁତଗତିରେ ସମ୍ପ୍ରସାରିତ ହେଉଛି। ଗ୍ରୁପ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧର ପଦକ୍ଷେପ ସ୍ୱରୂପ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ନିଜର ଚନ୍ଦ୍ରଶେଖରପୁର ଶୋ'ରୁମ୍‌ରୁ ପ୍ରାପ୍ତ ଲାଭାଂଶର ୫% ସ୍ଥାନୀୟ ଅଞ୍ଚଳରେ ଦାତବ୍ୟ ଏବଂ କଲ୍ୟାଣମୂଳକ କାର୍ଯ୍ୟ ପାଇଁ ଆବଣ୍ଟନ କରିବ ବୋଲି ମାଲାବାର ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମାଲାବାରର ବରିଷ୍ଠ ଅଧିକାରୀ ସିଦ୍ଧେଶ୍ୱର ରଥ ପରିଚାଳନା କରିଥିବା ବେଳେ ଉଭୟ ଶହୀଦନଗର ଓ ଚନ୍ଦ୍ରଶେଖରପୁର ଷ୍ଟୋରର କର୍ମଚାରୀମାନେ ସହଯୋଗ କରିଥିଲେ।

## ଇଣ୍ଡିଗୋକୁ ୫ଲକ୍ଷ ଟଙ୍କା ଜରିମାନା

**ନୂଆଦିଲ୍ଲୀ,୨୮।୫**

ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ(ଡିଜିସିଏ) ପକ୍ଷରୁ ଇଣ୍ଡିଗୋ ଏୟାରଲାଇନ ଉପରେ ୫ଲକ୍ଷ ଟଙ୍କାର ଜରିମାନା ଲଗାଯାଇଛି। ମେ' ୭ ତାରିଖରେ ରାଞ୍ଚି ବିମାନବନ୍ଦରରେ ଜଣେ ଦିବ୍ୟାଙ୍ଗ ପିଲାକୁ ବିମାନଯାତ୍ରା କରିବାକୁ ରୋକିବା ଘଟଣାରେ ଡିଜିସିଏ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଡିଜିସିଏର ସୂଚନା ଅନୁସାରେ, ଏୟାରଲାଇନ ପକ୍ଷରୁ ଦିବ୍ୟାଙ୍ଗ ପିଲାଟିକୁ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ତେଣୁ ଭବିଷ୍ୟତରେ ଏୟାରଲାଇନ ପକ୍ଷରୁ ଏଭଳି ନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏ ସମ୍ପର୍କରେ ଏୟାରଲାଇନ ସିଇଓ ରନଞ୍ଜୟ ଦତ୍ତ କହିଛନ୍ତି, ବୋର୍ଡିଂ ସମୟରେ ପିଲାଟି ପ୍ୟାନିକ୍ ଥିଲା। ତେଣୁ ଏୟାରପୋର୍ଟ ଷ୍ଟାଫ୍‌ଙ୍କୁ ଏଭଳି ପଦକ୍ଷେପ ନେବାକୁ ପଡ଼ିଥିଲା। ଏହାଛଡ଼ା ସେମାନଙ୍କ ପରିବାର ପାଇଁ ହୋଟେଲରେ ରହିବା ବ୍ୟବସ୍ଥା କରାଯାଇଥିଲା ଏବଂ ପରଦିନ ସକାଳୁ ତାଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚା ଯାଇଥିବା ଏୟାରଲାଇନ ପକ୍ଷରୁ କୁହାଯାଇଛି।

## ଜାଗମରାରେ ଟାଇଟନ୍‌ର ନୂତନ ଷ୍ଟୋର



**ଭୁବନେଶ୍ୱର,୨୮।୫**

ଦେଶର ପ୍ରମୁଖ ଆଇୱେର ବ୍ରାଣ୍ଡ 'ଟାଇଟନ୍' ପକ୍ଷରୁ ସ୍ଥାନୀୟ ଜାଗମରାଠାରେ ଏହାର ପ୍ରିମିୟମ ଲୁକ୍ ସହ ପ୍ରଥମ ସମନ୍ୱିତ ଫର୍ମାଟ ଷ୍ଟୋରର ଶୁଭାରମ୍ଭ ହୋଇଯାଇଛି। ଏଠାରେ ଗୋଟିଏ ଛାତ ତଳେ ଆଇୱେର୍ ଏବଂ ଆସେସରିଜ୍‌ର ସମସ୍ତ ଉତ୍ପାଦ ଉପଲବ୍ଧ। ଏହାର ଉଦ୍‌ଘାଟନୀ ଅଫର ଭାବେ ଟାଇଟନ୍ ଆଇପ୍ଲସ୍‌ର ସମସ୍ତ ଉତ୍ପାଦ ଉପରେ ୧୦% ରିହାତି ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏହି ଅଫର ମେ ୨୭ରୁ ଜୁନ୍ ୫ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଟାଇଟନ୍ ଆଇପ୍ଲସ୍‌ର ବିଶାଳ ରିଟେଲ ନେଟ୍‌ୱର୍କ ସହ ଗ୍ରାହକଙ୍କୁ ପରିବର୍ଦ୍ଧିତ ସିଟିଂ ଅନୁଭୂତି ଯୋଗାଇବା ହେଉଛି ଏହି ନୂଆ ରିଟେଲ ଫର୍ମାଟର ଲକ୍ଷ୍ୟ। ନୂଆ ଟାଇଟନ୍ ଲାଇଫ୍‌ଷ୍ଟାଇଲ୍ ଷ୍ଟୋର ସହ ଗ୍ରାହକ ୧୦୦୦ରୁ ଊର୍ଦ୍ଧ୍ୱ ଉତ୍ପାଦ ମଧ୍ୟରୁ ନିଜ ପସନ୍ଦର ପ୍ରଡକ୍ଟ କିଣିପାରିବେ। ଏହା ମଧ୍ୟରେ ରହିଛି ବ୍ୟାପକ ରେଞ୍ଜ୍‌ର ଷ୍ଟାଇଲିଶ୍ ଫ୍ରେମ୍ ଏବଂ ସନ୍‌ଗ୍ଲାସ୍ ଇତ୍ୟାଦି, ଫଳରେ ଏହା ଗ୍ରାହକଙ୍କ ପାଇଁ ଉପଯୁକ୍ତ ଶପିଂ ସ୍ଥଳ ପାଲଟିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଟାଇଟନ୍ କମ୍ପାନୀ ଲିମିଟେଡ୍‌ର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ଅମିତ ଧରାପ କହିଛନ୍ତି, ସହରବାସୀଙ୍କୁ ଏକ ପରିବର୍ଦ୍ଧିତ ରିଟେଲ ଫର୍ମାଟର ସେବାରମ୍ଭ କରି ଆମେ ଅତ୍ୟନ୍ତ ଉତ୍ସାହିତ। ରାଜଧାନୀବାସୀଙ୍କୁ ଶପିଂର ଅଦ୍ୱିତୀୟ ଅନୁଭୂତି ଦେବା ହେଉଛି ଟାଇଟନ୍‌ର ଲକ୍ଷ୍ୟ। ଉଦ୍‌ଘାଟନୀ ଅବସରରେ ଏହାର ଫ୍ରାଞ୍ଚାଇଜି ଓନର ଯୋଗେନ୍ଦ୍ର ହଂସଙ୍କ ଷ୍ଟୋର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## କୋଇଲା ସଙ୍କଟର ସାମ୍ନା କରିପାରେ ଭାରତ

**ନୂଆଦିଲ୍ଲୀ,୨୮।୫**

ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସ ଅର୍ଥାତ୍ ଜୁଲାଇ–ସେପ୍ଟେମ୍ବର ମଧ୍ୟରେ ଭାରତକୁ ବ୍ୟାପକ କୋଇଲା ଅଭାବର ସାମ୍ନା କରିବାକୁ ପଡ଼ିପାରେ। ବିଦ୍ୟୁତ୍ ଚାହିଦା ଅଧିକ ହେବାକୁ ଥିବା କାରଣରୁ ଦେଶକୁ ଏହି ସଙ୍କଟର ସାମ୍ନା କରିବାକୁ ପଡ଼ିପାରେ ବୋଲି ରଏଟର୍ସ ତଥ୍ୟରୁ ଜଣାଯାଇଛି। ତଥ୍ୟ ଅନୁସାରେ, ବିଦ୍ୟୁତ୍ ମନ୍ତ୍ରଣାଳୟ ଏକ ଅନ୍ତରୀଣ କମିଟିର ରିପୋର୍ଟକୁ ନେଇ ଏହି ସୂଚନା ଦେଇଛନ୍ତି। ଏହାଦ୍ୱାରା ଦେଶରେ ପାୱାର କଟ୍ ମଧ୍ୟ ବୃଦ୍ଧି ପାଇବା ନେଇ ଆଶଙ୍କା ଦେଖାଦେଇଛି। ତଥ୍ୟ ଅନୁସାରେ ଆର୍ଥିକ ବର୍ଷ ୨୦୨୨–୨୩ର ଜୁଲାଇ–ସେପ୍ଟେମ୍ବର ମଧ୍ୟରେ କୋଇଲା ଯୋଗାଣରେ ୪୨.୫ ମିଲିୟନ ଟନ୍‌ର ହ୍ରାସ ଦେଖାଦେଇପାରେ। ଏହା ପୂର୍ବ ବିଦ୍ୟୁତ୍ ସଙ୍କଟଠାରୁ ୧୫% ଅଧିକ ରହିବ ବୋଲି ଆକଳନ କରାଯାଉଛି। ଗତ ୩୮ ବର୍ଷ ମଧ୍ୟରେ ବର୍ତ୍ତମାନ ସମୟରେ ବିଦ୍ୟୁତ୍ ଶକ୍ତିର ସର୍ବାଧିକ ଚାହିଦା ରହିଛି। ଏହାଛଡ଼ା ରୁଷିଆ–ୟୁକ୍ରେନ୍ ଯୁଦ୍ଧ କାରଣରୁ କୋଇଲା ଯୋଗାଣରେ ମଧ୍ୟ ହ୍ରାସ ଦେଖାଦେଇଛି। ଫଳରେ କୋଇଲା ଦର ରେକର୍ଡ ସ୍ତରରେ ରହିଛି। ଏଭଳି ପରିସ୍ଥିତିରେ ସରକାର ବିଦ୍ୟୁତ୍ ଉତ୍ପାଦନ ପ୍ଲାଣ୍ଟଗୁଡ଼ିକ ଉପରେ କୋଇଲା ଆମଦାନୀ ବଢ଼ାଇବା ପାଇଁ ଚାପ ପକାଉଛନ୍ତି।

## ନାଇନ୍ ହାଇଜିନ୍ ଆଣ୍ଡ ପର୍ସନାଲ କେୟାର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୨୮।୫**



ଭାରତରେ ମାସିକ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତାର ଆବଶ୍ୟକତା ରହିଛି। ତେବେ ଦେଶର ଅଧିକାଂଶ ମହିଳା ଋତୁସ୍ରାବଜନିତ ସାନିଟାରି ନାପ୍‌କିନ୍ ବ୍ୟବହାର ନ କରି ପୁରୁଣା ତଥା ଅପରିଷ୍କାର କପଡ଼ାର ବ୍ୟବହାର କରିବାକୁ ବାଧ୍ୟ ହୁଅନ୍ତି। ମେ' ୨୮ରେ ଶନିବାର ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ମାସିକ ଧର୍ମ ସ୍ୱଚ୍ଛତା ଦିବସ ଉପଲକ୍ଷେ ସଂସ୍ଥା ପକ୍ଷରୁ ୧ ମାସ ମଧ୍ୟରେ ୮ଟି ରାଜ୍ୟର ୨.୫ ଲକ୍ଷରୁ ଅଧିକ ମହିଳାଙ୍କୁ ସାନିଟାରି ପ୍ୟାଡ୍ ପ୍ରଦାନ କରାଯାଇଛି। ଏହି କମ୍ପାନୀ ସ୍ଥାପନ ସମୟରେ ସୁରକ୍ଷିତ ଋତୁସ୍ରାବ ପାଇଁ ୭.୫ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସଶକ୍ତ କରିଛି। କମ୍ପାନୀ ପକ୍ଷରୁ ନିୟମିତ ଭାବରେ ଶିକ୍ଷାନୁଷ୍ଠାନଗୁଡ଼ିକରେ କର୍ମଶାଳା ଆୟୋଜନ କରାଯାଇଥାଏ। ଋତୁସ୍ରାବକୁ ନେଇ ସମାଜରେ ଥିବା ବିଭିନ୍ନ ଭ୍ରାନ୍ତଧାରଣା ଶେଷ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ତେବେ ଏତେ କମ୍ ସମୟ ମଧ୍ୟରେ ୨.୫ ଲକ୍ଷରୁ ଅଧିକ ମହିଳାଙ୍କୁ ସାନିଟାରି ପ୍ୟାଡ୍ ପ୍ରଦାନ କରିବା ସହଜ ନ ଥିଲା। ତେବେ ଟିମ୍‌ର ଦୃଢ ଇଚ୍ଛାଶକ୍ତି ବଳରେ ଏହା ସମ୍ଭବ ହୋଇପାରିଥିବା ନାଇନ୍‌ର ସଂସ୍ଥାପକ ଅମର ତୁଳସୀୟାନ୍ କହିଛନ୍ତି।

## ଭାରତର ପ୍ରଥମ ପବନ–ସୌର ହାଇବ୍ରିଡ୍ ପ୍ଲାଣ୍ଟ

**ନୂଆଦିଲ୍ଲୀ,୨୮।୫**

ଭାରତରେ ଗ୍ରୀନ୍ ଏନର୍ଜି ଡ୍ରାଇଭ୍‌କୁ ଆଗକୁ ନେବା ଉଦ୍ଦେଶ୍ୟରେ ଆଦାନୀ ଗ୍ରୀନ୍‌ର ସହାୟକ ଆଦାନୀ ହାଇବ୍ରିଡ୍ ଏନର୍ଜି ଜୈସାଲମେର ୱାନ୍ ଲିମିଟେଡ୍ ପକ୍ଷରୁ ରାଜସ୍ଥାନର ଜୈସାଲମେରଠାରେ ୩୯୦ ମେଗାୱାଟ୍ ବିଶିଷ୍ଟ ପବନ–ସୌର ହାଇବ୍ରିଡ୍ ପ୍ଲାଣ୍ଟ ଚାଲୁ କରାଯାଇଛି। ଏହି ନୂତନ ପ୍ଲାଣ୍ଟର ଭାରତୀୟ ସୌର ଉର୍ଜା ନିଗମ (ଏସ୍‌ଇସିଆଇ) ୨.୬୯ ଟଙ୍କା ପ୍ରତି କିଲୋୱାଟ୍ ଘଣ୍ଟା (କେଡବ୍ଲ୍ୟୁଏଚ୍) ଦରରେ ବିଦ୍ୟୁତ୍ କ୍ରୟ ଚୁକ୍ତିନାମା (ପିପିଏ) କରାଯାଇଛି। ଏହା ଜାତୀୟ ସ୍ତରରେ ହାରାହାରି ପାୱାର କ୍ରୟ ମୂଲ୍ୟ (ଏପିପିସି)ଠାରୁ ବହୁମାତ୍ରାରେ କମ୍ ରହିଛି। ପବନ–ସୌର ହାଇବ୍ରିଡ୍ ଶକ୍ତି ଆମ ବ୍ୟବସାୟିକ ରଣନୀତିର ଏର ମହତ୍ତ୍ୱପୂର୍ଣ୍ଣ ଦିଗ। ଏହା ଭାରତରେ ବୃଦ୍ଧି ପାଉଥିବା ଗ୍ରୀନ୍ ଏନର୍ଜି ଆବଶ୍ୟକତାକୁ ପୂରଣ କରିବ ବୋଲି ଏଜିଇଏଲ୍‌ର ସିଇଓ ଏବଂ ଏମ୍‌ଡି ବିନିତ୍ ଏସ୍. ଜୈନ୍ କହିଛନ୍ତି।

## ବ୍ରାଣ୍ଡେଡ୍ ଷ୍ଟୋରର ମହାସେଲ୍ ଘୋଷଣା

**ଭୁବନେଶ୍ୱର,୨୮।୫**

ବ୍ରାଣ୍ଡେଡ୍ ଷ୍ଟୋରଗୁଡ଼ିକର କମ୍ପାନୀ ଆର୍‌କେ ଗ୍ରୁପ୍ ପକ୍ଷରୁ ବିଗ୍ ଡିସ୍‌କାଉଣ୍ଟ ସେଲ୍ ଶନିବାର ଶୁଭାରମ୍ଭ ହୋଇଯାଇଛି। ରବିବାର ଏବଂ ସୋମବାର ପାଇଁ ଚାଲିବାକୁ ଥିବା ଏହି ସେଲ୍‌ରେ ବିଭିନ୍ନ ବ୍ରାଣ୍ଡେଡ୍ ପୋଷାକ ଏବଂ ଜୋତାରେ ଗ୍ରାହକଙ୍କୁ ୯୦% ପର୍ଯ୍ୟନ୍ତ ରିହାତି ସୁବିଧା ମିଳିବ। ଗ୍ଲାମରସ୍ ପୋଷାକ ପିନ୍ଧିବାକୁ ଇଚ୍ଛା ରଖୁଥିବା ବ୍ୟକ୍ତିବିଶେଷଙ୍କୁ ଏହି ସେଲ୍ କମ୍ ଦାମ୍‌ରେ ଅଧିକ ମଡେଲର ଜିନିଷ ଯୋଗାଇବାରେ ସାହାଯ୍ୟ କରିବ। ବିଶେଷ ଭାବରେ ଆଧୁନିକ ଫ୍ୟାଶନ ପ୍ରତି ଆଗ୍ରହୀ ଥିବା ଯୁବପିଢ଼ିଙ୍କୁ ଏହା ସ୍ୱତନ୍ତ୍ର ଲୁକ୍ ପ୍ରଦାନ କରିବା ଦିଗରେ ବିଶେଷ ସହାୟକ ହେବ। ଏହି ମହାସେଲ୍ ଦି ନିଉ ମ୍ୟାରିୟନ୍, ଜନପଥ, ରାମମନ୍ଦିର ସାମ୍ନାରେ ଅନୁଷ୍ଠିତ ହେଉଛି। ଏଥିରେ ମେନ୍ସୱେର୍, ଲେଡିଜ୍ ୱେର୍, କିଡ୍ସ ୱେର୍ ସହିତ ମହିଳା, ପୁରୁଷ ଏବଂ ପିଲାଙ୍କ ପାଇଁ ଫୁଟ୍‌ୱେର୍ ବିକ୍ରି ହେଉଛି।



## ଭିତ୍ତିଭୂମି ଯୋଗାଇବ ବେଦାନ୍ତ

**ଭୁବନେଶ୍ୱର,୨୮।୫**

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ 'ମୋ ସ୍କୁଲ' ପକ୍ଷରୁ ଝାରସୁଗୁଡାରେ ଆୟୋଜିତ ହକି ଟୁର୍ନାମେଣ୍ଟରେ ଅଂଶ ଗ୍ରହଣ କରିଥିବା ଟିମ୍‌ଗୁଡ଼ିକ ପାଇଁ ସ୍ପୋର୍ଟି ଗିୟରର ପାଇଁ ବେଦାନ୍ତ ଆଲୁମିନିୟମ ପ୍ରାୟୋଜକ ଭାବେ କାର୍ଯ୍ୟ କରୁଛି। ବର୍ତ୍ତମାନ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଝାରସୁଗୁଡ଼ା ଜିଲାରେ 'ମୋ ସ୍କୁଲ' ଅଭିଯାନର ଏକ ସହଯୋଗୀ ସଂସ୍ଥା ଭାବେ ଜିଲାର ୪ଟି ସ୍କୁଲକୁ ସହାୟତା ପ୍ରଦାନ କରାଯାଉଛି। ଏହି ସ୍କୁଲ ଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ଯଥା ସ୍ମାର୍ଟ ଶ୍ରେଣୀଗୃହ, ଇ–ପାଠାଗାର, କମ୍ପ୍ୟୁଟର ଲାବ୍, ଖେଳପଡ଼ିଆ ଓ ବଗିଚା ଆଦି ପାଇଁ କମ୍ପାନୀ ୮୦ଲକ୍ଷ ଟଙ୍କା (ପ୍ରତି ସ୍କୁଲକୁ ୨୦ ଲକ୍ଷ ଟଙ୍କା ଲେଖାଏ) ପ୍ରଦାନ କରିଛି। ସେହିଭଳି ମୋ ସ୍କୁଲ ହକି ଟୁର୍ନାମେଣ୍ଟକୁ ସହାୟତା ପ୍ରଦାନ ସ୍ୱରୂପ ବେଦାନ୍ତ, ଜିଲା ହକି ସଂଘ, ଜିଲା ପ୍ରଶାସନ ଓ ଝାରସୁଗୁଡ଼ାର ଜିଲା ଶିକ୍ଷା ବିଭାଗ ସହ ସହଯୋଗିତା ସ୍ଥାପନ କରିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର, ଝାରସୁଗୁଡ଼ା ୟୁନିଟ, ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନେ ଯେଉଁଭଳି ଶ୍ରେଷ୍ଠ ସୁଯୋଗ ପାଇ ପ୍ରାଥମିକ ଶିକ୍ଷାରୁ ଆଗକୁ ବଢ଼ିପାରିବେ ତାହା ହେଉଛି ଆମର ଶିକ୍ଷା ପଦକ୍ଷେପଗୁଡ଼ିକର ମୂଳଲକ୍ଷ୍ୟ ବୋଲି ଗୁପ୍ତା କହିଛନ୍ତି।

## ସରକାରୀ ଅନୁମତିକୁ ଅପେକ୍ଷା କରିଛି ଟେସ୍‌ଲା

**ନୂଆଦିଲ୍ଲୀ,୨୮।୫**

ବିଶ୍ୱର ପ୍ରମୁଖ ସୌଖିନ କାର୍ ନିର୍ମାତା କମ୍ପାନୀ ଟେସ୍‌ଲା ଭାରତରେ କାରବାର ଓ ପ୍ଲାଣ୍ଟ ନିର୍ମାଣ ପାଇଁ ଆଗ୍ରହୀ ଥିବାବେଳେ କେବଳ ସରକାରୀ ଅନୁମତିକୁ ଅପେକ୍ଷା କରିଛି। ଏପରିକି ଯେପର୍ଯ୍ୟନ୍ତ ସରକାର ଇଲେକ୍ଟ୍ରିକ୍ ଯାନ ବିକ୍ରି ଏବଂ ସେବା ପ୍ରଦାନ ନେଇ ଅନୁମତି ପ୍ରଦାନ କରିନାହାନ୍ତି, ସେ ପର୍ଯ୍ୟନ୍ତ ଟେସ୍‌ଲା ଭାରତରେ କାର୍ ନିର୍ମାଣ କରିବ ନାହିଁ ବୋଲି ଏଲନ୍ ମସ୍କ ଶୁକ୍ରବାର ବିଳମ୍ବିତ ରାତିରେ ଟୁଇଟ୍ କରି କହିଛନ୍ତି, ଆମକୁ ପ୍ରଥମେ କାର୍ ବିକ୍ରି ଏବଂ ସର୍ଭିସ୍ ପ୍ରଦାନ କରିବାକୁ ଅନୁମତି ପ୍ରଦାନ କରି ନ ଥିବା ଦେଶଗୁଡ଼ିକରେ ଟେସ୍‌ଲା ପ୍ଲାଣ୍ଟ ସ୍ଥାପନ କରାଯିବ ନାହିଁ। ଏହାଛଡ଼ା ଜଣେ ଟୁଇଟର ୟୁଜର ଭାରତରେ ଟେସ୍‌ଲା ନିର୍ମାଣ ସମ୍ପର୍କିତ ପଚାରିଥିବାଥ ପ୍ରଶ୍ନର ଜବାବ ଦେଇ ସେ କହିଛନ୍ତି, ଆମେ ସରକାରଙ୍କ ମଞ୍ଜୁରୀକୁ ଅପେକ୍ଷା କରିଛୁ।

## ଅତ୍ୟାଧୁନିକ ଚିକିତ୍ସା ଯୋଗାଉଛନ୍ତି ତେଲଙ୍ଗାନା ସରକାର

**ନୂଆଦିଲ୍ଲୀ,୨୮।୫**

ତେଲଙ୍ଗାନା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍ସେସ୍ (ଟିଆଇଏମ୍‌ଏସ୍) ମେଡିକାଲ ସେବା ବିସ୍ତାର କରାଯିବା ସହିତ କର୍ପୋରେଟ୍ ସ୍ତରରେ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ମଧ୍ୟ ଚିକିତ୍ସା ସେବା ପ୍ରଦାନ କରିଛି। ଟିଆଇଏମ୍‌ଏସ୍ ସୁପର ସ୍ପେଶାଲିଟି ହସ୍ପିଟାଲ୍ ହାଇଦ୍ରାବାଦ ସହରର ଏକ ଅଂଶ ଭାବରେ ଗୋଚ୍ଛିୱ୍‌ଲିଠାରେ ଲୋକଙ୍କୁ ସେବା ପ୍ରଦାନ କରିବା ଆରମ୍ଭ କରିଛି। ଏହାଛଡ଼ା ଅଲ୍‌ୱାଲ୍, ଏଲ୍‌ବିନଗର, ସନଥନଗରରେ ଟିଆଇଏମ୍‌ଏସ୍ ସୁପର ସ୍ପେଶାଲିଟି ହସ୍ପିଟାଲ୍‌ର ଯୋଜନା ରହିଛି। ଏଥିସହିତ ତେଲଙ୍ଗାନା ସରକାର ରାଜ୍ୟର ବିଭିନ୍ନ ଜିଲାରେ ମେଡ଼ିକାଲ୍ କଲେଜ ଖୋଲିବା ଯୋଜନା ରଖିଛନ୍ତି। ୱାରାଙ୍ଗଲ୍‌ର ହେଲ୍‌ଥ ସିଟିର ଅଂଶ ଭାବରେ ଅତ୍ୟାଧୁନିକ ସୁବିଧା ସହିତ ୨୪ ମହଲା କମ୍ପ୍ଲେକ୍ସରେ ୨୦୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି ହସ୍ପିଟାଲ୍ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ତେଲଙ୍ଗାନା ସରକାରଙ୍କ କାନ୍ତି ଭେଲୁଗୁ କାର୍ଯ୍ୟକ୍ରମ ମାଧ୍ୟମରେ ୧.୫ କୋଟି ଲୋକଙ୍କର ଚକ୍ଷୁ ପରୀକ୍ଷା କରାଯାଇଛି। ଦେଶରେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବରୁ ରାଜ୍ୟରେ ୨୫୬ଟି ବସ୍ତି ଦୱାଖାନା କାର୍ଯ୍ୟ କରୁଥିବା ବେଳେ ମ୍ୟୁନିସିପାଲିଟି ଏବଂ କର୍ପୋରେଶନଗୁଡ଼ିକ ପାଇଁ ଅଧିକ ୬୦ଟି ମଞ୍ଜୁର କରାଯାଇଛି। ରାଜ୍ୟର ସରକାରୀ ଚିକିତ୍ସାଳୟଗୁଡ଼ିକରେ ୫୬,୦୦୦ରୁ ଊର୍ଦ୍ଧ୍ୱ ଅମ୍ଳଜାନ ଶଯ୍ୟା ବ୍ୟବସ୍ଥା ରହିଛି। ରାଜ୍ୟର ସମସ୍ତ ମୁଖ୍ୟ ଚିକିତ୍ସାଳୟରେ ଡାଇଗ୍ନୋସିସ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇ ସେଗୁଡ଼ିକରେ ୫୭ଟି ଡାଇଗ୍ନୋଷ୍ଟିକ୍ ପରୀକ୍ଷା ବିନା ମୂଲ୍ୟରେ କରାଯାଇଥାଏ। ସାରା ରାଜ୍ୟରେ ୪୦ଟି ମାଗଣା ଡାଏଲିସିସ୍ କେନ୍ଦ୍ରର ସ୍ଥାପନା ମଧ୍ୟ କରାଯାଇଛି। ଡାଏଲିସିସ୍ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ବସ୍ ପାସ୍ ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି। ସରକାରୀ ଚିକିତ୍ସାଳୟଗୁଡିକରେ ପରିମଳ ସ୍ଥିତିର ଉନ୍ନତି ପାଇଁ ଶଯ୍ୟା ପିଛା ଖର୍ଚ୍ଚ ୫୦୦୦ରୁ ୭୫୦୦ଟଙ୍କାକୁ ବୃଦ୍ଧି କରାଯାଇଛି। ଆରୋଗ୍ୟ ଶ୍ରୀ ଯୋଜନା ମାଧ୍ୟମରେ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କ ପାଇଁ ମେଡିକାଲ୍ ସେବାକୁ ୨ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଘରୁ ହସ୍ପିଟାଲ୍ ପର୍ଯ୍ୟନ୍ତ ନେବା ଆଣିବା ପାଇଁ ରାଜ୍ୟରେ ୩୦୦ଟି ଆମ୍ମା ଭୋଡି ଗାଡ଼ି ଗର୍ଭବତୀଙ୍କୁ ସେବା ଯୋଗାଉଛି। ଫଳସ୍ୱରୂପ ଗତ ୮ ବର୍ଷ ମଧ୍ୟରେ ମାତୃ ମୃତ୍ୟୁହାର ହଜାରରେ ୯୨ରୁ ୫୬କୁ ହ୍ରାସ ହେବା ସହିତ ଶିଶୁ ମୃତ୍ୟୁ ହାର ୩୯ରୁ ୨୩କୁ କମିଛି।



## ଦେଶ ବିକାଶରେ ରେଳପଥର ପ୍ରୟାସ ଜାରି ରହିବ: ମନ୍ତ୍ରୀ

**ଭୁବନେଶ୍ୱର,୨୮।୫**

ଭାରତର ବିକାଶ କ୍ଷେତ୍ରରେ ଆବଶ୍ୟକ ସହଯୋଗ ଓ ସହାୟତା ଦୀର୍ଘ ବର୍ଷ ହେବ ଭାରତୀୟ ରେଳ ତା'ର ସକ୍ଷମ ଅନୁଯାୟୀ ସହଯୋଗ କରିଆସିଛି, ଆଗକୁ ମଧ୍ୟ ତା'ର ପ୍ରୟାସ ଜାରି ରହିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଶନିବାର ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ପୂର୍ବତଟ ରେଳପଥର ରେଳ ଅଡିଟୋରିୟମ ପରିସରରେ ୬୭ତମ ଜାତୀୟ ରେଲୱେ ପୁରସ୍କାର ବିତରଣ ଉତ୍ସବ–୨୦୨୨ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରେଳମନ୍ତ୍ରୀ ବୈଷ୍ଣବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ରେଳର ସମସ୍ତ ଜୋନ୍, ମୁଖ୍ୟାଳୟର କର୍ମଚାରୀ ଓ ଅଧିକାରୀମାନଙ୍କୁ ସମ୍ବୋଧିତ କରି କହିଥିଲେ, ରେଳପଥର ପରିବର୍ତ୍ତନ ହେଲେ ଦେଶର ଅର୍ଥନୀତି ନିଶ୍ଚିତ ଭାବେ ପରିବର୍ତ୍ତନ ହୋଇପାରିବ। ସେହିଭଳି ଭାରତୀୟ ରେଳପଥରେ ମୌଳିକ ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ସହିତ ଗାଡ଼ି ଷ୍ଟକ୍, ନିର୍ମାଣ କାର୍ଯ୍ୟ କିମ୍ବା ନିରାପତ୍ତା ଏବଂ ସାଇବର ସୁରକ୍ଷା ଦୃଷ୍ଟିରୁ ଟେକ୍ନୋଲୋଜିର ଦ୍ରୁତ ଅବଶୋଷଣକୁ ନବୀକରଣ କରାଯିବା ନିହାତି ଆବଶ୍ୟକ ରହିଛି। ସେହିପରି ରେଳପଥର ବିକାଶ ପାଇଁ ଅଧିକ ପୁଞ୍ଜି ବିନିଯୋଗ ଆବଶ୍ୟକ ।



୬୭ ତମ ଜାତୀୟ ରେଲ୍‌ୱେ ପୁରସ୍କାର ବିତରଣ ଉତ୍ସବ–୨୦୨୨ ଅବସରରେ ପୂର୍ବତଟ ରେଲ୍‌ୱେକୁ ପୁରସ୍କୃତ କରାଯାଉଛି।

୨୦୧୪ରୁ ସରକାର କ୍ରମାଗତ ଭାବେ ରେଳପଥରେ ପୁଞ୍ଜି ବିନିଯୋଗକୁ ବୃଦ୍ଧି କରୁଛନ୍ତି ଏବଂ ଚଳିତ ବର୍ଷ ଏହା ୧ ଲକ୍ଷ ୩୭ ହଜାର କୋଟି ଟଙ୍କାରେ ପହଞ୍ଚିଛି ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ରେଳ ବୋର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭି.କେ.ତ୍ରିପାଠୀ ସ୍ୱାଗତ ଅଭିଭାଷଣରେ ଭାରତୀୟ ରେଳପଥର ପରିବର୍ତ୍ତନ ବିଷୟରେ ବିସ୍ତୃତ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଳବୋର୍ଡର ସଦସ୍ୟ ମୋହିତ ସିହ୍ନା (ଅର୍ଥ), ଓ.ପି. ସିଂ (ଭିତ୍ତିଭୂମି), ଡି.ସି.ଶର୍ମା (ଟ୍ରାକ୍ସନ୍ ଆଣ୍ଡ ରୋଲିଂ ଷ୍ଟକ୍), ଏସ୍.କେ. ମହାନ୍ତି (ଅପରେସନ୍ସ ଏବଂ ବ୍ୟବସାୟ ବିକାଶ) ଓ ରେଳବାଇ ବୋର୍ଡର ସଚିବ ଆର୍.ଏନ୍.ସିଂହଙ୍କ ସମେତ ସମସ୍ତ ଜୋନାଲ ରେଳପଥର ମହାପ୍ରବନ୍ଧକ ,ରେଳପଥର ଉତ୍ପାଦନ ୟୁନିଟ୍ ଏବଂ ଏହାର ପିଏସ୍‌ୟୁଗୁଡ଼ିକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ପରି ଉଚ୍ଚସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ଦେଶର ବିଭିନ୍ନ ଜୋନାଲ ରେଲୱେରୁ ୧୫୬ ରେଳ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ଏହା ବ୍ୟତୀତ ବିଭିନ୍ନ ରେଲୱେ, ଉତ୍ପାଦନ ୟୁନିଟ୍ ଏବଂ ରେଲୱେ ପିଏସ୍‌ୟୁଗୁଡ଼ିକୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ଦକ୍ଷତା ପାଇଁ ୨୧ଟି ସିଲ୍ଡ ମଧ୍ୟ ପୁରସ୍କାର ସ୍ୱରୂପ ପ୍ରାପ୍ତ କରିଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ୧୦ଜଣ ଟ୍ରାକ୍‌ମ୍ୟାନ୍‌ଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ୨୮ରେଲୱେ କର୍ମଚାରୀ ବ୍ୟକ୍ତିଗତ ସୁରକ୍ଷାକୁ ଅବମାନନା କରି ମଧ୍ୟ ରେଳପଥରେ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ସମ୍ମାନଜନକ କାର୍ଯ୍ୟ କରି ପୁରସ୍କୃତ ହୋଇଛନ୍ତି। ଯେଉଁଥିରେ ୮ଜଣ ଟ୍ରାକମ୍ୟାନ୍ ଅନ୍ତର୍ଭୁକ୍ତ। ପରିଚାଳନା, ସୁରକ୍ଷା ଏବଂ ନିରାପତ୍ତା,ସମ୍ପତ୍ତିର ଉନ୍ନତ ରକ୍ଷଣାବେକ୍ଷଣ ଏବଂ ଉପଯୋଗରେ ଉନ୍ନତି ଆଣିବା ପାଇଁ କରାଯାଇଥିବା ଆଦର୍ଶ କାର୍ଯ୍ୟ ପାଇଁ ୪୨ରେଳବାଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି,୨୮ କର୍ମଚାରୀଙ୍କୁ ନୂତନ ଉଦ୍ଭାବନ ପାଇଁ ପୁରସ୍କୃତ କରାଯାଇ ଥିବାବେଳେ ଖର୍ଚ୍ଚରେ ଅର୍ଥନୀତିକୁ ଉତ୍ପାଦନ, ଉତ୍ପାଦନର ଉନ୍ନତି ଇତ୍ୟାଦି, ରୋଜଗାରର ବୃଦ୍ଧି ଏବଂ ଟିକେଟ୍ ବିହୀନ ଯାତ୍ରା, ଚୋରି ଇତ୍ୟାଦି ପାଇଁ ୧୧ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ରେକର୍ଡ ସମୟ ମଧ୍ୟରେ ପ୍ରକଳ୍ପ ସମାପ୍ତି ପାଇଁ ୧୨କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜଣେ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୩୩ ରେଲୱେ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।



ପର୍ସରେ ଟଙ୍କା ରଖି ବାହାରକୁ ଗଲେ କେବେ ଚୋରି ତ କେବେ ଡକାୟତିର ଆଶଙ୍କା, ପୁଣି କେବେ କେଉଁଠି ଦରକାର ବେଳେ ଟଙ୍କା ସରିଗଲେ ଏଟିଏମ୍ ଖୋଜିବାର ଟେନ୍‌ଶନ୍। ଏମିତିରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ ଏବଂ ଇ-ୱାଲେଟ୍ ଭଳି କ୍ୟାଶ୍‌ଲେସ୍ ସୁବିଧା ଏବେ ସଭିଙ୍କ ପାଇଁ ବେଷ୍ଟ ଅପ୍ସନ। ତେବେ ଏହା ଯେତିକି ସହଜ ଏବଂ ସୁବିଧାଜନକ, ସୁରକ୍ଷା ଦୃଷ୍ଟିରୁ ଏଥିରେ ସେତିକି ସତର୍କତା ଅବଲମ୍ବନ କରିବା ବି ଗୁରୁତ୍ୱପୂର୍ଣ୍ଣ...

# ସବୁ ଏବେ କ୍ୟାଶ୍‌ଲେସ୍






ଆଜିର ଇଣ୍ଟରନେଟ୍ ଯୁଗରେ ସଭିଙ୍କ ପାଇଁ ବଡ଼ ସୁବିଧା ହେଉଛି କ୍ୟାଶ୍‌ଲେସ୍ ବ୍ୟବସ୍ଥା। ଫଳରେ ଯେକୌଣସି ସ୍ଥାନରେ ଥାଇ ମୋବାଇଲ୍‌ରେ ବିଭିନ୍ନ ଆପ୍ ଜରିଆରେ ପେମେଣ୍ଟ କରାଯାଇ ପାରୁଛି। ପାନ ଦୋକାନରୁ ଗାଡି ଶୋ'ରୁମ୍ ପର୍ଯ୍ୟନ୍ତ ସବୁଠି କ୍ୟାଶ୍ ନ ନେଇ ସାମଗ୍ରୀ କିଣାଯାଇପାରୁଛି। ତେଣୁ ପାଖରେ ମୋବାଇଲ୍ ଥିଲେ ସବୁ ସମସ୍ୟାର ସମାଧାନ ହୋଇଯାଉଛି। ଏହାଦ୍ୱାରା ବାହାରକୁ ଯିବା ସମୟରେ ପାଖରେ ଅଧିକ ଟଙ୍କା ନେବା ଚୋରି, ଡକାୟତି ଇତ୍ୟାଦିର ଆଶଙ୍କା ବହୁମାତ୍ରାରେ କମିଯାଇଛି। ହେଲେ ଏଭଳି କ୍ୟାଶ୍‌ଲେସ୍ ବ୍ୟବସ୍ଥା ଯେତିକି ସହଜ ଏବଂ ସୁବିଧାଜନକ, ସୁରକ୍ଷା ଦୃଷ୍ଟିରୁ ଏଥିରେ ସେତିକି ସତର୍କତା ମଧ୍ୟ ଅବଲମ୍ବନ କରିବା ଆବଶ୍ୟକ...

- ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ। କାରଣ ପବ୍ଲିକ୍ କମ୍ପ୍ୟୁଟର୍ କିମ୍ବା ସାଇବର୍ କାଫେରେ ଏହା ଅସୁରକ୍ଷିତ। କେବଳ ଏତିକି ନୁହେଁ ହ୍ୟାକ୍ ହେବାର ଆଶଙ୍କା ଥିବାରୁ ପବ୍ଲିକ୍ ୱାଇଫାଇରେ ମଧ୍ୟ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରିବା ଠିକ୍ ନୁହେଁ।
- ଇ-ବ୍ୟାଙ୍କିଙ୍ଗ ବ୍ୟବହାର କରୁଥିଲେ, ପ୍ରୋଟେକ୍ସନ୍ ସଫ୍ଟୱେର୍ ବ୍ୟବହାର କରନ୍ତୁ। ମୋବାଇଲ୍‌ରେ ନେଟ୍ ବ୍ୟାଙ୍କିଙ୍ଗ୍ କରୁଥିଲେ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି, ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ଏହା ଆପଣଙ୍କୁ ଅସୁବିଧାରେ ପକାଇପାରେ।
- ପାସ୍‌ୱାର୍ଡ ଏଭଳି ରଖନ୍ତୁ ଯେପରି ଅନ୍ୟମାନଙ୍କୁ ଏହା ଜାଣିବା କିମ୍ବା ହ୍ୟାକ୍ କରିବା ସହଜ ହେବ ନାହିଁ। ନିଜ ପାସ୍‌ୱାର୍ଡ ଅନ୍ୟ ସହ ଶେୟାର କରନ୍ତୁ ନାହିଁ।
- କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ କରୁଥିଲେ କୌଣସି ଲାଇସେନ୍ସ ଆଣ୍ଟିଭାଇରସ୍ ଲୋଡ୍ କରନ୍ତୁ। କାରଣ ଫ୍ରିଆଣ୍ଟିଭାଇରସ୍‌ରେ ଅନେକ ସମୟରେ ହ୍ୟାକର୍‌ମାନଙ୍କୁ ଆପଣଙ୍କ ଡିଟେଲ୍‌ସ ମିଳିବାରେ ସହଜ ହୋଇଥାଏ।
- ଯେଉଁ ଇ-ବ୍ୟାଙ୍କିଙ୍ଗ୍ ସାଇଟ୍‌ରେ ପେମେଣ୍ଟ କରୁଛନ୍ତି, ତାହାର ଲିଙ୍କ୍ ସେଫ୍ କି ନୁହେଁ ପ୍ରଥମେ ସୁନିଶ୍ଚିତ କରନ୍ତୁ। ୱେବ୍‌ପେଜ୍ httpରୁ ଆରମ୍ଭ ହୋଇଥିବା ଦରକାର। କେବଳ ଏତିକି ନୁହେଁ, ଲଗ୍ ଇନ୍ କରିବା ସମୟରେ ବ୍ରାଉଜର୍ ୱିଣ୍ଡୋ ଫ୍ରେମ୍ ଉପରେ ପେଡ୍‌ଲକ୍ ସିମ୍ବଲ୍ ଚେକ୍ କରିବାକୁ ଭୁଲନ୍ତୁ ନାହିଁ। ବିଶେଷ କରି ଯଦି ଅନ୍‌ଲାଇନ୍‌ରେ ଅନ୍ୟ କାହା ଆକାଉଣ୍ଟକୁ ମନି ଟ୍ରାନ୍ସଫର୍ କରୁଛନ୍ତି, ତେବେ ସୁରକ୍ଷିତ ପେମେଣ୍ଟ ସାଇଟ୍ ହିଁ ବ୍ୟବହାର କରନ୍ତୁ ଏବଂ ୱେବ୍‌ସାଇଟ୍‌ର ପ୍ରାଇଭେସି ପଲିସି ଚେକ୍ କରିବାକୁ ଆଦୌ ଭୁଲନ୍ତୁ ନାହିଁ।
- ବର୍ତ୍ତମାନ ଶପିଂ, ଟିକେଟ ବୁକିଂ, ମନି ଟ୍ରାନ୍ସଫର ଭଳି ବିଭିନ୍ନ ପ୍ରକାର ଅନ୍‌ଲାଇନ୍ ଆପ୍‌ରେ ଅନେକ ସମୟରେ କୌଣସି ଫେକ୍ ୱେବ୍‌ସାଇଟ୍‌ଗୁଡ଼ିକରୁ ଆସୁଥିବା ଇ-ମେଲ୍‌ରେ କାର୍ଡର ଡିଟେଲ୍‌ସ ମଗାଯାଉଛି। ଏଥିରେ ବିଶ୍ୱାସ କରି ସମସ୍ତ ତଥ୍ୟ ଦିଅନ୍ତୁ ନାହିଁ ନ ଚେତ୍ ଠକାମିର ଶିକାର ହୋଇପାରନ୍ତି।
- ପ୍ରତ୍ୟେକ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ ପରେ ନିଜ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଚେକ୍ କରନ୍ତୁ। ଇ- ପେମେଣ୍ଟ ନ କରୁଥିବା ସମୟରେ ମଧ୍ୟ ଷ୍ଟେଟ୍‌ମେଣ୍ଟ ଚେକ୍ କରିବା ଆବଶ୍ୟକ। ଅନ୍‌ଲାଇନ୍ ପେମେଣ୍ଟ ପରେ ଏହାର ରସିଦ୍‌କୁ ନିଶ୍ଚିତ ଭାବେ ସେଭ୍ କରିରଖନ୍ତୁ।
- ପ୍ରତ୍ୟେକ ଟ୍ରାଞ୍ଜାକ୍ସନ ପରେ ଲଗ୍‌ଆଉଟ୍ କରିବାକୁ ଆଦୌ ଭୁଲନ୍ତୁନାହିଁ।

### କ'ଣ କୁହନ୍ତି ଏମାନେ...



**ଜ୍ଞାନ ରଞ୍ଜନ ମହାନ୍ତି** (କର୍ମଜୀବୀ, ପୁରୀ) – ସକାଳୁ କାମକୁ ବାହାରିବା ସମୟରେ କେବେକେବେ ବ୍ୟସ୍ତତାରେ ୱାଲେଟ୍ ଘରେ ଭୁଲିଯାଏ। ତେଣୁ ରାସ୍ତାରେ ଟିଫିନ୍ କରିବା ହେଉ କି ଖାସ୍ କରି ପେଟ୍ରୋଲ୍ ପକେଇବା ପାଇଁ ବହୁତ ହଇରାଣ ହୁଏ। ଏହି ସମୟରେ ଅନ୍‌ଲାଇନ୍ ଟ୍ରାନ୍‌ଜାକ୍ସନ୍ ମୋର ବହୁତ କାମରେ ଆସିଥାଏ। କ୍ୟାଶ୍‌ଲେସ୍ ଟ୍ରାନ୍‌ଜାକ୍ସନ୍ ଯୋଗୁଁ ବାହାରକୁ ଗଲେ ସାଙ୍ଗରେ ବେଶି ଟଙ୍କା ନେଇ ଯିବାକୁ ପଡୁନି। ଏହାଯୋଗୁ ଟଙ୍କା ଚୋରି ହେବାର ଭୟ ରହୁ ନ ଥିବାରୁ ଟେନ୍‌ସନ୍ ଫ୍ରି ହୋଇ ସବୁ କାମ ମଧ୍ୟ କରିପାରୁଛି।



**ପୂଜା ରାଣୀ ଦାସ** (ଛାତ୍ରୀ, ବାଲେଶ୍ୱର)– ସବୁ ସ୍ଥାନକୁ କ୍ୟାଶ୍ ନେଇକି ଯିବା ସହଜ ନୁହେଁ। ମାର୍କେଟ ହେଉ କି କେଉଁଠିକି ଟ୍ରାଭେଲ୍ କରୁଥିଲେ ସବୁଠି କ୍ୟାଶଲେସ୍ ଟ୍ରାନ୍‌ଜାକ୍ସନ୍ ହିଁ କରିଥାଏ। ମୋର ବହୁତ ଖରାପ ଅଭ୍ୟାସ, ପାଖରେ ଟଙ୍କା ରହିଲେ ଖର୍ଚ୍ଚ କରିଦିଏ। ତେଣୁ ଏହିଭଳି ଅନ୍‌ଲାଇନ୍ ଟ୍ରାନ୍‌ଜାକ୍ସନ କରିବା ପୂର୍ବରୁ ଦେଖିଚାହିଁ ଖର୍ଚ୍ଚ କରେ। ଘରେ ବସି କରେଣ୍ଟ ବିଲ୍, ପାଣି ବିଲ୍ ଏମିତି କି ଗ୍ୟାସ୍ ପାଇଁ ମଧ୍ୟ ପେମେଣ୍ଟ କରିଦିଏ। ଏହାଦ୍ୱାରା ବାପାଙ୍କୁ ଏଣେତେଣେ ଯାଇ ହଇରାଣ ହେବାକୁ ପଡ଼େନି। ସେହିପରି ଗ୍ରୋସେରି ମଧ୍ୟ ଅନ୍‌ଲାଇନ୍ ଆପ୍‌ରେ କିଣି ଅତି ସହଜରେ ପେମେଣ୍ଟ କରିପାରେ।



## ଏ ସପ୍ତାହର ପ୍ରଶ୍ନ

୧– ଭାରତରେ ଆୟୁଷ୍ମାନ୍ ଭାରତ ଦିବସ ........... ତାରିଖରେ ପାଳନ କରାଯାଏ ?
୨– ଶାଗୁଣା ବଂଶ ବୃଦ୍ଧି ଲାଗି......... ଦେଶ ପକ୍ଷରୁ 'ଭଲଚର୍ ଆକ୍ସନ ପ୍ଲାନ୍ ୨୦୨୦–୨୫' ଆରମ୍ଭ କରାଯାଇଛି ?
୩– ନିଜ ମସ୍ତିଷ୍କର ଆକାରକୁ ଛୋଟ ଏବଂ ବଡ଼ କରିପାରୁଥିବା ଜୀବ........ ?
୪– ହ୍ୱାଇଟ୍ଲେ ଗ୍ଲୋ ଆୱାର୍ଡ .................ବିଭାଗରେ ଦିଆଯାଏ ?
୫– ପଶୁଙ୍କ ଲାଗି ପ୍ରଥମ କରୋନା ଭାଇରସ୍ ଭାକ୍ସିନ୍ ବାହାର କରିଥିବା ଦେଶ..... ?

## ଗତ ଥରର ଉତ୍ତର

୧ ପାୱାର୍ ଅଫ୍ ମ୍ୟୁଜିଅମ୍ସ
୨ ଉତ୍ତର ପ୍ରଦେଶ
୩ ଭୋପାଳ
୪ ଫ୍ରାଙ୍କ୍ ୱିଲ୍‌ଜେକ୍
୫ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଏଜୁକେଶନ

## ଉତ୍ତରଦାତା


ବିଘ୍ନରାଜ ଗଡ୍ଡୁଆ, ଲୋଇସିଂହା


ମନୋରଞ୍ଜନ ମିଶ୍ର, ଭୁବନେଶ୍ୱର


ମାମୁନି ବେହେରା, ସମ୍ବଲପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ ଜିନ୍ସ ବ୍ରାଣ୍ଡ

୧ ........ ଲେଭିସ୍ ଜିନ୍ସ
୨ ........ ଡିଜେଲ୍ ଜିନ୍ସ
୩ ........ ଟ୍ରୁ ରିଲିଜିଅନ୍ ଜିନ୍ସ
୪ ........ କେଲ୍‌ଭିନ୍ କ୍ଲେନ୍
୫ ........ ଲି ଜିନ୍ସ
୬ ........ ରାଙ୍ଗଲର୍ ଜିନ୍ସ
୭ ........ ଗୁସି ଜିନ୍ସ
୮ ........ କିଲର୍ ଜିନ୍ସ
୯ ........ ପେପେ ଜିନ୍ସ
୧୦ ........ ଭର୍‌ସେସ୍ ଜିନ




### ୟୁଥ୍ ଆଲର୍ଟ

## ଥଣ୍ଡା ପାଣି ପିଉଥିଲେ...

ଖରାଦିନେ ଗରମରେ ବାହାରେ ବୁଲିଆସିଲେ ସଙ୍ଗେ ସଙ୍ଗେ ପାଣିଟିକେ କାହାକୁ ବା ଲୋଡ଼ା ନୁହେଁ! ଆଉ ତାହା ଯଦି ଫ୍ରିଜ୍‌ର ଥଣ୍ଡା ପାଣି ହୁଏ, ତେବେ ପିଇବାର ଆନନ୍ଦ ଅବର୍ଣ୍ଣନୀୟ। ହେଲେ ଆପଣ ଜାଣନ୍ତିକି ସବୁବେଳେ ଏଭଳି ଥଣ୍ଡା ପାଣି ପିଇବା ସ୍ୱାସ୍ଥ୍ୟପକ୍ଷେ ହୋଇପାରେ ହାନିକାରକ...



- ଥଣ୍ଡା ପାଣି ପିଇବା ଦ୍ୱାରା ଏହା ଶରୀରରେ ଥିବା ଶିରାଗୁଡ଼ିକୁ ସଂକୁଚିତ କରିଥାଏ, ଫଳରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ହଜମକ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ। ଥଣ୍ଡା ପାଣି ପିଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେବାର ଆଶଙ୍କା ବି ରହିଛି।
- ଅଧିକ ଥଣ୍ଡା ବା ବରଫ ପକାଇ ପାଣି ପିଇବାକୁ ଅନେକେ ପସନ୍ଦ କରନ୍ତି। ହେଲେ ଏଥିପାଇଁ ଅନେକେ ଗଳା ଦରଜ, ଫୁଲିବା ଏବଂ ଥଣ୍ଡାରେ ନାକ ବନ୍ଦ ହେବା ଭଳି ସମସ୍ୟାର ସମ୍ମୁଖୀନ ମଧ୍ୟ ହୋଇଥା'ନ୍ତି। ବିଶେଷକରି ଖାଇବା ପରେ ଥଣ୍ଡା ପାଣି ପିଇଲେ ଶ୍ୱାସନଳୀରେ ମ୍ୟୁକସ୍ ଜମା ହୁଏ ଏବଂ କେବେକେବେ ଇନ୍‌ଫେକ୍ସନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ।
- କେବଳ ଏତିକି ନୁହେଁ, ଖାଇବା ପରେ ଥଣ୍ଡା ପାଣି ପିଇଲେ ଚର୍ବି ବା ଫ୍ୟାଟ୍ ଜାତୀୟ ଖାଦ୍ୟ କଠିନ ହୋଇଯିବା ଫଳରେ ହଜମ ହୋଇ ନ ପାରି ଶରୀରରେ ଜମା ହୋଇ ରହେ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ।
- ଥଣ୍ଡା ପାଣି ପିଇବା ଦ୍ୱାରା ହୃତ୍‌ସ୍ପନ୍ଦନ ମଧ୍ୟ ଧୀର ହୋଇଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି।
- ବ୍ୟାୟାମ କରିବା ପରେ ଆଦୌ ଥଣ୍ଡା ପାଣି ପିଇବା ଠିକ୍ ନୁହେଁ।



### ୟୁଥ୍ ଫ୍ୟାଶନ

## ବୟଫ୍ରେଣ୍ଡ ଜିନ୍ସ ଫ୍ୟାଶନ୍ ...

ବିଭିନ୍ନ ପ୍ରକାର ଜିନ୍ସ ମଧ୍ୟରେ ଫ୍ୟାଶନେବଲ୍ ଲୁକ୍ ସାଙ୍ଗକୁ କମ୍ଫର୍ଟେବଲ୍ ଲାଗୁଥିବାରୁ ବର୍ତ୍ତମାନ ବୟଫ୍ରେଣ୍ଡ ଜିନ୍ସ ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ। ଯଦି ଆପଣ ବି ଏହାକୁ ବ୍ୟବହାର କରିବାକୁ ଚାହୁଁଛନ୍ତି ଜାଣିରଖନ୍ତୁ ଟିପ୍ସ...

- ବୟଫ୍ରେଣ୍ଡ ଜିନ୍ସର ସାଇଜ୍ ସାଧାରଣ ଜିନ୍ସଠାରୁ ସାମାନ୍ୟ ବଡ଼ ଏବଂ ଢିଲା ହୋଇଥିବାରୁ ଏହାକୁ ପିନ୍ଧିବା ଯେତିକି ସହଜ, ସେତିକି ଆରାମଦାୟକ ମଧ୍ୟ।
- ଆଇସ୍ ବ୍ଲୁ କଲର ଆଙ୍କେଲ୍ ଲେନ୍ଥ ବୟଫ୍ରେଣ୍ଡ ଜିନ୍ସ ସହିତ ଫୁଲ୍ ସ୍ଲିଭ୍ ଟପ୍ସ ଏବଂ ହ୍ୱାଇଟ୍ ସ୍ନିକର୍ ପିନ୍ଧିଲେ ଟ୍ରେଣ୍ଡି ଲୁକ୍ ପାଇପାରିବେ। ତା'ଛଡା ଏହି ଆଉଟ୍‌ଫିଟ୍ ଆପଣଙ୍କୁ ସ୍ମାର୍ଟ ଲୁକ୍ ମଧ୍ୟ ଦେବ।
- ଏହିଭଳି ପ୍ୟାଣ୍ଟ ସହ ଲୁଜ୍ ଷ୍ଟ୍ରାଇପ୍ ଶାର୍ଟର କମ୍ବିନେଶନ ଆଟ୍ରାକ୍ଟିଭ୍ ଲାଗିଥାଏ। ଖରାଦିନେ ଟାଇଟ୍‌ଫିଟ୍ ଜିନ୍ସ ଅନେକଙ୍କୁ ପିନ୍ଧିବାରେ ଅସୁବିଧା ହେଉଥିବା ବେଳେ ଏଭଳି ଢିଲା ପ୍ୟାଣ୍ଟ କମ୍ଫର୍ଟେବଲ ଲାଗିବା ସହ କ୍ଲାସି ଲୁକ୍ ଦିଏ।
- ବୟଫ୍ରେଣ୍ଡ ଜିନ୍ସ ସହିତ ପ୍ଲେନ୍ ଶାର୍ଟ, ଫ୍ଲାଟ୍ ସ୍ଲିପର୍ ଏବଂ ସ୍ଲିଙ୍ଗ୍ ବ୍ୟାଗ୍‌କୁ ଟିମ୍‌ଅପ୍ କଲେ ଆପଣ ଟ୍ରେଣ୍ଡି ଏବଂ ଫ୍ୟାଶନେବଲ୍ ଲାଗିବେ।
- କ୍ରପ୍ ଟପ୍ ମଧ୍ୟ ଏହା ସହ ଟ୍ରେଣ୍ଡି ଲୁକ୍ ଦେଇଥାଏ। ସମର ଫ୍ୟାଶନ୍‌ରେ ଏହା ସହ ହ୍ୱାଇଟ୍ କଟନ୍ ଶାର୍ଟ କିମ୍ବା ଟପ୍ସ ଟ୍ରାଏ କରନ୍ତୁ, ଟ୍ରେଣ୍ଡି ଲାଗିବେ।
- ଏହା ସହ ଟି ଏବଂ ରେଡ୍ ଷ୍ଟେଟ୍‌ମେଣ୍ଟ ଜ୍ୟାକେଟ୍ ମଡର୍ନ ଲୁକ୍ ଦେଇଥାଏ।





# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ

- ବରମୁଣ୍ଡାରୁ ୧.୨୩୮ କେଜିର ବ୍ରାଉନସୁଗାର ସହ ୨ ଜଣଙ୍କୁ ଧରିଲା ଏସ୍‌ଟିଏଫ୍
- ଫୁଲ ବ୍ୟବସାୟ ନାଁରେ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହୋଇଥାନ୍ତା
- ପୋଲିସ, ଡାକ୍ତର ପରିଚୟ ଦେଉଥିଲେ ଅଭିଯୁକ୍ତ ରଶ୍ମିରଞ୍ଜନ

ଭୁବନେଶ୍ୱର,୨୮।୫ (ବ୍ୟୁରୋ)

ରାଜଧାନୀରେ ଦିନକୁ ଦିନ ବ୍ରାଉନସୁଗାର ବେପାରୀଙ୍କ ସହ କାରାବାର ବୃଦ୍ଧି ପାଇବାରେ ଲାଗିଛି। ବାହାର ରାଜ୍ୟରୁ ବ୍ରାଉନ୍‌ସୁଗାର ଆଣି ଏଠାରେ କିଭଳି କାରବାର କରାଯାଇପାରିବ ସେନେଇ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ଏହି କ୍ରମରେ ଶୁକ୍ରବାର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ହାତରେ ଧରାପଡ଼ିଛନ୍ତି ୨ ଅଭିଯୁକ୍ତ। ଫୁଲ ବ୍ୟବସାୟ ଆଳରେ ପଶ୍ଚିମବଙ୍ଗର କପିଳଦେବ ମଜୁମ୍‌ଦାର ନାମକ ଜଣେ ଯୁବକ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଖୋର୍ଦ୍ଧା ଜିଲା ଜଙ୍କିଆର ରଶ୍ମିରଞ୍ଜନ ଭୋଳଙ୍କ ସହ ବ୍ରାଉନ୍ ସୁଗାର ଡିଲ୍ କରୁଥିବାବେଳେ ବିଶେଷସୂତ୍ରରୁ ଖବରପାଇ ଏସ୍‌ଟିଏଫ୍ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଛି।



ପୋଲିସ ପୋଷାକରେ ଅଭିଯୁକ୍ତ।



ଗିରଫ ରଶ୍ମିରଞ୍ଜନ।

ସେମାନଙ୍କ ଠାରୁ ଏମାନଙ୍କ ନିକଟରୁ ୧.୨୩୮କେଜିର ବ୍ରାଉନସୁଗାର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ଏକ କୋଟିରୁ ଉର୍ଦ୍ଧ୍ୱ ହେବ। ଏଥିସହ ଅଭିଯୁକ୍ତ ରଶ୍ମିରଞ୍ଜନଙ୍କ ନିକଟରୁ ଭୁବନେଶ୍ୱର ଏମ୍ସର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରଙ୍କ ଏକ ନକଲି ପରିଚୟ ପତ୍ର, ପୋଲିସ ୟୁନିଫର୍ମରେ ଥିବା ଫଟୋର ଜେରକ୍ସ କପି, ଗୋଟିଏ ବୁଲେଟ, ୨ଟି ଲାପ୍‌ଟପ ଏବଂ ନଗଦ ୧୭ହଜାର ଟଙ୍କା, ସ୍ୱସ୍ତିକ ମ୍ୟାନେଜମେଣ୍ଟର ଜିଏମ୍ ଆଇଡି କାର୍ଡ ଜବତ ହୋଇଛି। ଏସ୍‌ଟିଏଫ୍ ଏନେଇ ଏନ୍‌ଡିପିଏସ୍ ଆକ୍ଟର ଦଫା ୨୧(ସି)/୨୯ ରେ ଏକ ମାମଲା (ନଂ. ୧୨/୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗ ନଦିଆ ଅଞ୍ଚଳର କପିଳଦେବ ବିଭିନ୍ନ ଉପାୟରେ ବ୍ରାଉନ୍ ସୁଗାର ଆଣି ଭୁବନେଶ୍ୱରରେ ରଶ୍ମିରଞ୍ଜନଙ୍କୁ ଆଣି ଯୋଗାଉଥିଲେ। ଏହା ପରେ ରଶ୍ମିରଞ୍ଜନ କେତେବେଳେ ନିଜକୁ ପୋଲିସ ତ କେତେବେଳେ ଡାକ୍ତର ବୋଲି ପରିଚୟ ଦେଇ ପୋଲିସ ଆଢୁଆଳରେ ବ୍ରାଉନ ସୁଗାର ବେପାର କରୁଥିଲେ। ଏପରି କି ନିଜ ବୁଲେଟ ଗାଡ଼ିରେ ପୋଲିସ ଲୋଗୋ ଲଗାଇ ବେଧଡ଼କଭାବେ ରାଜଧାନୀରେ ବ୍ରାଉନ୍ ସୁଗାର କାରବାର କରି ଆସୁଥିଲେ। ତେବେ ଅଭିଯୁକ୍ତଦ୍ୱୟ ଏହି କାରବାର ରାଜଧାନୀରେ କେତେଦିନ ଧରି ଚଳାଇଥିଲେ ? ଏହି ରାକେଟରେ ଆଉ କିଏ କିଏ ସାମିଲ ଅଛନ୍ତି ? କେବଳ ରାଜଧାନୀ ଭୁବନେଶ୍ୱର ନା ଓଡ଼ିଶାର ବିଭିନ୍ନ ଜିଲାକୁ ଯୋଗାଉଥିଲେ ତାହାର ସତ ଓଗାଳିବା ଲାଗି କ୍ରାଇମବ୍ରାଞ୍ଚ ଟିମ୍ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଯୋଜନା ରଖିଛି।




ଅଭିଯୁକ୍ତଙ୍କ ପାଖରୁ ମିଳିଥିବା ନକଲି ଆଇଡି କାର୍ଡ ଓ ଜବତ ବାଇକ୍।

## ଖୋର୍ଦ୍ଧା ଉପକଣ୍ଠରୁ ମିଳିଲା ୨୬୦ ଗ୍ରାମ୍

**ଖୋର୍ଦ୍ଧା ଅଫିସ,୨୮।୫:** ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ଶନିବାର ଅପରାହ୍ନରେ ଆଦର୍ଶ(ଟାଉନ) ଥାନା ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ଖୋର୍ଦ୍ଧା ଉପକଣ୍ଠ ଅରାଙ୍ଗ ଗ୍ରାମ ଅଁଳେଇ ଠାକୁରାଣୀ ମନ୍ଦିର ନିକଟରୁ ୨୬୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୋଲିସ ନୂଆ ମେଡିକାଲ ରୋଡ୍ ନାରାୟଣ ନଗରର ପ୍ରକାଶ ନାୟକ ଓରଫ ମୁନା(୪୨), ଗୁରୁଜଙ୍ଗ ଟାଙ୍ଗୀସାହିର ସୁରେଶ କୁମାର ସାହୁ ଓରଫ ସୁରଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ଏକ ବାଇକ୍(ଓଡି-୦୨-ଏଏଫ୍-୯୬୭୩) ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ସୂଚନା ମୁତାବକ, ପ୍ରକାଶ ଓ ସୁରେଶ ଉଭୟେ ବାଇକ୍‌ରେ ବ୍ରାଉନ୍‌ସୁଗାର ଧରି

### ୨ ଗିରଫ, ବାଇକ୍ ଜବତ



ନୂଆଗାଁ ଦେଇ ମେଣ୍ଢାଶାଳ ଅଭିମୁଖେ ଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଓ ଟାଉନ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଅଁଳେଇ ଠାକୁରାଣୀଙ୍କଠାରେ ସାଦା ପୋଷାକରେ ଛପି ରହିଥିଲେ। ଅଭିଯୁକ୍ତଦ୍ୱୟ ଉକ୍ତ ରାସ୍ତା ଦେଇ ଯିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଏହି ଚଢ଼ାଉରେ ଏସ୍‌ଆଇ ସୁକାନ୍ତ ଦଳାଇ, ପଦ୍ମଲୋଚନ ବେହେରା, ସମିତା ବେହେରା, ଏଏସ୍‌ଆଇ ରାମଚନ୍ଦ୍ର ମିଶ୍ରଙ୍କ ସମେତ ସ୍ପେଶାଲ ସ୍କ୍ୱାଡ୍ କନଷ୍ଟେବଲ ଏ.କେ. ଗୁମାନ୍‌ସିଂ, ଆର. ହରିଚନ୍ଦନ, ଏସ୍. ପାଟ୍ଟଶାଣୀ, ଜି. କିସ୍ପତା ପ୍ରମୁଖ ସାମିଲ ଥିଲେ। ସୂଚନାଥାଉ କି, ଗତ ୨୩ ତାରିଖରେ ଟାଉନ ପୋଲିସ ଏବଂ କଟକ ଅବକାରୀ(ଗୋଇନ୍ଦା ବିଭାଗ)ପୋଲିସ ଗୁରୁଜଙ୍ଗ ଅଞ୍ଚଳରେ ପୃଥକ୍ ଭାବେ ଚଢ଼ାଉ କରି ୩୧୦ ଏବଂ ୨୦୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଥିଲେ। ୬ ଦିନ ମଧ୍ୟରେ ଖୋର୍ଦ୍ଧା ଅଞ୍ଚଳରୁ ମୋଟ୍ ୭୭୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସ୍ନେହୀ ସମାଜର ୫୨ତମ ସାଧାରଣ ଅଧିବେଶନ, ଭଞ୍ଜ କଳା ମଣ୍ଡପ, ପୂର୍ବାହ୍ନ ୯ଟା।
- 'ଟିକିଏ ଖୁସି' ଆନୁକୂଲ୍ୟରେ 'ଫଟୋ ବି ଅନେକ କଥା କୁହେ'ର ଫଟୋ ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଏବଂ ବିଶ୍ୱଭାରତୀ ପ୍ରାକ୍ତନୀ, ଓଡ଼ିଶା ମିଳିତ ଆନୁକୂଲ୍ୟରେ 'ରବୀନ୍ଦ୍ରନାଥ: ଓଡ଼ିଶା ଓ ଓଡ଼ିଆ ସାହିତ୍ୟ' ଆଲୋଚନାଚକ୍ର, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।

କଟକ
- କଳା ବିକାଶ କେନ୍ଦ୍ର ପକ୍ଷରୁ ବାବୁଲାଲ ଦୋଶୀଙ୍କ ୧୦୫ତମ ଜୟନ୍ତୀ ଅବସରରେ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା, କେନ୍ଦ୍ର ପରିସର, କେଭିକେ ମାର୍ଗ, ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଗ୍ରୁପ୍‌ର ତୃତୀୟ ବାର୍ଷିକ ଉତ୍ସବ, ଟାଉନ ହଲ୍, ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଆଦିବାସୀ ମେଳାର ୧୦ମ ଦିବସ, ବାଲିଯାତ୍ରା ଉପର ପଡ଼ିଆ, ଅପରାହ୍ନ ୪ଟା।
- ବସୁଧୈବ କୁଟୁମ୍ବକମ୍ ମିଶନର ୭୩ତମ ଅଧିବେଶନ, ଦି ଲିଙ୍କ୍ ଆଇ ହସ୍ପିଟାଲ, ଲିଙ୍କ୍ ରୋଡ୍, ଅପରାହ୍ନ ୪ଟା ୩୦।
- ଅଡିଓ ଓ ଭିଡିଓ ଗୀତ ସଂସ୍କରଣ 'ବର୍ଷା ପ୍ରତିଶ୍ରୁତି' ଉନ୍ମୋଚନ ଉତ୍ସବ, ଦ୍ୱାରକା ହୋଟେଲ, ଦୋଳମୁଣ୍ଡାଇ ଛକ, ଅପରାହ୍ନ ୫ଟା ୩୦।
- ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ଅଭିନୀତ ନାଟକ 'ପେପରରେ ଜାଗା ନାହିଁ', ବାରପଥର, ବକ୍ସି ବଜାର, ସନ୍ଧ୍ୟା ୬ଟା ୩୦।

## ବନ୍ଧୁକ ଚୋରାଚାଲାଣ ଗ୍ୟାଙ୍ଗ୍‌ର ୭ ଗିରଫ

ପୁରୀ ଅଫିସ,୨୮।୫

ପୁରୀରେ ବନ୍ଧୁକ ଚୋରାଚାଲାଣ ହେଉଥିବାରୁ ଗତ କିଛିଦିନ ମଧ୍ୟରେ ଲଗାତର ହତ୍ୟା, ଲୁଟ୍, ଗୁଳିକାଣ୍ଡ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ପୁରୀ ପୋଲିସ ତତ୍ପରତା ଦେଖାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତଦନ୍ତ କରୁଥିବା ବେଳେ ଶନିବାର ଏହି ବନ୍ଧୁକ ଚୋରାଚାଲାଣ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ପୋଲିସ। ସେବାୟତ ଶିବରାମ ପାତ୍ରଙ୍କୁ ଗୁଳି କରି ହତ୍ୟା ମାମଲାର ତଦନ୍ତ ବେଳେ ସମ୍ପୃକ୍ତ ବେଆଇନ ବନ୍ଧୁକ କାରବାରର ସୁରାକ୍ ପୋଲିସ ହାତରେ ଲାଗିଛି। ପୁରୀ ପୋଲିସ ଏହି ମାମଲାରେ ୭ଜଣଙ୍କୁ ଗିରଫ କରିଛି। ଏଥିସହ ୪ଟି ଦେଶୀ ବନ୍ଧୁକ, ୪ଟି ଗୁଳି, ଲୁହାରଡ୍, ୨ ମୋବାଇଲ୍ ଫୋନ, ଗୋଟିଏ ବାଇକ୍ ଓ ୨୮ଶହ ଟଙ୍କା ଜବତ କରିଛି। ବଳିଆପଣ୍ଡା ଓ ଟାଉନ ଥାନା ଅଞ୍ଚଳରୁ ଗୋଟିଏ ଲେଖାଏ ଓ ସଦର ଥାନା ଅଞ୍ଚଳରୁ ଦୁଇଟି ବନ୍ଧୁକ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ସଦର ଥାନା ଅଞ୍ଚଳର ରତିକାନ୍ତ ପରିଡ଼ା, ଚନ୍ଦନପୁର ଥାନା ଅଞ୍ଚଳର ବିକ୍ରମ ପଣ୍ଡା, ଟାଉନ ଥାନା ଅଞ୍ଚଳର ରୁଦ୍ରପ୍ରସାଦ ରାଉତ ଓ ହରିଚନ୍ଦନ ପୃଷ୍ଟି, କୁମ୍ଭାରପଡ଼ା ଥାନା ଅଞ୍ଚଳର ଲୋକନାଥ ଦାଶ ଓ ରଞ୍ଜିତ କୁମାର ମହାନ୍ତି ଏବଂ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଞ୍ଚଳର ଅଶୋକ ସାହୁ। ଏମାନଙ୍କ ବିରୋଧରେ ୪ଟି ମାମଲା(ନଂ. ୭୧,୧୬୬, ୧୬୭, ୧୭୩/୨୨) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଶନିବାର ଏସ୍‌ପି କନୱର ବିଶାଳ ସିଂ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି।




### ୪ ଦେଶୀ ବନ୍ଧୁକ, ୪ ଗୁଳି, ବାଇକ୍ ଜବତ



ଏସ୍‌ପିଙ୍କ ସୂଚନା ମୁତାବକ, ଚଳିତବର୍ଷ ୧୬ଟି ବନ୍ଧୁକ ଜବତ ହୋଇସାରିଲାଣି। ବେଆଇନ ବନ୍ଧୁକ କାରବାର ବିରୋଧରେ ପୋଲିସର ଅନୁସନ୍ଧାନ ଓ ଚଢ଼ାଉ ଜାରି ରହିବ। ତେବେ ଧରାଯାଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଏକରୁ ଅଧିକ ମାମଲା ରହିଥିଲା। ବନ୍ଧୁକ କାରବାରରେ ଆନ୍ତଃଜିଲା କାର୍ଯ୍ୟକଳାପ ଚାଲୁ ରହିଛି। ପୋଲିସ ଏସବୁର ତଦନ୍ତ କରିବା ସହ ଗିରଫ ୭ଜଣଙ୍କୁ ପଚରାଉଚରା କରୁଛି। ପୁରୀ ପୋଲିସ ଏବେ ମଧ୍ୟ ଚଢ଼ାଉ ଜାରି ରଖିଥିବା ବେଳେ ଆନ୍ତଃଜିଲା ଚୋରାଚାଲଣ ଲିଙ୍କ୍‌କୁ ଧରିବାକୁ ଉଦ୍ୟମ କରାଯାଉଛି। ସ୍ଥାନୀୟ ସ୍ତରରୁ ବେପାରୀମାନେ ବନ୍ଧୁକ କିଣୁଥିବା ବେଳେ ବିଭିନ୍ନ ଶ୍ରେଣୀରେ ବେପାରୀ ଓ ଡିଲର ସକ୍ରିୟ ରହୁଛନ୍ତି। ବର୍ତ୍ତମାନ ସୁଦ୍ଧା ତଦନ୍ତରୁ ଜଣାପଡ଼ିଛି ଯେ, ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୨ ଜଣ ବେପାରୀ ଓ ଅନ୍ୟମାନେ ବନ୍ଧୁକ ନିଜ ପାଖରେ ରଖିଥିଲେ। ଅପରାଧ ଘଟାଇବା ପାଇଁ ଏହି ବନ୍ଧୁକକୁ ବ୍ୟବହାର କରାଯାଉଛି। ଦାଦାବଟି ଓ ଡ୍ରଗ୍ସ କ୍ଷେତ୍ରରେ ପୁରୀ ପୋଲିସ ଯେଉଁଭଳି ଭାବେ ସଫଳତା ପାଇଛି ତାହା ଚୋରାବନ୍ଧୁକ ଚାଲାଣ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହେବ। କ୍ରମାଗତ ଭାବେ ଚଢ଼ାଉ ଚାଲିଥିବା ହେତୁ ଅପରାଧୀମାନଙ୍କ ସମ୍ପର୍କିତ କୌଣସି ଖବର ପୁରୀ ପୋଲିସକୁ ଦେବାକୁ ଚାହୁଁଥିଲେ, ଜାରି ହୋଇଥିବା ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରାଯାଇପାରିବ। ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀଙ୍କ ସଂଖ୍ୟା ମଧ୍ୟ ଆମ ନିକଟରେ ରହିଛି। ଲାଇସେନ୍ସଧାରୀଙ୍କ କାର୍ଯ୍ୟକଳାପ ଉପରେ ମଧ୍ୟ ପୋଲିସର ନଜର ରହିଛି ବୋଲି ଏସ୍‌ପି କହିଛନ୍ତି।

## ୩ ଅଟୋକୁ ଧକ୍କା ଦେଇ ବସ୍ ଡ୍ରାଇଭର ମୃତ

ଭୁବନେଶ୍ୱର, ୨୮।୫ (ବ୍ୟୁରୋ)

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଶନିବାର ସିରିଜ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ଏକ ଯାତ୍ରିବାହୀ ବସ୍ ୩ଟି ଅଟୋକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଅଟୋଗୁଡ଼ିକର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ବସ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମାପଡ଼ାର ରତିକାନ୍ତ ମହାନ୍ତି। ସୂଚନାନୁଯାୟୀ, ମାଷ୍ଟରକ୍ୟାଣ୍ଟିନସ୍ଥିତ ମୋ ବସ୍ ଷ୍ଟାଣ୍ଡରୁ ସକାଳ ୬ଟା ୩୦ରୁ ଏକ ଘରୋଇ ବସ୍ କଟକ ଅଭିମୁଖେ ବାହାରିଥିଲା। ପ୍ରାୟ ୧୦୦ ମିଟର ଯିବାପରେ ବସ୍‌ର ଡ୍ରାଇଭର ଭାରସାମ୍ୟ ହରାଇବାରୁ ଏହା ଗୋଟିକ ପରେ ଗୋଟିଏ ଅଟୋକୁ ଧକ୍କା ଦେଇଥିଲା। ପରେ ବସ୍‌ଟି ପାର୍ଶ୍ୱରେ ଥିବା ଏକ କାନ୍ଥକୁ ଧକ୍କା ଦେଇଥିଲା। ଡ୍ରାଇଭର ରତିକାନ୍ତଙ୍କ ମୁଣ୍ଡ ମାଡ଼ ହୋଇଯିବାରୁ ସେ ଗୁରୁତର ଆହତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଏବଂ ପୋଲିସ ସହାୟତାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କିରନ



@ ସିଧୁ



@ ମନୋଜ



@ ଚନ୍ଦନ



@ ଚିନ୍ମୟ



@ ମନୀଷ




ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଶନିବାର କମ୍ୟୁନିଷ୍ଟ ନେତା କମ୍ରେଡ୍ ଶିବରାମଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ।




ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କରଙ୍କ ସ୍ମୃତିରେ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ।



ଭୁବନେଶ୍ୱରରେ ଶନିବାର ହୋଇଥିବା ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ପିଲାମାନେ ଐତିହ୍ୟ ପୁଷ୍କରିଣୀ ବିନ୍ଦୁ ସାଗରରେ ଜଳକ୍ରୀଡ଼ା କରୁଛନ୍ତି।

**ଓୟୁଏଟି କୃଷି ଇଞ୍ଜିନିୟରିଂ କଲେଜର ବାର୍ଷିକୋତ୍ସବ**

ଭୁବନେଶ୍ୱର,(ବ୍ୟୁରୋ): ଓୟୁଏଟିସ୍ଥିତ କୃଷି ଇଞ୍ଜିନିୟରିଂ କଲେଜର ବାର୍ଷିକୋତ୍ସବ 'ଏଗ୍ରିଜିୟମ୍ ୨୦୨୨' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିହାରର ପୁଷାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବେ ଅଧାପକ ବିଶ୍ୱରଞ୍ଜନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କୃଷି ଯାନ୍ତ୍ରୀକରଣ, ଫସଲ ସଂରକ୍ଷଣ, ଖାଦ୍ୟ ପ୍ରକ୍ରିୟାକରଣ ପ୍ରମୁଖ ବିଜ୍ଞାନ ପ୍ରଣାଳୀକୁ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଫେସର ସଞ୍ଜୟ କୁମାର ଦାସ, ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ଜଗଦିଶ ଚନ୍ଦ୍ର ପାଲ, ସଭାପତି ବିବେକ ପାଣିଗ୍ରାହୀ, ସାଧାରଣ ସଂପାଦକ ଦେବାଶିଷ ପାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହୁମାଛି ଆକ୍ରମଣ: ଜଣେ ମୃତ, ୨ ଆହତ

ବାଙ୍କୀ,୨୮।୫(ସ୍ୱ.ପ୍ର.): କଟକ ଜିଲା ଡମପଡା ବ୍ଲକ ପାଥପୁର ପଞ୍ଚାୟତ ଅଞ୍ଚଳର ପାଣ୍ଡବ ବଖରା ଗୁମ୍ଫାରେ ଶନିବାର ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ସାଙ୍ଗ ଆହତ ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱରସ୍ଥିତ ପଟିଆ ଅଞ୍ଚଳର ଶୁଭେନ୍ଦୁ ସାହୁ। ଆହତମାନେ ହେଲେ ଉକ୍ତ ଅଞ୍ଚଳର ଅଭିନାଶ ସାହୁ ଓ ଜାଗୃତି ଦାସ। ତେବେ ଅଭିଳାଷା ଦାସ ବର୍ତ୍ତି ଯାଇଛନ୍ତି। ୪ ସାଙ୍ଗ ଭୁବନେଶ୍ୱରରୁ ଏହି ଗୁମ୍ଫା ବୁଲିବାକୁ ଆସିଥିଲେ। ଅଭିଳାଷାଙ୍କ ବ୍ୟତୀତ ଅନ୍ୟ ସାଙ୍ଗମାନେ ପାଣ୍ଡବ ବଖରା ପାହାଡ ଉପରକୁ ଚଢ଼ିଥିଲେ। ୩ ସାଙ୍ଗ ପାହାଡ଼ ଉପରକୁ ଉଠିଲା ବେଳକୁ ଅଧା ବାଟରେ ମହୁମାଛି ଆକ୍ରମଣ କରିଥିଲା । ଅଭିନାଶ ଓ ଜାଗୃତି କୌଣସିମତେ ତଳକୁ ଚାଲି ଆସିଥିବାବେଳେ ଶୁଭେନ୍ଦୁ ଆସିପାରି ନ ଥିଲେ। ଅଭିଳାଷା ଏନେଇ ଗାଁ ଲୋକଙ୍କୁ ଡାକିଥିଲେ। ସେମାନେ ଅଭିନାଶ, ଜାଗୃତି ଓ ଶୁଭେନ୍ଦୁଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଶୁଭେନ୍ଦୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଙ୍କୀ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ. ୮/୨୨) ରୁଜୁ କରିଛି।

### ସ୍ତ୍ରୀଙ୍କୁ ଛୁରାମାଡ଼, ସ୍ୱାମୀ ଗିରଫ

ଭୁବନେଶ୍ୱର,୨୮।୫(ବ୍ୟୁରୋ): ସ୍ତ୍ରୀଙ୍କୁ ଛୁରିରେ ଆକ୍ରମଣ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଆଇଆରସି ଭିଲେଜରେ ରହୁଥିବା ପୁରୀ-କାକଟପୁରର ସୂର୍ଯ୍ୟକାନ୍ତ ଲେଙ୍କା(୩୫)। ଏନେଇ ପୋଲିସ ଏକ ମାମଲା (ନଂ ୩୫୮/୨୨) ରୁଜୁ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ, ସୂର୍ଯ୍ୟକାନ୍ତ ୨୦୧୫ରେ କବିତାରାଣୀ ଦାସଙ୍କୁ ବିବାହ କରିବା ସହ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିଲେ। ଗତ କିଛିଦିନ ଧରି ସୂର୍ଯ୍ୟକନ୍ତ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ସ୍ୱାମୀଙ୍କ ଅତ୍ୟାଚାର ଅସହ୍ୟ ହେବାରୁ ସ୍ତ୍ରୀ ନୟାପଲ୍ଲୀ ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସୂର୍ଯ୍ୟକାନ୍ତ ତାଙ୍କୁ ଅନେକଥର ଧମକ ଦେବା ସହ ଥାନାରୁ ମାମଲା ଉଠାଇନେବା ପାଇଁ କହିଥିଲେ। ହେଲେ କବିତା ଏହାକୁ ଶୁଣି ନ ଥିଲେ। ଫଳରେ ସ୍ତ୍ରୀ ସାଲିଆସାହିସ୍ଥିତ ହାତିଆଶୁଣୀକୁ ଯିବାବେଳେ ଲୟୋଲା ସ୍କୁଲ ନିକଟରେ ସ୍ୱାମୀ ଏବଂ ତାଙ୍କର ୨ ଜଣ ସହଯାଗୀ ଆସି ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ସେ ପାଖରେ ଲୁଚାଇ ରଖିଥିବା ଏକ ଧାରୁଆ ଛୁରି ସାହାଯ୍ୟରେ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି।

### କୁଷ୍ଠ ମୁକ୍ତ ବ୍ୟକ୍ତିଙ୍କ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର, ୨୮।୫(ଡି.ଏନ୍.ଏ.): ସୁନ୍ଦରପଦା ଗୋଖିବାବା ଲେପର୍ସ କଲୋନୀର କୁଷ୍ଠ ରୋଗ ମୁକ୍ତ ବ୍ୟକ୍ତିଙ୍କ ୨୨ ପରିବାର ପାଇଁ ପ୍ରାୟ ୧କୋଟି ୪୬ଲକ୍ଷ ଟଙ୍କାରେ ଗୃହ ନିର୍ମାଣ ହେବ। ପ୍ରତ୍ୟେକ ପରିବାର ପାଇଁ ୨ବଖରା, ରୋଷେଇଘର ଏବଂ ଶୌଚାଳୟ ବ୍ୟବସ୍ଥା ରହିଛି। ଗତ ଡିସେମ୍ବର ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲିଙ୍ଗରାଜ ଓ ଗୋଖିବାବା କଲୋନୀ ପାଇଁ ୪କୋଟି ଟଙ୍କାର ଶିଳାନ୍ୟାସ କରିଥିଲେ। ଶନିବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହାର ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କର୍ପୋରେଟର ମଧୁସ୍ମିତା ପ୍ରଧାନ, ବିଏମ୍ସି ଅଧୀକ୍ଷଣ ଯନ୍ତ୍ରୀ ପ୍ରଶାନ୍ତ ମିଶ୍ର, ପୂର୍ବତନ କର୍ପୋରେଟର କୃଷ୍ଣ ସେଠୀ, ଛବିନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ

# ଫଳ ଦର ଆକାଶଛୁଆଁ

ଭୁବନେଶ୍ୱର, ୨୮।୫ (ବ୍ୟୁରୋ)



ସୋମବାର ସାବିତ୍ରୀ ବ୍ରତ। ମହିଳାମାନେ ସ୍ୱାମୀଙ୍କ ମଙ୍ଗଳ ମନାସି ଠାକୁରଙ୍କ ନିକଟରେ ସାତ ଫଳ ଭୋଗ କରି ପୂଜା କରିବେ। ତେଣୁ ଫଳବଜାରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଗ୍ରାହକଙ୍କ ଚାହିଦାକୁ ଦେଖି ଫଳ ଦର ମଧ ଆକାଶ ଛୁଆଁ ହୋଇଛି। ବିଶେଷ କରି ଭୁବଶ୍ୱେରର ୟୁନିଟ୍-୧, ୟୁନିଟ୍-୨, ୟୁନିଟ୍-୪ ବଜାର ସମେତ ରାଜମହଲ, ଆଜାଦ୍ ମାର୍ଗ, ଗୋପବନ୍ଧୁ ଛକ ଆଦି ସ୍ଥାନରେ ଥିବା ଫଳ ଦୋକାନରେ ଶନିବାର ଦିନ ତମାମ ଭିଡ଼ ଲାଗି ରହିଥିଲା। ଖରାଦିନିଆ ଫଳ ଆମ୍ବ, ପଣସ, ଖଜୁରି, ଲିଚୁ, ତାଳ, କଦଳୀ, ସପୁରି ଆଦିର ବିଶେଷ ଚାହିଦା ରହିଥିବାବେଳେ ସେଓ, ଅଙ୍ଗୁର, ତରଭୁଜ ଆଦି ମଧ ଯଥେଷ୍ଟ ପରିମାଣରେ ବଜାରରେ ଉପଲବ୍ଧ ହେଉଛି। ତେବେ ବାଇଗଣପଲେଇ, ଲେଙ୍ଗଡା, ଆମ୍ରପାଲି ଆମ୍ବ କିଲୋ ପିଛା ୮୦ଟଙ୍କା ଥିବାବେଳେ ସୁନ୍ଦରୀ ଆମ୍ବର ଦର ୧୦୦ଟଙ୍କା ଡ଼େଇଁଛି। ସେହିପରି ଛୋଟ ପଣସ ଗୋଟିକୁ ୨୦୦ ଟଙ୍କା ଓ ବଡ଼ ପଣସ ୩୦୦ରୁ ଅଧିକ ଟଙ୍କାରେ ବିକ୍ରି ହେଉଛି। ଲିଚୁ ଦର କେଜି ପ୍ରତି ୧୦୦ ଟଙ୍କାରୁ ଆରମ୍ଭ କରି ୧୬୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଡାଳିମ୍ବ ୨୨୦ରୁ ୨୪୦ଟଙ୍କା, ଅଙ୍ଗୁର ୧୨୦ରୁ ୧୪୦ ଟଙ୍କା, ଖଜୁରି ପେଛାକୁ ୩୦ଟଙ୍କା ରହିଛି। ୬୦ ଟଙ୍କାରେ ବିକ୍ରି ହେଉଥିବା କଦଳୀ ଡଜନ ଏବେ ୧୦୦ ଟଙ୍କା ଟପିଛି। ସେହିପରି ଛୋଟ ସେଓର ଦାମ୍ କେଜି ପ୍ରତି ୧୬୦ ଟଙ୍କା ରହିଥିବାବେଳେ ବଡ଼ ଦାମ୍ ୨୦୦ରୁ ଅଧିକ ରହିଛି। ତରଭୁଜ କେଜି ୨୫ଟଙ୍କା, ପିଜୁଳି ୪୦ ଟଙ୍କା, ସପୁରି ଗୋଟିକୁ ୫୦ ଟଙ୍କା ବିକ୍ରି ହେଉଥିବାବେଳେ କମଳା, ତାଳ, ନଡ଼ିଆ ଅଙ୍ଗୁରକୁ ମଧ ଗ୍ରାହକ ଚଢ଼ା ଦରରେ କିଣୁଛନ୍ତି। ବଡ଼ ବଡ଼ ଫଳ ବଜାରରକୁ ବାଦ ଦେଲେ ଖୁଚୁରା ବ୍ୟବସାୟୀ ଆହୁରି ଅଧିକ ଦାମରେ ଫଳ ବିକୁଛନ୍ତି। ଏହାର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ପକେଟ୍ ଉପରେ ପଡୁଛି।

**ଦିନକ ପରେ ସାବିତ୍ରୀ ବ୍ରତ**

ରାଜମହଲ ଛକକୁ ଫଳ କିଣିବାକୁ ଆସିଥିବା ଗ୍ରାହକ ପୂଜା ବରିହା କୁହନ୍ତି, ବର୍ଷକୁ ଥରେ ସାବିତ୍ରୀ ବ୍ରତ। ସାତ ପ୍ରକାର ଫଳ ତ ପୂଜା କରିବାକୁ ପଡ଼ିବ। ଯେତେ ଦର ହେଲେ ବି କିଣିବାକୁ ପଡ଼ିବ। ଯଦିଓ ଦାମ୍ ଅଧିକ ରହିଛି, କିନ୍ତୁ ରାଜଧାନୀ ବଜାରରେ ମନ ପସନ୍ଦର ଯେକୌଣସି ଫଳ ମିଳିଯାଉଛି। ସେହିପରି ବ୍ୟବସାୟୀ ପ୍ରଫୁଲ୍ଲ ବେହେରା କୁହନ୍ତି, ରଜ ସାବିତ୍ରୀ ସମୟରେ ପ୍ରତିବର୍ଷ ଚଢ଼ା ଦରରେ ଫଳ ବିକ୍ରି ହୁଏ। ଚଳିତ ଥର ଫଳର ଦାମ୍ ସେତେ ବୃଦ୍ଧି ପାଇନାହିଁ। ସାବିତ୍ରୀ ଥିବାରୁ କେତେକ ଫଳରେ ୫/୬ଟଙ୍କା ବୃଦ୍ଧି ପାଇଛି। ପୂର୍ବବର୍ଷ ତୁଳନାରେ ଏଥର ବିକ୍ରି କମ୍ ହେଉଥିବାରୁ ଆମକୁ କ୍ଷତି ସହିବାକୁ ପଡୁଛି ବୋଲି ସେ କହିଛନ୍ତି।

# ୫ ଦିନିଆ ରିମାଣ୍ଡରେ ରାଜେଶ,ରବିନ

ଭୁବନେଶ୍ୱର, ୨୮।୫(ବ୍ୟୁରୋ):

ଚକରା ଗ୍ୟାଙ୍ଗରେ ସାମିଲ ହୋଇ ରାଜଧାନୀର ବିଭିନ୍ନ ସ୍ଥାନରୁ ବନ୍ଧୁକ ମୁନରେ ଆତଙ୍କ ଖେଳାଇ ଲୁଟ୍‌ପାଟ, ରାହାଜାନି, ଡକାୟତି ଭଳି ଅପରାଧରେ ଜଡ଼ିତ ୨ଅଭିଯୁକ୍ତ ରାଜେଶ ମହାପାତ୍ର ଓ ରବିନ ଶତପଥୀଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିଛି ଖଣ୍ଡଗିରି ଥାନା ପୋଲିସ। ଅଭିଯୁକ୍ତଦ୍ୱୟଙ୍କୁ ୧୦ଦିନିଆ ରିମାଣ୍ଡରେ ନେବା ପାଇଁ ଖଣ୍ଡଗିରି ଥାନା ପୋଲିସ ଭୁବନେଶ୍ୱର ଏସ୍‌ଡିଜିଏମ୍ କୋର୍ଟରେ ଆବେଦନ କରିଥିଲା।

ସୂଚନାନୁଯାୟୀ ୧୯ ବର୍ଷରେ ଅପରାଧ ଜଗତରେ ପାଦ ଥାପିଥିବା ରାଜେଶ ପ୍ରଥମେ ଏକ ଛୋଟ ଗ୍ୟାଙ୍ଗ କରି ଲୁଟ ଓ ଡକାୟତି କରୁଥିଲେ। ପରେ ସେ ଚକରା ଗ୍ୟାଙ୍ଗରେ ସାମିଲ ହୋଇ ଭୁବନେଶ୍ୱରରେ ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଗହଣା, ମୋବାଇଲ, ପର୍ସ ଓ ଟଙ୍କା ଝାମ୍ପି ନେଉଥିଲେ। ଏପରିକି ବ୍ୟବସାୟୀଙ୍କୁ ଟାର୍ଗେଟ କରି ଟଙ୍କା ଲୁଟ୍ କରି ଫେରାର ହୋଇଯାଉଥିଲେ, ଯାହାକି କମିଶନରେଟ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଥିଲେ। ଗତ ୧୩ରେ ବରମୁଣ୍ଡାରେ ବଡ଼ ଧରଣର ଡକାୟତି ଯୋଜନା ହୋଇଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଚଢାଉ କରି ଧରିବା ପାଇଁ ଚେଷ୍ଟା କରିଥିଲା। ଏହି ସମୟରେ ଚକରା ପୋଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଏନ୍‌କାଉଣ୍ଟର କରିବାରୁ ଚକରା ଗୋଡ଼ରେ ଗୁଳି ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ଫଳରେ ତାକୁ ଧରିବାରେ ସହଜ ହୋଇଥିଲା। ତେବେ ଚକରାଙ୍କୁ ଏନକାଉଣ୍ଟର ପରେ ରାଜେଶ ଭୟରେ ଗତ ୨୬ତାରିଖରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏବେ ରାଜେଶଙ୍କୁ ରିମାଣ୍ଡରେ ନେଇ ଏହି ଗ୍ୟାଙ୍ଗର ପୂରା ସୁରାକ ଖୋଜିବ ପୋଲିସ। ଏଯାବତ ଚକରା ଗ୍ୟାଙ୍ଗରେ ରାଜେଶଙ୍କ ମା'ଙ୍କୁ ମିଶାଇ ମୋଟ ୮ ଜଣ ଗିରଫ ହୋଇଛନ୍ତି ।

**ଖୋଲିବେ ଚକରା ଗ୍ୟାଙ୍ଗର ଅପରାଧ ପେଡ଼ି**

# ଜନସଂଖ୍ୟାର ୧୫%ରୁ ଅଧିକ ମାନସିକ ରୋଗରେ ପୀଡ଼ିତ




କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର, ୨୮।୫ (ବ୍ୟୁରୋ)

କୋଭିଡ୍ ସମୟରେ ଅଧିକାଂଶ ଲୋକ ମାନସିକ ରୋଗର ଶିକାର ହୋଇଥିଲେ। ବିଶେଷକରି କିଶୋର ଓ ଯୁବକଙ୍କ ଉପରେ ଏହାର ପ୍ରଭାବ ଅଧିକ ଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ, ଜନସଂଖ୍ୟାର ୧୫%ରୁ ଅଧିକ ମାନସିକ ରୋଗରେ ପୀଡିତ। ପ୍ରତି ୨୦ଜଣ ଭାରତୀୟଙ୍କ ମଧ୍ୟରେ ଜଣେ ଲେଖାଏ ମାନସିକ ଅବସାଦର ଶିକାର ହୋଇଥାନ୍ତି। ଏମାନଙ୍କୁ ତୁରନ୍ତ ମାନସିକ ଚିକିତ୍ସାର ଆବଶ୍ୟକତା ରହିଛି। ପ୍ରାୟ ୧୦୦ କୋଟିରୁ ଅଧିକ ଲୋକ ଏକ ଭ୍ରଷ୍ଟ ତଥା ଜଟିଳ ସ୍ୱାସ୍ଥସେବା ବ୍ୟବସ୍ଥା ମଧ୍ୟରେ ବାସ କରୁଛନ୍ତି। ଜଟିଳ ସାମାଜିକ ଓ ଅର୍ଥନୈତିକ କାରଣ ତଥା ମାନସିକ ରୋଗ ଯୋଗୁ ଦେଶରେ ପ୍ରତିଦିନ ୭୦୦ଜଣ ଆତ୍ମହତ୍ୟା କରୁଥିବାବେଳେ ଏହା ବିଶ୍ୱରେ ସର୍ବାଧିକ ବୋଲି ଜଣାପଡିଛି। ତେଣୁ ଏ ଦିଗ ପ୍ରତି ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଓଡ଼ିଶା ରାଇଜିଂ ଫାଉଣ୍ଡେଶନ (ଓଆର୍‌ଏଫ୍) ସହ-ପ୍ରତିଷ୍ଠାତା ତଥା ସିଇଓ ରାଜଲକ୍ଷ୍ମୀ ଦାଶ କହିଛନ୍ତି। ଅନୁଷ୍ଠାନ ପକ୍ଷରୁ ଶନିବାର ଶିଶୁ, କିଶୋର ଏବଂ ଯୁବକଙ୍କ ଉପରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏକ ଶକ୍ତିଶାଳୀ ଓଡ଼ିଶା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଣ୍ଟାଲ ହେଲ୍‌ଥ ନ୍ୟୁରୋ ସାଇନ୍ସ ସହଭାଗିତାରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଶିଶୁ ଓ କିଶୋର ମାନସିକ ରୋଗ ବିଭାଗ ମୁଖ୍ୟ ଡ. ଶେଖର ଶେଷାଦ୍ରୀ, ବିଶେଷଜ୍ଞ ଭାବେ ଗୋଆ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବିଜୟ ମହାପାତ୍ର, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ମୋ ସ୍କୁଲ ଅଭିଯାନ ଅଧକ୍ଷା କାବେରି ମୁଦୁଲି ଓ ରାଇଜିଂ ଫାଉଣ୍ଡେଶନର ସହ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅକ୍ଷୟ ସାଗର ପ୍ରମୁଖ ଯୋଗ ଦେଇଥିଲେ।

### ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ରାଜଧାନୀରେ ଜଣେ ଓମ୍‌ଫେଡ ବ୍ୟବସାୟୀଙ୍କୁ ଶୁକ୍ରବାର ରାତିରେ ୪ରୁ ୫ ଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ୨ ହାତକୁ ଛୁରିରେ ଆକ୍ରମଣ କରି ଘଟଣାସ୍ଥଳରୁ ସେମାନେ ଫେରାର ହୋଇଯାଇଥିଲେ। ଆହତ ବ୍ୟବସାୟୀ ଜଣଙ୍କ ହେଲେ ସୁନ୍ଦରପଦା ଥାନା ଅଞ୍ଚଳର ସିପୁ ବେହେରା। ଏନେଇ ସେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା (ନଂ ୧୩୩/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ଲାଗି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ପୋଲିସ ସନ୍ଦେହ କରୁଛି।

ସୂଚନାନୁଯାୟୀ, ସ୍ଥାନୀୟ ସୁନ୍ଦରପଦା ବୋଡଣ୍ଡା ନିକଟରେ ସିପୁଙ୍କର ଏକ ଓମ୍‌ଫେଡ ଦୋକାନ ରହିଛି। ତେବେ ଶୁକ୍ରବାର ରାତି ସମୟରେ ୪ରୁ ୫ ଜଣ ଯୁବକଙ୍କ ସହ ତାଙ୍କର କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୁର୍ବୃତ୍ତମାନେ ସିପୁଙ୍କୁ ଆକ୍ରମଣ କରିବା ସହ ତାଙ୍କ ୨ ହାତକୁ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘ ଅଧିବେଶନ




ଭୁବନେଶ୍ୱର,୨୮।୫

ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘ ଭୁବନେଶ୍ୱର ଶାଖାର ଦ୍ୱିବାର୍ଷିକ ସାଧାରଣ ଅଧିବେଶନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ ନିଗମ କର୍ମଚାରୀ ସଂଘର ରାଜ୍ୟ ସଭାପତି ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ ନିଗମ ଭୁବନେଶ୍ୱର ବାଣିଜ୍ୟ ଖଣ୍ଡ ଓ ବୃକ୍ଷରୋପଣ ଖଣ୍ଡର ଡିଭିଜନାଲ ମ୍ୟାନେଜର ରୁଦ୍ରମଣି ସାହୁଙ୍କ ସମେତ ମିହିର କୁମାର ଜେନା, ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ମହାସଚିବ ସରୋଜକାନ୍ତ ମଲ୍ଲିକ, ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର, ସତ୍ୟରଞ୍ଜନ ପଟ୍ଟନାୟକ, ଫନୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବନ ନିଗମକୁ ଅଧିକ ସୁଦୃଢ଼ ଓ ଲାଭଜନକ ସଂସ୍ଥାରୂପେ ପ୍ରତିପାଦନ କରିବା ପାଇଁ ଉପସ୍ଥିତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କର୍ମଚାରୀ ସଂଘ ଭୁବନେଶ୍ୱର ଶାଖାର ଆଗାମୀ ୨ବର୍ଷ ଅର୍ଥାତ୍ ୨୦୨୨-୨୪ ନିମିତ୍ତ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା ।

# ଚଳଚ୍ଚିତ୍ରରେ ଋତୁସ୍ରାବ ସଚେତନତାର ବାର୍ତ୍ତା




ଭୁବନେଶ୍ୱର,୨୮।୫(ବ୍ୟୁରୋ)

ଆଇନା ଏବଂ ୟୁନିସେଫ୍ ଓଡିଶା ପକ୍ଷରୁ କଲ୍ଲୋଳର ପୁରସ୍କାର ବିତରଣୀ ମହୋତ୍ସବ ଓ ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। 'ଋତୁସ୍ରାବ ସମ୍ବନ୍ଧୀୟ ସ୍ୱଚ୍ଛତା' ବିଷୟବସ୍ତୁ ସମ୍ପର୍କିତ ଅନ୍ଧବିଶ୍ୱାସକୁ ଦୂର କରିବା ସହ ସଚେତନତା ସୃଷ୍ଟି ପାଇଁ କ୍ଷୁଦ୍ର ଚଳଚ୍ଚିତ୍ର ଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିସହ ରେଡିଓ ଜିଙ୍ଗଲ, ଓଡିଶୀ ନୃତ୍ୟ ଆଦି ପରିବେଷଣ ଓ ପୁରସ୍କାର ବିତରଣ କରାଯାଇଲା। ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଓଏସ୍‌ଏମ୍‌ସିଏଲ ଅଧକ୍ଷା ଯାମିନୀ ଷଡ଼ଙ୍ଗୀ, ୟୁନିସେଫ ଓଡ଼ିଶାର ମୁଖ୍ୟ ଡ. ମୋନିକା ନେଲସନ୍, ୱାସ୍ ବିଶେଷଜ୍ଞ ସିପ୍ରା ସକ୍ସେନା, ଇଷ୍ଟର୍ନ ମିଡିଆର କାର୍ଯ୍ୟକାରୀ ନିର୍ଦ୍ଦେଶକ ତନୟା ପଟ୍ଟନାୟକ, ଆଇନାର ସମ୍ପାଦିକା ସ୍ନେହା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଚଳଚ୍ଚିତ୍ରରେ ଋତୁସ୍ରାବ ସଚେତନତାର ବାର୍ତ୍ତାକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏ କ୍ଷେତ୍ରରେ ଚଳଚ୍ଚିତ୍ର ମୁଖ୍ୟସ୍ରୋତ ହୋଇପାରିବ ବୋଲି ମତ ରଖିଥିଲେ। ଦିଲ୍ଲୀର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ମାଧମରେ ଋତୁସ୍ରାବକୁ ନେଇ ସଚେତନତା ସୃଷ୍ଟି କରିଥିଲେ। ଏଥିସହ ଆଇନା ଦ୍ୱାରା ଏକ ମ୍ୟୁଜିକ ଭିଡିଓ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ୩୫ ଚଳଚ୍ଚିତ୍ର ମଧ୍ୟରୁ ଶ୍ରେଷ୍ଠ ବିବେଚିତ ୧୦ଟିକୁ 'କଲ୍ଲୋଳ ସମ୍ମାନ' ପ୍ରଦାନ କରାଯାଇଥିଲା। ତାପସ କୁମାର ରାଉତଙ୍କ 'ଉତ୍ସବ' ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ୪୫ ହଜାର ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଛି। ସ୍ମୃତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**୧୦ ଚଳଚ୍ଚିତ୍ରକୁ କଲ୍ଲୋଳ ସମ୍ମାନ**

# ଏମ୍‌ସିସି ପରିଦର୍ଶନ କଲେ ଜାତୀୟ ବିଶେଷଜ୍ଞ ଭେଲାନ୍ ମୃଗେଶନ

ଭୁବନେଶ୍ୱର, ୨୮।୫ (ବ୍ୟୁରୋ)

ସହରର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ନିର୍ମାଣ କରାଯାଇଛି। ଏହାକୁ ଆହୁରି ଉନ୍ନତ କରିବା ପାଇଁ ମଦୁରାଇ ରିଜିଓନାଲ ଏକ୍ଜିକ୍ୟୁଟିଭ୍ ଇଂଜିନିୟର ତଥା ଜାତୀୟ ବିଶେଷଜ୍ଞ ଭେଲାନ୍ ମୃଗେଶନଙ୍କୁ ନିମନ୍ତ୍ରଣ ହୋଇଥିଲା। ଭେଲାନ୍ ଦୁଇ ଦିନ ମଧ୍ୟରେ ସହରରେ କାର୍ଯ୍ୟକ୍ଷମ ଥିବା ୩୧ଟି ଏମ୍‌ସିସି ମଧ୍ୟରୁ ୧୫ଟିର ପରିଭ୍ରମଣ କରିଥିଲେ। ବିଏମ୍‌ସି ପକ୍ଷରୁ ଏମ୍‌ସିସି ଏବଂ ଏମ୍‌ଆର୍‌ଏଫ୍‌ର ପରିଚାଳନାରେ ସମ୍ପ୍ରଦାୟର ସମ୍ପୃକ୍ତି, ସ୍ୱଚ୍ଛସାଥୀ ଓ ସ୍ୱଚ୍ଛକର୍ମୀମାନଙ୍କ ନିୟୋଜନ, ଏଠାକାର ଖତକୁ ପ୍ରଶଂସା କରିଥିଲେ। ଏଥିସହ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ପ୍ରକ୍ରିୟାକରଣ ପାଇଁ ସହରରେ ଭଲ ଭିତ୍ତିଭୂମି ଏବଂ ଯାନବାହନ ସହାୟତା ରହିଛି ବୋଲି କହିଥିଲେ। ସର୍ବସାଧାରଣଙ୍କ ଘରୁ ଆସୁଥିବା ଅଳିଆଗୁଡ଼ିକର ପୃଥକୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଯେଉଁ ଅଞ୍ଚଳରେ ଓଦା ଓ ଶୁଖିଲା ଅଳିଆ ପୃଥକ୍ ଭାବେ ଆସୁନାହିଁ ସେଠାରେ କମ୍ୟୁନିଟିର ସହଯୋଗ ନେବାକୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ପରେ ବିଏମ୍‌ସି କାର୍ଯ୍ୟାଳୟରେ ଭେଲାନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷଜ୍ଞଙ୍କ ପରାମର୍ଶ ଉପରେ ବିଏମ୍‌ସି କାର୍ଯ୍ୟ କରିବ ବୋଲି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ଆଡିଶନାଲ ସେକ୍ରେଟାରି କଲ୍ୟାଣ କୁମାର ରଥ, ବିଏମ୍‌ସି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁ, ସିଟି ଇଞ୍ଜିନିୟର, ଜୋନାଲ ଡେପୁଟି କମିଶନର ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରଫେସର ସଞ୍ଜୟ ନାୟକ ପାଇବେ ପ୍ରାଣକୃଷ୍ଣ ପରିଜା ସମ୍ମାନ

କଟକ ଅଫିସ, ୨୮।୫

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଚଳିତବର୍ଷର ମର୍ଯ୍ୟାଦାଜନକ 'ପ୍ରାଣକୃଷ୍ଣ ପରିଜା ସମ୍ମାନ' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରଫେସର ପରିଜା ମେମୋରିଆଲ ସୋସାଇଟି ପକ୍ଷରୁ ଆସନ୍ତା ଜୁନ୍ ୨ ତାରିଖରେ କଟକ ସାରଳା ଭବନଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଡ. ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏ ସମ୍ପର୍କରେ ଅନୁଷ୍ଠାନ ପକ୍ଷରୁ ଶନିବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଜ୍ଞାନପ୍ରେମୀ ଜନସାଧାରଣ ଯୋଗ ଦେବା ପାଇଁ ଅନୁଷ୍ଠାନର ସଭାପତି ଡ. ପ୍ରଭାକର ସ୍ୱାଇଁ, ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ଓ ଉପସଭାପତି ସଞ୍ଜିତ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଡ. ନାୟକ ପଲିମର ବିଜ୍ଞାନ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ନାୟକଙ୍କ ଦ୍ୱାରା ରଚିତ ୫୦୦ ନିବନ୍ଧ ଏବଂ ୩୦ଟି ଗବେଷଣାତ୍ମକ ଗ୍ରନ୍ଥ ତାଙ୍କୁ ଅନେକ ଖ୍ୟାତି ଦେଇଛି। ସେ ବିଶିଷ୍ଟ ବୈଜ୍ଞାନିକ ପୁରସ୍କାର, ଶ୍ରେଷ୍ଠ ଫାକ୍‌ଲଟି ପୁରସ୍କାର ପାଇଛନ୍ତି।

# ସାହିତ୍ୟ ଚିରକାଳୀନ ରାଜନୀତି

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ରାଜନୀତି ଯେପରି ମୋ ପାଇଁ ସ୍ୱଳ୍ପକାଳୀନ ସାହିତ୍ୟ ସେହିପରି ଚିରକାଳୀନ ରାଜନୀତି। ସାହିତ୍ୟକୁ ନେଇ ଜୀବନ ବଞ୍ଚିଛି। ସାହିତ୍ୟ ମୋ ପ୍ରାଣର ଅପୂର୍ବ ଉଲ୍ଲାସ। ଜୀବନର ନାନା ଘଟଣା, ଅଘଟଣାରେ ସାହିତ୍ୟ ମୋତେ ପଥପ୍ରଦର୍ଶନ କରିଛି ବୋଲି କବି ପ୍ରସନ୍ନ ପାଟଶାଣୀ ଶନିବାର ଗୀତଗୋବିନ୍ଦ ସଦନଠାରେ କେନ୍ଦ୍ରସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ 'କବିସନ୍ଧି' କାର୍ଯ୍ୟକ୍ରମରେ କହିଛନ୍ତି। ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହେବା ପରେ ପାଟଶାଣୀ କହିଛନ୍ତି, ସାହିତ୍ୟ ଭିତରେ ମଣିଷର ଅନ୍ତରକୁ ଦେଖିହୁଏ। ମଣିଷର ଦୁଃଖ, ଯନ୍ତ୍ରଣା ଓ ନୈରାଶ୍ୟବୋଧକୁ ମୁଁ ବିଭିନ୍ନ ଦିଗରୁ ପ୍ରତ୍ୟକ୍ଷ କରିଛି ଓ ଏହାକୁ ଶବ୍ଦରୂପ ଦେବାକୁ ଚେଷ୍ଟା କରିଛି। ମୋର ପ୍ରତ୍ୟକ୍ଷ ଅନୁଭବ ହିଁ ମୋ ସାହିତ୍ୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ଏବଂ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଡ. ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ଚନ୍ଦ୍ରଶେଖରପୁର ନୀଳମାଧବ ବସ୍ତିରେ ଶନିବାର କିଶୋରୀ ଓ ମହିଳାଙ୍କୁ ମାସିକ ଋତୁସ୍ରାବର ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଚାର ଭାରତୀ ଟ୍ରଷ୍ଟ ଏବଂ ମାଧମ ଫାଉଣ୍ଡେଶନର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମ।

# 'ସନ୍ତୁଳିତ ଖାଦ୍ୟପେୟ ଅନ୍ତନଳୀ କ୍ୟାନ୍‌ସରର ମହୌଷଧି'

ଭୁବନେଶ୍ୱର, ୨୮।୫(ବ୍ୟୁରୋ)




ବିଶ୍ୱ ପାଚକ ଦିବସ ପାଳନ ଅବସରରେ ଶନିବାର ଗ୍ୟାଷ୍ଟ୍ରୋ ଓ ଲିଭର କେୟାର ଫାଉଣ୍ଡେଶନ ଏବଂ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଆଣ୍ଡ୍ ଗାଇଡ୍‌ସ ପକ୍ଷରୁ ଅନ୍ତନଳୀ କ୍ୟାନ୍‌ସର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କାଉଟ୍‌ସ ଆଣ୍ଡ୍ ଗାଇଡ୍‌ସ ମୁଖ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ୟାଷ୍ଟ୍ରୋ ଏଣ୍ଟେରଲୋଜିଷ୍ଟ ଡା. ଏସ୍. ପି. ସିଂ ଯୋଗଦେଇ ଅନ୍ତନଳି କ୍ୟାନ୍‌ସର ବିଷୟରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗ୍ୟାଷ୍ଟ୍ରୋ ଓ ଲିଭର କେୟାର ଫାଉଣ୍ଡେଶନ ଅଧକ୍ଷ ତଥା ଜଣାଶୁଣା ପେଟ ରୋଗ ବିଶେଷଜ୍ଞ ପ୍ରଫେସର ଡା. ମନୋଜ କୁମାର ସାହୁ କହିଲେ, ପ୍ରତିବର୍ଷ ଭାରତର ଶତକଡା ୪୫ ଭାଗ ଲୋକଙ୍କ ପାଖରେ ଅନ୍ତନଳୀ କ୍ୟାନ୍‌ସର ଦେଖା ଦେଉଥାଏ। ସନ୍ତୁଳିତ ଖାଦ୍ୟପେୟ ଓ ଜୀବନଶୈଳୀ ହିଁ ଏହି କ୍ୟାନସରର ମହୋଷଧି। ବେଶି ଲୁଣିଆ, ଚର୍ବିଜାତୀୟ ଖାଦ୍ୟ, ତନ୍ତୁଜାତୀୟ ଖାଦ୍ୟ, ଧୂମପାନ ଏବଂ ମଦ୍ୟପାନଠାରୁ ଦୂରେଇ ରହିଲେ ଏହି ରୋଗରୁ ବଞ୍ଚିପାରିବା। ଯଦି ଏହି କ୍ୟାନସରକୁ ସମୟ ଥାଉ ଥାଉ ଜାଣିପାରିବା ତା'ହେଲେ ଠିକ ଚିକିତ୍ସା ନେଇ ଆମେ ଏକ ସୁସ୍ଥସବଳ ଜୀବନ ବଞ୍ଚିପାରିବା। ଭାରତ ସ୍କାଉଟସ ଆଣ୍ଡ ଗାଇଡ଼ସର ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ ଅଧକ୍ଷତା କରିଥିବାବେଳେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ସ୍କାଉଟ, ଗାଇଡ଼, ରୋଭର, ରେଞ୍ଜର, ସ୍କାଉଟ ମାଷ୍ଟର ଏବଂ ଗାଇଡ଼ କ୍ୟାପ୍‌ଟେନ ଯୋଗ ଦେଇଥିଲେ।



ଭିଜା ଦୁର୍ନୀତି ମାମଲାରେ କଂଗ୍ରେସ ଏମ୍‌ପି କାର୍ତ୍ତି ଚିଦାମ୍ବରମ ସମ୍ପୃକ୍ତ ଥିବା ଅଭିଯୋଗରେ ଶନିବାର ଜେରାର ସମ୍ମୁଖୀନ ହେବା ଲାଗି ନୂଆଦିଲ୍ଲୀସ୍ଥିତ ସିବିଆଇ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି।

# ଯୁବବର୍ଗଙ୍କ ଭବିଷ୍ୟତ ନଷ୍ଟ କରୁଛି କେନ୍ଦ୍ର

## ରେଲୱେରେ ୯୧ ହଜାର ପଦବୀ ଉଚ୍ଛେଦ ନେଇ ବର୍ଷିଲେ ରାହୁଲ

ନୂଆଦିଲ୍ଲୀ, ୨୮।୫

ରେଲୱେର ୯୧ ହଜାରରୁ ଊର୍ଦ୍ଧ୍ୱ ପଦବୀ ଉଚ୍ଛେଦ କରାଯିବା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଟାର୍ଗେଟ କରି ରାହୁଲ କହିଛନ୍ତି, ସରକାର ଯୁବବର୍ଗଙ୍କ ଭବିଷ୍ୟତ ସହିତ ଖେଳୁଛନ୍ତି। ସେମାନଙ୍କ ଭବିଷ୍ୟତ ନଷ୍ଟ କରିବାର ପରିଣତି ଭଲ ହେବ ନାହିଁ। ସରକାର ନୂଆ ଚାକିରି ଦେଇପାରୁ ନ ଥିବାବେଳେ ରହିଥିବା ଚାକିରି ଛଡ଼ାଇ ନେବାରେ ସଫଳ ହୋଇଛନ୍ତି। ଯୁବବର୍ଗ ଏହାର ଜବାବ ଦେବେ ଓ ସରକାରଙ୍କ ଗର୍ବକୁ ଭାଙ୍ଗିବେ ବୋଲି ଶନିବାର ଏକ ସୋସିଆଲ ମିଡିଆ ପୋଷ୍ଟରେ ରାହୁଲ ଲେଖିଛନ୍ତି। ସେମାନଙ୍କର ଭବିଷ୍ୟତକୁ ନଷ୍ଟ କରିବା ଯୋଗୁ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ। ଭାରତୀୟ ରେଲୱେ ଅଣ-ସୁରକ୍ଷା ବର୍ଗର ୯୧,୬୨୯ ପଦବୀକୁ ରଦ୍ଦ କରିଛି। ସେମାନେ ଆଉ ନିଯୁକ୍ତି ପାଇବେ ନାହିଁ। ସରକାର ସେମାନଙ୍କୁ ଅନାବଶ୍ୟକ ବୋଲି କହିଛନ୍ତି।



# ୨ ପଦ୍ମଶ୍ରୀ ବିଜେତାଙ୍କୁ ଏଏପିର ରାଜ୍ୟ ସଭା ଟିକେଟ

ଚଣ୍ଡିଗଡ଼, ୨୮।୫

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପଞ୍ଜାବରୁ ୨ ଜଣ ପଦ୍ମଶ୍ରୀ ବିଜେତାଙ୍କୁ ରାଜ୍ୟ ସଭାକୁ ପଠାଇବା ଲାଗି ମନୋନୀତ କରିଛି। ସେମାନେ ହେଲେ ବିଶିଷ୍ଟ ପରିବେଶବିତ୍ ସନ୍ଥ ବଲବୀର ସିଂ ସିଚେୱାଲ ଏବଂ ଉଦ୍ୟୋଗୀ, ପରୋପକାରୀ ତଥା ସାମାଜିକ କର୍ମୀ ବିକ୍ରମଜିତ୍ ସିଂ ସାହନି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଟୁଇଟର ଯୋଗେ ଏହା ଘୋଷଣା କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ଥିବା କଂଗ୍ରେସର ଅମ୍ବିକା ସୋନି ଏବଂ ଶିରୋମଣି ଅକାଳୀ ଦଳର ବଲୱିନ୍ଦର ସିଂ ଭୁନ୍ଦରଙ୍କ କାର୍ଯ୍ୟକାଳ ଜୁଲାଇ ୪ରେ ଶେଷ ହେଉଛି। ରାଜ୍ୟ ସଭା ନିର୍ବାଚନ ଲାଗି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ଶେଷ ତାରିଖ ମେ’ ୩୧ ରହିଥିବାବେଳେ ଜୁନ୍ ୧ରେ ଯାଞ୍ଚ କରାଯିବ। ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଜୁନ୍ ୩ ରହିଛି। ଜୁନ୍ ୧୦ରେ ରାଜ୍ୟ ସଭା ସଦସ୍ୟ ପଦ ଲାଗି ନିର୍ବାଚନ ଅନୁଷ୍ଠିତ ହେବ।



ବଲବୀର ସିଂ ସିଚେୱାଲ, ବିକ୍ରମଜିତ୍ ସିଂ ସାହନି

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ.....

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରୟତଙ୍କ ନାମ, ପିତା/ସ୍ୱାମୀଙ୍କ ନାମ/ ଇଚ୍ଛୁକ ପ୍ରାର୍ଥୀଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୨୮୧ | ୮୭/୪୫୪ | ୮୪୮/୧୫୨୯ | ୦.୦୧ | ୦.୦୧ | ଘରବାରି(ବାରି) | ସପୁର ସାହୁ, ପି. ଋଷଭ ସାହୁ, ଜା: ତେଲି, ବା: ନି: ବନଛୋରପାଲି, ପୋଷ୍ଟ: ଜିଏସ ଡୁଙ୍ଗୁରିପାଲି |
| ୧୨୮୨ | ୮୭/୪୫୫ | ୭୨୪/୧୫୩୦ | ୦.୦୬ | ୦.୦୬ | ଆଟ ମାମୁଲି | ଚତୁର୍ଭୁଜ ମେହେର, ପି. ଭୁବନେଶ୍ୱର ମେହେର, କ୍ଷୀରମଣୀ ମେହେର, ରମେଶ ମେହେର, ପି. ଚତୁର୍ଭୁଜ ମେହେର, ଜା: ଭୁଲିଆ, ବା: କଲେଜ ଛକ, ବଲାଙ୍ଗିର |
| ୧୨୮୩ | ୮୭/୪୫୬ | ୬୦୪/୧୫୩୧ | ୦.୪୩ | ୦.୪୩ | ଆଟ ମାମୁଲି | ପ୍ରିୟବ୍ରତ ସାହୁ, ପି. ପୀତାମ୍ବର ସାହୁ, ଜା: ଚଷା, ବା: ନି: ସାନକେରାଜଙ୍ଗ, ପୋଷ୍ଟ: ଗୋଳାବନ୍ଧ, ଥା: ନିଶା, ଜିଲ୍ଲା: ଅନୁଗୋଳ |
| ୧୨୮୪ | ୮୭/୪୫୭ | ୫୯୪/୧୫୩୨ | ୦.୯୪ | ୦.୯୪ | ଆଟ ମାମୁଲି | ନନ୍ଦଲାଲ ବେହେରା, ପି. ନିରଞ୍ଜନ ବେହେରା, ଜା: ଶୁଣ୍ଢି, ବା: ଅର୍ଡା, ପୋ: ଅର୍ଡା, ଜି: ଝାରସୁଗୁଡ଼ା |
| ୧୨୮୫ | ୮୭/୪୫୮ | ୬୦୪ | ୧.୦୦ | ୧.୦୦ | ଆଟ ମାମୁଲି | ନାରାୟଣ ସାହୁ, ପି. ଝାଡ଼େଶ୍ୱର ସାହୁ, ଜା: ଶୁଣ୍ଢି, ବା: ଅରକେଇକେଲା, ପୋ: ତୁମକେଲା, ଜି. ସୁନ୍ଦରଗଡ଼ |
| ୧୨୮୬ | ୮୭/୪୫୯ | ୬୧୦/୧୫୩୩ | ୦.୫୦ | ୦.୫୦ | ଆଟ ମାମୁଲି | ନାରାୟଣ ସାହୁ, ପି. ଝାଡ଼େଶ୍ୱର ସାହୁ, ଜା: ଶୁଣ୍ଢି, ବା: ଅରକେଇକେଲା, ପୋ. ତୁମକେଲା, ଜି. ସୁନ୍ଦରଗଡ଼ |
| ୧୨୮୭ | | ୬୨୮/୧୫୩୪ | ୦.୫୦ | ୦.୫୦ | ଆଟ ମାମୁଲି | |
| ୧୨୮୮ | ୮୭/୪୬୦ | ୪୪୭/୧୫୩୫ | ୦.୯୩ | ୦.୯୩ | ଆଟ ମାମୁଲି | ପ୍ରିୟବ୍ରତ ସାହୁ, ପି. ପିତାମ୍ବର ସାହୁ, ଜା: ଚଷା, ବା: ସାନକେରାଜଙ୍ଗ, ପୋ. ଗୋଲାବନ୍ଧ, ଜି.: ଅନୁଗୋଳ |
| ୧୨୮୯ | | ୪୬୭ | ୦.୬୫ | ୦.୬୫ | ଆଟ ମାମୁଲି | |
| ୧୨୯୦ | ୮୭/୪୬୧ | ୧୯୪ | ୦.୪୪ | ୦.୪୪ | ଆଟ ମାମୁଲି | ନାରାୟଣ ସାହୁ, ପି. ଝାଡ଼େଶ୍ୱର ସାହୁ, ଜା: ଶୁଣ୍ଢି, ବା: ଅରକେଇକେଲା, ପୋ. ତୁମକେଲା, ଜି: ସୁନ୍ଦରଗଡ଼ |
| ୧୨୯୧ | ୮୭/୪୬୨ | ୫୭୪/୧୫୩୭ | ୦.୦୫ | ୦.୦୫ | ମାଳ ମାମୁଲି | ସୀତାକାନ୍ତ ସ୍ୱାଇଁ, ପି. ଗୋବିନ୍ଦ ସ୍ୱାଇଁ, ଜା: ଓଡ଼ିଆ, ବା: ନି: ଉଦୟ ନଗର, ବଲାଙ୍ଗିର |
| ୧୨୯୨ | ୮୭/୪୬୩ | ୫୯୭/୧୫୩୮ | ୦.୦୫ | ୦.୦୫ | ଆଟ ମାମୁଲି | ଧନଞ୍ଜୟ ପୃଷ୍ଟି, ପି. ଲଛମନ ପୃଷ୍ଟି, ଜା: ତେଲି, ବା: ନିଜଗାଁ |
| ୧୨୯୩ | ୮୭/୪୬୪ | ୧୯୬/୧୫୩୯ | ୦.୦୫ | ୦.୦୫ | ବେର୍ଣ୍ଣାମାମୁଲି | ନରେନ୍ଦ୍ର କୁମାର ମେହେର, ପି. ରୁଦ୍ରମଣି ମେହେର, ଜା: ଭୁଲିଆ, ବା: ବନଛୋରପାଲି |
| ୧୨୯୪ | ୮୭/୪୬୫ | ୧୯୬/୧୫୪୦ | ୦.୦୫ | ୦.୦୫ | ବେର୍ଣ୍ଣାମାମୁଲି | ମନୋଜ କୁମାର ମେହେର, ପି. ନରେନ୍ଦ୍ର କୁମାର ମେହେର, ଜା: ଭୁଲିଆ, ବା: ବନଛୋରପାଲି |
| ୧୨୯୫ | ୮୭/୪୬୬ | ୧୯୫/୧୫୪୧ | ୦.୦୫ | ୦.୦୫ | ଆଟ ମାମୁଲି | ଅଏଁଲା ମେହେର, ସ୍ୱା. ବଳରାମ ମେହେର, ଜା: ଭୁଲିଆ ବା: ବନଛୋରପାଲି |
| ୧୨୯୬ | ୮୭/୪୬୭ | ୧୯୬/୧୫୪୨ | ୦.୦୫ | ୦.୦୫ | ବେର୍ଣ୍ଣାମାମୁଲି | ରେବତୀକାନ୍ତ ମେହେର, ପି. ଚର୍ଚ୍ଚିତ ମେହେର, ଜା: ଭୁଲିଆ, ବା: ବନଛୋରପାଲି |
| ୧୨୯୭ | ୮୭/୪୬୮ | ୧୯୫/୧୫୪୩ | ୦.୦୫ | ୦.୦୫ | ଆଟ ମାମୁଲି | କୈଳାସ ମେହେର, ପି. ସାନରୁଦ୍ର ମେହେର, ଜା: ଭୁଲିଆ, ବା: ବନଛୋରପାଲି |
| ୧୨୯୮ | ୮୭/୪୬୯ | ୧୯୫/୧୫୪୪ | ୦.୦୫ | ୦.୦୫ | ଆଟ ମାମୁଲି | ସାନରୁଦ୍ର ମେହେର, ପି. ପରକ୍ଷିତ ମେହେର, ଜା: ଭୁଲିଆ, ବା: ବନଛୋରପାଲି |
| ୧୨୯୯ | ୮୭/୪୭୦ | ୫୭୨/୧୫୪୫ | ୦.୦୫ | ୦.୦୫ | ଆଟ ମାମୁଲି | ସୁବୋଧ କୁମାର ନାୟକ, ପି. ମଧୁସୂଦନ ନାୟକ, ଜା: ବ୍ରାହ୍ମଣ, ବା: ପେଲେସଲାଇନ, ବଲାଙ୍ଗିର |
| ୧୩୦୦ | ୮୭/୪୭୧ | ୮୯୮ | ୦.୦୩ | ୦.୦୩ | ଘରବାରି(ଘର) | ସୁମିତ୍ରା ପଧାନ, ସ୍ୱା. ରାମଚନ୍ଦ୍ର ପଧାନ, ବିଜୟ କୁମାର ପଧାନ, ସଞ୍ଜୟ କୁମାର ପଧାନ, ପି. ରାମଚନ୍ଦ୍ର ପଧାନ, ଜା: କୁଲତା, ବା: ନିଜଗାଁ |
| ୧୩୦୧ | ୮୭/୪୭୨ | ୮୭୭ | ୦.୦୪ | ୦.୦୪ | ଘରବାରି(ଘର) | ଶ୍ରୀଧର ବଗର୍ତି, ପି. ନକୁଳ ବଗର୍ତି, ଜା: ଗଉଡ଼, ବା: ନିଜଗାଁ |
| ୧୩୦୨ | ୮୭/୪୭୩ | ୧୯୩/୧୫୪୭ | ୦.୨୬ | ୦.୨୬ | ମାଳ ମାମୁଲି | ଭୋଜରାଜ ବାଗ, ପି. କଚ୍ଛପ ବାଗ, ଜା: ସହରା, ବା: କଇଁଣ୍ଡାପାଲି |
| ୧୩୦୩ | | ୧୭୮/୧୫୪୬ | ୦.୫୮ | ୦.୫୮ | ଆଟ ମାମୁଲି | |
| ୧୩୦୪ | ୮୭/୪୭୪ | ୧୯୫/୧୫୪୮ | ୦.୦୫ | ୦.୦୫ | ଆଟ ମାମୁଲି | ତ୍ରିବେଣୀ ମେହେର, ସ୍ୱା. ଭୀମ ମେହେର, ଜା: ଭୁଲିଆ, ବା: ନିଜଗାଁ |
| ୧୩୦୫ | ୮୭/୪୭୫ | ୮୧/୧୫୪୯ | ୦.୫୦ | ୦.୫୦ | ଆଟ ମାମୁଲି | ସନ୍ତୋଷ କୁମାର ପରିଡ଼ା, ପି. ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜା: ଚଷା, ବା: ବନଛୋରପାଲି, ପୋ. ଗ.ଶ. ଡୁଙ୍ଗୁରିପାଲି |
| ୧୩୦୬ | ୮୭/୪୭୬ | ୪୭/୧୫୫୦ | ୦.୩୦ | ୦.୩୦ | ବାହାଲ ମାମୁଲି | ସନ୍ତୋଷ କୁମାର ପରିଡ଼ା, ପି. ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜା: ଚଷା, ବା: ବନଛୋରପାଲି, ପୋ. ଗ.ଶ. ଡୁଙ୍ଗୁରିପାଲି |
| ୧୩୦୭ | ୮୭/୪୭୭ | ୨୭/୧୫୫୧ | ୦.୫୦ | ୦.୫୦ | ଆଟ ମାମୁଲି | ସନ୍ତୋଷ କୁମାର ପରିଡ଼ା, ପି. ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜା: ଚଷା, ବା: ବନଛୋରପାଲି, ପୋ. ଗ.ଶ. ଡୁଙ୍ଗୁରିପାଲି |
| ୧୩୦୮ | ୮୭/୪୭୮ | ୬୦/୧୫୫୨ | ୦.୩୦ | ୦.୩୦ | ଆଟ ମାମୁଲି | ସନ୍ତୋଷ କୁମାର ପରିଡ଼ା, ପି. ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜା: ଚଷା, ବା: ବନଛୋରପାଲି, ପୋ. ଗ.ଶ. ଡୁଙ୍ଗୁରିପାଲି |
| ୧୩୦୯ | ୮୭/୪୭୯ | ୭୦/୧୦୨୮/୧୫୫୩ | ୦.୪୮ | ୦.୪୮ | ବାହାଲ ମାମୁଲି | ସନ୍ତୋଷ କୁମାର ପରିଡ଼ା, ପି. ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜା: ଚଷା, ବା: ବନଛୋରପାଲି, ପୋ. ଗ.ଶ. ଡୁଙ୍ଗୁରିପାଲି |
| ୧୩୧୦ | ୮୭/୪୮୦ | ୮୪୪/୧୫୫୪ | ୦.୦୨ | ୦.୦୨ | ଘରବାରି(ଘର) | ରମାମଣି ପରିଡ଼ା, ପି. ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଜା: ଚଷା, ବା: ଗୌଡ଼ପାଲି, ପୋ. ଲୁହାସିଂହା, ଜି. ବଲାଙ୍ଗିର |
| ୧୩୧୧ | ୮୭/୪୮୧ | ୮୫୯/୧୫୫୫ | ୦.୦୧ | ୦.୦୧ | ଘରବାରି(ଘର) | ଶକୁନ୍ତଳା ନାଗ, ସ୍ୱା. ହୁତାସନ ନାଗ, ଦେବଦତ୍ତ ନାଗ, କବିତା ନାଗ, ପି. ହୁତାସନ ନାଗ, ଜା: ଗଣ୍ଡା, ବା: ଖଗସାବାହାଲ, ପୋ. ବାରପୁଡୁଗିଆ, ଜି.: ବଲାଙ୍ଗିର |
| ୧୩୧୨ | ୮୭/୪୮୨ | ୧୭୮/୧୫୫୬ | ୦.୭୧ | ୦.୭୧ | ଆଟ ମାମୁଲି | ଲଳିତ ମୋହନ ପଧାନ, ପି. ସାଧୁ ଚରଣ ପଧାନ, ଜା: କୁଲତା, ବା: ନିଜଗାଁ |
| ୧୩୧୩ | | ୧୯୩/୧୫୫୭ | ୦.୨୨ | ୦.୨୨ | ମାଳ ମାମୁଲି | |
| ୧୩୧୪ | ୮୭/୪୮୩ | ୭୩୯/୧୫୫୮ | ୦.୦୪ | ୦.୦୪ | ଆଟ ମାମୁଲି | ଚତୁର୍ଭୁଜ ସେଠ, ପି. ଗୋପିନାଥ ସେଠ, ଜା: ଧୋବା, ବା: ଯୋଗୀମୁଣ୍ଡା, ପୋ. ଯୋଗୀମୁଣ୍ଡା, ଜି: ବଲାଙ୍ଗିର |
| ୧୩୧୫ | ୮୭/୪୮୪ | ୭୮୪ | ୦.୫୪ | ୦.୫୪ | ବେର୍ଣ୍ଣାମାମୁଲି | ଗୁଆବତୀ ଥପା, ସ୍ୱା. ଗଣପତି ଥପା, ସନ୍ତୋଷ ଥପା, ସୁରେଶ ଚନ୍ଦ୍ର ଥପା, ସରୋଜ ଥପା, ସନାତନ ଥପା, ପି. ଗଣପତି ଥପା, ଜା: ଗଉଡ଼, ବା: ନିଜଗାଁ |
| ୧୩୧୬ | | ୭୬୭ | ୦.୩୧ | ୦.୩୧ | ବାହାଲ ମାମୁଲି | |
| ୧୩୧୭ | ୮୭/୪୮୫ | ୭୫୪ | ୦.୧୧ | ୦.୧୧ | ମାଳ ମାମୁଲି | ଗୁଆବତୀ ଥପା, ସ୍ୱା. ଗଣପତି ଥପା, ସନ୍ତୋଷ ଥପା, ସୁରେଶ ଚନ୍ଦ୍ର ଥପା, ସରୋଜ ଥପା, ସନାତନ ଥପା, ପି. ଗଣପତି ଥପା, ଜା: ଗଉଡ଼, ବା: ବନଛୋରପାଲି |
| ୧୩୧୮ | | ୭୫୬ | ୦.୨୬ | ୦.୨୬ | ମାଳ ମାମୁଲି | |
| ୧୩୧୯ | | ୭୬୮ | ୦.୯୦ | ୦.୯୦ | ବାହାଲ ମାମୁଲି | |
| | ମୋଟ | ୧୩୧୯ | ୬୬୦.୨୪ | ୬୬୦.୨୪ | | |

Sd./- Amin

Sd./- Junior Engineer/Asst. Engineer
LSRRC&B Sub-Division, No.III, Magurbeda

Sd./- Asst. Executive Engineer
LSRRC&B Sub-Division. No.III, Magurbeda

Sd./- Superintending Engineer
LSRRC&B Division, Bolangir

Sd./- Special Land Acquisition Officer
Lower Suktel Irrigation Project, Balangir

OIPR-24001/14/0059/2223

# ସର୍ବାଧିକ ବଢ଼ିଛି ବେରୋଜଗାରୀ

## ୬୦ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଛି: ବରୁଣ ଗାନ୍ଧୀ

ନୂଆଦିଲ୍ଲୀ, ୨୮।୫ (ପି.ଟି.)

ଦେଶରେ ବେରୋଜଗାରୀ ବୃଦ୍ଧି ପାଇ ୩ ଦଶନ୍ଧି ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। କେନ୍ଦ୍ର ଓ ରାଜ୍ୟ ସରକାରରେ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ପଡ଼ିଥିବା ଭାଜପା ଏମ୍‌ପି ବରୁଣ ଗାନ୍ଧୀ ଶନିବାର ଅଭିଯୋଗ କରିଛନ୍ତି। ଉତ୍ତରପ୍ରଦେଶ ପିଲିଭିଟ୍ ଏମ୍‌ପି ସେକ୍ଟର ଅନୁଯାୟୀ ସରକାରୀ ନିଯୁକ୍ତିର ଏକ ତାଲିକା ଟୁଇଟ୍ କରିଛନ୍ତି। ନିଯୁକ୍ତି ଅଭାବରୁ କୋଟି କୋଟି ଯୁବତୀ ଯୁବକ ହତାଶ ହୋଇପଡ଼ିଥିବାବେଳେ ସରକାରୀ ତଥ୍ୟକୁ ଯଦି ବିଶ୍ୱାସକୁ ନିଆଯାଏ ତେବେ ଦେଶରେ ୬୦ ଲକ୍ଷ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ପଡ଼ିଛି। ଏହି ପଦବୀ ଲାଗି ହେଉଥିବା ବ୍ୟୟବରାଦ ଯାଉଛି କୁଆଡେ, ତାହା ଜାଣିବା ଅଧିକାର ଯୁବବର୍ଗଙ୍କର ରହିଛି ବୋଲି ବରୁଣ କହିଛନ୍ତି।

ପିଲିଭିଟ୍ ଏମ୍‌ପି ଦୀର୍ଘଦିନ ହେଲା କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କ ବିରୋଧରେ ମନ୍ତବ୍ୟ ଦେଇଆସୁଛନ୍ତି। କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନକୁ ବିରୋଧ କରି ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ବରୁଣ ଖୋଲାଖୋଲି ଭାବେ ସେମାନଙ୍କୁ ସମର୍ଥନ ଜଣାଇଥିଲେ। ସେ ନିଜ ଦଳର ସରକାରଙ୍କ ବିରୋଧରେ ଯାଇ ଲୋକକୈନ୍ଦ୍ରିକ ପ୍ରସଙ୍ଗ ଉଠାଇଆସୁଛନ୍ତି। ନିକଟରେ ଶେଷ ହୋଇଥିବା ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ସେ ପ୍ରଚାରରେ ସାମିଲ ହୋଇ ନ ଥିଲେ।



# ରାଜ୍ୟ ସଭା ଦୌଡ଼ ପଶ୍ଚିମ ଓଡ଼ିଶାର ଜଣଙ୍କୁ ମିଳିବା ଚର୍ଚ୍ଚା

ସମ୍ବଲପୁର, ୨୮।୫ (ବ୍ୟୁରୋ)

ରାଜ୍ୟ ସଭାର ୪ ଆସନ ପାଇଁ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ଏଥିରୁ ଗୋଟିଏ ଆସନ ପଶ୍ଚିମ ଓଡ଼ିଶାରୁ ଜଣଙ୍କୁ ସୁଯୋଗ ମିଳିବା ନେଇ ଆଲୋଚନା ହେଉଛି। ମହିଳା, ଆଦିବାସୀ କାର୍ଡ ଖେଳି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖେଳିପାରନ୍ତି ବୋଲି କୁହାଯାଉଛି। ଏଥିପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ରାଜନେତା, ବ୍ୟକ୍ତି ବିଶେଷ ଲବି କରୁଥିବା ବେଳେ ସମର୍ଥକଙ୍କୁ ନେଇ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ଏହା ମଧ୍ୟରେ ସମ୍ବଲପୁର ଓ ବଲାଙ୍ଗୀର ଜିଲାର ଆଶାୟୀଙ୍କ ଉପରେ ମୋହର ଲାଗିପାରେ ବୋଲି ଚର୍ଚ୍ଚା ଚାଲିଛି। ପଶ୍ଚିମ ଓଡ଼ିଶାର ଜଣେ ଅଣରାଜନୈତିକ ବ୍ୟକ୍ତି ତଥା ନୂଆ ଚେହେରାଙ୍କୁ ସୁଯୋଗ ମିଳିବ ବୋଲି ଆଲୋଚନା ହେଉଛି। ଏକ ସାଧାରଣ ପରିବାରରୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ସୁଯୋଗ ଦେଇ ଦଳ ଛବି ବଜାୟ ରଖିବାକୁ ଚେଷ୍ଟା କରିପାରେ। ବଲାଙ୍ଗୀର ଜିଲାର ପୂର୍ବତନ ଏମ୍‌ପି କଳିକେଶ ସିଂଦେଓ ଓ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ରଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିପରି ସମ୍ବଲପୁର ଜିଲାର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଓ କୁଚିଣ୍ଡା ଅଞ୍ଚଳର ଜଣେ ଆଦିବାସୀ ନେତାଙ୍କ ନାମକୁ ନେଇ ଚର୍ଚ୍ଚା ହେଉଛି। ତେବେ ବଲାଙ୍ଗୀର ଜିଲାର ଆଶାୟୀ ପ୍ରାର୍ଥୀଙ୍କ ନାମରେ ମୋହର ଲାଗିବା ଆଶା ଅଧିକ ରହୁଛି। ଏହାଛଡା ସରକାରୀ ଅଧିକାରୀଙ୍କୁ ସୁଯୋଗ ଦେଇ ବିଜେଡି ପୁରୁଣା ନୀତି ଆପଣେଇପାରେ ବୋଲି ଆଲୋଚନା ହେଉଛି। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଜଣେ ଅଭିଜ୍ଞ ରାଜନେତା। ରାଜ୍ୟସଭାରେ ସେ ରାଜ୍ୟର ବହୁ ସମସ୍ୟା ଉତ୍‌ଥାପନ କରି ପ୍ରଶଂସା ସାଉଁଟିଥିଲେ। ତେଣୁ ତାଙ୍କୁ ପୁଣି ଥରେ ସୁଯୋଗ ମିଳିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

# ପିନାକୀଙ୍କୁ କାଳିମାଡ଼, କଳାପତାକା

## କଂଗ୍ରେସ, ଭାଜପାର ବିରୋଧ

ପୁରୀ ଅଫିସ, ୨୮।୫

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ପୁରୀ ଏମ୍‌ପି ପିନାକୀ ମିଶ୍ର ବିବାଦରେ ଥିବାବେଳେ ଶନିବାର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପୁରୀ ଆସିଥିବା ବେଳେ ବିରୋଧର ଶିକାର ହୋଇଛନ୍ତି। ଭାରତୀୟ ଜାତୀୟ କଂଗ୍ରେସ ଓ ଭାଜପା ପକ୍ଷରୁ ତାଙ୍କୁ କାଳିମାଡ଼ ଏବଂ କଳାପତାକା ପ୍ରଦର୍ଶନ କରାଯାଇଛି। ପୁରୀ ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଏମ୍‌ପି ମିଶ୍ରଙ୍କୁ ବାଟରେ କଳାପତାକା ଦେଖାଯାଇଛି। ନିଜ ସଂସଦୀୟ କ୍ଷେତ୍ରରେ ଛାତ୍ର, ଯୁବ, ବସ୍ତିବାସିନ୍ଦା ଓ ଗ୍ରାମଗୁଡ଼ିକରେ ଆଜି ବି ସରକାରୀ ଯୋଜନା ପହଞ୍ଚିପାରୁ ନାହିଁ। ପିନାକୀ ପୁରୀର ସ୍ୱାର୍ଥକୁ ନେଇ ଚିନ୍ତିତ ନୁହନ୍ତି, କେବଳ ନିର୍ବାଚନ ସମୟରେ ପୁରୀ ଲୋକସଭା କ୍ଷେତ୍ରକୁ ଆସନ୍ତି ବୋଲି ମିଶ୍ର କହିଛନ୍ତି। ଝାଡ଼େଶ୍ୱରୀ ଛକଠାରେ କଳାପତାକା ଦେଖାଯିବା ସହ ତାଙ୍କ ଗାଡ଼ିକୁ କାଳିମାଡ଼ କରାଯାଇଥିବା ବେଳେ ପୁରୀ ପୋଲିସ ଛାତ୍ର କଂଗ୍ରେସ କର୍ମୀମାନଙ୍କୁ କାବୁ କରିଥିଲା। ସେହିଭଳି ଭାଜପା ଯୁବମୋର୍ଚ୍ଚାର କର୍ମୀମାନେ ମଧ୍ୟ ପିନାକୀ ପୁରୀ ଆସୁଥିବା ବେଳେ ଭିଆଇପି ରୋଡ୍‌ଠାରେ କଳାପତାକା ଦେଖାଇ ବିରୋଧ କରିଛନ୍ତି। ଭାଜପାର ତିନି ଜଣ କର୍ମୀଙ୍କୁ ମଧ୍ୟ ପୋଲିସ ଅଟକ ରଖିଛି। ଅଟକଙ୍କ ମଧ୍ୟରେ ଥିବା ଜିଲା କୋଷାଧ୍ୟକ୍ଷ ସଂଗ୍ରାମ ପରିଡ଼ା କହିଛନ୍ତି, ପିନାକୀ ମିଶ୍ର ପୁରୀକୁ ପିକ୍‌ନିକ୍ ଉଦ୍ଦେଶ୍ୟରେ ଆସନ୍ତି। ପୁରୀ ଜିଲାର ସମସ୍ୟା ସହ ତାଙ୍କର କୌଣସି ସମ୍ପର୍କ ନାହିଁ। ସମସ୍ୟା ଭିତରେ ପୁରୀ ଜିଲା ଓ ସହର ବୁଡ଼ି ରହିଥିବା ବେଳେ ପିନାକୀ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିବା ନିନ୍ଦନୀୟ।



ପିନାକୀ ମିଶ୍ରଙ୍କୁ କଳାପତାକା ପ୍ରଦର୍ଶନ କରିବା ବେଳେ କଂଗ୍ରେସ କର୍ମୀଙ୍କୁ ପୋଲିସ ଧରି ନେଉଛି।

# ବିଜେଡି ପ୍ରାର୍ଥୀ ରଣଜିତଙ୍କ ବାଜିମାତ

## ଘଟଗାଁ ବ୍ଲକ ୮ନଂ. ଜୋନ୍ ଜିଲା ପରିଷଦ ଉପ ନିର୍ବାଚନ

**ଢେଙ୍କିକୋଟ, ୨୮।୫ (ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ବ୍ଲକ ୮ନଂ. ଜୋନ୍ ଜିଲା ପରିଷଦ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ରଣଜିତ ନାୟକ ନିର୍ବାଚିତ ହୋଇଛନ୍ତି। ସେ ୧୮,୨୪୦ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ମହେଶ୍ୱର ନାୟକ ୫,୧୨୨ ଭୋଟ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଦୟାନିଧି ନାୟକଙ୍କ ଖାତାକୁ ମାତ୍ର ୬୦୭ ଖଣ୍ଡ ଭୋଟ ଯାଇଛି। ଉଲ୍ଲେଖଯୋଗ୍ୟ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ବିଜେଡି ପ୍ରାର୍ଥୀ ଅନାଦି ସିଂଙ୍କ ମୃତ୍ୟୁ ହେବାରୁ ଏହି ଜୋନ୍‌ରେ ନିର୍ବାଚନ ବାତିଲ ହୋଇଥିଲା। ଶୁକ୍ରବାର ଏଠାରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଗଣତି ହୋଇ ଫଳାଫଳ ପ୍ରକାଶ ପାଇଛି। ନିର୍ବାଚନରେ ବିଜୟୀ ହେବା ପରେ ବିଜେଡି ପ୍ରାର୍ଥୀ ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦୀର୍ଘ ୨୦ ବର୍ଷ ସୈନ୍ୟ ବାହିନୀରେ କାର୍ଯ୍ୟ କରିବା ସହ ଦେଶ ସେବା କରୁଥିଲି। ଏବେ ଜନ୍ମମାଟିର ସେବାରେ ନିଜକୁ ଉତ୍ସର୍ଗ କରିବି। ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଆଶିଷ ଚକ୍ରବର୍ତ୍ତୀ, ସୋମନାଥ ଦାସ, ଦିଗାମ୍ବର ନାୟକ, ଜିଲା ଯୁବ ବିଜେଡି ଉପସଭାପତି ସେକ ଇମ୍ରାନ, ଅଜିତ କୁମାର ପାଢ଼ୀ, ବିକ୍ରମ କେଶରୀ ଜେନା, ବ୍ଲକ ବିଜେଡି ସଭାପତି ଦୋଳଗୋବିନ୍ଦ ବେହେରା ପ୍ରମୁଖଙ୍କ ଅକ୍ଳାନ୍ତ ପରିଶ୍ରମ ସାଙ୍ଗକୁ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ତାରିଣୀଙ୍କ ଆଶୀର୍ବାଦ ଯୋଗୁ ବିଜୟ ଲାଭ କରିଥିବା ବୋଲି ସେ କହିଛନ୍ତି। ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଓ ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ରଙ୍କ ପ୍ରେରଣା ଏହି ନିର୍ବାଚନରେ ବିଜୟୀ ହେବା ଲାଗି ସହାୟକ ହେଲା ବୋଲି ସେ ପ୍ରକାଶ କରିଛନ୍ତି। ପରେ ଦଳୀୟ କର୍ମୀ ଓ ନେତାଙ୍କ ସହ ସେ ଏକ ଶୋଭାଯାତ୍ରାରେ ଯାଇ ମା’ ତାରିଣୀଙ୍କୁ ଦର୍ଶନ କରିଥିଲେ।



ରଣଜିତ ନାୟକ

# କେନ୍ଦ୍ର, ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ

## ବେଲପାହାଡ଼ରେ କଂଗ୍ରେସର ବାଇକ୍ ରାଲି

ଝାରସୁଗୁଡ଼ା ଅଫିସ, ୨୮।୫

ବ୍ରଜରାଜନଗର ଉପନିର୍ବାଚନ ପ୍ରଚାର ପାଇଁ ପ୍ରାର୍ଥୀଙ୍କ ହାତରେ ଆଉ ଗୋଟିଏ ଦିନ ବାକି ରହିଛି। ତେଣୁ ବିଭିନ୍ନ ଦଳର ପ୍ରାର୍ଥୀମାନେ ଦିନରାତି ଏକ କରିଦେଇଛନ୍ତି। କଂଗ୍ରେସ ତରଫରୁ ଶନିବାର ବେଲପାହାଡ ପୌରାଞ୍ଚଳରେ ଏକ ବାଇକ୍ ରାଲି ସାଙ୍ଗକୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଷ୍ଟେଶନ ଛକ ନିକଟ ହନୁମାନ ମନ୍ଦିର ସମ୍ମୁଖରୁ ବାଇକ୍ ରାଲି ବାହାରି ମାର୍କେଟ୍, ଆଇଟିଆଇପଡା, ଗୁମାଡେରା ମାର୍କେଟ୍, ଟିଆର୍‌ଏଲ୍ ଟାଉନ୍‌ଶିପ୍ ଆଦି ପରିକ୍ରମା କରିଥିଲା। ରୋଡ୍ ଶୋ’ରେ ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ତାରାପ୍ରସାଦ ବାହିନୀପତି, ଦଳୀୟ ପ୍ରାର୍ଥୀ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ମହିଳା ନେତ୍ରୀ ବନ୍ଦିତା ପରିଡା, ପୌରଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା, ରାଜ୍ୟ ଯୁବକଂଗ୍ରେସ ସଭାପତି ୟାସିର ନବାଜ, ଟାଉନ ସଭାପତି ଭାସ୍କର ପଟେଲ ପ୍ରମୁଖ ସାମିଲ ଥିଲେ। ପରେ ବେଲପାହାଡ ଦୁର୍ଗାମଣ୍ଡପ ସମ୍ମୁଖରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ନେତୃବୃନ୍ଦ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। କଂଗ୍ରେସ ପ୍ରାର୍ଥୀ ପଟେଲଙ୍କୁ ହାତ ଚିହ୍ନରେ ମୋହରମାରି ଜୟଯୁକ୍ତ କରିବାପାଇଁ ଲୋକଙ୍କୁ ନିବେଦନ କରିଥିଲେ । ଏଥିରେ ବହୁସଂଖ୍ୟକ କର୍ମୀ, ଭୋଟର ଯୋଗଦେଇଥିଲେ ।



# ଭାଜପାର ପ୍ରଚାର ଜୋର୍‌ଦାର



ପ୍ରଚାରରେ ନେତୃବୃନ୍ଦଙ୍କ ସହ ପ୍ରାର୍ଥିନୀ ରାଧାରାଣୀ ପଣ୍ଡା।

ଝାରସୁଗୁଡ଼ା ଅଫିସ, ୨୮।୫

ବ୍ରଜରାଜନଗର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରଚାର ସେତିକି ଜୋର ଧରିଛି। ଶନିବାର ଭାଜପା ପ୍ରାର୍ଥିନୀ ରାଧାରାଣୀ ପଣ୍ଡା ସହିତ ଦଳୀୟ ନେତୃବୃନ୍ଦ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସବିତା ନନ୍ଦ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ କ୍ଷିତିଭୂଷଣ ପ୍ରଧାନ, ଲଖନପୁର ମଣ୍ଡଳ ସଭାପତି ଅଶ୍ୱିନୀ ପ୍ରଧାନ ଓ ସାଧାରଣ ସମ୍ପାଦକ ରାଜ କୁମାର ସାହୁ ପ୍ରମୁଖ ଲଖନପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ପ୍ରଚାର କରିଥିଲେ। ନେତାମାନେ ବଞ୍ଜାରୀ, ପିପିଲିମାଲ, ଲଖନପୁର, ଭିକମାପାଲି, ପଲସଦା, ମଚିଦା ଆଦି ପଞ୍ଚାୟତରେ ଘରକୁ ଘର ବୁଲି ଭୋଟ୍ ଭିକ୍ଷା କରିଥିଲେ।

# ପ୍ରାର୍ଥିନୀଙ୍କୁ ଜିତାଇବାକୁ ଗୁରୁମନ୍ତ୍ର

ଝାରସୁଗୁଡ଼ା ଅଫିସ, ୨୮।୫

ବ୍ରଜରାଜନଗର ଉପନିର୍ବାଚନ ଲାଗି ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତିଙ୍କୁ ଧରି ଦଳର ହେଭିୱେଟମାନେ ପ୍ରଚାର ଚଳାଇଛନ୍ତି। ଲଖନପୁର ବ୍ଲକ୍ ୩ନଂ ଜୋନ୍ ପିପିଲିକାନି ଗ୍ରାମରେ ଶନିବାର ବିଜେଡି ତରଫରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ପ୍ରତାପ ଜେନା, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଭଗବାନ କୁଅଁର, ବିଜେଡି ରାଜ୍ୟ ସମ୍ପାଦକ ସୌଭାଗ୍ୟ ନାୟକ, ଜିଲାପରିଷଦ ସଦସ୍ୟା ପୁଷ୍ପଲତା ସେଠ୍ ପ୍ରମୁଖ ଯୋଗଦେଇ ଅଳକା ମହାନ୍ତିଙ୍କୁ ଜିତାଇବା ଲାଗି କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

## ସଂକ୍ଷେପରେ

### ଜଳିଗଲା ୧୦ ଶୁଖୁଆ ଗୋଦାମ

**ରୂପସା,୨୮।୫(ଡି.ଏନ୍.ଏ.):** ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ମାଛଧରା କେନ୍ଦ୍ର ନିକଟରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ମାଛ ମାର୍କେଟ ପାଖରେ ଥିବା ୧୦ରୁ ଊର୍ଦ୍ଧ୍ୱ ଶୁଖୁଆ ଗୋଦାମ ଘର ଜଳି ଭସ୍ମୀଭୁତ ହୋଇଯାଇଛି। ଗୋଦାମ ଘରେ ଥିବା ଲକ୍ଷାଧିକ ଟଙ୍କାର ମାଛ, ଶୁଖୁଆ ସମେତ ଆସବାବପତ୍ର, ଓ ଖାଦ୍ୟ ସାମଗ୍ରୀ ପୋଡ଼ିଯାଇଛି। ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡ଼ିନାହିଁ। ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହ ସ୍ଥାନୀୟ ମତ୍ସ୍ୟଜୀବୀ,ମତ୍ସ୍ୟ ବ୍ୟବସାୟୀ ସଂଘର କର୍ମକର୍ତ୍ତା ନିଆଁ ଲିଭାଇଥିଲେ।

### ନିଆଁ ଲାଗି ୧୦ ଲକ୍ଷର ରଙ୍ଗ ନଷ୍ଟ

**ଖଇରା,୨୮।୫(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ବଜାରରେ ଥିବା ସୁବ୍ରତ କୁମାର ପ୍ରଧାନଙ୍କ ରଙ୍ଗ ଦୋକାନରେ ଶୁକ୍ରବାର ରାତିରେ ନିଆଁ ଲାଗି ନଗଦ ୩୦ହଜାର ଟଙ୍କା ସମେତ ୧୦ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ରଙ୍ଗ ଓ ଅନ୍ୟାନ୍ୟ ଆସବାବ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସୁବ୍ରତ ଦୋକାନର ଗୋଟିଏ ପାର୍ଶ୍ୱରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ ପାର୍ଶ୍ୱରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

### ଗଡ଼ିଆରେ ବୁଡ଼ି ଶିଶୁ ମୃତ

**ବୈଶିଙ୍ଗା, ୨୮।୫ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ହୋତାପୁର ଗ୍ରାମର ଜଣେ ଦେଢ଼ ବର୍ଷର ଶିଶୁକନ୍ୟା ଶନିବାର ସନ୍ଧ୍ୟାରେ ଗଡ଼ିଆରେ ବୁଡ଼ି ଯିବାରୁ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ବୁଦ୍ଧିଆ ମାରାଣ୍ଡିଙ୍କ ଝିଅ ଲକ୍ଷ୍ମୀପ୍ରିୟା। ପ୍ରକାଶ ଯେ, ସେ ଘର ଅଗଣାରେ ଖେଳୁଥିବା ବେଳେ ନିକଟ ଗଡ଼ିଆରେ ପଡ଼ି ଯାଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ନ ଥିବାରୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସିପୁନ ପଣ୍ଡାଙ୍କୁ ଖବର ଦିଆଯାଇଥିଲା। ସେ ପହଞ୍ଚି ଶିଶୁକୁ ମୃତ ବୋଲି ଘୋଷଣା କରିଥିଲେ।

# କାରାଗାରରେ ଖୁନ୍ଦାଖୁନ୍ଦି କଏଦୀ

**କାମାକ୍ଷାନଗର, ୨୮।୫(ଡି.ଏନ୍.ଏ.)**




■କାମାକ୍ଷାନଗର ସବ୍‌ଜେଲରେ ଅଚଳାବସ୍ଥା
■କ୍ଷମତାଠାରୁ ଅଧିକ ଦେଢ଼ଗୁଣା ରହୁଛନ୍ତି
■ଜମି ମିଳୁ ନ ଥିବାରୁ ହୋଇପାରୁନି ସମ୍ପ୍ରସାରଣ

ବ୍ରିଟିଶ ଶାସନ ଅମଳର କାମାକ୍ଷାନଗର ଉପକାରାଗାରରେ ସ୍ଥାନ ଅଭାବରୁ ସୃଷ୍ଟି ହୋଇଛି ଅଚଳାବସ୍ଥା। ଏଠାରେ କ୍ଷମତା ତୁଳନାରେ ପ୍ରାୟ ଦେଢ଼ଗୁଣା ଅଧିକ କଏଦୀ ଖୁନ୍ଦାଖୁନ୍ଦି ହୋଇ ରହୁଛନ୍ତି। ଆବଶ୍ୟକ ଅର୍ଥ ଥିଲେ ମଧ୍ୟ ଉପଯୁକ୍ତ ଜମି ମିଳୁ ନ ଥିବାରୁ କାରାଗାର ସମ୍ପ୍ରସାରଣ ହୋଇପାରୁନାହିଁ, ଯାହାକୁ ନେଇ ଅକଳରେ ପଡ଼ିଛନ୍ତି ଜେଲ କର୍ତ୍ତୃପକ୍ଷ।

ଏକଦା ଢେଙ୍କାନାଳ ଥିଲା ମାଓବାଦୀ ପ୍ରଭାବିତ। ସ୍ୱାଧୀନତା ଆନ୍ଦୋଳନରେ ଅନ୍ୟତମ ଅଗ୍ନିଶାଳ ଭାବେ ପରିଚିତ ଏହି ଜିଲାରେ ବିଚାରାଧୀନ କଏଦୀଙ୍କୁ ରଖିବା ଲାଗି ୧୯୨୮ରେ କାମାକ୍ଷାନଗରରେ ପ୍ରତିଷ୍ଠା କରାଯାଇଥିଲା ଉପ କାରାଗାର। ଅନେକ ସଂଗ୍ରାମୀ, ମାଓବାଦୀ ଏଠାରେ ଜେଲଦଣ୍ଡ ଭୋଗିଛନ୍ତି। ଇତିମଧ୍ୟରେ ୯୪ ବର୍ଷ ବିତିଯାଇଥିଲେ ମଧ୍ୟ ସବ୍‌ଜେଲ ଭିତ୍ତିଭୂମି ବଦଳିନାହିଁ। ଜେଲରେ ୬୨ ପୁରୁଷ, ୭ ମହିଳା କଏଦୀ ରହିବା ବ୍ୟବସ୍ଥା ଥିବାବେଳେ ଏବେ ରହୁଛନ୍ତି ୧୦୨ ଜଣ କଏଦୀ (୯୭ ପୁରୁଷ ଏବଂ ୫ ମହିଳା)। ସେମାନଙ୍କ ମଧ୍ୟରେ ଅଛନ୍ତି ଦଣ୍ଡାଦେଶ ପାଇଥିବା ୮ ଅପରାଧୀ। ତେବେ ଆବଶ୍ୟକ ସେଲ୍ ନ ଥିବାରୁ ଗୋଟିଏ ପ୍ରକୋଷ୍ଠରେ ଏକାଧିକ କଏଦୀ ରହିବାକୁ ବାଧ୍ୟ ହେଉଛନ୍ତି।

କାରାଗାର ମୁଖ୍ୟ ପାଚେରିଠାରୁ ୨୦ ଫୁଟ୍ ଦୂରତାରେ କଏଦୀଙ୍କ ରହିବା ପାଇଁ ଘର ନିର୍ମାଣ କରିବା ଲାଗି ନିୟମ ରହିଛି। ହେଲେ ସବ୍‌ଜେଲ ପରିସରରେ ଆବଶ୍ୟକ ଜମିନାହିଁ। ତେଣୁ ଅର୍ଥ ଥିଲେ ବି ଆବଶ୍ୟକ ସେଲ୍ ନିର୍ମାଣ ହୋଇପାରୁନାହିଁ। ଏହାକୁ ବାଦ୍‌ଦେଲେ ଏଠାରେ ୩ ଅଧିକାରୀ, ୧୨ ଗାର୍ଡ ରହିବା ପରିବର୍ତ୍ତେ ୨ ଅଧିକାରୀ, ୪ ଗାର୍ଡ, ୨ ସ୍ୱତନ୍ତ୍ର ଗାର୍ଡ, ୨ ମହିଳା ଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଛି। ଆବଶ୍ୟକ କର୍ମଚାରୀ ନ ଥିବାରୁ କାର୍ଯ୍ୟଚାପ ବଢୁଛି। ଜରୁରୀ ସମୟରେ ସେମାନେ ଛୁଟି ନେବା କାଠିକର ପାଠ ହେଉଛି। ଏହି ଉପକାରାଗାର ଉପରେ କାମାକ୍ଷାନଗର, ଭୁବନ, ପରଜଙ୍ଗ, କଙ୍କଡ଼ାହାଡ଼, ତୁମୁସିଙ୍ଗା ଥାନା ନିର୍ଭରଶୀଳ। ସେହିପରି ଭୁବନ କାମାକ୍ଷାନଗର, ପରଜଙ୍ଗ କୋର୍ଟରେ ବିଭିନ୍ନ ମାମଲାର ଅଭିଯୁକ୍ତଙ୍କୁ ଏଠାକୁ ଅଣାଯାଉଛି। ଦିନକୁ ଦିନ ବିଚାରାଧୀନ କଏଦୀଙ୍କ ସଂଖ୍ୟା ବଢୁଥିବାରୁ ଏହାର କ୍ଷମତା ବଢ଼ାଇବା ସହ ଏହାକୁ ପୂର୍ଣ୍ଣ କ୍ଷମତା ବିଶିଷ୍ଟ ଜେଲ ମାନ୍ୟତା ଦେବାକୁ ଦାବି ହେଉଛି।

ଏ ସଂକ୍ରାନ୍ତରେ ଜେଲର ରାମଚନ୍ଦ୍ର ସାହୁ କୁହନ୍ତି, ବହୁ ବର୍ଷ ପୁରାତନ କାରାଗାର ପ୍ରକୋଷ୍ଠ ଜରାଜୀର୍ଣ୍ଣ ହୋଇପଡ଼ିଛି। ସବ୍‌ଜେଲରେ ନୂତନ ପ୍ରକୋଷ୍ଠ ନିର୍ମାଣ ପାଇଁ ଜାଗା ଅଭାବ ରହିଛି। ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ମୃତ ଶାବକକୁ ଧରି ୭ କି.ମି. ଚାଲିଲା ମା’ ହାତୀ

**କୋଲକାତା, ୨୮।୫**



ପଶ୍ଚିମବଙ୍ଗର ଜଳପାଇଗୁଡ଼ି ଜିଲାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ମଲା ହାତୀ ଛୁଆକୁ ଶୁଣ୍ଢରେ ଧରି ମା’ ହାତୀ ପ୍ରାୟ ୭ କିଲୋମିଟର ଚାଲି ଚାଲି ଯାଇଛି। ସାଙ୍ଗରେ ଆହୁରି ୩୦ରୁ ୩୫ ହାତୀଥିବା ଏକ ପଲ ଯାଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି। ବନ ବିଭାଗ ଅଧିକାରୀଙ୍କ ସୂଚନା ଅନୁସାରେ, ଶୁକ୍ରବାର ସକାଳେ ଦୋଅର ଅଞ୍ଚଳରେ ଥିବା ଚୁନାଭାଟି ଚା’ ବଗିଚାରେ ହାତୀ ଛୁଆଟିର ମୃତ୍ୟୁ ଘଟିଥିଲା। ମା’ ହାତୀ ତାକୁ ସେଠାରେ ଛାଡ଼ି ନ ଦେଇ ଶୁଣ୍ଢରେ ଟେକି ଗୋଟିଏ ବଗିଚାରୁ ଆଉ ଗୋଟିଏ ବଗିଚାକୁ ଯାଇଥିଲା। ଶେଷରେ ରେଡ୍‌ବ୍ୟାଙ୍କ ଚା’ ବଗିଚା ନିକଟ ଏକ ବୁଦାଠାରେ ଛୁଆହାତୀ ମୃତଦେହକୁ ରଖିଥିଲା।

# ଶାଶ୍ୱତୀଙ୍କ ରଙ୍ଗତୂଳୀରେ କଥା କହୁଛି ବର୍ଜ୍ୟବସ୍ତୁ


ଚିତ୍ର ଆଙ୍କିବାରେ ନିମଗ୍ନ ଶାଶ୍ୱତୀ।

**ନବରଙ୍ଗପୁର, ୨୮।୫(ବି.ପ୍ର.)**

ମନ ମୋହୁଛି ରଙ୍ଗତୂଳୀରେ ଆକୃତି ଦିଆଯାଇଥିବା ବିଭିନ୍ନ ପଟଚିତ୍ର। ଭିନ୍ନ ଏକ ମଣିଷର ଆଶାର ଆଲୋକ ସାଜିଛି ନିଜ ହାତ ତିଆରି ଚିତ୍ରକଳା। ରଙ୍ଗତୂଳୀକୁ ହାତରେ ଧରି ଏକ କଳାକାରଭାବେ ନିଜକୁ ଗଢ଼ି ତୋଳୁଛନ୍ତି ନବରଙ୍ଗପୁର ସହର ଗାନ୍ଧୀନଗର ଅଞ୍ଚଳର ଝିଅ ଶାଶ୍ୱତୀ ସାହୁ (୨୪)।

ମା’ ଓ ସାନଭଉଣୀଙ୍କୁ ନେଇ ଶାଶ୍ୱତୀଙ୍କ ପରିବାର। ବାପା ୨ ବର୍ଷ ତଳେ ଚାଲିଗଲେ ଆରପାରିକୁ। ଏଜୁକେସନରେ ପୋଷ୍ଟ ଗ୍ରାଜୁଏଶନ କରିଛନ୍ତି ଶାଶ୍ୱତୀ। ଏପଟେ ବାପାଙ୍କ ଦେହାନ୍ତ ପରେ ବଡ଼ ଝିଅ ଭାବେ ଘରର ବୋଝ ମୁଣ୍ଡ ଉପରେ। ଘର ଚଳିବା ପାଇଁ ଛୋଟ ଦୋକାନଟିଏ କରି ସେଥିରେ ଯାହା ବେପାର ହେଲା ସେତିକିରେ ୩ ପ୍ରାଣୀ କୁଟୁମ୍ବ ଚଳେ। ପାଠପଢ଼ା ଶେଷ ପରେ ଘରେ ଯେତେବେଳେ ନିଜକୁ ଏକା ଅନୁଭବ କଲେ ସେତେବେଳେ ଜଗନ୍ନାଥଙ୍କ ଶରଣାପନ୍ନ ହୋଇ ଆରମ୍ଭ କରିଥିଲେ ରଙ୍ଗତୂଳୀ ଧରିବା। ଜଗନ୍ନାଥଙ୍କ ପାଇଁ ରହିଛି ମନରେ ଅନେକ ଭଲପାଇବା। ତେଣୁ ପ୍ରଥମେ ଆଙ୍କିଥିଲେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିଛବିଟିଏ। ପରେ ସେ ବିଭିନ୍ନ ବର୍ଜ୍ୟବସ୍ତୁକୁ ଯଥା ଖାଲି ବୋତଲ, ଚାବି ରିଙ୍ଗ୍, କୋଲଡ୍ରିଙ୍କସ୍ ଠିପି, ୱେଷ୍ଟ ପେପରକୁ ନେଇ ଓଡ଼ିଆ ପ୍ରଥାର ଛବି ସେଇ ସବୁ ଜିନିଷ ଉପରେ ଆଙ୍କିବାକୁ ଲାଗିଲେ। ଆଉ ଧୀରେ ଧୀରେ ଛବି ଆଙ୍କିବା ପାଲଟିଗଲା ଶାଶ୍ୱତୀଙ୍କ ନିଶା। ସେଥିରୁ ସେ ଆତ୍ମସନ୍ତୁଷ୍ଟି ସହ ଉପାର୍ଜନ ମଧ୍ୟ କଲେ। ମା’ ଆରତୀ ମଧ୍ୟ ସମୟ ପାଇଲେ ଚିତ୍ର ଆଙ୍କିଥାନ୍ତି। ତାଙ୍କର ସେହି କଳାକୁ ଛୋଟବେଳୁ ଦେଖି ଶିଖିଛି ବୋଲି ସେ କହିଛନ୍ତି। ସେହି କଳାକୃତିକୁ ଦେଖି ସାହି ପଡ଼ିଶା ପସନ୍ଦ କରି ନିଜ ଘରେ ସାଜସଜ୍ଜା ପାଇଁ ରଖିଥିବା ଶାଶ୍ୱତୀ କହିଛନ୍ତି। ସଂସାର ଚକ୍ର ମଧ୍ୟରେ ଏହି ଚିତ୍ରକଳାକୁ ସମୟ ଦେଇ ପାରୁ ନ ଥିବା ଶାଶ୍ୱତୀଙ୍କ ମାଆ ନିଜ ଝିଅ ପାଇଁ ଦୀର୍ଘ ୧୫ ବର୍ଷ ପରେ ପୁଣି ହାତରେ ରଙ୍ଗ ତୂଳୀ ଧରୁଛନ୍ତି। ଶାଶ୍ୱତୀଙ୍କ କଳାକୃତିକୁ ବିକ୍ରି ପାଇଁ ଷ୍ଟଲ୍ ବ୍ୟବସ୍ଥା କରାଯିବ ବୋଲି ଓର୍‌ମାସ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ମହେଶ କହିଛନ୍ତି।

## ବଜ୍ରପାତରେ ଛାତ୍ର ମୃତ, ଛାତ୍ରୀ ଗୁରୁତର

**ଗୋପାଳପୁର,୨୮।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିବା ବେଳେ ଶନିବାର ବଜ୍ରପାତରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ସହପାଠୀ ଛାତ୍ରୀ ଗୁରୁତର ହୋଇଛନ୍ତି। ମୃତ ଛାତ୍ରଜଣକ ହେଲେ ଭୁବନେଶ୍ୱର ମହାନଗର ଅଶୋକ ନଗର ଅଞ୍ଚଳର ଅମିତ କୁମାର ନାୟକ। କଟକ ଅଞ୍ଚଳର ଛାତ୍ରୀ ଓ ଛାତ୍ର ଉଭୟ ଗୋପାଳପୁର ସ୍ଥିତ ପାନ୍ଥ ନିବାସକୁ ଯାଇଥିଲେ। ଏହି ସମୟରେ ହଠାତ୍ କାଳ ବୈଶାଖୀ ସାଙ୍ଗକୁ ବଜ୍ରପାତ ହେବାରୁ ଛାତ୍ରୀଛାତ୍ର ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତିକରାଯାଇଥିବାବେଳେ ଅମିତଙ୍କୁ ମୃତ ଘୋଷଣା କରାଯାଇଥିଲା।

## ଫୁରସତ୍



# ରାଗିଲେ କରୀନା

**ମୁମ୍ବାଇ:** କରୀନା କପୁର ଖାନ୍ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ଅନେକ ସମୟରେ ସେ ଇନ୍‌ଷ୍ଟାଗ୍ରାମରେ ଫଟୋ ମଧ୍ୟ ଅପ୍‌ଲୋଡ୍ କରିଥାନ୍ତି। ତେବେ ନିକଟରେ କରୀନା ତାଙ୍କ ଏକ ଫଟୋ ଶେୟାର କରିଥିଲେ। ଯେଉଁଥିରେ ସେ ତାଙ୍କ ଦୁଇ ବେଷ୍ଟ ଫ୍ରେଣ୍ଡ ଅମ୍ରିତା ଅରୋରା ଏବଂ ମଲାଇକା ଅରୋରାଙ୍କ ସହ ଥିଲେ। ଅନେକ ସୋସିଆଲ ମିଡିଆ ୟୁଜର ତିନି ଅଭିନେତ୍ରୀଙ୍କୁ ଭଲ ଭଲ କମେଣ୍ଟ ଦେଇଥିବାବେଳେ ଜଣେ ୟୁଜର୍ସ ଫଟୋରେ ‘୩ ବୁଢ଼ୀ’ ଲେଖିଥିଲେ। କମେଣ୍ଟ ପଢ଼ି କରୀନା ରାଗିଯାଇ ଏହାର ଉତ୍ତର ଦେଇଛନ୍ତି। ସେ ଲେଖିଛନ୍ତି, ଏ ଭଳି କମେଣ୍ଟ ସବୁ ମୂଲ୍ୟହୀନ। ବୟସ ସମସ୍ତଙ୍କର ବଢ଼ିଥାଏ। ଏହା କୌଣସି ନୂଆ କଥା ନୁହେଁ। ଆମେ ବୁଢ଼ୀ ହେଲେ ବି ଜ୍ଞାନୀ ଅଟୁ। କିନ୍ତୁ ତୁମପରି ନାମବିହୀନ, ଫେଶ୍‌ଲେସ୍ କି ଏଜ୍‌ଲେସ୍ ନୁହେଁ। ସେହିପରି ଲୋକଙ୍କ ଅଭ୍ୟାସ ଅନ୍ୟକୁ କହିବା ବୋଲି ଲେଖି ଅମ୍ରିତା ଅରୋରା ମଧ୍ୟ କମେଣ୍ଟର ଉତ୍ତରରେ ଏକ ପୋଷ୍ଟ ଶେୟାର କରିଛନ୍ତି।

# ସ୍କୁଲ ଯିବାରେ ବାଧା ନାହିଁ

**ପାଟନା**

ଗୋଟିଏ ଗୋଡ଼ରେ ଡେଇଁ ଡେଇଁ ସ୍କୁଲ ଯାଉଥିବା ବିହାରର ସୀମା ଏଣିକି ଅନ୍ୟ ଛାତ୍ରୀଛାତ୍ରଙ୍କ ପରି ଦୁଇ ଗୋଡ଼ରେ ଚାଲି କରି ସ୍କୁଲ ଯିବେ। କାରଣ ସୀମାଙ୍କ ଦେହରେ ରୋପଣ କରାଯାଇଛି ଆର୍ଟିଫିସିଆଲ୍ ଲେଗ୍ (କୃତିମ ଗୋଡ଼)। ପ୍ରୋସ୍ଥେଟିକ୍ ଗୋଡ଼ ଲାଗିବା ପରେ ଏବେ ସୀମା ସହଜରେ ଚଲାବୁଲା କରୁଛନ୍ତି। ଦୁଇ ଗୋଡ଼ରେ ଛିଡ଼ା ହୋଇଥିବାର ସୀମାଙ୍କ ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି ଆଇଏଏସ୍ ଅଫିସର ଅୱନିଶ ଶରଣ। ତେବେ ଶିକ୍ଷା ବିଭାଗ ପକ୍ଷରୁ ସୀମାଙ୍କ ଦେହରେ ଏହି ପ୍ରୋସ୍ଥେଟିକ୍ ଲେଗ୍ ଖଞ୍ଜାଯାଇଛି। ବିହାରର ଜାମୁଇ ଜିଲାରେ ସୀମାଙ୍କ ଘର। ଦୁଇବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ସୀମାଙ୍କୁ ତାଙ୍କ ଗୋଡ଼ ହରାଇବାକୁ ପଡ଼ିଥିଲା। ପାଠ ପଢ଼ି ଜଣେ ଶିକ୍ଷକ ହେବାର ଆଶା ରଖିଥିବା ସୀମା ଗୋଟିଏ ଗୋଡ଼ରେ ଡେଇଁ ଡେଇଁ ସ୍କୁଲ ଯାଉଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଭାଇରାଲ ଭିଡିଓକୁ ଦେଖି ଅନେକେ ସୀମାଙ୍କୁ ସହାୟତାର ହାତ ବଢ଼ାଇଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ ମଧ୍ୟ ସୀମାଙ୍କ ପାଠ ପଢ଼ିବାରେ ଥିବା ଇଚ୍ଛାଶକ୍ତିକୁ ପ୍ରଶଂସା କରିଥିଲେ। ବିହାର ରାଜ୍ୟମନ୍ତ୍ରୀ ଡା. ଅଶୋକ ଚୌଧୁରୀ ସୀମାଙ୍କୁ ସାବାସୀ ଦେବା ସହ ତାଙ୍କୁ ସମସ୍ତ ପ୍ରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ଭିଡିଓ ଦେଖିବା ପରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି।





### ସୀମା ପାଇଲେ କୃତିମ ଗୋଡ଼

# ୧ ପ୍ୟାକେଟ୍ ସିଗାରେଟ୍ ଟାଣି ହସ୍ପିଟାଲରେ ନାବାଳକ

**ହାଇଦ୍ରାବାଦ:** ଫିଲ୍ମ ଦେଖିବା ପରେ ଅନେକେ ଚଳଚ୍ଚିତ୍ରପ୍ରେମୀ କିଛି ଅଜବ କାମ ସବୁ କରୁଥିବାର ଅନେକ ନଜିର ରହିଛି। ସୁପରହିଟ୍ ଫିଲ୍ମ କେଜିଏଫ୍ ଚାପ୍ଟର ୨ ଦେଖି ଏମିତି କିଛି ଓଲଟା ପାଲଟା କାମ କରି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ହାଇଦ୍ରାବାଦ୍‌ର ୧୫ ବର୍ଷୀୟ ନାବାଳକ। ଫିଲ୍ମରେ ୟଶ୍ କରିଥିବା ରକି ଚରିତ୍ରରୁ ଇନ୍‌ସ୍ପାୟାର ହୋଇ ଉକ୍ତ ନାବାଳକ ଏକକାଳୀନ ୧ ପ୍ୟାକେଟ୍ ସିଗାରେଟ୍ ଟାଣି ଏବେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଆଡ୍‌ମିଟ୍ ହୋଇଛନ୍ତି। ଭାରତର ଲୋକେ ସିନେମା ଦେଖିବାକୁ ଖୁବ୍ ପସନ୍ଦ କରନ୍ତି। ଫିଲ୍ମରେ ନାୟକ ବା ନାୟିକା ଯେଉଁଭଳି କାମ ସବୁ କରନ୍ତି ତାହାର ପ୍ରଭାବ ସେମାନଙ୍କ ଫ୍ୟାନ୍ସଙ୍କ ଉପରେ ପଡ଼ିଥାଏ। ତେବେ ଫିଲ୍ମରେ ମଦ, ବିଡ଼ି, ସିଗାରେଟ୍ କିମ୍ବା ଅନ୍ୟ ମାଦକ ଦ୍ରବ୍ୟ ପରିବେଷଣ ନ କରିବା ଉଚିତ୍ ବୋଲି ପଲମନୋଲୋଜିଷ୍ଟ ରୋହିତ ରେଡ୍ଡୀ କହିଛନ୍ତି। ଅନ୍ୟପଟେ ପିଲାମାନେ କେଉଁ ପ୍ରକାର ଫିଲ୍ମ ଦେଖୁଛନ୍ତି ତାହା ଉପରେ ସେମାନଙ୍କ ଅଭିଭାବକଙ୍କ କଡ଼ା ନଜର ରହିବା ଜରୁରୀ ବୋଲି ସେ କହିଛନ୍ତି।

### ୨ ଦିନରେ ୩ ଥର ଦେଖିଥିଲେ କେଜିଏଫ୍ ୨

# ପର୍ବତ ଆରୋହଣରେ ସଫଳତା

**ଆଜକୁ ୬୯ ବର୍ଷ ତଳେ ଏକ ଇତିହାସ** ସୃଷ୍ଟି ହୋଇଥିଲା, ଯେତେବେଳେ ନେପାଳର ଶେର୍ପା ଟେନ୍‌ଜିଙ୍ଗ ନର୍ଗେ ଏବଂ ନ୍ୟୁଜିଲାଣ୍ଡର ଏଡ୍‌ମୁଣ୍ଡ ହିଲାରୀ ସମୁଦ୍ର ପତ୍ତନଠାରୁ ୨୯,୦୨୯ ଫୁଟ୍ ଉଚ୍ଚରେ ଏଭରେଷ୍ଟ ଆରୋହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଏକ ବ୍ରିଟିଶ ପର୍ବତ ଆରୋହଣ ଅଭିଯାନର ଅଂଶବିଶେଷ ଥିଲା। ନର୍ଗେ ଏବଂ ହିଲାରୀ ୧୯୫୩ ମେ ୨୯ ପୂର୍ବାହ୍ନ ୧୧ଟା ୩୦ରେ ମାଉଣ୍ଟ ଏଭରେଷ୍ଟର ଶିଖରରେ ପହଞ୍ଚିଥିଲେ ଏହି ସଫଳତାକୁ ସ୍ମରଣ କରିବା ପାଇଁ ନେପାଳ ସରକାର ପ୍ରତିବର୍ଷ ମେ ୨୯ରେ ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୦୮ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା। ଏହି ଦିବସ ଅବସରରେ ନେପାଳର ରାଜଧାନୀ କାଠମାଣ୍ଡୁ ଏବଂ ଏଭରେଷ୍ଟ ଅଞ୍ଚଳରେ ଏକ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ନେପାଳର ପାର୍ବତ୍ୟ ପର୍ଯ୍ୟଟନ ପାଇଁ ଅନ୍ତର୍ଜାତୀୟ ଏଭରେଷ୍ଟ ଡେ’ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ମନ୍ତ୍ରୀ, ପର୍ବତାରୋହୀ, ପର୍ଯ୍ୟଟନ ଉଦ୍ୟୋଗୀ ଏବଂ ସରକାରୀ କର୍ମଚାରୀ ଯୋଗ ଦେଇଥାନ୍ତି।

### ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ

# ମା’ଙ୍କୁ ହରାଇବା ପରେ କାର୍ ଭସାଇଦେଲେ

**ବେଙ୍ଗାଲୁରୁ:** ମା’ଙ୍କ ବିୟୋଗ ଦୁଃଖରେ କର୍ନାଟକର ଜଣେ ଯୁବକ ୧.୩୦ କୋଟିର ବିଏମ୍‌ଡବ୍ଲ୍ୟୁ କାର୍‌କୁ କାବେରୀ ନଦୀରେ ଭସେଇ ଦେଇଛନ୍ତି। ଶୁକ୍ରବାର କେତେଜଣ ବ୍ୟକ୍ତି ନଦୀ ପାଣିରେ କାର୍ ଭାସୁଥିବାର ଦେଖିଥିଲେ। ସେମାନେ ସ୍ଥାନୀୟ ପୋଲିସକୁ ଘଟଣା ସମ୍ପର୍କରେ ସୂଚନା ଦେଲେ। ପୋଲିସ ତୁରନ୍ତ ଗାଡ଼ିଟିକୁ ପାଣି ଭିତରୁ ବାହାର କରିବାର ବନ୍ଦୋବସ୍ତ କରିଥିଲା। ସମ୍ପୂର୍ଣ୍ଣ କାର୍‌ଟି ଖାଲି ଥିଲା।



ଗାଡ଼ି ନମ୍ବର ବ୍ୟବହାର କରି ପୋଲିସ ତା’ ମାଲିକଙ୍କୁ ଡକେଇଥିଲା। ମାଲିକ ପୋଲିସ ଷ୍ଟେଶନ୍‌ରେ ହାଜର ହୋଇଥିବାବେଳେ ପୋଲିସ ପ୍ରଶ୍ନର ଅସଙ୍ଗତ ଉତ୍ତର ଦେଇଥିଲେ। ତାଙ୍କୁ ମାରିବା ପାଇଁ ତାଙ୍କ ବନ୍ଧୁ ଉଦ୍ୟମ କରୁଥିବାବେଳେ ଜୀବନ ରକ୍ଷା ପାଇଁ ସେ କାର୍‌ଟିକୁ ନଦୀରେ ପକାଇ ଦେଇଥିବା କହିଥିଲେ। ପୋଲିସ ଅଧିକାରୀ ତାଙ୍କ ଘର ଲୋକଙ୍କୁ ଏ ବିଷୟ କହିଥିଲେ। ତେବେ ଯୁବକ ଜଣକ ମା’ଙ୍କ ବିୟୋଗରେ ମାନସିକ ଭାରସାମ୍ୟ ହରାଇ ବସିଥିବା ସମ୍ପର୍କୀୟ କହିଥିଲେ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ଂଆଶାଲତା ଦଣ୍ଡପାଟ
୩୨, ଫରେଷ୍ଟ ପାର୍କ, ଭୁବନେଶ୍ୱର
ଆବିର୍ଭାବ: ୨୮।୦୮।୧୯୨୭
ତିରୋଧାନ: ୧୯।୦୫।୨୦୨୨
ଏକାଦଶାହ ଅବସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ଦିଲୀପ, ପ୍ରଦୀପ, ଝିଅ: ଆରତୀ, ଭାରତୀ, ଜ୍ୱାଇଁ: ପ୍ରବୀର, ଚଞ୍ଚଳଶ୍ରୀ, ନାତି: ବିକ୍ରମ-ମାନସୀ, ପିଙ୍କି-ରଞ୍ଜନ, ରିଙ୍କି-ରାଜା ଓ ଶୋକାକୁଳ ଦଣ୍ଡପାଟ ପରିବାର ଓ ବନ୍ଧୁବର୍ଗ।
ଧ-୫୮୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

ଂସରୋଜ କୁମାର ସେନାପତି
Plot No.-1/78, Saheed Nagar 1st Floor, Bhubaneswar
ଆବିର୍ଭାବ: ୨୦।୦୭।୧୯୫୧
ତିରୋଧାନ: ୦୯।୦୬।୨୦୨୧
ଆପଣଙ୍କ ଅନୁପସ୍ଥିତି ସବୁବେଳେ ଆମ୍ଭମାନଙ୍କର ମନେ ପଡୁଛି। ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ତୁମ୍ଭ ଆତ୍ମାର ସଦ୍‌ଗତି ହେଉ।
ଶୋକସନ୍ତପ୍ତ: ସ୍ତ୍ରୀ: ରକ୍ମିଣୀ, ପୁତ୍ର: ଆଶୀର୍ବାଦ, ପୁତ୍ରବଧୂ: ମାନିନୀ, ନାତି: ଆୟୁମନ, ନାତୁଣୀ: ଆଭ୍ୟାନ୍ସି ଏବଂ ସେନାପତି ପରିବାର, ବନ୍ଧୁ।
ଧ-୫୮୭

# ସୁପର ୪ରେ ଜାପାନକୁ ହରାଇଲା ଭାରତ

## ଏସିଆ କପ୍ ହକି

**ଜାକର୍ତ୍ତା,୨୮।୫(ପିଟି)**

ଏଠାରେ ଚାଲିଥିବା ଏସିଆ କପ୍ ହକି ପ୍ରତିଯୋଗିତାରେ ଭାରତୀୟ ପୁରୁଷ ହକି ତା'ର ପ୍ରଥମ ସୁପର ୪ ଲିଗ୍ ମ୍ୟାଚ୍‌ରେ ଜାପାନକୁ ୨-୧ ଗୋଲରେ ହରାଇ ଦେଇଛି। ଏହି ବିଜୟ ସହିତ ଟିମ୍ ଇଣ୍ଡିଆ ଜାପାନଠାରୁ ଗ୍ରୁପ୍ ପର୍ଯ୍ୟାୟ ପରାଜୟର ପ୍ରତିଶୋଧ ନେଇଛି। ଡିଫେଣ୍ଡିଂ ଚାମ୍ପିୟନ ଗ୍ରୁପ୍ ମ୍ୟାଚ୍‌ରେ ଜାପାନଠାରୁ ୫-୨ ଗୋଲରେ ପରାସ୍ତ ହୋଇଥିଲା। ମ୍ୟାଚ୍‌ରେ ମନ୍‌ଜୀତ (୮ମ ମିନିଟ୍) ଓ ପୱନ ରାଜଭର (୩୫ତମ)ଙ୍କ ଚମତ୍କାର ଫିଲ୍ଡ ଗୋଲ ବଳରେ ଭାରତ ବିଜୟ ହାସଲ କରିଛି।

ଜାପାନକୁ ପ୍ରଥମ ମିନିଟ୍‌ରେ ପେନାଲ୍ଟି କର୍ନର ମିଳିଥିଲା। କିନ୍ତୁ ତାହା ଭାରତୀୟ ଡିଫେନ୍ସ ଲାଇନ୍ ଅତିକ୍ରମ କରିପାରି ନ ଥିଲା। ମ୍ୟାଚ୍‌ର ୮ମ ମିନିଟ୍‌ରେ ଭାରତୀୟ ଦଳର ଖାତା ଖୋଲିଥିଲେ ମନ୍‌ଜୀତ। ପୱନ ରାଜଭରଙ୍କଠାରୁ ପାସ ପାଇବା ପରେ ଲେଫ୍ଟ ଫ୍ଲାଙ୍କରୁ ମନ୍‌ଜୀତ ଏକାକୀ ବଲକୁ ନେଇ ଜାପାନିଜ ଗୋଲକିପର ତାକାଶି ୟୋଶିକାୱାଙ୍କୁ ଅତିକ୍ରମ କରି ଗୋଲ କରିଥିଲେ। ୧୩ତମ ମିନିଟ୍‌ରେ ଭାରତ ପାଇଁ ପେନାଲ୍ଟି କର୍ନର ହାସଲ କରିଥିଲେ ମନିନ୍ଦର ସିଂ। କିନ୍ତୁ ନିଲମ ସଞ୍ଜୀପ ଖେସଙ୍କ ଉଦ୍ୟମ ବେକାର ସାବ୍ୟସ୍ତ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ସ୍କୋର ଲାଇନ୍‌କୁ ୧-୧ର ବରାବର ସ୍ଥିତିକୁ ଆଣିଥିଲେ ତାକୁମା ନିୱାସ। କେନ ନାଗାୟୋଶିଙ୍କ ଏକ ଫ୍ଲିକ୍‌କୁ ଭାରତୀୟ ଗୋଲକିପର କରକେରା ରୋକି ଦେଇଥିଲେ। ରିବାଉଣ୍ଡ ହୋଇ ଫେରିଥିବା ବଲକୁ ନିୱାସ ଗୋଲରେ ପରିଣତ କରିଥିଲେ। ଏହାପରେ ଜାପାନ ଲଗାତର ଦୁଇଟି ପେନାଲ୍ଟି କର୍ନର ଜିତି ଭାରତୀୟ ଡିଫେନ୍ସ ଉପରେ ଚାପ ପକାଇଥିଲା। ଏହାର କିଛି ମିନିଟ୍ ପରେ କାର୍ଥି ସେଲଭମ ଜାପାନିଜ ଗୋଲକିପର ୟୋଶିକାୱାଙ୍କ ସହ ୱାନ ଟୁ ୱାନ ପରିସ୍ଥିତିରେ ଥିବା ବେଳେ ଏକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲେ। ତୃତୀୟ କ୍ୱାର୍ଟରରେ ୫ମ ମିନିଟ୍‌ରେ ଉତ୍ତମ ସିଂଙ୍କ ସହାୟତାରେ ରାଜଭର ଗୋଲ ସ୍କୋର କରି ଭାରତକୁ ୨-୧ର ଅଗ୍ରଣୀ ଆଣି ଦେଇଥିଲେ। ତା'ପରେ ଉଭୟ ଦଳ ପକ୍ଷରୁ ପ୍ରୟାସ ସତ୍ତ୍ୱେ ସ୍କୋର ଲାଇନ ପ୍ରଭାବିତ ହୋଇ ନ ଥିଲା। ଭାରତୀୟ ଦଳ ରବିବାର ତା'ର ପରବର୍ତ୍ତୀ ସୁପର ୪ ଲିଗ୍ ମ୍ୟାଚ୍‌ରେ ମାଲେସିଆକୁ ଭେଟିବ। ଶନିବାର ଦକ୍ଷିଣ କୋରିଆ ଓ ମାଲେସିଆ ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକ ସୁପର ୪ ଲିଗ୍ ମ୍ୟାଚ୍ ୨-୨ରେ ଶେଷ ହୋଇଛି।



ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

## ମେଡଭେଡେଭ, ସ୍ୱିଟେକ୍ ୪ର୍ଥ ରାଉଣ୍ଡରେ



ଇଗା ସ୍ୱିଟେକ୍

**ପ୍ୟାରିସ୍, ୨୮।୫:** ଦ୍ୱିତୀୟ ସିଡ୍ ଡାନିଲ ମେଡଭେଡେଭ ପୁରୁଷ ସିଙ୍ଗଲ୍ସରେ ଏବଂ ମହିଳା ବିଭାଗରେ ବିଶ୍ୱର ନମ୍ବର ୱାନ ଇଗା ସ୍ୱିଟେକ୍ ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ଭଲ ଫର୍ମରେ ଥିବା ମେଡଭେଡେଭ ଗୋଟିଏ ହେଲେ ସେଟ୍ ଡ୍ରପ୍ ନ କରି ସର୍ବିୟାର ତଥା ୨୮ତମ ସିଡ୍ ମିଓମିର କେକ୍‌ମାନୋଭିଚ୍‌ଙ୍କୁ ୬-୨, ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ରୁଷୀୟ ଖେଳାଳି ବର୍ତ୍ତମାନ ଫ୍ରାନ୍ସର ଜାଇଲ୍ସ ସିମନ କିମ୍ବା କ୍ରୋଏସିଆର ମାରିନ୍ ସିଲିକ୍‌ଙ୍କୁ ଭେଟିବେ। ମହିଳା ସିଙ୍ଗଲ୍ସର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ପୋଲାଣ୍ଡର ୨୦ ବର୍ଷୀୟା ସ୍ୱିଟେକ୍ ମୋଣ୍ଟେନିଗ୍ରୋର ଡାନ୍‌କା କୋଭିନିକ୍‌ଙ୍କୁ ୬-୩, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ତିଷ୍ଠି ରହିଥିବା ଟପ୍ ୧୦ ସିଡ୍‌ର ୩ଜଣ ଖେଳାଳିଙ୍କ ମଧ୍ୟରେ ସ୍ୱିଟେକ୍ ଅନ୍ୟତମ। ବର୍ତ୍ତମାନ ସେ ଚାଇନାର ଝେଙ୍ଗ୍ କ୍ୱିନୱେନ୍‌ଙ୍କୁ ଭେଟିବେ। ଅନ୍ୟଏକ ତୃତୀୟ ରାଉଣ୍ଡ ମ୍ୟାଚରେ ପାଉଲା ବାଡୋସା ମ୍ୟାଚ ଅଧାରୁ ଓହରିଯିବାରୁ ଭେରୋନିକା କୁଦରମେତୋଭାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।

**ୱିମ୍ବଲଡନ ଚାମ୍ପିୟନକୁ ହରାଇଲେ ବୋପାନ୍ନା-ମିଡଲକୁପ୍**

ରୋହାନ ବୋପାନ୍ନା ଓ ମ୍ୟାଟ୍‌ୱି ମିଡଲକୁପ୍ ୫ ମ୍ୟାଚ ପଏଣ୍ଟ ସେଭ୍ କରିବା ସହ ୱିମ୍ବଲଡନ ଚାମ୍ପିୟନ ଯୋଡ଼ି ମେଟ୍ ପ୍ୟାଭିକ୍ ଓ ନିକୋଲ୍ ମେକ୍‌ଟିକ୍‌ଙ୍କୁ ୬-୭ (୫), ୭-୬ (୩), ୭-୬ (୧୦)ରେ ହରାଇ ଦେଇଛନ୍ତି। ଏହି ବିଜୟ ଦ୍ୱାରା ଇଣ୍ଡୋ-ଡଚ୍ ଯୋଡ଼ି ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଡବଲ୍ସରେ ୧୦ମ ସିଡ୍ ସାନିଆ ମିର୍ଜା ଓ ତାଙ୍କ ଚେକ୍ ପାର୍ଟନର ଲୁସି ହ୍ରାଡେକା ସ୍ଲୋଭେନିଆ ଟିମ୍ କାଜା ଜୁଭାନ ଓ ଟାମାରା ଜିଡାନ୍‌ସେକ୍‌ଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଶ୍ରୀନିବାସ ଏଏଫ୍‌ଆଇ ଉପସଭାପତି ନିର୍ବାଚିତ

**ଭୁବନେଶ୍ୱର, ୨୮।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାର ଜି. ଶ୍ରୀନିବାସ ପଟ୍ଟନାୟକ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଶ୍ରୀନିବାସ ବର୍ତ୍ତମାନ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ



(ଓଏଏ)ର ଉପସଭାପତି ରହିଛନ୍ତି। ଚଣ୍ଡିଗଡ଼ରେ ଚାଲିଥିବା ଏଏଫ୍‌ଆଇର ବାର୍ଷିକ ସାଧାରଣ ବୈଠକରେ ସେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। କୋଭିଡ୍ ମହାମାରୀ ସମୟରେ ଜଣେ ଉପସଭାପତିଙ୍କର ମୃତ୍ୟୁ ଘଟିବାରୁ ଏହି ପଦବୀଟି ଖାଲିପଡ଼ିଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଓ ଆସୋସିଏଶନର ଅନ୍ୟ ସଦସ୍ୟମାନେ ସଫଳତା ପାଇଁ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଏଫ୍‌ଆଇରେ ନୂଆ ଦାୟିତ୍ୱ ପାଇଁ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସାଧାରଣ ସମ୍ପାଦକ ଅଭିଜିତ୍ ପାଲ୍ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

## ୩ୟ ଥର ଟାଇଟଲ ଜିତିଲା ସୁପରନୋଭାସ





ମହିଳା ଟି୨୦ ଚ୍ୟାଲେଞ୍ଜ ଟ୍ରଫି ବିଜୟୀ ସୁପରନୋଭାସ ଦଳ।

**ପୁଣେ,୨୮।୫:** ତୃତୀୟ ଥର ପାଇଁ ମହିଳା ଟି୨୦ ଚ୍ୟାଲେଞ୍ଜ ଟ୍ରଫି ହାତେଇଛି ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ସୁପରନୋଭାସ। ଶନିବାର ଫାଇନାଲରେ ସୁପରନୋଭାସ ୪ ରନ୍‌ରେ ଭେଲୋସିଟିକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ସୁପରନୋଭାସ ୨୦ ଓଭରରେ ୧୬୫/୭ ସ୍କୋର କରିଥିଲା। ଡିଣ୍ଡ୍ରା ଡଟିନ ୬୨(୧ ଚୌକା ଓ ୪ ଛକା), ଅଧିନାୟିକା ହରମନପ୍ରୀତ କୌର ୪୩(୧ ଚୌକା, ୩ ଛକା) ଓ ପ୍ରିୟା ପୁନିଆ ୨୮(୨ ଛକା) ରନ୍ କରିଥିଲେ। ଭେଲୋସିଟି ପକ୍ଷରୁ କେଟ୍ କ୍ରସ, ଅଧିନାୟିକା ଦୀପ୍ତି ଶର୍ମା ଓ ସିମରନ ବାହାଦୁର ୨ ଲେଖାଏ ଉଇକେଟ ନେଇଥିଲେ। ଭେଲୋସିଟି ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟର ସମ୍ମୁଖୀନ ହୋଇଥିଲା। କେବଳ ଲୌରା ଓଲଭାର୍ଡଟ ୬୫(୫ ଚୌକା ଓ ୩ ଛକା) ଗୋଟିଏ ପକ୍ଷ ସମ୍ଭାଳି ରଖିଥିବା ବେଳେ ଅନ୍ୟ ପଟେ କ୍ରମାଗତ ଉଇକେଟ ପତନ ଘଟିଥିଲା। ଶେଷଆଡ଼କୁ ସିମରନ ବାହାଦୁର ୨୦(୩ ଚୌକା ଓ ୧ ଛକା)ଙ୍କ ଯୋଗୁ ଭେଲୋସିଟି ଲାଗି ସୁଯୋଗ ସୃଷ୍ଟି କରିଥିଲା। ଏହାସତ୍ତ୍ୱେ ଭେଲୋସିଟି ୮ ଉଇକେଟ ହରାଇ ୧୬୧ ରନ୍ କରିବାକୁ ସକ୍ଷମ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର:** ସୁପରନୋଭାସ: ୨୦ ଓଭରରେ ୧୬୫/୭ (ଡଟିନ-୬୨, ହରମନପ୍ରୀତ-୪୩, ଦୀପ୍ତି-୨/୨୦, ସିମରନ-୨/୩୦)। ଭେଲୋସିଟି: ୨୦ ଓଭରରେ ୧୬୧/୮(ଓଲଭାର୍ଡଟ-୬୫*, ସିମରନ-୨୦*, ଆଲାନା-୩/୩୨, ଏକଲେଷ୍ଟୋନ-୨/୨୮, ଡଟିନ-୨/୨୮)।

## ଫାଇନାଲରେ ପ୍ରମୋଦ

**ଭୁବନେଶ୍ୱର,୨୮।୫**

ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ଚାଲିଥିବା ୪ର୍ଥ ଫାଜା ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାର ସିଙ୍ଗଲ୍ସ ବର୍ଗର ଫାଇନାଲରେ ପ୍ରବେଶ କରିଛନ୍ତି ପାରାଲିମ୍ପିକ୍ ଚାମ୍ପିୟନ ପ୍ରମୋଦ ଭଗତ। ଶନିବାର ଖେଳାଯାଇଥିବା ଏସ୍‌ଏଲ୍-୩ ବର୍ଗର ସେମିଫାଇନାଲରେ ପ୍ରମୋଦ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୧୪-୨୧, ୨୧-୧୪, ୨୧-୧୮ ଗେମ୍‌ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୧ ଘଣ୍ଟା ୧୮ ମିନିଟ୍ ଲାଗିଥିଲା। ଫାଇନାଲରେ ସେ ଅନ୍ୟତମ ଭାରତୀୟ ଖେଳାଳି ନିତେଶ କୁମାରଙ୍କୁ ଭେଟିବେ।

## 'ହିଲାରୀ, ନର୍ଗେ ମନେ ରହିବେ'

**ଭୁବନେଶ୍ୱର, ୨୮।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ପ୍ରତି ବର୍ଷ ମେ' ୨୯ତାରିଖରେ ପାଳିତ ହୋଇଥାଏ। ୧୯୫୩ ମସିହାରେ ଏହି ଦିନ ସାର୍ ଏଡମଣ୍ଡ ହିଲାରୀ ଓ ତେନ୍‌ଜିଂ ନର୍ଗେ ପ୍ରଥମେ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିଲେ। ୨୦୦୮ରେ ତେନ୍‌ଜିଂ ନର୍ଗେଙ୍କ ଦେହାନ୍ତ ପରଠାରୁ ଏଭରେଷ୍ଟ ଦିବସ ପାଳିତ ହୋଇ ଆସୁଛି। ଏହି ଅବସରରେ ବିଶିଷ୍ଟ ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନା ସମସ୍ତ ପର୍ବତାରୋହୀ ଓ ଦୁଃସାହସିକ କ୍ରୀଡ଼ାପ୍ରେମୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ହିଲାରୀ ଓ ନର୍ଗେଙ୍କ ଦୃଷ୍ଟାନ୍ତମୂଳକ ଉତ୍ସାହ ଓ ସାହସ ଅନେକଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି। ୨୦୨୨ ମୋ ଏଭରେଷ୍ଟ ଆରୋହରଣର ହେଉଛି ଏକାଦଶ ବର୍ଷ ଏବଂ ଏକମାତ୍ର ଭାରତୀୟ ଭାବେ ଏଭରେଷ୍ଟ ମାରାଥନରେ ଅଂଶଗ୍ରହଣ କରିବାରେ ମୋର ୮ମ ବର୍ଷ। ଏଭରେଷ୍ଟ ଶୃଙ୍ଗ ପ୍ରତି ମୋର ଭଲ ପାଇବା, ଆବେଗ ଓ ସମ୍ମାନ ସବୁବେଳେ ରହିଛି ଓ ରହିବ ବୋଲି ଗଣେଶ କହିଛନ୍ତି।



ଗଣେଶ ଚନ୍ଦ୍ର ଜେନା

## ପଦାର୍ପଣରେ ଟ୍ରଫି ହାତେଇବା ଲକ୍ଷ୍ୟରେ ଗୁଜରାଟ

**ଅହମ୍ମଦାବାଦ,୨୮।୫(ପିଟି)**

**ଆଇପିଏଲ୍ ଫାଇନାଲ ଆଜି**



ମୋଟେରାସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ପ୍ରାୟ ୧.୧୦ ଲକ୍ଷ ଦର୍ଶକଙ୍କ ଉପସ୍ଥିତିରେ ଖେଳାଯିବ ଚଳିତ ଆଇପିଏଲ୍ ସିଜନର ଫାଇନାଲ। ଆଇପିଏଲ୍ ଟ୍ରଫି ପାଇଁ ମୁକାବିଲା କରିବେ ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଟାଇଟାନ୍ସ। ଗୁଜରାଟ ତା'ର ପଦାର୍ପଣ ସିଜନରେ ଆଇପିଏଲ ଟ୍ରଫି ହାତେଇବାକୁ ଲକ୍ଷ୍ୟ ରଖିଥିବା ବେଳେ ପ୍ରଥମ ସଂସ୍କରଣ ଚାମ୍ପିୟନ ରାଜସ୍ଥାନ ୧୪ ବର୍ଷ ପରେ ଆଇପିଏଲ୍ ଟ୍ରଫି ହାତେଇବା ପାଇଁ ଏତେ ପାଖକୁ ଆସିଛି।

ଦୁଇ ମାସ ତଳେ ଚଳିତ ଆଇପିଏଲ୍ ସିଜନ ଆରମ୍ଭ ହେଲା ବେଳେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଗୁଜରାଟ ଟାଇଟନ୍ସ ଫାଇନାଲରେ ଖେଳିବ କହିଥିଲେ ବୋଧହୁଏ କେହି ବିଶ୍ୱାସ କରି ନ ଥାନ୍ତେ। କାରଣ ଦଳ ପାଖରେ ସେଭଳି ଷ୍ଟାର ଖେଳାଳି ନ ଥିଲେ। ଏଥିଯୋଗୁ ବିଶେଷଜ୍ଞମାନେ ମଧ୍ୟ ମେଗା ଅକଶନ ପରେ ଦଳ ପାଖରେ କୌଣସି ସୁଯୋଗ ନ ଥିବା କହିଥିଲେ। କିନ୍ତୁ ପ୍ରାୟତଃ ମ୍ୟାଚ୍‌ରେ ଦଳ ପାଇଁ ଋଦ୍ଧିମାନ ଶାହା, ରଶିଦ ଖାନ, ରାହୁଲ ଟେୱାଟିଆ, ଡେଭିଡ୍ ମିଲରଙ୍କ ଭଳି ଭିନ୍ନ ଭିନ୍ନ ଖେଳାଳି ମ୍ୟାଚ୍ ୱିନିଂ ପ୍ରଦର୍ଶନ କରିଥିଲେ। ଯାହାଫଳରେ ଗୁଜରାଟ ପଏଣ୍ଟ ଟେବୁଲ ଶୀର୍ଷରେ ରହିଥିଲା। ପ୍ରଥମ କ୍ୱାଲିଫାୟରରେ ରାଜସ୍ଥାନକୁ ହରାଇ ଗୁଜରାଟ ଫାଇନାଲରେ ପ୍ରବେଶ କରିଛି। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ଭାର ସୁହାଉଛି। ନେତୃତ୍ୱ ସମ୍ଭାଳିବା ସହ ଭଲ ବ୍ୟାଟିଂ କରୁଛନ୍ତି। ଦଳର ଆବଶ୍ୟକତା ଅନୁଯାୟୀ, ଚମତ୍କାର ଭାବେ ସେ ବୋଲିଂ ଓ ଫିଲ୍ଡିଂ ପରିବର୍ତ୍ତନ କରିଛନ୍ତି। ଗୁଜରାଟ ପାଇଁ ଏହା ଘରୋଇ ଦର୍ଶକଙ୍କ ସମ୍ମୁଖରେ ଇତିହାସ ରଚିବାର ସୁଯୋଗ ହୋଇଥିବା ବେଳେ ରାଜସ୍ଥାନ ଆଇପିଏଲ୍ ଟାଇଟଲ ଜିତି ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତୀ ଅଷ୍ଟ୍ରେଲିଆନ ଲେଗ୍ ସ୍ପିନର ଶେନ ୱର୍ନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଚାହୁଁଛି। ସଞ୍ଜୁ ସାମସନଙ୍କ ନେତୃତ୍ୱାଧୀନ ରାଜସ୍ଥାନ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିବା ପରେ ପ୍ରଥମ କ୍ୱାଲିଫାୟରରେ ଗୁଜରାଟଠାରୁ ପରାସ୍ତ ହୋଇଥିଲା। ତା' ପରେ ଦ୍ୱିତୀୟ କ୍ୱାଲିଫାୟରରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଏକତରଫା ମ୍ୟାଚ୍‌ରେ ହରାଇ ଦଳ ଫାଇନାଲରେ ପ୍ରବେଶ କରିଛି। ଦଳ ପାଖରେ ଅଧିନାୟକ ସାମସନଙ୍କଠାରୁ ଆରମ୍ଭ କରି ରବିଚନ୍ଦ୍ରନ ଅଶ୍ୱିନ, ୟୁଜବେନ୍ଦ୍ର ଚହଲ, ଜୋସ ବଟଲର, ଟ୍ରେଣ୍ଟ ବୋଲ୍ଟଙ୍କ ସହିତ ଯଶସ୍ୱୀ ଜୟସ୍ୱାଲ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଭଳି ଯୁବ ମ୍ୟାଚ୍ ୱିନର ଅଛନ୍ତି। କିନ୍ତୁ ଫୁଲ୍ ଫର୍ମରେ ଥିବା ଜୋସ ବଟଲରଙ୍କ ଉପରେ ଦଳର ଭାଗ୍ୟ ନିର୍ଭର କରେ। ସିଜନରେ ୪ ଶତକ ସହ ୮୦୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିବା ବଟଲର ଗୁଜରାଟ ବୋଲିଂ ଲାଇନ୍ ପାଇଁ ଚିନ୍ତାର କାରଣ ସାଜିପାରନ୍ତି। ପ୍ରଥମ କ୍ୱାଲିଫାୟରରେ ସେ ୮୯ ରନ୍‌ର ଇନିଂସ ଖେଳିଥିଲେ। ତାଙ୍କ ଛଡ଼ା ଯଶସ୍ୱୀ ଜୟସ୍ୱାଲ ଆରମ୍ଭରୁ ଆଟାକ୍ କରି ବଟଲରଙ୍କୁ ସମୟ ନେବାକୁ ସୁଯୋଗ ଦେଉଛନ୍ତି, ଯାହାକି ମହମ୍ମଦ ଶାମିଙ୍କ ନେତୃତ୍ୱଧୀନ ବୋଲିଂ ବିଭାଗର ଲାଇନ୍, ଲେନ୍ଥ ହଜାଇପାରେ। ଶାମିଙ୍କ ଛଡ଼ା ଯଶ ଦୟାଲ, ରଶିଦ ଖାନ, ଲୋକି ଫର୍ଗୁସନ ଓ ସାଇ କିଶୋର ଅଛନ୍ତି। ସେହିଭଳି ଚଳିତ ସିଜନରେ ସର୍ବାଧିକ ଉଇକେଟ ହାସଲକାରୀ ଚହଲ, ପ୍ରସିଦ୍ଧ କ୍ରିଷ୍ଣା, ଟ୍ରେଣ୍ଟ ବୋଲ୍ଟ ଓ ଓବେଦ ମାକ୍‌ୟ ପ୍ରତିପକ୍ଷ ଗୁଜରାଟକୁ ଯଥାସମ୍ଭବ କମ୍ ସ୍କୋରରେ ରୋକିବାକୁ ଚେଷ୍ଟା କରିବେ।

**ମ୍ୟାଚ୍ ଆରମ୍ଭ ରାତି ୮ଟା**

**ଗୁଜରାଟ ଟାଇଟାନ୍ସ**

ହାର୍ଦ୍ଦିକ ପାଣ୍ଡ୍ୟା(ଅଧିନାୟକ), ଶୁବମନ ଗିଲ, ରିଦ୍ଧିମାନ ଶାହା (ଉଇକେଟକିପର), ମାଥ୍ୟୁ ୱେଡ୍, ବି ସାଇ ସୁଦର୍ଶନ, ଡେଭିଡ୍ ମିଲର, ରାହୁଲ ଟେୱାଟିଆ, ରଶିଦ ଖାନ, ମହମ୍ମଦ ଶାମି, ଆର. ସାଇ କିଶୋର/ଲୋକି ଫର୍ଗୁସନ, ଯଶ ଦୟାଲ।

**ରାଜସ୍ଥାନ ରୟାଲ୍ସ**

ସଞ୍ଜୁ ସାମସନ (ଅଧିନାୟକ), ଜୋସ ବଟଲର, ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପଡିକାଲ, ରିୟାନ ପରାଗ, ଶିମରନ ହେଟମାୟର, ରବିଚନ୍ଦ୍ରନ ଅଶ୍ୱିନ, ପ୍ରସିଦ୍ଧ କ୍ରିଷ୍ଣା, ୟୁଜବେନ୍ଦ୍ର ଚହଲ, କୁଲଦୀପ ସେନ, ଓବେଦ ମାକ୍‌ୟ।







ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୯ ମେ, ୨୦୨୨

**ନିଖୋଜ ନାବାଳିକା ଉଦ୍ଧାର**

ଜଟଣୀ,(ଡି.ଏନ୍.ଏ.): ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ (ଜଟଣୀ) ରେଳ ସୁରକ୍ଷା ବଳ ପକ୍ଷରୁ ଅପରେଶନ ମହିଳା ସୁରକ୍ଷା ଡ୍ରାଇଭ୍ ପରିପ୍ରେକ୍ଷୀରେ ଜଣେ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ତାଙ୍କ ଘର ଗଞ୍ଜାମ ଜିଲା ବ୍ରହ୍ମପୁର ରାମନଗର ଅଞ୍ଚଳରେ ବୋଲି ଜଣାପଡ଼ିଛି। କୌଣସି କାରଣରୁ ସେ ଟ୍ରେନ୍ ଯୋଗେ ପଳାଇ ଆସିଥିବା ବେଳେ ରେଳ ସୁରକ୍ଷା ବଳ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିବା ରେଳ ସୁରକ୍ଷା ବଳ ଅଧିକାରୀ ମୁନୁ କୁମାର ଶର୍ମା କହିଛନ୍ତି।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ବେଗୁନିଆ,୨୮।୫(ଡି.ଏନ୍.ଏ.):** ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି ଗ୍ରାମରେ ଶନିବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୀଳମଣି ଜେନା(୬୫)। ସୂଚନା ମୁତାବକ, ପୂର୍ବାହ୍ନ ସାଢ଼େ ୧୧ଟାରେ ନୀଳମଣି ଘର ନିକଟ ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। କୌଣସି କାରଣରୁ ସେ ହଠାତ୍ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ପରିବାରଲୋକଙ୍କୁ ଖବର ଦେବା ସହ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବେଗୁନିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନୀଳମଣିଙ୍କ ପୁଅ ସନ୍ତୋଷଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୨) ରୁଜୁକରି ତଦନ୍ତ ଚଳାଇଛି।

### ଅଗ୍ନିକାଣ୍ଡ: ଦୋକାନ ଜଳିଗଲା

**ବୋଲଗଡ଼,୨୮।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅନ୍ତର୍ଗତ ସାଗରଗୁଆଁ ରାଜସ୍ୱ ଗ୍ରାମସ୍ଥିତ ବଜାରରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଏକ ପୂଜା ସାମଗ୍ରୀ ଦୋକାନ ଜଳିଯାଇଛି। ଫଳରେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ଦୋକାନ ମାଲିକ ସନ୍ତୋଷ ପଣ୍ଡାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ବଜାର କମିଟି ଓ ଗ୍ରାମବାସୀ ଦାବି କରିଛନ୍ତି।

### ଛାତରୁ ଫଲ୍ସ ଖସି ମା'ପୁଅ ଆହତ

**ଟାଙ୍ଗୀ(ଖୋର୍ଦ୍ଧା),୨୮।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଝାନ୍ସୀ ପାଟଣା ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଛାତରୁ ଫଲ୍ସ ଖସି ମା'ପୁଅ ଆହତ ହୋଇଛନ୍ତି। ସେମାନେ ହେଲେ ଛବି ପାଇକରାୟ ଓ ତାଙ୍କ ପୁଅ ସୋମନାଥ(୭)। ଚିକିତ୍ସା ଲାଗି ଉଭୟଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏକ ଘରେ ସେମାନେ ଶୋଇଥିବା ବେଳେ ହଠାତ୍ ଛାତର ଫଲ୍ସ ସେମାନଙ୍କ ଖସିପଡ଼ିଥିଲା। ଫଳରେ ଉଭୟ ଆହତ ହୋଇଥିଲେ।

### ୫୨ ୟୁନିଟ୍ ରକ୍ତ ସଂଗ୍ରହ



**ଖୋର୍ଦ୍ଧା ଅଫିସ,୨୮।୫:** ଖୋର୍ଦ୍ଧା ଜିଲା ଇଟିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚ୍‌ସି)ରେ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୫୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସିଡିଏମ୍‌ଓ ଡା. ଆର୍ତ୍ତବନ୍ଧୁ ନାୟକ ଉପସ୍ଥିତ ଥିଲେ। ପିଏଚ୍‌ସି ମେଡିକାଲ ଅଫିସରଙ୍କ ସମେତ ସରପଞ୍ଚ, ଅନ୍ୟ ଜନପ୍ରତିନିଧି ଏବଂ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ଇଟିପୁର ପଞ୍ଚାୟତର ବିଭିନ୍ନ ଗ୍ରାମରୁ ସ୍ୱେଚ୍ଛାକୃତ ରକ୍ତଦାତାମାନେ ରକ୍ତ ଦାନ କରିଥିଲେ।

### ଆମ ପୋଲିସ କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୨୮।୫(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ପରିସରରେ ଶନିବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ସାମାଜିକ କର୍ମୀ ହେମନ୍ତ କୁମାର ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ, ଯୁବନେତା ବୁଲୁ ଦାଶ, ପୂର୍ବତନ ସରପଞ୍ଚ ନବୀନ ଜେନା, ପୂର୍ବତନ ସମିତିସଭ୍ୟ ଅଜୟ କୁମାର ପଲେଇଙ୍କ ସମେତ ବହୁ ଶିକ୍ଷାବିତ୍ ଯୋଗଦେଇଥିଲେ। କୃଷ୍ଣପ୍ରସାଦ ଥାନା ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଚୋରା ମଦ କାରବାର ରୋକିବା ପାଇଁ ନିବେଦନ କରାଯାଇଥିଲା। ସାମାଜିକ ଜେନା ଅଞ୍ଚଳରେ ଏକ ସ୍ଥାୟୀ ଶାନ୍ତି କମିଟି ଗଠନ ପାଇଁ ପରାମର୍ଶ ଦେଇଥିଲେ। ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖିବା ପାଇଁ ପାଇକରାୟପୁରଠାରେ ଏକ ଫାଣ୍ଡି ପ୍ରତିଷ୍ଠା ଲାଗି ମତପ୍ରକାଶ ପାଇଥିଲା। ଆମ ପୋଲିସ ସଭା ପ୍ରତି ମାସ କରାଯାଇ ସମୀକ୍ଷା କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ସ୍ୱାଇଁ କହିଥିଲେ।

# ୫ ଦିନିଆ ରିମାଣ୍ଡରେ ରାଜେଶ, ରବିନ

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

## ଖୋଲିବେ ଚକରା ଗ୍ୟାଙ୍ଗର ଅପରାଧ ପେଡ଼ି



ଅଭିଯୁକ୍ତ ରାଜେଶ ମହାପାତ୍ର

ଚକରା ଗ୍ୟାଙ୍ଗରେ ସାମିଲ ହୋଇ ରାଜଧାନୀର ବିଭିନ୍ନ ସ୍ଥାନରୁ ବନ୍ଧୁକ ମୁନରେ ଆତଙ୍କ ଖେଳାଇ ଲୁଟ୍‌ପାଟ, ରାହାଜାନି, ଡକାୟତି ଭଳି ଅପରାଧରେ ଜଡ଼ିତ ୨ଅଭିଯୁକ୍ତ ରାଜେଶ ମହାପାତ୍ର ଓ ରବିନ ଶତପଥୀଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିଛି ଖଣ୍ଡଗିରି ଥାନା ପୋଲିସ। ଅଭିଯୁକ୍ତଦ୍ୱୟଙ୍କୁ ୧୦ଦିନିଆ ରିମାଣ୍ଡରେ ନେବା ପାଇଁ ଖଣ୍ଡଗିରି ଥାନା ପୋଲିସ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା।

ସୂଚନାନୁଯାୟୀ ୧୯ ବର୍ଷରେ ଅପରାଧ ଜଗତରେ ପାଦ ଥାପିଥିବା ରାଜେଶ ପ୍ରଥମେ ଏକ ଛୋଟ ଗ୍ୟାଙ୍ଗ କରି ଲୁଟ ଓ ଡକାୟତି କରୁଥିଲେ। ପରେ ସେ ଚକରା ଗ୍ୟାଙ୍ଗରେ ସାମିଲ ହୋଇ ଭୁବନେଶ୍ୱରରେ ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଗହଣା, ମୋବାଇଲ, ପର୍ସ ଓ ଟଙ୍କା ଝାମ୍ପି ନେଉଥିଲେ। ଏପରିକି ବ୍ୟବସାୟୀଙ୍କୁ ଟାର୍ଗେଟ କରି ଟଙ୍କା ଲୁଟ୍ କରି ଫେରାର ହୋଇଯାଉଥିଲେ, ଯାହାକି କମିଶନରେଟ ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଥିଲେ। ଗତ ୧୩ରେ ବରମୁଣ୍ଡାରେ ବଡ଼ ଧରଣର ଡକାୟତି ଯୋଜନା ହୋଇଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଚଢାଉ କରି ଧରିବା ପାଇଁ ଚେଷ୍ଟା କରିଥିଲା। ଏହି ସମୟରେ ଚକରା ପୋଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଏନ୍‌କାଉଣ୍ଟର କରିବାରୁ ଚକରା ଗୋଡ଼ରେ ଗୁଳି ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ଫଳରେ ତାକୁ ଧରିବାରେ ସହଜ ହୋଇଥିଲା। ତେବେ ଚକରାଙ୍କୁ ଏନକାଉଣ୍ଟର ପରେ ରାଜେଶ ଭୟରେ ଗତ ୨୬ତାରିଖରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏବେ ରାଜେଶଙ୍କୁ ରିମାଣ୍ଡରେ ନେଇ ଏହି ଗ୍ୟାଙ୍ଗର ପୂରା ସୁରାକ ଖୋଜିବ ପୋଲିସ। ଏଯାବତ ଚକରା ଗ୍ୟାଙ୍ଗରେ ରାଜେଶଙ୍କ ମା'ଙ୍କୁ ମିଶାଇ ମୋଟ ୮ ଜଣ ଗିରଫ ହୋଇଛନ୍ତି।

# ଘର ଉପରେ ମାଡ଼ିଗଲା କାର୍, ୪ ଗୁରୁତର




ଦୁର୍ଘଟଣା ଘଟାଇଥିବା କାର୍।



ଗ୍ରାମବାସୀ ଚାଳକଙ୍କୁ ବାନ୍ଧି ରଖିଛନ୍ତି।

**ଗୋପ,୨୮।୫(ଡି.ଏନ୍.ଏ.)**

## ଡ୍ରାଇଭରଙ୍କୁ ବାନ୍ଧି ପିଟିଲେ ଗ୍ରାମବାସୀ

ପୁରୀ ଜିଲା ଗୋପ– ବାଲିଘାଇ ରାସ୍ତାର ସୁବର୍ଣ୍ଣପୁର ଛକ ନିକଟରେ ଶନିବାର ଏକ କାର୍ ଭାରସାମ୍ୟ ହରାଇ ଗୋଟିଏ ଘର ଉପରେ ମାଡ଼ିଯାଇଥିଲା। ଫଳରେ ଉକ୍ତ ଘରେ ରହୁଥିବା ପଞ୍ଚୁ ବେହେରା(୭୦), ତାଙ୍କ ସ୍ତ୍ରୀ ସୁଶୀଳା ବେହେରା(୬୫), ପୁଅ ଭାଗ୍ୟର ବେହେରା(୪୦), ବୋହୂ ମିନତୀ ବେହେରା ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସରେ ଆଣିଥିଲେ। ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳରେ କେତେଜଣ ଯୁବକ କାର୍ ଡ୍ରାଇଭର କାହ୍ନୁଚରଣ ବେହେରାଙ୍କୁ ବାନ୍ଧି ମାଡ଼ ମାରିଥିଲେ। ଖବରପାଇ ଗୋପ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ କାର୍‌କୁ ଜବତ କରିଛି। ପ୍ରକାଶ ଯେ, ଅପରାହ୍ନରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଡ଼ାରେ ଲାଗିଥିବା ଉକ୍ତ କାର୍(ନଂ.ଓଡି ୧୩ ଏଚ ୯୪୦୦)ଟି ପୁରୀ ଯାଉଥିବାବେଳେ ସୁବର୍ଣ୍ଣପୁର ଛକ ନିକଟରେ ହଠାତ୍ ଭାରସାମ୍ୟ ହରାଇ ନିକଟସ୍ଥ ଘର ଉପରେ ମାଡ଼ିଯାଇଥିଲା। ଗରମ ଯୋଗୁ ବାହାରେ ବସିଥିବା ଏହି ପରିବାର ସଦସ୍ୟ ଆହତ ହୋଇଥିଲେ। ଏପରିକି କାର୍ ଚଢ଼ିଯିବାରୁ ଘର ନିକଟରେ ଥିବା ଗୋଟିଏ ବାଇକ୍ ମଧ ଭାଙ୍ଗି ରୁଜି ଯାଇଛି। ଦୁର୍ଘଟଣା ନେଇ ଏକ ଅଭିଯୋଗ ହୋଇଥିବା ବେଳେ ଡ୍ରାଇଭରଙ୍କୁ ମାଡ ଘଟଣାରେ ମଧ କାର୍ ମାଲିକ ଓ ଡ୍ରାଇଭର ୨ଟି ଅଭିଯୋଗ କରିଛନ୍ତି। ଅନ୍ୟପଟେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଏକ ଘରୋଇ ଗାଡ଼ି କିପରି ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟରେ ଲାଗିଛି ତାହାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆହତମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗଣେଶ୍ୱରପୁର ପଞ୍ଚାୟତର ସମିତି ସଭ୍ୟ ତଥା ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ, ଦେବବ୍ରତ ସାହୁ, କରୁଣାକର ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଗୋପ ଥାନାଧିକାରୀ କାଳନ୍ଦୀ ବେହେରା କହିଛନ୍ତି, ୩ଟି ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚାଲୁ ରହିଛି।

## ସରପଞ୍ଚଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

**କୃଷ୍ଣପ୍ରସାଦ,୨୮।୫(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ ଶନିବାର ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡ଼ାଲ ବିଦ୍ୟାପୀଠ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ରନ୍ଧାଶାଳକୁ ଯାଇ ନିରୀକ୍ଷଣ କରିଥିଲେ। ଏଥିସହ ପାଠପଢ଼ା ସମ୍ବନ୍ଧରେ ଶିକ୍ଷୟତ୍ରୀଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଜେନା, କଲ୍ୟାଣୀ ଷଡଙ୍ଗୀ, ପଦ୍ମ ଚରଣ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁର୍ଗା ଚରଣ ସ୍ୱାଇଁଙ୍କ ସହ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସରପଞ୍ଚ ସାନଅଳ, ଦଳବେହେରା ସାହି ଅଙ୍ଗନୱାଡ଼ି କେନ୍ଦ୍ର ସହିତ ଇପିଙ୍ଗ ବାଉରିପଲ୍ଲୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, କୃଷ୍ଣପ୍ରସାଦ ଥାନା, ଡାକ୍ତରଖାନା ପରିସର ପରିଦର୍ଶନ କରିଥିଲେ।

## ଖବରଦାତାଙ୍କ ବିୟୋଗରେ ସ୍ମୃତିସଭା

**ନିରାକାରପୁର,୨୮।୫(ଡି.ଏନ୍.ଏ.)**

ଖବରଦାତା ବିକାଶ ନାୟକଙ୍କ ବିୟୋଗରେ ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଯାଜପୁରସ୍ଥିତ ମା' ତୋଟା ଭଗବତୀଙ୍କ ପ୍ରାଙ୍ଗଣରେ ନିରାକାରପୁର ଖବରଦାତା ସଂଘ ସଭାପତି ମାନସ ଚନ୍ଦ୍ର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ମେଳାପି, ପରୋପକାରୀ, ନିର୍ଭୀକ ଖବରଦାତା ଭାବେ ଖବର ପରିବେଷଣ କରି ସମାଜରେ ନିଜ ପରିଚୟ ସୃଷ୍ଟି କରିଥିଲେ ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ମିଡିଆ ସେବା ସଂଘର ସଭାପତି ରବୀନ୍ଦ୍ର କୁମାର ରଣା, ସମ୍ପାଦକ ସନ୍ତୋଷ ଚୌଧୁରୀ, ନିରାକାରପୁର ସଂଘର ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ବହୁ ଖବରଦାତା ଯୋଗଦେଇଥିଲେ। ଖବରଦାତା ଉମେଶ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେ, ଗତ ୨୫ ତାରିଖରେ ବିକାଶ ବାଲୁଗାଁରୁ ଟାଙ୍ଗୀ ଅଭିମୁଖେ ଆସୁଥିବା ବେଳେ ଆଙ୍କୁଲାଚଟି ନିକଟରେ ଟ୍ରକ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଫାଇନାଲରେ କଳିଙ୍ଗ ଫାଇଟର

## ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

**ଜଟଣୀ,୨୮।୫(ଡି.ଏନ୍.ଏ.)**



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଜଟଣୀ ବ୍ଲକ ତିରିମଲ୍ଲ ଓ ବେଣାପଞ୍ଜୁରୀ ପଞ୍ଚାୟତରେ ମିଳିତ ଭାବେ ଅନୁଷ୍ଠିତ ପ୍ରଥମ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଡିଜି–୧୧କୁ ହରାଇ କଳିଙ୍ଗ ଫାଇଟର ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। କଳିଙ୍ଗ ଫାଇଟର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ବିନିମୟରେ ୧୧୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଡିଜି–୧୧ ଟିମ୍ ୧୫ ଓଭରରେ ୯ ଉଇକେଟ ହରାଇ ୧୦୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ସାହା ଇସାକ୍ ଅଲ୍ଲୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ହୃଦାନନ୍ଦ ଜେନା ଏବଂ ଶିଶିର ବଡ଼ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ହାଜି ସାହା ବରକତ ଓ କାମରୁଲ ହକ୍ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ କଳିଙ୍ଗ ଫାଇଟର ଏବଂ ଫାଇଟର–୧୧ ମଧରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘ ଅଧିବେଶନ




ସାଧାରଣ ଅଧିବେଶନରେ ଯୋଗ ଦେଇଥିବା ଅତିଥିମାନେ।

**ଭୁବନେଶ୍ୱର,୨୮।୫**

ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘ ଭୁବନେଶ୍ୱର ଶାଖାର ଦ୍ୱିବାର୍ଷିକ ସାଧାରଣ ଅଧିବେଶନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବନ ନିଗମ କର୍ମଚାରୀ ସଂଘର ରାଜ୍ୟ ସଭାପତି ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ବନ ନିଗମ ଭୁବନେଶ୍ୱର ବାଣିଜ୍ୟ ଖଣ୍ଡ ଓ ବୃକ୍ଷରୋପଣ ଖଣ୍ଡର ଡିଭିଜନାଲ ମ୍ୟାନେଜର ରୁଦ୍ରମଣି ସାହୁଙ୍କ ସମେତ ମିହିର କୁମାର ଜେନା, ଓଡିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ମହାସଚିବ ସରୋଜକାନ୍ତ ମଲ୍ଲିକ, ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର, ସତ୍ୟରଞ୍ଜନ ପଟ୍ଟନାୟକ, ଫନୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବନ ନିଗମକୁ ଅଧିକ ସୁଦୃଢ଼ ଓ ଲାଭଜନକ ସଂସ୍ଥାରୂପେ ପ୍ରତିପାଦନ କରିବା ପାଇଁ ଉପସ୍ଥିତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କର୍ମଚାରୀ ସଂଘ ଭୁବନେଶ୍ୱର ଶାଖାର ଆଗାମୀ ୨ବର୍ଷ ଅର୍ଥାତ୍ ୨୦୨୨–୨୪ ନିମିତ୍ତ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା।

# ସ୍ପଷ୍ଟୀକରଣ

ଧରିତ୍ରୀର ୨୦୨୨ ମେ ୨୮ ଖୋର୍ଦ୍ଧା ସଂସ୍କରଣର ପୃଷ୍ଠା–୭ରେ 'ପୁରସ୍କାର ପ୍ରଦାନରେ ଚଞ୍ଚକତା ଅଭିଯୋଗ' ଶୀର୍ଷକ ଏକ ଖବର ପ୍ରକାଶ ପାଇଛି। ସୂଚନା ଅଧିକାର(ଆର୍‌ଟିଆଇ) ତଥ୍ୟ ଏବଂ ବୋଲଗଡ଼ ବନ ସୁରକ୍ଷା ସମିତି ମହାସଂଘ ଓ ପରିବେଶ କର୍ମୀଙ୍କ ପକ୍ଷରୁ ଖୋର୍ଦ୍ଧା ଡିଏଫ୍‌ଓଙ୍କ ନିକଟରେ ହୋଇଥିବା ଅଭିଯୋଗକୁ ଆଧାର କରି ଉକ୍ତ ଖବର ପ୍ରକାଶ କରାଯାଇଛି। ସେଥିରେ ପୂର୍ଣ୍ଣଚନ୍ଦ୍ର ବେହେରା ଓ ତାଙ୍କ ସ୍ତ୍ରୀ, ପୁଅ କ୍ରମାଗତ ଭାବେ ବ୍ୟକ୍ତିଗତ ଏବଂ ଅନୁଷ୍ଠାନ ନାମରେ ପ୍ରକୃତି ବନ୍ଧୁ ଏବଂ ପ୍ରକୃତି ମିତ୍ର ପୁରସ୍କାର ପାଇଥିବା ଉଲ୍ଲେଖ ରହିଛି। ଏହା ସହିତ ୨୦୨୨ମସିହା ପାଇଁ ପୂର୍ଣ୍ଣଚନ୍ଦ୍ରଙ୍କ ସମ୍ପୃକ୍ତି ଥିବା ଅନୁଷ୍ଠାନ ଓ ତାଙ୍କ ବୋହୂଙ୍କ ନାମ ପୁରସ୍କାର ନିମନ୍ତେ ସୁପାରିସ କରାଯାଇଛି। ଏହି ସବୁ ପାଇଁ ଚଞ୍ଚକତା କରାଯାଇଥିବା ଖବରରେ ଦର୍ଶାଯାଇଛି। ଅପରପକ୍ଷରେ ଏହି ଖବରକୁ ଖଣ୍ଡନ କରିବା ସହ ଏହା ଏକ ମନଗଢ଼ା ଏବଂ ମନ୍ଦ ଉଦ୍ଦେଶ୍ୟ ରଖି କରାଯାଇଛି ବୋଲି ପରିବେଶ କର୍ମୀ ତଥା ଓଡ଼ିଶା ସିନେ ୱାର୍କର୍ସ ଆସୋସିଏଶନସମ୍ପାଦକପୂର୍ଣ୍ଣଚନ୍ଦ୍ରବେହେରାଏକସ୍ପଷ୍ଟୀକରଣମାଧ୍ୟମରେଜଣାଇଛନ୍ତି।

# ଋତୁସ୍ରାବ ଏକ ସ୍ୱାଭାବିକ ପ୍ରକ୍ରିୟା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା ଅଫିସ,୨୮।୫**

## ଜିଲାସ୍ତରୀୟ ଋତୁସ୍ରାବ ସ୍ୱଚ୍ଛତା ଦିବସ

ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅବସରରେ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ପରିସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଋତୁସ୍ରାବ ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ଋତୁସ୍ରାବ ଏକ ସ୍ୱାଭାବିକ ପ୍ରକ୍ରିୟା। ମାସିକ ଋତୁସ୍ରାବ ସମୟରେ ପ୍ୟାଡ୍ କିମ୍ବା ଶୃଙ୍ଖଳା ଓ ପରିଷ୍କାର କପଡ଼ା ବ୍ୟବହାର କରନ୍ତୁ। ପ୍ରତି ୪ରୁ ୬ ଘଣ୍ଟାରେ ଏହାକୁ ବଦଳାନ୍ତୁ। ବ୍ୟବହୃତ ପ୍ୟାଡ୍ ବା କପଡ଼ାକୁ ଖୋଲାସ୍ଥାନରେ ପକାନ୍ତୁ ନାହିଁ। ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରନ୍ତୁ ଏବଂ ନିୟମିତ ସ୍ନାନ କରନ୍ତୁ। କିଶୋରୀ ଅବସ୍ଥାରେ ହେଉଥିବା ଶାରୀରିକ ପରିବର୍ତ୍ତନ ବିଷୟରେ ବୁଝିବା ପାଇଁ ଆଶାକର୍ମୀଙ୍କ ସହ କଥା ହୁଅନ୍ତୁ। ସାନିଟାରୀ ପ୍ୟାଡ୍ ସ୍କୁଲମାନଙ୍କରେ ବିନା ମୂଲ୍ୟରେ ଓ ଆଶାକର୍ମୀଙ୍କ ମାଧ୍ୟମରେ ରିହାତି ମୂଲ୍ୟରେ ଉପଲବ୍ଧ ରହିଛି ବୋଲି ନାୟକ କହିଥିଲେ। ଏଥିରେ ଗାଇନାକୋଲୋଜି ଡା. ଅନିତା ଲେଙ୍କା ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଡିପିଏଚ୍‌ସିଓ ପ୍ରସନ୍ନ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏବଂ ଛାତ୍ରୀ ଉପସ୍ଥିତ ଥିଲେ।

# ପୋଖରୀ ଖୋଳାକୁ ନେଇ ଉତ୍ତେଜନା



**ଗୋପ,୨୮।୫(ଡି.ଏନ୍.ଏ.)**

ଗୋପ ବ୍ଲକ ଅନ୍ତର୍ଗତ ଉଭାର ଓ ରାହାଙ୍ଗଗୋରଡା ପଞ୍ଚାୟତର ଓଲଣ୍ଡି ଛକ ନିକଟରେ ଶନିବାର ଗୋଟିଏ ପୋଖରୀ ଖୋଳାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଏହି ସମୟରେ ଗୋଟିଏ ଗୋଷ୍ଠୀର କେତେଜଣ ମହିଳା ଜେସିବି ମେଶିନ ଆଗରେ ଶୋଇପଡ଼ିଥିଲେ। ଫଳରେ ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିବାବେଳେ ପରେ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ୪/୫ ବର୍ଷ ପୂର୍ବରୁ ଓଲଣ୍ଡି ଛକ ନିକଟରେ ଥିବା ଏକ ପଞ୍ଚାୟତ ପୋଖରୀକୁ ବେଆଇନ ଭାବେ ପୋତି ଦିଆଯାଇଥିଲା। ଏହି ପୋଖରୀକୁ ପୁନରୁଦ୍ଧାର କରିବା ନିମନ୍ତେ ଗୋଟିଏ ଗୋଷ୍ଠୀ ଖୋଳିବାକୁ ନେଇ ଜେସିବି ଆଣିଥିଲେ। ମାତ୍ର ଅନ୍ୟ ଏକ ଗୋଷ୍ଠୀର କେତେଜଣ ଲୋକ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ହାତାହାତି ହୋଇଥିଲେ। ପରିସ୍ଥିତି ଉତ୍ତେଜନା ହେବାରୁ ପୋଲିସ ପହଞ୍ଚି ୨ଗୋଷ୍ଠୀ ଲୋକଙ୍କୁ ବୁଝାଶୁଝା କରିବା ସହ ମାପଚୁପ ହେବା ପରେ ଯାହା ନିଷ୍ପତ୍ତି ହେବ ସେହି ଅନୁଯାୟୀ କାର୍ଯ୍ୟ ହେବ ବୋଲି କହିବା ପରେ ଶାନ୍ତ ହୋଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ଥାନାଧିକାରୀ କାଳନ୍ଦୀ ବେହେରା ତଦନ୍ତ ଆରମ୍ଭ ହୋଇଥିବା କହିଛନ୍ତି।

# ଫଳ ଦର ଆକାଶଛୁଆଁ

**ଭୁବନେଶ୍ୱର, ୨୮।୫ (ବ୍ୟୁରୋ)**

## ଦିନକ ପରେ ସାବିତ୍ରୀ ବ୍ରତ



ସୋମବାର ସାବିତ୍ରୀ ବ୍ରତ। ମହିଳାମାନେ ସ୍ୱାମୀଙ୍କ ମଙ୍ଗଳ ମନାସି ଠାକୁରଙ୍କ ନିକଟରେ ସାତ ଫଳ ଭୋଗ କରି ପୂଜା କରିବେ। ତେଣୁ ଫଳବଜାରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଗ୍ରାହକଙ୍କ ଚାହିଦାକୁ ଦେଖି ଫଳ ଦର ମଧ ଆକାଶ ଛୁଆଁ ହୋଇଛି। ବିଶେଷ କରି ଭୁବନେଶ୍ୱରର ୟୁନିଟ୍–୧, ୟୁନିଟ୍–୨, ୟୁନିଟ୍–୪ ବଜାର ସମେତ ରାଜମହଲ, ଆଜାଦ୍ ମାର୍ଗ, ଗୋପବନ୍ଧୁ ଛକ ଆଦି ସ୍ଥାନରେ ଥିବା ଫଳ ଦୋକାନରେ ଶନିବାର ଦିନ ତମାମ ଭିଡ଼ ଲାଗି ରହିଥିଲା। ଖରାଦିନିଆ ଫଳ ଆମ୍ବ, ପଣସ, ଖଜୁରି, ଲିଚୁ, ତାଳ, କଦଳୀ, ସପୁରି ଆଦିର ବିଶେଷ ଚାହିଦା ରହିଥିବାବେଳେ ସେଓ, ଅଙ୍ଗୁର, ତରଭୁଜ ଆଦି ମଧ ଯଥେଷ୍ଟ ପରିମାଣରେ ବଜାରରେ ଉପଲବ୍ଧ ହେଉଛି। ତେବେ ବାଇଗଣପଲେଇ, ଲେଙ୍ଗଡା, ଆମ୍ରପାଲି ଆମ୍ବ କିଲୋ ପିଛା ୮୦ଟଙ୍କା ଥିବାବେଳେ ସୁନ୍ଦରୀ ଆମ୍ବର ଦର ୧୦୦ଟଙ୍କା ଡ଼େଇଁଛି। ସେହିପରି ଛୋଟ ପଣସ ଗୋଟିକୁ ୨୦୦ ଟଙ୍କା ଓ ବଡ଼ ପଣସ ୩୦୦ରୁ ଅଧିକ ଟଙ୍କାରେ ବିକ୍ରି ହେଉଛି। ଲିଚୁ ଦର କେଜି ପ୍ରତି ୧୦୦ ଟଙ୍କାରୁ ଆରମ୍ଭ କରି ୧୬୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଡାଳିମ୍ବ ୨୨୦ରୁ ୨୪୦ଟଙ୍କା, ଅଙ୍ଗୁର ୧୨୦ରୁ ୧୪୦ ଟଙ୍କା, ଖଜୁରି ପେଣ୍ଡାକୁ ୩୦ଟଙ୍କା ରହିଛି। ୬୦ ଟଙ୍କାରେ ବିକ୍ରି ହେଉଥିବା କଦଳୀ ଡଜନ ଏବେ ୧୦୦ ଟଙ୍କା ଟପିଛି। ସେହିପରି ଛୋଟ ସେଓର ଦାମ୍ କେଜି ପ୍ରତି ୧୬୦ ଟଙ୍କା ରହିଥିବାବେଳେ ବଡ଼ ଦାମ୍ ୨୦୦ରୁ ଅଧିକ ରହିଛି। ତରଭୁଜ କେଜି ୨୫ଟଙ୍କା, ପିଜୁଳି ୪୦ ଟଙ୍କା, ସପୁରି ଗୋଟିକୁ ୫୦ ଟଙ୍କା ବିକ୍ରି ହେଉଥିବାବେଳେ କମଳା, ତାଳ, ନଡ଼ିଆ ଅଙ୍ଗୁରକୁ ମଧ ଗ୍ରାହକ ଚଢ଼ା ଦରରେ କିଣୁଛନ୍ତି। ବଡ଼ ବଡ଼ ଫଳ ବଜାରରକୁ ବାଦ ଦେଲେ ଖୁଚୁରା ବ୍ୟବସାୟୀ ଆହୁରି ଅଧିକ ଦାମରେ ଫଳ ବିକୁଛନ୍ତି। ଏହାର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ପକେଟ୍ ଉପରେ ପଡୁଛି।

ରାଜମହଲ ଛକକୁ ଫଳ କିଣିବାକୁ ଆସିଥିବା ଗ୍ରାହକ ପୂଜା ବରିହା କୁହନ୍ତି, ବର୍ଷକୁ ଥରେ ସାବିତ୍ରୀ ବ୍ରତ। ସାତ ପ୍ରକାର ଫଳ ତ ପୂଜା କରିବାକୁ ପଡ଼ିବ। ଯେତେ ଦର ହେଲେ ବି କିଣିବାକୁ ପଡ଼ିବ। ଯଦିଓ ଦାମ୍ ଅଧିକ ରହିଛି, କିନ୍ତୁ ରାଜଧାନୀ ବଜାରରେ ମନ ପସନ୍ଦର ଯେକୌଣସି ଫଳ ମିଳିଯାଉଛି। ସେହିପରି ବ୍ୟବସାୟୀ ପ୍ରଫୁଲ୍ଲ ବେହେରା କୁହନ୍ତି, ରଜ ସାବିତ୍ରୀ ସମୟରେ ପ୍ରତିବର୍ଷ ଚଢ଼ା ଦରରେ ଫଳ ବିକ୍ରି ହୁଏ। ଚଳିତ ଥର ଫଳର ଦାମ୍ ସେତେ ବୃଦ୍ଧି ପାଇନାହିଁ। ସାବିତ୍ରୀ ଥିବାରୁ କେତେକ ଫଳରେ ୫/୬ଟଙ୍କା ବୃଦ୍ଧି ପାଇଛି। ପୂର୍ବବର୍ଷ ତୁଳନାରେ ଏଥର ବିକ୍ରି କମ୍ ହେଉଥିବାରୁ ଆମକୁ କ୍ଷତି ସହିବାକୁ ପଡୁଛି ବୋଲି ସେ କହିଛନ୍ତି।




୨୮।୫।୨୦୨୨

| | |
|---|---|
| ୪,୦୯,୫୭୪ ଟଙ୍କା | |
| ସୁନା | ୯୦୦ ମିଲି ଗ୍ରାମ |
| ରୁପା | ୧୪୬ ଗ୍ରାମ |

# ଚାରିଛକ ଫାଣ୍ଡିକୁ ଥାନା ମାନ୍ୟତା ଦାବି

**ନିମାପଡ଼ା,୨୭।୫(ଡି.ଏନ୍.ଏ):**

ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ନିଆଳି ବ୍ଲକ ମଧ୍ୟସ୍ଥଳରେ ରହିଛି ବ୍ୟବସାୟିକ କେନ୍ଦ୍ର ଚାରିଛକ। ଏହି ଚାରିଛକ ବଜାର କଟକ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାକୁ ସଂଯୋଗ କରୁଛି। ଚାରିଛକ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ୧୯୮୨ ମସିହାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ହୋଇଥିଲା। ଉକ୍ତ ଫାଣ୍ଡି ଅନ୍ତର୍ଗତ ନିମାପଡା ବ୍ଲକର ୭ଟି ଗ୍ରାମପଞ୍ଚାୟତ, ୯୮ଟି ଗ୍ରାମ, ପ୍ରାୟ ୪୦ ହଜାର ଲୋକ ରୁହନ୍ତି। ଫାଣ୍ଡିରେ ଆବଶ୍ୟକ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ଭ୍ୟାନ୍‌ଟିଏ ନ ଥିବାରୁ ଅପରାଧ ନିୟନ୍ତ୍ରଣ ଏବଂ ଅପରାଧୀମାନଙ୍କୁ ଧରିବା, ରାତ୍ରି ପାଟ୍ରୋଲିଂ କରିବା ସମେତ ବିଭିନ୍ନ କାର୍ଯ୍ୟରେ ଘୋର ପ୍ରତିବନ୍ଧକ ପରିଲକ୍ଷିତ ହୋଇଛି। ଏହି ଫାଣ୍ଡିରେ ସମସ୍ୟା ଅନେକ ଥିଲେ ମଧ୍ୟ ସମାଧାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉନାହାନ୍ତି।

ଚାରିଛକଠାରେ ସରକାରୀ ମେଡିକାଲ, ବିଭିନ୍ନ ବ୍ୟାଙ୍କ, ଡାକଘର, ମହିଳା କଲେଜ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମେତ ବହୁ ଘରୋଇ ଓ ସରକାରୀ ଶିକ୍ଷାନୁଷ୍ଠାନଗୁଡିକ ରହିଛି। ଏହି ବଜାର ଦେଇ ପୁରୀ, ଭୁବନେଶ୍ୱର, କଟକ, ପିପିଲି, ଅସ୍ତରଙ୍ଗ, ଗୋପ, କୋଣାର୍କ ଓ ନିମାପଡ଼ା ଅଞ୍ଚଳକୁ ଦୈନିକ ଶତାଧିକ ବସ୍, ଟ୍ରକ୍, କାର୍, ଟ୍ରେକର ଆଦି ଯାତାୟାତ କରୁଛି। ଚାରିଛକ କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ବହୁ ଅପରାଧୀ ବିଭିନ୍ନ ଅଞ୍ଚଳରେ ଅପରାଧ ଘଟାଇ ଏହି ଛକ ଦେଇ ଖସି ପଳାଉଛନ୍ତି। ଫାଣ୍ଡି ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହେଉଛି। ତେଣୁ ଏହି ଜନଗହଳିପୂର୍ଣ୍ଣ ଛକଠାରେ ଏକ ଥାନା ପ୍ରତିଷ୍ଠାର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ ଦୀର୍ଘ ବର୍ଷ ହେବ ଦାବି କରିଆସୁଛନ୍ତି। ଚାରିଛକ ଫାଣ୍ଡିକୁ ଥାନାରେ ପରିଣତ କରାଯିବା ପାଇଁ ପୂର୍ବରୁ ବହୁ ମନ୍ତ୍ରୀ, ବିଧାୟକ, ଏମ୍‌ପି, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ପୋଲିସ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ବିଭିନ୍ନ ସମୟରେ ଅନେକ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଏହି ପ୍ରତିଶ୍ରୁତି ଅଞ୍ଚଳବାସୀଙ୍କ ପାଇଁ ପାଣିର ଗାର ପାଲଟିଛି। ଏହି ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ଆୟତନ, ପରିସୀମା, ଜନସଂଖ୍ୟା, ଭୌଗୋଳିକ ପରିସ୍ଥିତି ଭିତ୍ତିଭୂମି ଦୃଷ୍ଟିରୁ ସମସ୍ତ ଯୋଗ୍ୟତା ରହିଛି। ତେବେ ରାଜ୍ୟ ମୁଖ୍ୟମନ୍ତ୍ରୀ, ଗୃହ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଡିଆଇଜି, ପୁରୀ ଏସ୍‌ପି, ସ୍ଥାନୀୟ ବିଧାୟକ ଏ ଦିଗରେ ଦୃଷ୍ଟିଦେଇ ତୁରନ୍ତ ଉକ୍ତ ଫାଣ୍ଡିକୁ ଥାନାର ମାନ୍ୟତା ଦେବାକୁ ବିହିତ ପଦକ୍ଷେପ ନେବାକୁ ସିପିଆଇ ନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ଶିକ୍ଷାବିତ୍ ଗୋପୀନାଥ କର, ସନ୍ତୋଷ ମିତ୍ର, ବ୍ଲକ ସଭାପତି ସନ୍ତୋଷ ପ୍ରଧାନ, ଯୁବନେତା ମହେନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ସସ୍ମିତା ନାୟକ, ସରପଞ୍ଚ ଗୁରୁଲତା ବେହେରା, ସମିତି ସଭ୍ୟା ସୁନୀତା ସିଂ ପ୍ରମୁଖ ଦୃଢ଼ ଦାବି କରିଛନ୍ତି। ମନ୍ତ୍ରୀ, ବିଧାୟକ, ଏମ୍‌ପି, ରାଜନେତାମାନଙ୍କ ଇଚ୍ଛାଶକ୍ତି, ଆନ୍ତରିକ ଉଦ୍ୟମ ଅଭାବ ଯୋଗୁ ଚାରିଛକ ଫାଣ୍ଡି ଥାନାର ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି ବୋଲି ସ୍ଥାନୀୟ ଅଞ୍ଚଳର ସନ୍ତୋଷ ବେହେରା କହିଛନ୍ତି। ଏ ନେଇ ଆଇଆଇସି ଶଙ୍କର୍ଷଣ ଦଳେଇ ଏବଂ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କୁ ପଚାରିବାରୁ ଫାଣ୍ଡିକୁ ଥାନାର ମାନ୍ୟତା ଦିଆଯିବା ସମ୍ପର୍କରେ ଆବଶ୍ୟକ ରିପୋର୍ଟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଛନ୍ତି ବୋଲି କହିଛନ୍ତି।

- ଫାଣ୍ଡିରେ ନାହିଁ ଗାଡ଼ି
- କର୍ମଚାରୀ ଅଭାବ

## ରଥଖଳାରୁ

# ୩ ରଥର ୩୯ ଚକ ନିର୍ମାଣ ଶେଷ



**ପୁରୀ ଅଫିସ, ୨୮।୫**

ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନିରଥର ମୋଟ ୪୨ଟି ଚକରୁ ୩୯ଟି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତିନିରଥର ଆଉ ଗୋଟିଏ ଚକ ନିର୍ମାଣ ବାକି ଅଛି। ଉକ୍ତ ତିନିଟି ଚକ ପାଇଁ ୧୬ଟି ଲେଖାଏ ଅର ପଟାରେ ଅର କାର୍ଯ୍ୟ ସରିଛି। ଉକ୍ତ ତିନିଟି ଚକ ନିର୍ମାଣ ପାଇଁ ୧୨ଟି ପଇ କଟକ ସ, ମିଲ୍‌ରୁ ଆସିଲା ପରେ ପଇବିନ୍ଧ ହେଲେ ସମ୍ପୂର୍ଣ୍ଣ ଚକ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ। ତାଳଧ୍ୱଜ ରଥର ୧୩ଟି ଚକ ନିର୍ମାଣ ସରିଛି। ଏଥିସହ ଚାରି ନାହାକା ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପୋଟଳ ଖମ୍ବା, ପୋଟଳ ପାରେଣି ନିର୍ମାଣ ନିମନ୍ତେ ୬ଟି କାଠ ରଥ ଅମିନ ଭୋଇ ଯୋଗାଇ ଦେଇଛନ୍ତି। ଦେବଦଳନ ରଥର ୧୧ଟି ଚକ ନିର୍ମାଣ ସରିଛି । ଶେଷ ଚକ ନିର୍ମାଣ ନିମନ୍ତେ ୧୬ଟି ଅରପଟାରେ ଅର ମୁହା ସାଲ ହୋଇଛି। ଏତଦ୍‌ବ୍ୟତୀତ ଦୁଇଟି ଚାରି ନାହାକାର ଚଉପଟ ଶେଷ ହୋଇ ତାର ଆଠ କୋଣୀ ଅଂଶ ନିର୍ମାଣ ସରିଛି। ଏଥିସହ ଚଉଦ ନାହାକା ନିର୍ମାଣ ପାଇଁ ୪ଟି ନାହାକାର ଚଉପଟ କାର୍ଯ୍ୟ ଆରମ୍ଭ ହେଉଛି। ନନ୍ଦିଘୋଷ ରଥର ୧୬ ଟି ଚକରୁ ୧୫ଟି ନିର୍ମାଣ ସରିଛି। ଏଥିସହ ପୋଟଳ ଖମ୍ବା, ପୋଟଳ ପାରେଣି, ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତିନିରଥର ରୂପକାର ସେବକମାନେ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ କରିଥିବା ଛଅ, ଛଅ ଗୋଟି ସାଲ ଗୁଜରେ ସିଂହ ବିରାଳ ରୂପ ଖୋଦେଇର ପଲିସ୍ କାର୍ଯ୍ୟ ସହ ଚାରି ଚାରିଟି ତିଖ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ତିନିରଥର ଓଝା ସେବକମାନେ ତିନିରଥ ପାଇଁ ଘଡି ମୁହଁ– ଦଣ୍ଡା କଣ୍ଟା ଏବଂ ଦଣ୍ଡା ବିଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ସଂକ୍ଷେପରେ

### ସଂସ୍କୃତି ପ୍ରଚାରକ ଭାବେ ଶ୍ୟାମପ୍ରକାଶ ସେନାପତି ସମ୍ବର୍ଦ୍ଧିତ

ପୁରୀ ଅଫିସ ୨୮।୫ - ୭୫ତମ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭୁବନେଶ୍ୱର ରାଜଭବନର ଅଭିଷେକ ସମ୍ମିଳନୀ କକ୍ଷରେ ସଫଳ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ ସହିତ ଆଲୋଚନା କାର୍ଯ୍ୟକ୍ରମ ସଂକଳ୍ପରୁ ହିଁ ସିଦ୍ଧି ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୧୦ଜଣ ପ୍ରତିଭା ଜୀବନଯାତ୍ରା, ଅନୁଭବ ଓ ଉପଲବ୍ଧି କହିଥିଲେ। ଏହି ଆଲୋଚନାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଥିଲେ, ନିଜ କର୍ତ୍ତବ୍ୟ ଓ ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରିବା ହିଁ ଈଶ୍ୱର ଆରାଧନା। ଏହି କାର୍ଯ୍ୟକ୍ରମରେ ସଂସ୍କୃତି ପ୍ରଚାରକ ଭାବେ ପୁରୀର ଶ୍ୟାମପ୍ରକାଶ ସେନାପତି ଯୋଗଦେଇ ନିଜର ସାରସ୍ୱତ କୃତୀ ବିଷୟରେ କହିଥିଲେ। ଏହି ଅବସରରେ ରାଜ୍ୟପାଳ ସେନାପତିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭବିଷ୍ୟତରେ ଏପରି କାର୍ଯ୍ୟ କରିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ଏଥିସହ ସଂଗ୍ରହ କରିଥିବା ସମସ୍ତ ଉପଯୋଗୀ ମୁଦ୍ରା, ବ୍ୟାଜ୍, ସମ୍ବାଦପତ୍ର କଟିଂ ଓ ବିରଳ ଫଟୋଚିତ୍ର ଆଦିର ସାର୍ବଜନୀନ ପ୍ରଦର୍ଶନୀ ଆୟୋଜନ କରିବା ସହିତ ଏହାକୁ ଏକ ସଂଗ୍ରହାଳୟରେ ସୁରକ୍ଷିତ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ ଉପସ୍ଥିତ ଥିଲେ।

### ଏସ୍‌ସିଏସ୍ ମହାବିଦ୍ୟାଳୟର ପରିଚାଳନା କମିଟି ବୈଠକ

ପୁରୀ ଅଫିସ,୨୮।୫: ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ(ଏସ୍‌ସିଏସ୍)ରେ ୨ୟ ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅଧକ୍ଷା ସୁଜାତା ମିଶ୍ର ଅଧକ୍ଷତା କରିଥିଲେ। ବୈଠକରେ ମହାବିଦ୍ୟାଳୟର ବିକାଶ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଏବଂ ମହାବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ମୋ କଲେଜ ଅଭିଯାନରେ ଯୋଡିବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଲକ୍ଷ୍ମୀଧର ମିଶ୍ର, ପୂର୍ବତନ ଉପାଧକ୍ଷ ଡ. ଶଙ୍କର୍ଷଣ ଦାସ, ଶିଳ୍ପପତି ରାଜକିଶୋର ପାତ୍ର, ପ୍ରଫେସର ରାମକୃଷ୍ଣ ପତି, ପ୍ରଫେସର ମିହିର ପ୍ରସାଦ ମିଶ୍ର, ଭୁବନେଶ୍ୱର ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

### ବାଲିପାଟଣାରେ ବୋମାମାଡ଼, ଜଣେ ଗିରଫ

ପୁରୀ ଅଫିସ,୨୮।୫- ପେଣ୍ଠକଟା ମେରାଇନ ଥାନା ଅଧୀନ ବାଲିପାଟଣା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାଲିପାଟଣା ଗ୍ରାମର କୈଳାସ ସ୍ୱାଇଁ (୫୪)। ଏ ନେଇ ପୋଲିସ ଏକ ମାମଲା(ନଂ. ୫୨/୨୨ରେ ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ବାଲିପାଟଣା ଗ୍ରାମର ସୂର୍ଯ୍ୟକାନ୍ତଙ୍କ ପାନ ଦୋକାନରେ ସେହି ଗ୍ରାମର କେତେଜଣ ଯୁବକ କିଛି ଜିନିଷ ନେଇ ଖାଉଥିଲେ। ତେବେ ଦୋକାନୀ ସେମାନଙ୍କୁ ବାକି ଟଙ୍କା ମାଗିବାରୁ ବଚସା ହୋଇଥିଲା। ଘଟଣା ବିଷୟରେ ଜାଣି ସୂର୍ଯ୍ୟକାନ୍ତଙ୍କ ବାପା ପ୍ରଥମେ ପୋଲିସ ପରେ ଗାଁ ସଭାପତିଙ୍କୁ ଜଣାଇଥିଲେ। ବିଳମ୍ବିତ ରାତିରେ ସୂର୍ଯ୍ୟକାନ୍ତଙ୍କ ଘର ପାଖରେ କେହି ଦୁର୍ବୃତ୍ତ ବୋମାମାଡ କରିଥିଲେ। ଏଥିରେ ୩ଜଣ ଆହତ ହୋଇଥିବାବେଳେ ଘଟଣା ସମ୍ପର୍କରେ ସୂର୍ଯ୍ୟକାନ୍ତଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି କୈଳାସଙ୍କୁ ଗିରଫ କରିଥିଲେ। ଏ ନେଇ ଥାନା ଅଧିକାରୀ ଜ୍ଞାନେନ୍ଦ୍ର ସ୍ୱାଇଁଙ୍କ କହିବା ଅନୁଯାୟୀ ବୋମା ନୁହେଁ ଇଟା ମାଡ଼ ହୋଇଛି।




ବଡ଼ଶଙ୍ଖସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ ।

# ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସମ୍ମିଳନୀ

**ପୁରୀ ଅଫିସ,୨୮।୫**

ସର୍ବଭାରତୀୟ ଶ୍ରମିକ ସଂଗଠନ ଏଆଇଟିୟୁସି ସହବନ୍ଧିତ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ତୃତୀୟ ରାଜ୍ୟ ସମ୍ମିଳନୀ ଶନିବାର ସ୍ଥାନୀୟ ବଡ଼ଶଙ୍ଖସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ସଦସ୍ୟ ପ୍ରଶାନ୍ତ ପାଇଯୋଶୀ, ବିଦ୍ୟାଧର ମହନ୍ତ ଓ ଗୌରାଙ୍ଗ ପାଣିଗ୍ରାହୀ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ସମ୍ମିଳନୀକୁ ଉଦ୍‌ଘାଟନ କରି ନିର୍ମାଣ ଶ୍ରମିକଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପଞ୍ଜୀକରଣ ସହାୟତା ପ୍ରଦାନ ଓ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିକୁ ରାଜନୈତିକ ଉଦ୍ଦେଶ୍ୟରେ ଅପବ୍ୟବହାର ବନ୍ଦ କରିବା ପାଇଁ ଦାବି କରିଥିଲେ। କେନ୍ଦ୍ର ସରକାର ତୁରନ୍ତ ଶ୍ରମିକ ବିରୋଧୀ ଶ୍ରମ କୋଡ ପ୍ରତ୍ୟାହାର କରିବା ସହ ଦରଦାମ୍ ଓ ବେକାରି ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ କହିଥିଲେ। ସମ୍ମିଳନୀରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ମହେଶ୍ୱର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଏକ ମିଳିତ ଆନ୍ଦୋଳନ ଜରୁରୀ ବୋଲି ମତ ରଖିଥିଲେ। ସମ୍ମିଳନୀରେ ଶ୍ରମିକ ନେତା ବ୍ରଜବନ୍ଧୁ ପ୍ରଧାନ, ଚିନ୍ମୟୀ ସାହାଣୀ, ନେତା ଗୌରାଙ୍ଗ ପାଣିଗ୍ରାହୀ, ବାବାଜୀ ଧଳ, ଏନ୍ ଗୋପାଳ, ପାଣ୍ଡବ ଭୋଇ, ମାୟାଧର ନାୟକ,ମଳୟ ପଣ୍ଡା ,ବିଦ୍ୟୁଲତା ପୃଷ୍ଟି ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସନ୍ତା ବର୍ଷ ପାଇଁ ସଂଘ ପରିଚାଳନା ନିମିତ୍ତ ୫୧ଜଣିଆ ରାଜ୍ୟ ପରିଷଦ ନିର୍ବାଚିତ ହୋଇଥିଲେ।

# ପୋଖରୀ ଖୋଳାକୁ ନେଇ ଉତ୍ତେଜନା

**ଗୋପ,୨୮।୫(ଡି.ଏନ୍.ଏ.):**

ଗୋପ ବ୍ଲକ ଅନ୍ତର୍ଗତ ଡଭାର ଓ ରାହାଙ୍ଗୋରଡା ପଞ୍ଚାୟତର ଓଲଣ୍ଡି ଛକ ନିକଟରେ ଶନିବାର ଗୋଟିଏ ପୋଖରୀ ଖୋଳାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଏହି ସମୟରେ ଗୋଟିଏ ଗୋଷ୍ଠୀର କେତେଜଣ ମହିଳା ଜେସିବି ମେଶିନ ଆଗରେ ଶୋଇପଡ଼ିଥିଲେ। ଫଳରେ ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିବାବେଳେ ପରେ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ୪/୫ ବର୍ଷ ପୂର୍ବରୁ ଓଲଣ୍ଡି ଛକ ନିକଟରେ ଥିବା ଏକ ପଞ୍ଚାୟତ ପୋଖରୀକୁ ବେଆଇନ ଭାବେ ପୋତି ଦିଆଯାଇଥିଲା। ଏହି ପୋଖରୀକୁ ପୁନରୁଦ୍ଧାର କରିବା ନିମନ୍ତେ ଗୋଟିଏ ଗୋଷ୍ଠୀ ଖୋଳିବାକୁ ନେଇ ଜେସିବି ଆଣିଥିଲେ। ମାତ୍ର ଅନ୍ୟ ଏକ ଗୋଷ୍ଠୀର କେତେଜଣ ଲୋକ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ହାତାହାତି ହୋଇଥିଲେ। ପରିସ୍ଥିତି ଉତ୍ତେଜନା ହେବାରୁ ପୋଲିସ ପହଞ୍ଚି ୨ଗୋଷ୍ଠୀ ଲୋକଙ୍କୁ ବୁଝାଶୁଝା କରିବା ସହ ମାପଚୁପ ହେବା ପରେ ଯାହା ନିଷ୍ପତ୍ତି ହେବ ସେହି ଅନୁଯାୟୀ କାର୍ଯ୍ୟ ହେବ ବୋଲି କହିବା ପରେ ଶାନ୍ତ ହୋଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ଥାନାଧିକାରୀ କାଳନ୍ଦୀ ବେହେରା ତଦନ୍ତ ଆରମ୍ଭ ହୋଇଥିବା କହିଛନ୍ତି।



ଉତ୍ତ୍ୟକ୍ତ ଲୋକମାନଙ୍କୁ ପୋଲିସ ବୁଝାଶୁଝା କରୁଛନ୍ତି ।

## ସାରଙ୍ଗଯୋଡ଼ି ରାସ୍ତାର ଉନ୍ନତୀକରଣ ଶିଳାନ୍ୟାସ

**ସାକ୍ଷୀଗୋପାଳ,୨୮।୫(ଡି.ଏନ୍.ଏ):**

ସାରଙ୍ଗଯୋଡି ରାସ୍ତାର ଉନ୍ନତୀକରଣ ନିମନ୍ତେ ଶନିବାର ଏହାର ଶିଳାନ୍ୟାସ କରାଯାଇଛି। ଏହାକୁ ପୁରୀ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏଥିରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ ପଣ୍ଡା, ଉପାଧକ୍ଷା ନିବେଦିତା ପାତ୍ର, ବିଜେଡି ରାଜ୍ୟ ପରିଷଦ ସଭ୍ୟା ବିଜନ ମହାପାତ୍ର, ବ୍ଲକ ସଭାପତି ପ୍ରମୋଦ ରାଉତରାୟ, ସହକାରୀ ନିର୍ବାହୀଯନ୍ତ୍ରୀ ଶଶିଭୂଷଣ ମହାନ୍ତି, ସହକାରୀ ଯନ୍ତ୍ରୀ ମନୋଜ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୩ କୋଟି ୭୩ ଲକ୍ଷ ୮୮ ହଜାର ଟଙ୍କା ବ୍ୟୟ ଅଟକଳରେ ୬. ୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରାସ୍ତା ତିଆରି କରାଯିବ।

## ଆମ ପୋଲିସ କାର୍ଯ୍ୟକ୍ରମ

**ଅସ୍ତରଙ୍ଗ,୨୮।୫(ଡି.ଏନ୍.ଏ.):**

କାକଟପୁର ଅସ୍ତରଙ୍ଗ ଥାନା ପରିସରରେ ଶନିବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାକଟପୁର ଥାନା ଅଧିକାରୀ ପ୍ରିୟରଞ୍ଜନ ନାୟକ ଓ ଅସ୍ତରଙ୍ଗ ଥାନା ଅଧିକାରୀ ବାମଦେବ ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାକଟପୁର ଅସ୍ତରଙ୍ଗ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ମହିଳା, ଜନପ୍ରତିନିଧିମାନେ ଯୋଗଦେଇଥିଲେ। ପୋଲିସ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ କିଭଳି ଭାବେ ସୁସମ୍ପର୍କ ରହିପାରିବ ସେ ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ପ୍ରିୟରଞ୍ଜନ ଏବଂ ବାମଦେବଙ୍କ ଏପରି କାର୍ଯ୍ୟ ପାଇଁ କାକଟପୁରବାସୀ ଓ ଅସ୍ତରଙ୍ଗବାସୀ ଗୌରବାନ୍ୱିତ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଥିଲେ। ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ ଦେବାଶିଷ ମିଶ୍ର, ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ବାଙ୍ଗୁରିଗାଁ ଉପଖଣ୍ଡ ମେଡିକାଲ ଅଧିକାରୀ ଡ. ଆଶିଷ ମହାପାତ୍ର, କୁଣ୍ଢେଇ ସରପଞ୍ଚଙ୍କ ପ୍ରତିନିଧି ବିପିନ ଦାସ, ପୂର୍ବତନ ଶିକ୍ଷା ଅଧିକାରୀ କୈଳାସ ଦାଶ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ବିମ୍ୟାଧର ବିଶ୍ୱାଳ, କାକଟପୁର ପ୍ରେସ୍ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ପୁରୀ ଜିଲା ଶାଖା ସଭାପତି ଶରତଚନ୍ଦ୍ର ପରିଡ଼ା ଓ ଅନ୍ୟ ଗଣମାଧମ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଓଡ଼ିଶା ସୂଚନା ଆୟୁକ୍ତ ଓ ମାନବାଧିକାର ଆୟୁକ୍ତରେ ଭିଡିଓ କନ୍‌ଫରେନ୍ସ ଶୁଣାଣି ଦାବି

**ପୁରୀ ଅଫିସ,୨୮।୫:**

ଓଡ଼ିଶା ସୂଚନା ଆୟୁକ୍ତ ଓ ଓଡ଼ିଶା ମାନବାଧିକାର ଆୟୁକ୍ତଙ୍କର ହେଉଥିବା ଶୁଣାଣିକୁ ଭିଡିଓ କନ୍‌ଫରେନ୍ସରେ କରିବା ପାଇଁ ଦାବି ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଗତ ୨୬ ତାରିଖରେ ଡିପାର୍ଟମେଣ୍ଟ ଅଫ ଜେନେରାଲ ଆଡମିନିଷ୍ଟ୍ରେସନ୍ ଓ ପବ୍ଲିକ୍ ଗ୍ରିଭାନ୍‌ସେସ୍ସରେ ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଅଭିଯୋଗ ଦାଖଲ କରିଛନ୍ତି। ପ୍ରାୟ ସମୟରେ ଅଭିଯୋଗକାରୀ ଅଭିଯୋଗ ଶୁଣାଣିରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବା ସମ୍ଭବପର ହେଉ ନାହିଁ। ଫଳରେ ଅଭିଯୋଗକାରୀଙ୍କ ଅନୁପସ୍ଥିତିରେ ମାମଲାରୁ ଶୁଣାଣି ହେଉଛି। ଅନେକ ସମୟ କମିଶନର ଅନୁପସ୍ଥିତ ମଧ୍ୟ ରହୁଛନ୍ତି। ଏଣୁ ଉଭୟ ସମୟ ଓ ଅର୍ଥ ବରବାଦ ହେଉଛି। ଏଣୁ ଭିଡିଓ କନଫରେନ୍ସରେ ଶୁଣାଣି ହେଲେ ଅଭିଯୋଗକାରୀ ଘରେ ବସି ଯୁକ୍ତି ଉପସ୍ଥାପନ କରିପାରିବେ। ଫଳରେ ନ୍ୟାୟିକ ଶୁଣାଣି ହୋଇପାରିବ। ସେହିଭଳି ସୂଚନା ଆୟୁକ୍ତ କ୍ଷେତ୍ରରେ ମଧ ସମସ୍ୟା ଜଟିଳ ହେଉଛି। ପ୍ରଥମ ଆବେଦନରେ ତଥ୍ୟ ନ ମିଳିଲେ, ୨ୟ ଆବେଦନରେ କଳାହାଣ୍ଡି ଓ କୋରାପୁଟର ଲୋକେ ଭୁବନେଶ୍ୱର ଆସିବା ସମ୍ଭବପର ନୁହେଁ। ଗୋଟିଏ ପଟେ ସରକାର ୧୦ଟଙ୍କାରେ ସୂଚନା ମିଳିବା ନେଇ ଦାବି କରୁଥିବା ବେଳେ ବାସ୍ତବରେ ଲୋକଙ୍କୁ ସୂଚନା ପାଇଁ ହନ୍ତସନ୍ତ ହେବାକୁ ପଡୁଛି। ଏଣୁ ରାଜ୍ୟ ସରକାର ସୂଚନା ଆୟୁକ୍ତଙ୍କ ଶୁଣାଣିକୁ ଭିଡିଓ କନଫରେନ୍ସରେ କରାନ୍ତୁ। ସେହିଭଳି ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ମଧ ଭିଡିଓ କନ୍‌ଫରେନ୍ସରେ ଶୁଣାଣି ହେଉଛି। ଏଣୁ ଓଡ଼ିଶା ସୂଚନା ଆୟୁକ୍ତ ଓ ଓଡ଼ିଶା ମାନବାଧିକାର ଆୟୁକ୍ତଙ୍କ କ୍ଷେତ୍ରରେ ସମାନ ଆଇନ ଲାଗୁ କରିବା ପାଇଁ ସୂଚନା ଅଧିକାରୀ ଦାଶ ଅପିଲ୍ କରିଛନ୍ତି।




ପୁରୀକୁ ଅପରାଧମୁକ୍ତ କରିବା ପାଇଁ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ଓ ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତଙ୍କ ଉପସ୍ଥିତିରେ ଶନିବାର ଆମ ପୋଲିସ ସମିତି ବୈଠକ ।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନାବରଣ

**ସାକ୍ଷୀଗୋପାଳ,୨୮।୫(ଡି.ଏନ୍.ଏ):**

ସତ୍ୟବାଦୀ ବ୍ଲକ ସୁକଳ ଗ୍ରାମର ତୃତୀୟା ଦେବ ନୋଡାଲ ବିଦ୍ୟାନିକେତନ ପ୍ରାଙ୍ଗଣରେ ଶନିବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଜରିଆରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ମଣ୍ଡପ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଚେୟାରମ୍ୟାନ ସୁନୀଲ ପଣ୍ଡା, ଗୋପବନ୍ଧୁ ମିଶନର ସଭାପତି ଡ. ଚିତରଞ୍ଜନ ମିଶ୍ର, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଣବ କୁମାର ମିଶ୍ର ପରିଚାଳନା କରିଥିଲେ।

## ‘ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଅ’

**ପୁରୀ ଅଫିସ,୨୮।୫**

ମାର୍କଣ୍ଡେଶ୍ୱର ସାହିସ୍ଥିତ ବୁଢ଼ୀ ମା’ ତୋଟା ପରିସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରମୁଖ ଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର ଓ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅତିଥିଙ୍କ ଉପସ୍ଥିତିରେ ବିଭିନ୍ନ ଦଳରେ ଥିବା ଶତାଧିକ କର୍ମୀ ଦଳ ଛାଡି ବିଜେଡିରେ ଯୋଗଦେଇଛନ୍ତି। ଏଥିସହ ପୁରୀ ପୌରପାଳିକା ଅନ୍ତର୍ଗତ ୧, ୨, ୧୬ ଏବଂ ୧୭ ନଂ. ୱାର୍ଡର ଶତାଧିକ ବାସିନ୍ଦା ବିଭିନ୍ନ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ବିଜୁ ଜନତା ଦଳକୁ ଅଧିକ ମଜଭୁତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଅତିଥିମାନେ କହିଥିଲେ। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣ ପଣ୍ଡା, ଭକ୍ତଚରଣ ଦାସ, ଶାନ୍ତିଲତା ପ୍ରଧାନ, ବିନୋଦିନୀ ଦାସ, ସବ୍ୟସାଚୀ ମହାପାତ୍ର, ସୁନୀଲ ମହାନ୍ତି, ନେତା ରବି ନାରାୟଣ ସାନ୍ତରା, ବାପିନ ଶତପଥୀ, ଶକ୍ତି ରଥ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁନୀଲ ମହାନ୍ତି ଧନ୍ୟବାଦ ଦେଇଥିଲେ।



ମାର୍କଣ୍ଡେଶ୍ୱର ସାହିସ୍ଥିତ ବୁଢ଼ୀ ମା’ ତୋଟାରେ ଅନୁଷ୍ଠିତ ବିଜେଡି ମିଶ୍ରଣ ପର୍ବରେ ଉପସ୍ଥିତ ଅତିଥି ।

# ଘର ଉପରେ ମାଡ଼ିଗଲା କାର୍, ୪ ଗୁରୁତର

**ଗୋପ,୨୮।୫(ଡି.ଏନ୍.ଏ.):**

ପୁରୀ ଜିଲା ଗୋପ– ବାଲିଘାଇ ରାସ୍ତାର ସୁବର୍ଣ୍ଣପୁର ଛକ ନିକଟରେ ଶନିବାର ଏକ କାର୍ ଭାରସାମ୍ୟ ହରାଇ ଗୋଟିଏ ଘର ଉପରେ ମାଡ଼ିଯାଇଥିଲା। ଫଳରେ ଉକ୍ତ ଘରେ ରହୁଥିବା ପଞ୍ଚୁ ବେହେରା(୭୦), ତାଙ୍କ ସ୍ତ୍ରୀ ସୁଶୀଳା ବେହେରା(୬୫), ପୁଅ ଭାଗ୍ୟର ବେହେରା(୪୦), ବୋହୂ ମିନତୀ ବେହେରା ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତମାନଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସରେ ଆଣିଥିଲେ। ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରିଥିଲେ। ଅନ୍ୟପଟେ ସ୍ଥାନୀୟ ଅଞ୍ଚଳରେ କେତେଜଣ ଯୁବକ କାର୍ ଡ୍ରାଇଭର କାହ୍ନୁଚରଣ ବେହେରାଙ୍କୁ ବାନ୍ଧି ମାଡ଼ ମାରିଥିଲେ। ଖବରପାଇ ଗୋପ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ କାର୍‌କୁ ଜବତ କରିଛି। ପ୍ରକାଶ ଯେ, ଅପରାହ୍ନରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଡ଼ାରେ ଲାଗିଥିବା ଉକ୍ତ କାର୍(ନଂ.ଓଡି ୧୩ ଏଚ ୯୪୦୦)ଟି ପୁରୀ ଯାଉଥିବାବେଳେ ସୁବର୍ଣ୍ଣପୁର ଛକ ନିକଟରେ ହଠାତ୍ ଭାରସାମ୍ୟ ହରାଇ ନିକଟସ୍ଥ ଘର ଉପରେ ମାଡ଼ିଯାଇଥିଲା। ଗରମ ଯୋଗୁ ବାହାରେ ବସିଥିବା ଏହି ପରିବାର ସଦସ୍ୟ ଆହତ ହୋଇଥିଲେ। ଏପରିକି କାର୍ ଚଢ଼ିଯିବାରୁ ଘର ନିକଟରେ ଥିବା ଗୋଟିଏ ବାଇକ୍ ମଧ୍ୟ ଭାଙ୍ଗି ରୁଜି ଯାଇଛି। ଦୁର୍ଘଟଣା ନେଇ ଏକ ଅଭିଯୋଗ ହୋଇଥିବା ବେଳେ ଡ୍ରାଇଭରଙ୍କୁ ମାଡ ଘଟଣାରେ ମଧ୍ୟ କାର୍ ମାଲିକ ଓ ଡ୍ରାଇଭର ୨ଟି ଅଭିଯୋଗ କରିଛନ୍ତି। ଅନ୍ୟପଟେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଏକ ଘରୋଇ ଗାଡ଼ି କିପରି ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟରେ ଲାଗିଛି ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆହତମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗଣେଶ୍ୱରପୁର ପଞ୍ଚାୟତର ସମିତି ସଭ୍ୟ ତଥା ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁ, ଦେବବ୍ରତ ସାହୁ, କରୁଣାକର ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଗୋପ ଥାନାଧିକାରୀ କାଳନ୍ଦୀ ବେହେରା କହିଛନ୍ତି, ୩ଟି ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚାଲୁ ରହିଛି।




ଦୁର୍ଘଟଣାଗ୍ରସ୍ତ କାର ।



ବନ୍ଧା ହୋଇଥିବା ଡ୍ରାଇଭର ।

### ଡ୍ରାଇଭରଙ୍କୁ ବାନ୍ଧି ପିଟିଲେ ଗ୍ରାମବାସୀ

## ଅର୍ଥନୀତି ଓ ବାଣିଜ୍ୟର ଉପକାରିତା ଶୀର୍ଷକ ଆଲୋଚନାଚକ୍ର

ବାଙ୍କୀ,(ସ୍ୱ.ପ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ସ୍ନାତକୋତ୍ତର ବିଭାଗ ଆନୁକୂଲ୍ୟରେ ଶନିବାର 'ଏକବିଂଶ ଶତାବ୍ଦୀରେ ଅର୍ଥନୀତି ଓ ବାଣିଜ୍ୟର ଉପକାରିତା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ରାଜକିଶୋର ପାଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ ବଂଶୀଧର ଗଡତ ଯୋଗଦେଇ ଅର୍ଥନୀତି ଓ ବାଣିଜ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ମନୋଜ ମହାପାତ୍ର ସ୍ୱାଗତ ଭାଷଣ ଓ ନିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସମୀର କୁମାର ମହାପାତ୍ର, ଯୁଗଳ କିଶୋର ମଣ୍ଡଳ, ସୁଦୀପ୍ତା ପରିଡ଼ା, ଚିନ୍ମୟ ଚିତ୍ତରଞ୍ଜନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ସଂକ୍ଷେପରେ

## ସରପଞ୍ଚ ନିର୍ବାଚନ: ମିନତି ସେଠୀ ବିଜୟୀ

**କଟକ ସଦର,୨୮।୫(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ା ପଞ୍ଚାୟତ ସରପଞ୍ଚ ନିର୍ବାଚନରେ ମିନତି ସେଠୀ ବିଜୟୀ



ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅନ୍ନପୂର୍ଣ୍ଣା ସାହୁଙ୍କୁ ୮୭୧ ଖଣ୍ଡ ଭୋଟ୍‌ରେ ପରାଜିତ କରିଛନ୍ତି। ଶନିବାର କଟକ ସଦର ବ୍ଲକ ପରିସରରେ ଭୋଟ ଗଣତି କରାଯାଇଥିଲା। ମିନତି ୧୫୩୩ ଖଣ୍ଡ ଭୋଟ୍ ପାଇଥିବାବେଳେ ଅନ୍ନପୂର୍ଣ୍ଣା ୬୬୨ ଖଣ୍ଡ ଭୋଟ୍ ପାଇଥିଲେ। ଅନ୍ୟ ଦୁଇ ପ୍ରାର୍ଥିନୀଙ୍କ ଅମାନତ ଚାଲିଯାଇଛି। ଶୀଘ୍ର ନୂଆ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯିବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ରାଜୀବ ଲୋଚନ ପରିଡ଼ା ସୂଚନା ଦେଇଛନ୍ତି।

## 'ଓଡ଼ିଶାରେ ପ୍ରାକୃତିକ ସମ୍ପଦ ମହଜୁଦ ରହିଛି'

**କଟକ ଅଫିସ, ୨୮।୫:** ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ୩୫୩ତମ ପାଠଚକ୍ର 'ବିଦ୍ୟୁତ୍ ଶକ୍ତି ଓ ଗ୍ରାହକଙ୍କ ଚିନ୍ତା' ଶୀର୍ଷକ ମାସିକ ଆଲୋଚନାଚକ୍ର ପ୍ରଜାତନ୍ତ୍ର ସଭାଗୃହଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଂଯୋଜକ ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଥିଲେ, ଓଡ଼ିଶାରେ ପ୍ରାକୃତିକ ସମ୍ପଦ ମହଜୁଦ ରହିଛି। ଶକ୍ତି କ୍ଷେତ୍ରରେ ମଧ୍ୟ ଏକ ସୁବିଧାଜନକ ସ୍ଥିତିରେ ଅଛି। ହେଲେ ପରିଚାଳନାଗତ ତ୍ରୁଟି ଯୋଗୁ ସାଧାରଣ ଖାଉଟି ହନ୍ତସନ୍ତ ହେଉଛନ୍ତି ବୋଲି ସେ କରିଥିଲେ। ଆଇନଜୀବୀ ସୌମେନ୍ଦ୍ର ଘୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଇନଜୀବୀ ରୋହିଣିକାନ୍ତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ତୋଷ କୁମାର ପତି ଧନ୍ୟବାଦ ଦେଇଥିଲେ।

## ଶୈଳବାଳା କଲେଜରେ ବାର୍ଷିକ ଆଲୋଚନାଚକ୍ର

**କଟକ ଅଫିସ, ୨୮।୫:** କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେଞ୍ଚୁରିଅନ ୟୁନିଭର୍ସିଟିର ପ୍ରଫେସର ଡ. ଶିବପ୍ରସାଦ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତରେ ବନ୍ୟଜନ୍ତୁଙ୍କ ଦୃଷ୍ଟିକୋଣ ଉପରେ କହିଥିଲେ। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ପ୍ରୀତିପ୍ରଜ୍ଞା ରାୟ ସ୍ୱାଗତ ଭାଷଣ, ଆସିଷ୍ଟାଣ୍ଟ ପ୍ରଫେସର ଶିବାନୀ ଦାଶ ପ୍ରାରମ୍ଭିକ ସୂଚନା ଓ ଯୁକ୍ତ ୩ ସେମିନାର ସେକ୍ରେଟାରୀ ଶୁଭଲକ୍ଷ୍ମୀ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଏକ ସେମିନାର ବୁଲେଟିନ୍ ଉନ୍ମୋଚିତ ହୋଇଥିଲା। ଯୁକ୍ତ ୩ ଶେଷବର୍ଷ ଛାତ୍ରୀ ଶାଶ୍ୱତୀ ମିଶ୍ର ମଞ୍ଚ ପରିଚାଳନା ଓ ଆସିଷ୍ଟାଣ୍ଟ ପ୍ରଫେସର ସୁରେଶ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ପ୍ରଫେସର ସଞ୍ଜୟ ନାୟକ ପାଇବେ ପ୍ରାଣକୃଷ୍ଣ ପରିଜା ସମ୍ମାନ

**କଟକ ଅଫିସ,୨୮।୫:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଚଳିତବର୍ଷର ମର୍ଯ୍ୟାଦାଜନକ 'ପ୍ରାଣକୃଷ୍ଣ ପରିଜା ସମ୍ମାନ'



ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରଫେସର ପରିଜା ମେମୋରିଆଲ ସୋସାଇଟି ପକ୍ଷରୁ ଆସନ୍ତା ଜୁନ୍ ୨ ତାରିଖରେ କଟକ ସାରଳା ଭବନଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଡ. ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏ ସମ୍ପର୍କରେ ଅନୁଷ୍ଠାନ ପକ୍ଷରୁ ଶନିବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଜ୍ଞାନପ୍ରେମୀ ଜନସାଧାରଣ ଯୋଗ ଦେବା ପାଇଁ ଅନୁଷ୍ଠାନର ସଭାପତି ଡ. ପ୍ରଭାକର ସ୍ୱାଇଁ, ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ଓ ଉପସଭାପତି ସଞ୍ଜିତ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଡ. ନାୟକ ପଲିମର ବିଜ୍ଞାନ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ନାୟକଙ୍କ ଦ୍ୱାରା ରଚିତ ୫୦୦ ନିବନ୍ଧ ଏବଂ ୩୦ଟି ଗବେଷଣାତ୍ମକ ଗ୍ରନ୍ଥ ତାଙ୍କୁ ଅନେକ ଖ୍ୟାତି ଦେଇଛି। ସେ ବିଶିଷ୍ଟ ବୈଜ୍ଞାନିକ ପୁରସ୍କାର, ଶ୍ରେଷ୍ଠ ଫାକଲଟି ପୁରସ୍କାର ପାଇଛନ୍ତି।

# ପାଇଖାନା ତାଲିକାକୁ ନେଇ ସରପଞ୍ଚଙ୍କ ଆପତ୍ତି

**କଟକ ସଦର,୨୮।୫(ଡି.ଏନ୍.ଏ.)**

### କଟକ ସଦର ବ୍ଲକ

■ ସ୍ୱଚ୍ଛ ଭାରତ ଅଭିଯାନରେ ହେବ ୨୯୦୦ ପାଇଖାନା

୨୦୨୨-୨୩ ଆର୍ଥିକ ବର୍ଷରେ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନରେ ୨୯୦୦ ନୂଆ ପାଇଖାନା ନିର୍ମାଣ ହେବ। ଏହି ହିତାଧିକାରୀ ତାଲିକା ବିଦାୟୀ ସରପଞ୍ଚମାନେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସ୍ଥାନୀୟ ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ଦେଇଥିଲେ। ପାଇଖାନା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ଲାଗି ବିଡିଓ ଉକ୍ତ ତାଲିକାକୁ ରାଜ୍ୟ ପଞ୍ଚାୟତିରାଜ ବିଭାଗକୁ ପଠାଇଛନ୍ତି। ହେଲେ ଏହି ତାଲିକା ଉପରେ ଅଧିକାଂଶ ନୂଆ ସରପଞ୍ଚ ଆପତ୍ତି ଉଠାଇଛନ୍ତି। ଏଥିସହ ଉକ୍ତ ତାଲିକା ଦେଖିବା ପାଇଁ ଦାବି କରିଛନ୍ତି। କାରଣ ସେମାନେ ମଧ୍ୟ ନିଜର ସମର୍ଥକମାନଙ୍କର ନାମ ଏଥିରେ ସାମିଲ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିବା ଜଣାପଡିଛି। ୨୦୨୦ ଜନଗଣନା ଆରମ୍ଭ ହୋଇ ନ ଥିବାରୁ ଘର ବିଭାଜନ କରିବା ବ୍ଲକ କର୍ତ୍ତୃପକ୍ଷଙ୍କ କ୍ଷମତା ବାହାରେ ବୋଲି କଳପଡା ଗ୍ରାମର ପୀୟୂଷ ରଞ୍ଜନ ପରିଡ଼ା କହିଛନ୍ତି। ୨୦୧୦ ଜନଗଣନା ସମୟରେ ଉକ୍ତ ବ୍ଲକ ଅଧୀନ ୧୧୬ଟି ରାଜସ୍ୱ ଗ୍ରାମର ଘର ସଂଖ୍ୟା ୩୦, ୬୦୮ ଥିଲା। ଏହି ସଂଖ୍ୟାରେ ଧନୀ ଓ ଗରିବ ପରିବାର ସାମିଲ ଥିଲେ। ୨୦୧୬ରେ ପାଇଖାନା ସର୍ଭେ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା କରାଯାଇଥିଲା। ୨୭ ହଜାରରୁ ଊର୍ଦ୍ଧ୍ୱ ପରିବାର ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇ ପାଇଖାନା ନିର୍ମାଣ କରିଛନ୍ତି। ୨୦୧୮ରେ ଏଥିରେ ଆଉ ୧୫୦୦ ପରିବାରକୁ ସାମିଲ କରାଯାଇଥିଲା। ହେଲେ ଏବେକାର ସର୍ଭେରେ ରାଜନୈତିକ ଉଦ୍ଦେଶ୍ୟ ରଖି କୋଠାବାଡି ଥିବା ଧନୀ ପରିବାର ସଦସ୍ୟଙ୍କୁ ରଖାଯାଇଛି ବୋଲି କଟକ ସଦର ବ୍ଲକ କଂଗ୍ରେସ ସଭାପତି ପ୍ରତାପ ମଲ୍ଲିକ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରତି ରାଜସ୍ୱ ଗ୍ରାମରୁ ୨୫ ଜଣଙ୍କର ନାମ ଦେବା ପାଇଁ କୁହାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏବେକାର ପାଇଖାନା ନିର୍ମାଣ ଦାୟିତ୍ୱ ହିତାଧିକାରୀଙ୍କୁ ଦିଆ ନ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯିବ। ନିର୍ମାଣ କାର୍ଯ୍ୟରେ ବଙ୍ଗୀୟ ରାଜମିସ୍ତ୍ରି ନିୟୋଜିତ ହେବେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ହିତାଧିକାରୀ ତାଲିକା ପଞ୍ଚାୟତ କାର୍ଯ୍ୟାଳୟରେ ଉପଲବ୍ଧ ଥିବାରୁ ସରପଞ୍ଚମାନେ ସେଠାରେ ଦେଖିପାରିବେ ବୋଲି ବିଡିଓ ରାଜୀବ ଲୋଚନ ପରିଡ଼ା କହିଛନ୍ତି। ହେଲେ ତାଲିକାରେ ଅନିୟମିତତା ସମ୍ପର୍କରେ ପରିଡ଼ା କିଛି କହି ନ ଥିଲେ।



କଟକ ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳାର ଶନିବାର ନବମ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ମହୁମାଛି ଆକ୍ରମଣ: ଜଣେ ମୃତ, ୨ ଆହତ

**ବାଙ୍କୀ,୨୮।୫(ସ୍ୱ.ପ୍ର.)**

ଡମପଡା ବ୍ଲକ ପାଥପୁର ପଞ୍ଚାୟତ ଅଞ୍ଚଳର ପାଣ୍ଡବ ବଖରା ଗୁମ୍ଫାରେ ଶନିବାର ମହୁମାଛି ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ସାଙ୍ଗ ଆହତ ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱରସ୍ଥିତ ପଟିଆ ଅଞ୍ଚଳର ଶୁଭେନ୍ଦୁ ସାହୁ। ଆହତମାନେ ହେଲେ ଉକ୍ତ ଅଞ୍ଚଳର ଅଭିନାଶ ସାହୁ ଓ ଜାଗୃତି ଦାସ। ତେବେ ଅଭିଳାଷା ଦାସ ବର୍ତ୍ତି ଯାଇଛନ୍ତି। ୪ ସାଙ୍ଗ ଭୁବନେଶ୍ୱରରୁ ଏହି ଗୁମ୍ଫା ବୁଲିବାକୁ ଆସିଥିଲେ। ଅଭିଳାଷାଙ୍କ ବ୍ୟତୀତ ଅନ୍ୟ ସାଙ୍ଗମାନେ ପାଣ୍ଡବ ବଖରା ପାହାଡ ଉପରକୁ ଚଢ଼ିଥିଲେ। ୩ ସାଙ୍ଗ ପାହାଡ଼ ଉପରକୁ ଉଠିଲା ବେଳକୁ ଅଧା ବାଟରେ ମହୁମାଛି ଆକ୍ରମଣ କରିଥିଲା। ଅଭିନାଶ ଓ ଜାଗୃତି କୌଣସିମତେ ତଳକୁ ଚାଲି ଆସିଥିବାବେଳେ ଶୁଭେନ୍ଦୁ ଆସିପାରି ନ ଥିଲେ। ଅଭିଳାଷା ଏନେଇ ଗାଁ ଲୋକଙ୍କୁ ଡାକିଥିଲେ। ସେମାନେ ଅଭିନାଶ, ଜାଗୃତି ଓ ଶୁଭେନ୍ଦୁଙ୍କୁ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଶୁଭେନ୍ଦୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଙ୍କୀ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ. ୮/୨୨) ରୁଜୁ କରିଛି।

## ଜେଲ ଗଲେ ଅଭିଯୁକ୍ତ

### ଯୁବକଙ୍କୁ ପିଟିପିଟି ମାରିବା ଘଟଣା

**ନିଶ୍ଚିନ୍ତକୋଇଲି,୨୮।୫(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ଜିଗ୍ନିପୁର ପଞ୍ଚାୟତର ମହାଜନପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ସନାତନ ମଲିକଙ୍କ ପୁଅ ହୃଷୀକେଶଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବଟକୃଷ୍ଣ ମଲିକଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଛି। ମହାଜନପୁର ଗ୍ରାମରେ ଥିବା ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ହୃଷୀକେଶଙ୍କ ସମେତ ଅନ୍ୟ କେତେଜଣ ମଦ ପିଉଥିଲେ। ଏହି ସମୟରେ ଜମିବାଡିକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ଏହା ଉଗ୍ରରୂପ ଧାରଣ କରିଥିଲା। ଅଭିଯୁକ୍ତ ବଟକୃଷ୍ଣଙ୍କ ସମେତ ଆଉ କେତେଜଣ ଏନେଇ ହୃଷୀକେଶଙ୍କୁ ଅମାନୁଷିକ ଭାବେ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସନାତନଙ୍କ ଅଭିଯୋଗ ପରେ ପୋଲିସ ମାମଲା (ନଂ.୮୨/୨୨) ରୁଜୁ କରିଛି।

## ଜଳିଗଲା ୪ ବଖରା

**ନିଶ୍ଚିନ୍ତକୋଇଲି,୨୮।୫(ସ୍ୱ.ପ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ଜମରା ପଞ୍ଚାୟତ ଅନ୍ତର୍ଗତ ନମକାନି ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ଏଥିରେ କିଶୋର ଚନ୍ଦ୍ର ସ୍ୱାଇଁ, ଅଶୋକ ଚନ୍ଦ୍ର ସ୍ୱାଇଁ, ଗଙ୍ଗାଧର ସ୍ୱାଇଁଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଅଗ୍ନିକାଣ୍ଡରେ ଧାନ, ଚାଉଳ, ମୁଗ, ବିରି ସମେତ ଅନ୍ୟାନ୍ୟ ଆସବାବପତ୍ର ସବୁ ଜଳିଯାଇଛି। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା।



ସାବିତ୍ରୀ ବ୍ରତ ପାଇଁ କଟକ ବକ୍ସିବଜାରରେ ଥିବା ଦୋକାନରୁ ଲୋକମାନେ ଫଳ କିଣୁଛନ୍ତି।

## 'ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ ଗୋବିନ୍ଦ ରଥ'

**ବାଙ୍କୀ,୨୮।୫(ସ୍ୱ.ପ୍ର.)**

### ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧୋତ୍ସବ

ବାଙ୍କୀ ବରପୁତ୍ର ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଗୋବିନ୍ଦ ରଥଙ୍କ ୧୦୪ତମ ଶ୍ରାଦ୍ଧୋତ୍ସବ ଶନିବାର ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ପଣ୍ଡିତ ଗୋବିନ୍ଦ ରଥ ସରକାରୀ ଉପ୍ରା ବିଦ୍ୟାଳୟ ଗୋପାଳପୁର ଓ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ କଚେରି ପରିସରରେ ଥିବା ସ୍ୱର୍ଗତ ରଥଙ୍କ ପ୍ରତିମୂର୍ତ୍ତିରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ତରଫରୁ ସଦସ୍ୟ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପଣ୍ଡିତ ରଥ ବାଙ୍କୀ ପାଟପୁରସ୍ଥ ପଦ୍ମନାଭପୁର ଶାସନରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ। ସେ ଏକାଧାରାରେ ଜଣେ ସୁସାହିତ୍ୟିକ, ସାମାଜିକ କର୍ମୀ, ସମାଜ ସଂସ୍କାରକ ଓ ସ୍ୱାଧୀନତା ସଂଗ୍ରାମୀଭାବେ ସୁପରିଚିତ। ବର୍ଣ୍ଣବୋଧ ବହିର ସେ ସ୍ରଷ୍ଟା ଥିବା ସହ ୨୬୨ଟି ପୁସ୍ତକ ରଚନା କରି ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ। ଜଣେ ନିର୍ଭିକ ବ୍ୟକ୍ତି ଭାବେ ତତ୍କାଳୀନ ଇଂରେଜ ସାହେବଙ୍କ ମନୋମୁଖୀ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଅପଦସ୍ତ କରାଇଥିଲେ। ତାଙ୍କ ଶ୍ରାଦ୍ଧ ଦିବସରେ ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ସଂଯୋଜକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ମନୋଜ କୁମାର ବେହେରା, ସଂଗଠକ ଅକ୍ଷୟ କୁମାର ସାମଲ, କବି ଲଲାଟେନ୍ଦୁ ପଣ୍ଡା, ଦୀପକ କୁମାର ସାମନ୍ତରା ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସ୍ଥାପିତ ରଥଙ୍କ ପ୍ରତିମୂର୍ତ୍ତିରେ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗୋପାଳପୁରସ୍ଥ ପଣ୍ଡିତ ଗୋବିନ୍ଦ ରଥ ସରକାରୀ ଉପ୍ରାବିଦ୍ୟାଳୟଠାରେ ଅନୁଷ୍ଠିତ ଶ୍ରାଦ୍ଧ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ କୃତ୍ତିବାସ ପଣ୍ଡା, ଶିକ୍ଷକ ଶରତ କୁମାର ରଥ, ଶିକ୍ଷୟିତ୍ରୀ ସ୍ୱସ୍ତି ମହାପାତ୍ର, ନିବେଦିତା ପାଇକରାୟ, କୀର୍ତ୍ତିରଞ୍ଜନ ବେହେରା, ଦୀପ୍ତିମୟୀ ଶତପଥୀ, ନୀଳମଣି ବେହେରା, ଶାନ୍ତିଲତା ଦେଇ ପ୍ରମୁଖ ଯୋଗଦେଇ ପଣ୍ଡିତ ରଥଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ଗୋବିନ୍ଦ ରଥ ସ୍ମୃତି ସଂସଦ ପକ୍ଷରୁ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କୃତ୍ତିବାସ ପଣ୍ଡା, ଭବାନୀ ପଣ୍ଡିତ, ଶିକ୍ଷକ ଗୋବିନ୍ଦ ତ୍ରିପାଠୀ, ବ୍ରଜବନ୍ଧୁ ପାଳ ଓ ଦୀପକ ସମାନ୍ତରାୟ ପ୍ରମୁଖ ଯୋଗଦେଇ ପଣ୍ଡିତ ରଥଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

## 'ନେତାଜୀଙ୍କ ଜୀବନ ସଂଗ୍ରାମକୁ ଅନୁଶୀଳନ କରନ୍ତୁ ଛାତ୍ର'




ପୁରସ୍କାର ବିତରଣ ସମାରୋହରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**କଟକ ଅଫିସ, ୨୮।୫**

### ପୁରସ୍କାର ବିତରଣ ସମାରୋହ

ଅଲ୍ ଓଡ଼ିଶା ନେତାଜୀ ସୁଭାଷ ୧୨୫ତମ ଜୟନ୍ତୀ କମିଟିର କଟକ ଜିଲା ପକ୍ଷରୁ ପୁରସ୍କାର ବିତରଣ ସମାରୋହ ସ୍ଥାନୀୟ ଗାନ୍ଧୀଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ରାଜ୍ୟ ସମ୍ପାଦକ ବିଶ୍ୱାବସୁ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସ୍ୱାଧୀନତାର ୭୫ ବର୍ଷ ପରେ ବି ଦେଶର ବହୁ ଜନସାଧାରଣ ଜୀବନ ଧାରଣ ପାଇଁ ସର୍ବନିମ୍ନ ସୁବିଧାରୁ ବଞ୍ଚିତ। ନୈତିକତା, ସାମାଜିକ ମୂଲ୍ୟବୋଧର ସଙ୍କଟ ଯୋଗୁ ଛାତ୍ର, ଯୁବ ସମାଜ ବିଭ୍ରାନ୍ତ ଓ ପଥଭ୍ରଷ୍ଟ ହେଉଛନ୍ତି। ଏଭଳି ସ୍ଥିତିରେ ଛାତ୍ର ଓ ଯୁବକ ନେତାଜୀଙ୍କ ଜୀବନ ସଂଗ୍ରାମକୁ ଅନୁଶୀଳନ କରିବା ଅପରିହାର୍ଯ୍ୟ ହୋଇପଡିଛି ବୋଲି ଦାସ କହିଥିଲେ। ଏହି ସମାରୋହରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କମିଟିର ଜିଲା ସଭାପତି ଡ. ଦେବାଶିଷ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଜିଲା ସମ୍ପାଦକ ବବି ବଳବନ୍ତରାୟ କାର୍ଯ୍ୟକ୍ରମର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ଆଇନଜୀବୀ ଗୌତମ ମୁଖାର୍ଜୀ, ସୁକାନ୍ତ ନାୟକ, କ୍ଷୀରୋଦ ରାଉତ, ପ୍ରଭୁ ପ୍ରସନ୍ନ ବେହେରା, ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ବିଦ୍ୟୁତ୍ କୁମାରୀ ଲାଲା ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ କିରାଣିଙ୍କ ପରଲୋକ

**ଟିଗିରିଆ,୨୮।୫(ଡି.ଏନ୍.ଏ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ କିରାଣି ଧୋବେଇ ତୋଷଙ୍କ ଶୁକ୍ରବାର ସନ୍ଧ୍ୟାରେ କର୍କଟ ରୋଗରେ ପରଲୋକ ଘଟିଛି। ସେ ୩ ବର୍ଷ ହେବ ଏଥିରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପଠାଣି ଜେନାଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି।

## ଖିଲାଫତ ଦିବସ ପାଳିତ



**ଟିଗିରିଆ,୨୮।୫ (ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ଜାମା ମସ୍‌ଜିଦଠାରେ ଶନିବାର ଜମାତ ଅହମ୍ମଦିୟା ଖିଲାଫତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି ସଭାପତି ରୋଶନ ଖାଁ ସଭାପତିତ୍ୱ କରିଥିଲେ। ମୋଜଫର ଖାଁ କୋରାନ ଶ୍ଳୋକ ପାଠ କରିଥିଲେ। ଉର୍ଦ୍ଦୁ କବିତା ମୌଲାନା ଗୋଲାମ ହାଇଦର ଖାଁ, ଅବରାର ଅହମ୍ମଦ, ଓଡ଼ିଆ କବିତା ଏସ. କେ. ଇମ୍ରାନ୍ ପାଠ କରିଥିଲେ। ଖିଲାଫତ (ଉତ୍ତରାଧିକାରୀ) ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ମୌଲାନା ଏସ. କେ. ବୁରହାନ, ଇସିହାକ, ଏସ.କେ. ସମସୁଲ, ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ସୁବାନ ଓ ସାବାଜ ଖାଁ ବକ୍ତବ୍ୟ ରଖିଥିଲେ। ପରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅବଦୁଲ୍ ଇସମାଇଲ ଖାଁଙ୍କ ଦ୍ୱାରା ଖିଲାଫତ ଦିବସ ସମ୍ପର୍କିତ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଶ୍ୱ ଶାନ୍ତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଟିଗିରିଆ ବ୍ଲକ ଅନ୍ତର୍ଗତ ୬୫ ନଂ.ରାଜ୍ୟ ରାଜପଥର ପଙ୍କାଳ ଛକଠାରେ ଯୁବ ଅହମଦିୟା ପକ୍ଷରୁ ପଥଚାରୀଙ୍କୁ ଥଣ୍ଡାପାଣି ଓ ଦହି ସର୍ବତ ବଣ୍ଟନ କରାଯାଇଥିଲା।

## 'ଛାତ୍ରୀଛାତ୍ରଙ୍କ ଶାରୀରିକ ଦକ୍ଷତା ବୃଦ୍ଧିରେ ଖେଳ ଭୂମିକା ମହତ୍ତ୍ୱପୂର୍ଣ୍ଣ'

**କଟକ ଅଫିସ, ୨୮।୫**

### ଡ୍ରିମ୍‌ସ ଆଇଟିଆଇ କ୍ରୀଡା ଉତ୍ସବ ଉଦ୍‌ଯାପିତ

ଡ୍ରିମ୍‌ସ ଆଇଟିଆଇ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପଦ୍ମିନୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କ କ୍ରୀଡା ପ୍ରତିଭାର ଉନ୍ମେଷ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଅଭିଜିତ୍ ପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧିରେ ଖେଳକୁଦର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କ୍ରୀଡା ଓ ଯୁବସେବା ବିଭାଗର ପୂର୍ବତନ ସହକାରୀ ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଡା. ମୁକ୍ତି ପ୍ରସାଦ ଦାଶ ଯୋଗ ଦେଇଥିଲେ। କ୍ରିକେଟ ପ୍ରତିଯୋଗିତାରେ ଇଲେକ୍ଟ୍ରିକାଲ ବିଭାଗ ଚାମ୍ପିୟନ୍ ଓ ମେକାନିକାଲ ବିଭାଗକୁ ରନର୍ସଅପ ଟ୍ରଫି ସହ ଅନ୍ୟ ବିଭାଗର ସଫଳତା ହସଲ କରିଥିବା ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା ଯୋଗ ଦେଇଥିଲେ। ଅଧ୍ୟକ୍ଷ ପିନାକ ଭୂଷଣ ଦାଶ ପ୍ରାରମ୍ଭିକ ସୂଚନା, ଛାତ୍ର ତନ୍ମୟ କୁମାର ପଣ୍ଡା ସଙ୍ଗୀତ ଗାନ ଓ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ସେଲ୍ଫ ଫାଇନାନ୍ସିଂ କୋର୍ସ ନିଃଶୁଳ୍କ ଦାବିରେ ବିକ୍ଷୋଭ

**କଟକ ଅଫିସ, ୨୮।୫**




ସେଲ୍ଫ ଫାଇନାନ୍ସିଂ କୋର୍ସ ସିଟ୍ ସଂଖ୍ୟା ହ୍ରାସକୁ ବିରୋଧ କରି ଏଆଇଏସ୍‌ଏଫ୍ କଟକ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ସେଲ୍ଫ ଫାଇନାନ୍ସିଂ କୋର୍ସକୁ ନିଃଶୁଳ୍କ ଓ ନିୟମିତ କରିବା ଦାବିରେ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ୍ସ ଫେଡେରେଶନ(ଏଆଇଏସ୍‌ଏଫ୍) କଟକ ଜିଲା କମିଟି ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ନେଇ କୁଳପତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଏଆଇଏସ୍‌ଏଫ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି, ପ୍ରାୟ ୪ ଦଶନ୍ଧି ଧରି ଓଡ଼ିଶାର ବିଦ୍ୟାର୍ଥୀ ଏକ ସୁନିଶ୍ଚିତ ଭବିଷ୍ୟତ ଗଠନ ପାଇଁ ଉଦ୍ଦିଷ୍ଟ ଶିକ୍ଷା ପାଇପାରୁନାହାନ୍ତି। ଫଳରେ ଅଧିକାଂଶ ଛାତ୍ରୀଛାତ୍ର ବାହାର ରାଜ୍ୟ ଅଥବା ଘରୋଇ ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଯାଇ ଶୋଷଣର ଶିକାର ହେଉଛନ୍ତି। ଏଭଳିସ୍ଥଳେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ଅନେକ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସେଲ୍ଫ ଫାଇନାନ୍ସିଂ କୋର୍ସ ଆରମ୍ଭ କରାଯାଇଥିଲା। ସମୟକ୍ରମେ ସରକାର ଗୁଣାତ୍ମକ ଶିକ୍ଷାଦାନ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି, ନିୟମିତ ଅଧ୍ୟାପକ ନିଯୁକ୍ତ ଓ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବା ପରିବର୍ତ୍ତେ ଏହି ବିଭାଗଗୁଡିକରେ ତାଲା ଝୁଲାଇବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଛାତ୍ର ସମାଜର ଏହି ନ୍ୟାଯ୍ୟ ଦାବି ହାସଲ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସେ କହିଛନ୍ତି। ଏହି ବିକ୍ଷୋଭରେ କଟକ ଜିଲା ଆବାହକ ଦିନେଶ ରଞ୍ଜନ ରାଉତ, ବିଶ୍ୱଜିତ୍ ମଲ୍ଲିକ, ହିତେଶ ମହାନ୍ତି, ରାକେଶ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଜେନା, ଜ୍ୟୋତି ମହାଲିକ, ସନ୍ତୋଷ ଦାସ, ଆନନ୍ଦ ମହାନ୍ତି, ସଚିନ ପଣ୍ଡା ଓ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।